# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ନଭେମ୍ବର ୧୨/୨୦୨୦ (୧୬ପୃଷ୍ଠା) Sambalpur, Thursday, November 12/2020 ★★

୧୬ଶ ଭାଗ ୨୭୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-








ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
କମଳା ପସନ୍ଦ ପାନ ମସଲା ଦ୍ୱାରା ଜନହିତରେ ଜାରି ।

ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ । 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ ।

ଧରିତ୍ରୀ
DHARITRI



# କେନ୍ଦ୍ର ନିୟନ୍ତ୍ରଣରେ ୱେବ୍ ନ୍ୟୁଜ୍



- ବିଜ୍ଞାପନ ଜରିଆରେ ଅନ୍‌ଲାଇନ୍ ନ୍ୟୁଜ୍ ଉପରେ ଲଗାମ ଲାଗିପାରେ
- ସୋସିଆଲ ମିଡିଆ ଖବର, ଓଟିଟି ପ୍ଲାଟ୍‌ଫର୍ମ ମଧ୍ୟ ଆଇବି ମନ୍ତ୍ରଣାଳୟ ଅଧୀନକୁ ଆସିଲା

**ନୂଆଦିଲ୍ଲୀ,୧୧।୧୧**

କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ୱେବ୍ ମିଡିଆ ପ୍ଲାଟ୍‌ଫର୍ମ ଓ ଅନ୍‌ଲାଇନ୍‌ରେ ପ୍ରଦର୍ଶିତ ଫିଲ୍ମ ତଥା ଅଡିଓ ଭିଜୁଆଲ କାର୍ଯ୍ୟକ୍ରମଗୁଡ଼ିକୁ ନିଜ ଅଧୀନକୁ ନେଇଛନ୍ତି। ଫଳରେ ଏଣିକି ଏହିସବୁ ଅନ୍‌ଲାଇନ୍ ପ୍ରୋଗ୍ରାମ ସୂଚନା ଓ ପ୍ରସାରଣ (ଆଇବି) ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ହେବ। ନଭେମ୍ବର ୯ରେ କ୍ୟାବିନେଟ ସେକ୍ରେଟାରିଏଟ୍ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ସରକାର ଆଲୋକେଶନ୍ ଅଫ୍ ବିଜ୍‌ନେସ୍ ରୁଲ୍ସ ବା କାର୍ଯ୍ୟ ଆବଣ୍ଟନ ନିୟମ, ୧୯୬୧ରେ ସଂଶୋଧନ ଆଣିଛନ୍ତି। ଏହାର ଦ୍ୱିତୀୟ ପରିଚ୍ଛେଦରେ ଅତିରିକ୍ତ ଭାବେ ଦୁଇଟି ଧାରା ୨୨ଏ ଓ ୨୨ବି ଯୋଡ଼ାଯାଇଛି। ତେଣୁ ଅନ୍‌ଲାଇନ୍ କଣ୍ଟେଣ୍ଟ ପ୍ରୋଭାଇଡରଙ୍କ ଦ୍ୱାରା ଉପଲବ୍ଧ ଫିଲ୍ମ ଓ ଦୃଶ୍ୟ ଶ୍ରାବ୍ୟ କାର୍ଯ୍ୟକ୍ରମ ଏବଂ ନ୍ୟୁଜ୍ ତଥା କରେଣ୍ଟ ଆଫାୟାର୍ସ ଉପରେ ସମ୍ପୂର୍ଣ୍ଣ ସରକାରୀ ନିୟନ୍ତ୍ରଣ ରହିବ।

ସୁଦର୍ଶନ ଟିଭିର ବିବାଦୀୟ 'ୟୁପିଏସ୍‌ସି ଜିହାଦ' କାର୍ଯ୍ୟକ୍ରମକୁ ନେଇ ନିକଟରେ ବିବାଦ ସୃଷ୍ଟି ହୋଇ ମାମଲା ସୁପ୍ରିମକୋର୍ଟକୁ ଯାଇଥିଲା। ଟେଲିଭିଜନ ଚ୍ୟାନେଲଗୁଡ଼ିକୁ ନିୟନ୍ତ୍ରଣ କରିବା ଲାଗି ଗାଇଡ୍‌ଲାଇନ୍ ପ୍ରସ୍ତୁତି ଉପରେ ସୁପ୍ରିମକୋର୍ଟ ବିଚାର କରୁଥିବାବେଳେ ଅଦାଲତରେ କେନ୍ଦ୍ର ସରକାର ନିଜ ଜବାବ ଦାଖଲ କରିଥିଲେ। ଡିଜିଟାଲ ମିଡିଆ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ତେଣୁ ଏହାକୁ ନିୟନ୍ତ୍ରଣ କରାଯିବା ଦରକାର ବୋଲି ସରକାର ଶୀର୍ଷ ଅଦାଲତଙ୍କୁ ଅବଗତ କରାଇଥିଲେ। ଉକ୍ତ ପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରିବାକୁ ଯାଇ ସରକାର ଉପରୋକ୍ତ ପଦକ୍ଷେପ ନେଇଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ନଭେମ୍ବର ୧୦ରେ ଏକ ଗେଜେଟ୍ ନୋଟିଫିକେଶନ ଜାରି କରିଛନ୍ତି। ତଦନୁଯାୟୀ ନ୍ୟୁଜ୍ ଏବଂ କରେଣ୍ଟ ଆଫେୟାର୍ସକୁ ଫିଲ୍ମସ୍ ବର୍ଗରେ ରଖାଯାଇଛି।

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ବର୍ତ୍ତମାନ ୯ଟି ବର୍ଗର କାର୍ଯ୍ୟକ୍ରମ ରହିଛି। ସେଗୁଡ଼ିକ ହେଲା ପ୍ରସାରଣ ନୀତି ଓ ପ୍ରଶାସନ, କେବୁଲ ଟିଭି ନୀତି, ରେଡିଓ, ଦୂରଦର୍ଶନ ଫିଲ୍ମସ୍, ବିଜ୍ଞାପନ ଓ ଭିଜୁଆଲ୍ ପବ୍ଲିସିଟି, ପ୍ରେସ୍, ପ୍ରକାଶନ, ଗବେଷଣା ଓ ସନ୍ଦର୍ଭ। ଏଥିରେ ଏବେ ସାମିଲ ☞ପୃଷ୍ଠା-୨

## ୨ ଲକ୍ଷ କୋଟିର ପିଏଲ୍‌ଆଇ ସ୍କିମ୍‌କୁ କ୍ୟାବିନେଟ୍ ମଞ୍ଜୁରୀ

**ଲାଭବାନ୍ ହେବ ୧୦ କ୍ଷେତ୍ର**

**ନୂଆଦିଲ୍ଲୀ,୧୦।୧୧**

୨ ଲକ୍ଷ କୋଟି ଟଙ୍କାର ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ ନିବେଶ (ପିଏଲ୍‌ଆଇ) ଯୋଜନାକୁ କେନ୍ଦ୍ର କ୍ୟାବିନେଟ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ଦେଶ ମଧ୍ୟରେ ମାନୁଫାକଚରିଂକୁ ଉତ୍ସାହିତ କରିବା ଲାଗି ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଏହା ଦ୍ୱାରା ୧୦ଟି କ୍ଷେତ୍ର ଲାଭବାନ ହେବେ ବୋଲି ଜଣାପଡିଛି। କ୍ୟାବିନେଟ ବୈଠକ ପରେ କେନ୍ଦ୍ର ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, ଘରୋଇ ବଜାରରୁ ରପ୍ତାନି ବୃଦ୍ଧି ଏବଂ ମାନୁଫାକ୍‌ଚରିଂ କ୍ଷମତାକୁ ବଢାଇବା ଦିଗରେ ☞ପୃଷ୍ଠା-୨

## ୬ ଜଣଙ୍କୁ ହତ୍ୟା, ପରିବାର ମୂଳପୋଛ

**ମୃତକ ହେଲେ ମା'ବାପାଙ୍କ ସହ ୪ ଝିଅପୁଅ**

**ଘଟଣାସ୍ଥଳରେ ରହିଛି କଳସ, ଗୁଣିଗାରେଡ଼ି ଚର୍ଚ୍ଚା**

**ବଲାଙ୍ଗୀର ଅଫିସ/ପାଟଣାଗଡ଼, ୧୧।୧୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ଼ରେ ବୁଧବାର ଏକ ପରିବାରର ୬ ଜଣଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ଫଳରେ ସମ୍ପୃକ୍ତ ପରିବାର ମୂଳପୋଛ ହୋଇଯାଇଛି। ମୃତକମାନେ ହେଲେ ବୁଲୁ ଜାନୀ(୫୦), ତାଙ୍କ ସ୍ତ୍ରୀ ଜ୍ୟୋତି ଜାନୀ(୪୮), ଝିଅ ସରିତା(୧୨), ପୁଅ ଭୀଷ୍ମ(୫), ମଝିଆ ଝିଅ ଶ୍ରୀୟା(୩) ଏବଂ ସାନପୁଅ ସଞ୍ଜୀବ (୨)। ପାଟଣାଗଡ଼ ଥାନା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଛି। ଏସ୍‌ପି ମାଡକର ସନ୍ଦୀପ ସମ୍ପତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନୋରଞ୍ଜନ ପ୍ରଧାନ ଓ ପାଟଣାଗଡ଼ ତହସିଲଦାର ଡ. ପୁଷ୍ପାଞ୍ଜଳି ପଣ୍ଡା ସ୍ଥିତି ଅନୁଧ୍ୟାନ କରିଛନ୍ତି। କେଉଁ କାରଣରୁ ଓ କିଏ ଏମାନଙ୍କୁ ହତ୍ୟା କରିଛି ତାହା ସ୍ପଷ୍ଟ ହୋଇନାହିଁ। ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

ପାଟଣାଗଡ଼ ସଅଁରାପଡାରେ ରହୁଥିବା ବିହାର ରାଜ୍ୟର ମୂଳବାସିନ୍ଦା ବୁଲୁ ଜାନୀଙ୍କ ଘର କବାଟ ବୁଧବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଆଉଜା ☞ପୃଷ୍ଠା-୨

## ଘର ସମ୍ମୁଖରେ ୨ ଭାଇଙ୍କୁ ହତ୍ୟା

**ସମ୍ବଲପୁର,୧୧।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ଥାନା ଅଧୀନ ସେଣ୍ଟ୍ରାଲ କଲୋନୀରେ ମଙ୍ଗଳବାର ରାତିରେ ଏକ ଡବଲ ମର୍ଡର ଘଟଣା ଘଟିଛି। ଗୋଟିଏ ପରିବାରର ୪ ଜଣ ଓ ଜଣେ ପଡ଼ୋଶୀଙ୍କୁ ମାରଣାନ୍ତକ ଆକ୍ରମଣ ହୋଇଥିଲା। ୨ ଭାଇ ମୁନା ବିଶୋଇ (୩୦) ଓ ବବ୍‌ଲୁ ବିଶୋଇ (୩୪)ଙ୍କ ମୃତ୍ୟୁ ଘଟିଛି । ସେମାନଙ୍କ ମା' ସୁଜାତା ଓ ବାପା ପୀତବାସଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଭିମ୍‌ସାରରେ ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ | ପ୍ରଦୂଷଣର ଭିନ୍ନ ଦିଗ







Prestige Xclusive

BHUBANESWAR: Rabi Takies Chhak: Mob: 7750925223; Bapujinagar I: 105, Post office lane; Ph: 0674 -2597141, Mob: 9937138998; Bapujinagar II: 237, Bapujinagar, Ph: 0674 2597685 Mob: 9777744071, Satyangar: 10, Janpath, Ph: 0674 2573408, Mob: 8280056821, ID Market: Shop No FG 3, IRC Village, Mob: 9861404879, RAGHUNATHPUR: Shop no-S5, Manson Green, Ph-7205876694; CUTTACK, Dolmundai: Haripur Road, Ph: 0671 2411580; Mob: 9348222581, Baxi Bazar: Manisahoo Chhak, Mob: 6371736954 CDA: Plot No.CM/3, Sector - 7, Ph: 0671-2504833, Mob: 8917442506 Rourkella: Near Haryana Bhawan, Mob: 9777457774; PURI: Behind Gundicha Temple, Ph-7978547991 BALUGAON: Chilika Road, Mob: 8984858783 (Opening Soon) KENDRAPARA: Kakat Chhak, Ph: 06727 221241; Mob: 8598080544; DHENKANAL: I.G.Super Market, Mob: 9337477279/ 9348178750; BOLANGIR: A.B.S.S. Road, Ph: 06652 232419; Mob: 9437331171, 9437241863; SEMILIGUDA: Infront of RAM Mandir Gate, Mob: 8328800974. BARGARH: C/o: New patra needs, PH:9937171761, 06646230124; SAMBALPUR Golbazaar: Near Durga Temple Mob: 9338194750, Rayagada: Near Old Station, Ph-8249517365; JEYPORE: Main Road, Ph: 06854 231221, Mob: 7008402905; SUNDERGARH: Shop No 8; Nehru Market Complex; Mob: 9438076828; JAGATSINGHAPUR: C/o: Orchid mart, Ph: 06724221090/06724221080; Opening Shortly: ANGUL: Shankar Cinema Rd, Mob – 09776667882

AUTHORISED DEALERS :- BHUBANESWAR: Pratap Sewing Machine-9776142287, Utkal Light House-7978327554, Utkal Sales-9853150619, Reeta-9938677424, Sai Associate-9937065641, Bharat Electronics & Home Appliances-9168169396, Spectra Vision-9937722277, S.B Enterprises-9437310480, D.B Enterprises-9437090516, Kitchen King-9938475829, Situ Plastic-8280118658, Nilamadhab Light & Electricals-9778504621, Maharana Enterprises-9937475812, Kitchen Plaza-9337756820, S R Electronics-7008571900, Santosh Enterprisers-7978083689, DAS & DAS-8895014877, Vinayak Aluminum-8847845848, Eurosia-9040273010, Maa Sarala Traders-8270113197, Sai Sriyansi Enterprise-9777096631, Famous Traders-8658336922; CUTTACK- Balaji Distributors-8763153928, Union Sales Emporium-9338461472, Arbind Home Appliances-9438480346, Arbind Plastic-9337234986, Sanjay Electronics NX-8480222761, Mahavir General Store-9337005131, Nigam Traders-9438280382, Chandi Electronics-9437063211, Raj Electronics Plaza-8114746664, Friends Electricals-9658338494, S.M Enterprises-9439083070, Ganapati Electricals-8249905133, Urmila Agency-9861031536, Annand Gen Store-8917414592, Mahaveer Fan Appliance-9861171489, Roy Emporium-9337013713; ROURKELA- Prestige-7008413290, Garg Enterprises-7064584070, Unique Steel-6371564009, Khemka Kitchen Ware-9583948726; Kitchen Accessories-7008058146, Pooja General Store-9668986422, OmmCrokery Emporium-9861086065, Baba Mani Enterprises-9040537713, Kamal Enterprises-8249031351, Sunil Hard Ware-9861018747, Variety Store-9861013323, Panda Home Appliances-9178696984, Dash & Sons-6372310525, Durga Aluminium-8895343288



## କରୋନା ସଂକ୍ରମଣ ସ୍ଥିତି



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫,୨୧,୪୭,୬୫୩ | ୧୨,୮୪,୯୯୯ | ୩,୬୫,୫୬,୫୦୮ |
| ଭାରତ | ୮୬,୭୭,୯୮୭ | ୧,୨୭,୯୧୮ | ୮୦,୪୫,୨୯୭ |
| ଓଡ଼ିଶା | ୩,୦୫,୦୦୦ | ୧୪୬୯(+୫୩) | ୨,୯୨,୪୭୭ |

ବୁଧବାର ରାତି ୧୧ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)

ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..............................



ସାନ୍‌ଭି

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୦କୁଇଣ୍ଟାଲ ନକଲି ହଳଦୀ, ଲଙ୍କାଗୁଣ୍ଡ ଜବତ

**ମାଲଗୋଦାମରେ ଅପମିଶ୍ରିତ ମସଲା କାରଖାନା ଠାବ**

କଟକ ଅଫିସ,୧୧।୧୧- କଟକର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳି ମାଲଗୋଦାମରେ ବିନା ଲୋଗୋରେ ଅପମିଶ୍ରିତ ହଳଦୀଗୁଣ୍ଡ ଓ ଲଙ୍କାଗୁଣ୍ଡ ପ୍ରସ୍ତୁତ କରାଯାଇ ବଜାରରେ ବିକ୍ରି କରାଯାଉଛି। ଖବର ପାଇ ବୁଧବାର ପୋଲିସ ମାଲ୍‌ଗୋଦାମର ଏକ ଘରେ ଚଢ଼ାଉ କରି ୧୦ଲକ୍ଷ ଟଙ୍କା ମୂଲ୍ୟର ପ୍ରାୟ ୧୦ କୁଇଣ୍ଟାଲ ଓଜନର ଅପମିଶ୍ରିତ ହଳଦୀଗୁଣ୍ଡ ଓ ଲଙ୍କାଗୁଣ୍ଡ ଜବତ କରିଛି। ଏଥିସହିତ ଏଥିରେ ସମ୍ପୃକ୍ତ ସଚ୍ଚିଦାନନ୍ଦ ସାହୁ ଓ ଅଭୟ କୁମାର ସାହୁଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅପମିଶ୍ରିତ ହଳଦୀଗୁଣ୍ଡ ଓ ଲଙ୍କାଗୁଣ୍ଡର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଲାବୋରେଟୋରିକୁ ପଠାଯାଇଛି। ମିଳିଥିବା ସୂଚନା ଅନୁସାରେ ମାଲ୍‌ଗୋଦାମର ଏକ ଘରେ ବହୁଦିନରୁ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡରେ ପୋକଲଗା ଅରୁଆ ଓ ଉସୁନା ଚାଉଳଗୁଣ୍ଡ ମିଶାଯିବା ସହ କେମିକାଲ ଗୋଳାଇ ବିନା ଲୋଗୋରେ ପ୍ୟାକେଟ୍ କରି ବିକ୍ରି କରାଯାଉଥିଲା।

# ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

**କଣିହାଁ, ୧୧।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ଦେଇ ଯାଇଥିବା ୫୩ ନମ୍ବର ରାଜପଥରେ ମଙ୍ଗଳବାର ରାତିରେ ଅଜଣା ଗାଡ଼ି ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ଆଇଆଇସି ପ୍ରଭାତ କୁମାର ତ୍ରିପାଠୀଙ୍କ ସୂଚନାରୁ ଜଣାଯାଏ, ବଜ୍ରକୋଟ ପଞ୍ଚାୟତ ଫୁଲଝରି ଗ୍ରାମ ନିକଟରେ ରାତି ପ୍ରାୟ ୧୧ଟାରେ ବାଇକ୍‌ରେ ଯାଉଥିବା ୨ ଯୁବକଙ୍କୁ ଏକ ଗାଡ଼ି ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ମୃତକ କୁଲୁମା ଗ୍ରାମର ସଞ୍ଜୟ ବେହେରା(୨୩) ଓ ତାଳଚେର ବ୍ଲକ ହେଁସମୂଳ ଗ୍ରାମର ଲୁଲୁ ଦେହୁରୀ(୨୨) ବୋଲି ଜଣାପଡ଼ିଛି। ଉଭୟେ ତାଳଚେର ଅଞ୍ଚଳର ଭୁବନେଶ୍ୱରୀ କୋଇଲା ଖଣିରେ ଟ୍ରକ୍ ଚାଳକ ଓ ସହକାରୀ ଭାବେ କାମ କରୁଥିଲେ। ଏ ନେଇ ନଂ. ୨୩୦/୨୦ରେ ଏକ ମାମଲା ରୁଜୁ ହୋଇଛି। ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ଭାରତରୁ ଡିଗ୍ରୀ, ବିଦେଶରେ ନେତା

**ବିହାର ନିର୍ବାଚନର ଚର୍ଚ୍ଚିତ ଚେହେରା ଭିତରୁ ଜଣେ ହେଉଛନ୍ତି ପୁଷ୍ପମ୍ ପ୍ରିୟା ଚୌଧୁରୀ। ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସରୁ ଡିଗ୍ରୀ ହାସଲ କରି ରାଜନୀତିରେ ପାଦ ଥାପିଥିବା ଏହି ଯୁବନେତ୍ରୀ ନିଜକୁ ବିହାରର ଭାବି ମୁଖ୍ୟମନ୍ତ୍ରୀ ବୋଲି ଦାବି କରୁଥିଲେ। ଯଦିଓ ତାଙ୍କୁ ଭୋଟର ନିରାଶ କରିଛନ୍ତି, ତଥାପି ଉଚ୍ଚଶିକ୍ଷିତା ଭାବେ ସେ ପାଲଟିଛନ୍ତି ଯୁବପିଢ଼ିଙ୍କ ଆଦର୍ଶ। ଭାରତୀୟମାନେ ବିଦେଶୀ ଡିଗ୍ରୀ ମୋହରେ ପଡ଼ିବା ସ୍ୱାଭାବିକ। ହେଲେ ଏପରି ଅନେକ ବିଦେଶୀ ନେତା ଅଛନ୍ତି, ଯେଉଁମାନେ ଭାରତରୁ ହାସଲ କରିଛନ୍ତି ଡିଗ୍ରୀ।**

### ଅଙ୍ଗ୍ ସାନ୍ ସୁ କି



ମ୍ୟାନ୍‌ମାର ଷ୍ଟେଟ୍ କାଉନ୍‌ସେଲର ଅଙ୍ଗ୍ ସାନ୍ ସୁ କିଙ୍କ ସହିତ ଭାରତର ସମ୍ପର୍କ ଅତି ଗଭୀର। ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ଏହି ନେତ୍ରୀଜଣକ ଦିଲ୍ଲୀସ୍ଥିତ ଶ୍ରୀରାମ କଲେଜରୁ ୧୯୬୪ରେ ଡିଗ୍ରୀ ହାସଲ କରିଛନ୍ତି। ପରବର୍ତ୍ତୀ ସମୟରେ ୧୯୮୭ରୁ ବର୍ଷେ ଯାଏ ସିମ୍‌ଲାସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସ ଷ୍ଟଡିଜ୍‌ର ଫେଲୋ ମଧ୍ୟ ରହିଥିଲେ। ଶିକ୍ଷା ସମ୍ପର୍କରେ ବାନ୍ଧି ହୋଇଥିବା ଏହି ନେତ୍ରୀଜଣକ ଏହି କାରଣରୁ ଭାରତ ପ୍ରତି ସବୁବେଳେ ଉଦାର ମନୋଭାବ ପୋଷଣ କରିଥାନ୍ତି।

### ହମିଦ୍ କାର୍ଜାଇ



ଆଫଗାନିସ୍ତାନର ପୂର୍ବତନ ରାଷ୍ଟ୍ରପତି ହମିଦ୍ କାର୍ଜାଇଙ୍କ ସହ ଭାରତର ଶିକ୍ଷା ସମ୍ପର୍କ ବେଶ ନିବିଡ଼। ସେ ହିମାଚଳପ୍ରଦେଶ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର (ପିଜି) କରିଛନ୍ତି। ତାଙ୍କ ପାଠ୍ୟକ୍ରମର ବିଷୟ ଥିଲା 'ବିଦେଶ ନୀତି ଏବଂ ରାଜନୀତି'। ଏକଦା ଭାରତ-ଆଫଗାନିସ୍ତାନ ସମ୍ପର୍କକୁ ନୂଆ ଦିଶା ଦେଇଥିବା କାର୍ଜାଇ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ମନ୍ତବ୍ୟ ଦେଇ ଚର୍ଚ୍ଚାର ପରିସରକୁ ଆସିଥିଲେ।

### ଜିଗ୍ମେ ଖେସର ନାମଗ୍ୟାଲ ୱାଙ୍ଗଚୁକ୍



ଭୁଟାନର ରାଜା ଜିଗ୍ମେ ଖେସର ନାମଗ୍ୟାଲ ୱାଙ୍ଗଚୁକ୍ ଦାର୍ଜିଲିଂସ୍ଥିତ ସେଣ୍ଟ ଯୋଶେଫ୍ ସ୍କୁଲରୁ ପ୍ରାଥମିକ ଶିକ୍ଷା ପୂରଣ କରିଛନ୍ତି। ପରବର୍ତ୍ତୀ ସମୟରେ ଆମେରିକା ଏବଂ ବ୍ରିଟେନ ଯାଇ ସେଠାରୁ ରାଜନୀତି ବିଜ୍ଞାନରେ ଜ୍ଞାନ ଆହରଣ କରିଥିଲେ। ସବୁଠାରୁ କମ୍ ବୟସରେ ଶାସନଗାଦିରେ ବସିଥିବା ୱାଙ୍ଗଚୁକ୍‌ଙ୍କ ସମେତ ରାଜ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ଭାରତରେ ପାଠ ପଢ଼ିଛନ୍ତି।

### ବିଙ୍ଗୁ ୱା ମୁଠାରିକା



ଦକ୍ଷିଣ-ପୂର୍ବ ଆଫ୍ରିକୀୟ ଦେଶ ମାଲାୱିର ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ବିଙ୍ଗୁ ୱା ମୁଠାରିକା ଥିଲେ ଜଣେ ସ୍ୱନାମଧନ୍ୟ ରାଜନୀତିଜ୍ଞ ଏବଂ ଅର୍ଥଶାସ୍ତ୍ରୀ। ସେ ଷାଠିଏ ଦଶକରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଏବଂ ସ୍ନାତକୋତ୍ତର ପାସ୍ କରିଥିଲେ। କେବଳ ଏତିକି ନୁହେଁ, ସେ ନିଜକୁ ଦିଲ୍ଲୀବାଲା ବୋଲି କହୁଥିଲେ ଏବଂ କଥା କହିବା ବେଳେ ହିନ୍ଦୀ ଶବ୍ଦ ପ୍ରୟୋଗ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରୁଥିଲେ। ଭାରତରେ ଦୀର୍ଘ ୫ ବର୍ଷର ରହଣି ଭିତରେ ମୁଠାରିକା ପୂରା ଦେଶ ଭ୍ରମଣ କରିଥିଲେ।

### ବାବୁରାମ ଭଟ୍ଟରାଇ



ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ବାବୁରାମ ଭଟ୍ଟରାଇଙ୍କ ସହିତ ଭାରତର ଶିକ୍ଷା ସମ୍ପର୍କ ବେଶ ପୁରୁଣା। ୧୯୭୦ ଦଶକର ଶେଷ ଆଡ଼କୁ ସେ ଭାରତ ଆସି ଚଣ୍ଡୀଗଡ଼ କଲେଜରୁ ବାସ୍ତୁଶାସ୍ତ୍ରରେ ଡିଗ୍ରୀ ହାସଲ କରିଥିଲେ। ଏହାପରେ ଜବାହରଲାଲ ନେହେରୁ ୟୁନିଭର୍ସିଟିରୁ ପିଏଚ୍‌ଡି ହାସଲ କରିଥିଲେ। ନେପାଳ ରାଜନୀତିର ସମୀକରଣ ବଦଳାଇ ଦେଇଥିବା ଭଟ୍ଟରାଇ ସର୍ବଦା ନୂଆଦିଲ୍ଲୀ ଏବଂ କାଠମାଣ୍ଡୁ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବାକୁ ଗୁରୁତ୍ୱ ଦେଇ ଆସିଛନ୍ତି। ଏବେ ବି ସେ ରାଜନୀତିରେ ସକ୍ରିୟ ଅଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## କେନ୍ଦ୍ର ନିୟନ୍ତ୍ରଣରେ ...



CABINET SECRETARIAT

NOTIFICATION

New Delhi, the 9th November, 2020

S.O. 4040(E).—In exercise of the powers conferred by clause (3) of article 77 of the Constitution, the President hereby makes the following rules further to amend the Government of India (Allocation of Business) Rules, 1961, namely:-

1. (1) These rules may be called the Government of India (Allocation of Business) Three Hundred and Fifty Seventh Amendment Rules, 2020.

(2) They shall come into force at once.

2. In the Government of India (Allocation of Business) Rules, 1961, in THE SECOND SCHEDULE, under the heading "MINISTRY OF INFORMATION AND BROADCASTING (SOOCHANA AUR PRASARAN MANTRALAYA)" after entry 22, the following sub-heading and entries shall be inserted, namely:-

"VA. DIGITAL/ONLINE MEDIA

22A. Films and Audio-Visual programmes made available by online content providers.

22B. News and current affairs content on online platforms.".

RAM NATH KOVIND
President

ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ଗେଜେଟ୍ ନୋଟିଫିକେଶନ।

କରାଯାଇଥିବା 'ଖବର ଓ ସାମ୍ପ୍ରତିକ ଘଟଣାବଳୀ'କୁ ଧାରା ୨୨ ପରେ ଯୋଡ଼ାଯାଇଛି, ଯାହାକି ପ୍ରେସ୍ ଅଧୀନରେ ନୁହେଁ, ବରଂ 'ଫିଲ୍ମସ୍' ସବ୍-କ୍ୟାଟେଗୋରିରେ ଆସୁଛି। ଏହା ଅଧୀନରେ ଫେସ୍‌ବୁକ୍, ଟୁଇଟର୍ ଓ ଇନ୍‌ଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆରେ ଆସୁଥିବା ଖବର ଉପରେ ସରକାରୀ ନିୟନ୍ତ୍ରଣ ରହିବ। ସେହିପରି ଫିଲ୍ମସ୍, ଅଡିଓ-ଭିଜୁଆଲ୍ସ ଓ ଅନ୍‌ଲାଇନ୍ ପ୍ଲାଟଫର୍ମଗୁଡ଼ିକର ଖବର ଏହାର ପରିସରଭୁକ୍ତ ହେବ।

ବର୍ତ୍ତମାନ ସୁଦ୍ଧା ଡିଜିଟାଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ ଆସୁଥିବାବେଳେ ପ୍ରିଣ୍ଟ, ଟେଲିଭିଜନ ଏବଂ ରେଡିଓ ଭଳି ମିଡିଆ ସୂଚନା ଓ ପ୍ରସାରଣ ଅଧୀନରେ ରହିଥିଲା। ପ୍ରସାରିତ କଣ୍ଟେଣ୍ଟ ବା ବିଷୟବସ୍ତୁକୁ ନିୟନ୍ତ୍ରଣ କରିବା ଲାଗି କୌଣସି ସ୍ପଷ୍ଟ ନିୟମ ନ ଥିବାରୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏହାକୁ ନିଜ ଅଧୀନକୁ ନେବା ପାଇଁ ଚାହିଁଥିଲା। ନୂଆ ନୋଟିଫିକେଶନର ତାତ୍ପର୍ଯ୍ୟ ହେଉଛି ନେଟ୍‌ଫ୍ଲିକ୍ସ, ଆମାଜନ୍ ପ୍ରାଇମ୍, ହଟ୍‌ଷ୍ଟାର ଭଳି ଅନ୍‌ଲାଇନ୍ କ୍ୟୁରେଟେଡ୍ କଣ୍ଟେଣ୍ଟ ପ୍ରୋଭାଇଡର୍ସ (ଓସିସିପି)ଙ୍କ ପକ୍ଷରୁ ଓଭର ଟୁ ଟ୍ୟାପ୍ (ଓଟିଟି) ପ୍ଲାଟ୍‌ଫର୍ମରେ ପ୍ରଦର୍ଶିତ କଣ୍ଟେଣ୍ଟ ମଧ୍ୟ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନକୁ ଆସିବ। ତେବେ ୟୁଟ୍ୟୁବ୍ ଓ ଫେସ୍‌ବୁକ୍‌ରେ ବ୍ୟକ୍ତିଗତ ଭାବେ ପ୍ରସାରିତ କଣ୍ଟେଣ୍ଟଗୁଡ଼ିକ ପୂର୍ବ ଭଳି ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ ରହିବ।

ସୂଚନାଯୋଗ୍ୟ, ଗତ ମାସରେ ପ୍ରକାଶିତ ଏକ ପ୍ରେସ୍ ରିଲିଜ୍‌ରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ କହିଥିଲା ଯେ, ନିକଟ ଭବିଷ୍ୟତରେ ଡିଜିଟାଲ ମିଡିଆ ଜର୍ନାଲିଷ୍ଟମାନଙ୍କୁ ପ୍ରେସ୍ ଇନ୍‌ଫର୍ମେଶନ ବ୍ୟୁରୋ (ପିଆଇବି) ଆକ୍ରେଡିଶନ ଦିଆଯାଇପାରେ। ଏପରି ପ୍ଲାଟଫର୍ମଗୁଡ଼ିକ ମୁଖ୍ୟସ୍ରୋତର ଗଣମାଧ୍ୟମ ଭାବେ ପରିଗଣିତ ହୋଇ ସରକାରୀ ବିଜ୍ଞାପନ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ। ତେଣୁ ସରକାରଙ୍କ ସଦ୍ୟ ପଦକ୍ଷେପକୁ ବିଜ୍ଞାପନ ନିୟନ୍ତ୍ରଣ ଜରିଆରେ ଅନ୍‌ଲାଇନ୍ ନ୍ୟୁଜ୍ ଉପରେ ଲଗାମ ବୋଲି କେତେକ ମହଲରେ ସମାଲୋଚନା କରାଯାଉଛି। ଏଠାରେ ସ୍ମରଣ କରାଯାଇପାରେ ଯେ, ୨୦୧୮ରେ ସ୍ମୃତି ଇରାନୀ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଥିବାବେଳେ ଫେକ୍ ନ୍ୟୁଜ୍ ପ୍ରସାର କଲେ ସମ୍ପୃକ୍ତ ସାମ୍ବାଦିକଙ୍କ ପ୍ରେସ୍ ଆକ୍ରେଡିଶନକୁ ରଦ୍ଦ କରିବା ପାଇଁ ନୂଆ ନିୟମ ଆଣିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଡ୍ୟାମେଜ୍ କଣ୍ଟ୍ରୋଲ କରିଥିଲା। ପିଏମ୍‌ଓ ହସ୍ତକ୍ଷେପ କରିବା ପରେ ବିବାଦୀୟ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରାଯାଇଥିଲା।

## ୬ ଜଣଙ୍କୁ ହତ୍ୟା, ..

ଅବସ୍ଥାରେ ରହିଥିଲା। ଘରର କୌଣସି ସଦସ୍ୟ ପଦାକୁ ବାହାରି ନ ଥିଲେ। ଏଥିରେ ସନ୍ଦେହ କରି ପାଖ ପଡୋଶୀ କବାଟ ବାଡେଇଥିଲେ। ମାତ୍ର ଘର ଭିତରୁ କେହି ଉତ୍ତର ନ ଦେବାରୁ ପଡ଼ୋଶୀମାନେ କବାଟ ଖୋଲି ଘର ଭିତରକୁ ଯାଇଥିଲେ। ଘର ଭିତରେ ରକ୍ତଛିଟା ପଡିଥିଲା। ଘରର ବିଭିନ୍ନ ସ୍ଥାନରେ ୨ ଝିଅ, ୨ପୁଅଙ୍କ ସହ ସେମାନଙ୍କ ମା'ବାପାଙ୍କ ମୃତଦେହ ପଡିଥିଲା। ମୃତକଙ୍କ ଉପରେ କମ୍ବଳ ଘୋଡ଼ା ଯାଇଥିଲା। ଏ ସମ୍ପର୍କରେ ପାଟଣାଗଡ ଥାନା ପୋଲିସକୁ ତୁରନ୍ତ ଖବର ଦିଆଯାଇଥିଲା। ଆଇଆଇସି କେ. ପ୍ରିୟଙ୍କା ରାଉତରାୟ ଏବଂ ମାଜିଷ୍ଟ୍ରେଟଭାବେ ପାଟଣାଗଡ଼ ତହସିଲଦାର ଡ. ପଣ୍ଡା ଘଟଣାସ୍ଥଳରେ ପହଞ୍ଚିଥିଲେ। ସାଇଣ୍ଟିଫିକ୍ ଟିମ୍ ଓ ଡଗ୍‌ସ୍କ୍ୱାଡ୍ ବି ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଘର ଭିତରର ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଘଟଣାସ୍ଥଳରେ ଏକ କଳସ ରହିଥିବାରୁ ଏହା ଗୁଣିଗାରେଡି ନା ଆଉ କ'ଣ ସେନେଇ ଚର୍ଚ୍ଚା ଜୋର ଧରିଛି। ହତ୍ୟାକାଣ୍ଡର ସମସ୍ତ ଦିଗକୁ ତନ୍ନତନ୍ନ କରି ଅନୁଧ୍ୟାନ କରାଯାଉଛି ଓ ଖୁବ୍‌ଶୀଘ୍ର ଏହି ଘଟଣାର ପର୍ଦ୍ଦାଫାଶ କରାଯିବ ବୋଲି ଏସ୍‌ପି ମାଡକର ସୂଚନା ଦେଇଛନ୍ତି। ବୁଧବାର ରାତିରେ ଏସ୍‌ପି ପାଟଣାଗଡ଼ରେ କ୍ୟାମ୍ପ କରିବେ ବୋଲି ସୂଚନା ମିଳିଛି। ପ୍ରାରମ୍ଭିକ ତଦନ୍ତ ପରେ ମୃତଦେହଗୁଡିକୁ ବ୍ୟବଚ୍ଛେଦ ପାଇଁ ପାଟଣାଗଡ଼ ହସ୍ପିଟାଲକୁ ପଠାଯାଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ଏନେଇ ପାଟଣାଗଡ଼ ଥାନାରେ ଏକ ମାମଲା (ନଂ.୨୪୫/୨୦) ରୁଜୁ କରାଯାଇଛି। କିଛିବର୍ଷ ପୂର୍ବେ ଯାଯାବର ଜୀବନଯାପନ କରୁଥିବା ବୁଲୁ ଜାନୀ ପ୍ରାୟ ୧୦ବର୍ଷ ହେବ ପାଟଣାଗଡ଼ରେ ରହି ପରିବାର ପ୍ରତିପୋଷଣ କରୁଥିଲେ। ଏଭଳି ଜଣେ ଗରିବ ପରିବାରର ୬ଜଣ ସଦସ୍ୟଙ୍କୁ ହତ୍ୟା କରିବା ଘଟଣାକୁ ନେଇ ପାଟଣାଗଡ଼ବାସୀ ଆତଙ୍କିତ ହୋଇପଡିଛନ୍ତି। ପଡୋଶୀଙ୍କଠାରୁ ମିଳିଥିବା ଖବର ମୁତାବକ ମଙ୍ଗଳବାର ବିଳମ୍ବିତ ରାତିରେ ଏହି ପରିବାର ସଦସ୍ୟଙ୍କ ଭିତରେ ପାଟିତୁଣ୍ଡ, ଗାଳିଗୁଲଜ ଶୁଭୁଥିଲା। ତା'ପରେ ସମସ୍ତେ ଚୁପ୍ ହୋଇଯାଇଥିଲେ। ହେଲେ ସକାଳୁ ସମସ୍ତଙ୍କ ମୃତଦେହ ମିଳିବା ଘଟଣା ସାଧାରଣରେ ଆତଙ୍କ ସୃଷ୍ଟି କରିଛି।

## ଘର ସମ୍ମୁଖରେ ୨ ...

ଭର୍ତ୍ତି କରାଯାଇଛି। ପଡ଼ୋଶୀ ନରେନ୍ଦ୍ର ୱାଡେନ(୪୫) ମଧ୍ୟ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଅବସ୍ଥା ଗୁରୁତର ରହିଛି। ବୁଧବାର ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂ ହୀରାକୁଦ ଏସ୍‌ଡିପିଓ ଶିଶୁ ରଞ୍ଜନ ମହାପାତ୍ରଙ୍କ ସହ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ରକ୍ତ ଓ କାଚ ବୋତଲ ନମୁନା ସଂଗ୍ରହ କରିଛନ୍ତି। ବ୍ୟବହୃତ କାର ଓ ଭୁଜାଲି ଜବତ କରାଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ପୀତବାସ ଓ ପୁଅ ବବ୍‌ଲୁ ଘର ସମ୍ମୁଖରେ ବସିଥିଲେ। ଏହି ସମୟରେ ଏକ କାର ତାଙ୍କ ଘର ସମ୍ମୁଖରେ ଅଟକି ଥିଲା। କାର ଭିତରୁ ଅଭିଯୁକ୍ତମାନେ ବାହାରି ଅତର୍କିତ ଭାବେ ଭୁଜାଲି, ଲାଠି, କାଚ ବୋତଲରେ ପୀତବାସ ଓ ବବ୍‌ଲୁଙ୍କୁ ଆକ୍ରମଣ କରିଥିଲେ। ସେମାନଙ୍କ ଚିତ୍କାର ଶୁଣି ଘର ଭିତରୁ ମା'ପାର୍ବତୀ ଓ ଭାଇ ମୁନା ଏବଂ ପଡ଼ୋଶୀ ନରେନ୍ଦ୍ର ଦଉଡ଼ି ଆସିଥିଲେ। ସେମାନଙ୍କୁ ମଧ୍ୟ ଅଭିଯୁକ୍ତମାନେ ଛାଡ଼ି ନ ଥିଲେ। ପାଟିତୁଣ୍ଡ ଶୁଣି ପଡାରେ ଅନ୍ୟମାନେ ଘରୁ ବାହାରି ଆସିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ବବ୍‌ଲୁଙ୍କ ମୃତ୍ୟୁ ଘଟିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ମୁନାଙ୍କ ମୃତ୍ୟୁ ଘଟିଥିଲା। ଏ ସଂକ୍ରାନ୍ତରେ ଏସ୍‌ପି ସିଂ କହିଛନ୍ତି, ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗଜେନ୍ଦ୍ର ସୁନା, ସଞ୍ଜୀବ ସୁନା, ରାକେଶ ସାହାଣୀ, ଆଶିଷ କୁମାର ମେହେର। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ପୂର୍ବଶତ୍ରୁତାରୁ ଏପରି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଖୁବ୍‌ଶୀଘ୍ର ଘଟଣା ପଛର ରହସ୍ୟ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି।

## ୨ ଲକ୍ଷ କୋଟିର ପିଏଲ୍‌ଆଇ ...

ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଯୋଜନା ଦ୍ୱାରା ଭାରତୀୟ ଶିଳ୍ପଗୁଡିକ ବିଶ୍ୱ ସ୍ତରରେ ନିଜକୁ ଆହୁରି ପ୍ରତିଦ୍ୱନ୍ଦ୍ୱୀ କରାଇପାରିବେ। ଉଭୟ ରପ୍ତାନି ଏବଂ ନିବେଶ ଏହାଦ୍ୱାରା ବଢିପାରିବ ବୋଲି ଜାଭଡେକର ମତ ରଖିଛନ୍ତି। ଯୋଜନା ଅନ୍ତର୍ଗତ ଲାଭବାନ ହେବାକୁ ଥିବା କ୍ଷେତ୍ର ମଧ୍ୟରେ ଆଡଭାନ୍ସ କେମିଷ୍ଟ୍ରି ସେଲ୍ ବ୍ୟାଟେରି, ଇଲେକଟ୍ରୋନିକ୍ସ ପ୍ରଡକ୍ଟ, ଅଟୋମୋବାଇଲ ଏବଂ ଅଟୋ କମ୍ପୋନେଣ୍ଟ, ଫାର୍ମା, ଟେଲିକମ ଏବଂ ନେଟ୍‌ୱାର୍କିଂ ପ୍ରଡକ୍ଟ, ହ୍ୱାଇଟ ଗୁଡ ଏବଂ ସ୍ୱତନ୍ତ୍ର ଷ୍ଟିଲ ସାମିଲ ରହିଛି। କେନ୍ଦ୍ର ସରକାର ପୂର୍ବରୁ ମଧ୍ୟ ଏଭଳି ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ, ଯାହା କେବଳ ଇଲେକଟ୍ରୋନିକ୍ସ ମାନୁଫାକଚରିଂ କ୍ଷେତ୍ର ଲାଗି ଉଦ୍ଦିଷ୍ଟ ରହିଛି।

**ଆଜିର ମନ୍ତବ୍ୟ**

ବିହାର ଜନାଦେଶକୁ ସାଲ୍ୟୁଟ୍ କରୁଛି। ସହଯୋଗ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ।

**-ନୀତୀଶ କୁମାର, ଜେଡିୟୁ ଅଧ୍ୟକ୍ଷ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଆଜି ରବି ନୀଚସ୍ଥ ଯୋଗୁ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଠିକ୍ ହେବନାହିଁ। କିନ୍ତୁ କର୍ମାଧିପତିଙ୍କ ପ୍ରଭାବରେ ଅଫିସରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ସମ୍ମାନ ଅକ୍ଷୁଣ୍ଣ ରହିବ। ଆଶା କରିଥିବା ଦିଗରୁ ଅପରାହ୍ନରେ ଅର୍ଥ ପ୍ରାପ୍ତି ଅବଶ୍ୟ ହେବ। ବନ୍ଧୁଙ୍କ କଥାକୁ ବିଶ୍ୱାସ କରି କୌଣସି କାମ କରିବା ଦ୍ୱାରା ପରକ୍ଷଣରେ ପଶ୍ଚାତ୍ତାପ କରିପାରନ୍ତି।

**ବୃଷ** — ଅପ୍ରିୟ ସତ୍ୟ କହି ପ୍ରତ୍ୟେକ କ୍ଷେତ୍ରରେ ଭୁଲ୍ ବୁଝାମଣାର ଶିକାର ହେବେ। କୌଣସି ଆତ୍ମୀୟଙ୍କ ସମ୍ପର୍କରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଲେଖାପଢାରେ, ସନ୍ତାନ ସନ୍ତତିରେ, ସଭାସମିତିରେ ଧୀରମନ୍ଥର ଗତିରେ କାମ କରିବାକୁ ବାଧ ହେବେ। ଦ୍ୱିଜା ନକ୍ଷତ୍ର ପାଖ, ପଡୋଶୀଙ୍କ ଘରୋଇ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମିଥୁନ** — ପାପଗ୍ରହ ମଧ୍ୟସ୍ଥ ବୃହସ୍ପତିଙ୍କ ଯୋଗୁ ଆଜିର କାମଗୁଡିକ ଶୃଙ୍ଖଳିତ ହେବନାହିଁ। ବ୍ୟବସାୟ ବଢ଼ିପାରେ କିମ୍ବା ନୂତନ ଭାବେ ଆରମ୍ଭ କରି ଆତ୍ମତୃପ୍ତି ଲଭିବେ। ପାରିବାରିକ ସମସ୍ୟାର ସମାଧାନ ନିମିତ୍ତ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଅତିଥି ଚର୍ଚ୍ଚାକୁ ନେଇ ପରିବାର ଲୋକମାନଙ୍କ ସହ ରହିବା ମୁସ୍କିଲ ହୋଇପାରେ।

**କର୍କଟ** — ଆଜି ସକାଳୁ ସକାଳୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କିଛିନା କିଛି ସମସ୍ୟା ରହିବ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରି ଅନୁତାପ କରିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସକ୍ରିୟ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ।

**ସିଂହ** — ମାନସିକ ଅସ୍ଥିରତା କାରଣରୁ ବେଳେ ବେଳେ ଭୁଲ୍ ନିଷ୍ପତ୍ତି ନେଇ ସୁଯୋଗ ହରାଇବେ। କିନ୍ତୁ ମଘା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ସ୍ନେହ ଶ୍ରଦ୍ଧା ଆଶାନୁରୂପ ଅବଶ୍ୟ ପାଇବେ। ଅଟକି ରହିଥିବା ହଠାତ୍ କୌଣସି ଖବର ପାଇ ଖୁସି ହୋଇପାରନ୍ତି। ଆର୍ଥିକ ସ୍ଥିତି ସୁଧୁରିଯିବାର ଆଶାକରି କେତେକାଂଶରେ ଖୁସୀ ହେବେ।

**କନ୍ୟା** — ସମ୍ପର୍କୀୟଙ୍କ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ଭୁଲ୍ ନିଷ୍ପତ୍ତି ସମସ୍ୟାକୁ ବଢାଇପାରେ। ଉଚ୍ଚ ପଦାଧିକାରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ। ହସ୍ତା ନକ୍ଷତ୍ରର ପାରିପାର୍ଶ୍ୱିକ ଓ ପାରିବାରିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ପିଲାମାନଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ରହି କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଭୁଲି ଯାଇପାରନ୍ତି।

**ତୁଳା** — ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଅପରିଚିତାଙ୍କ ସହ କଳହ ଲାଗିପାରେ। ନିକଟସ୍ଥ କୌଣସି ନୀଚ ଜାତିର ଲୋକ ମାନଙ୍କ ସହ ବିତର୍କର ସମ୍ଭାବନା ରହିଛି। ପର୍ଯ୍ୟଟନ, ପରିଦର୍ଶନ, ଭ୍ରମଣ ପରିପ୍ରେକ୍ଷୀରେ ବନ୍ଧୁ ମିଳନରୁ ସାମୟିକ ଖୁସୀ ରହିବେ।

**ବିଛା** — କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ଥଣ୍ଡା କାଶଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ସଭାସମିତି, ମାଲିମକଦ୍ଦମା, ଚୁକ୍ତିପତ୍ର, ଆଲୋଚନା, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ର ପୂର୍ବପରି ରହିବ।

**ଧନୁ** — ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ହେବ, ଆତ୍ମୀୟମାନଙ୍କ ଉପସ୍ଥିତି ଓ ସାହାଯ୍ୟ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ। ପୂର୍ବ ପରିକଳ୍ପିତ ନୂତନ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ନିଜ ନିଜର ସ୍ୱାର୍ଥସାଧନ ନିମିତ୍ତ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ମକର** — କର୍ମକ୍ଷେତ୍ରରେ ସବୁ ସମୟରେ ମିଶୁଥିବା ବ୍ୟକ୍ତି ମାନଙ୍କ ପ୍ରତି ସନ୍ଦେହ ବୃଦ୍ଧି ପାଇବ। ଘରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଓ ଚିଡା ସ୍ୱଭାବ ଯୋଗୁ ବିଚଳିତ ହେବେ। ସରକାରୀ କ୍ଷେତ୍ରରୁ କିଛି ପାଇବାର ଆଶା ବଳବତ୍ତର ହୋଇପାରେ। ପଦସ୍ଥ ବ୍ୟକ୍ତିଙ୍କ ପରାମର୍ଶ ଓ ସହଯୋଗରୁ ପ୍ରତ୍ୟେକ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** — ଶାରୀରିକ ଶିଥିଳତା ଅନୁଭବ କଲେ ମଧ୍ୟ ଦୃଢ଼ ମନୋବଳ କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇବ। କର୍ମାରମ୍ଭରେ ବିଭିନ୍ନ ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିବାର ସୂଚନା ରହିଛି। ଆପଣଙ୍କ ପ୍ରତି ଭୁଲ୍ ଧାରଣା ପୋଷଣ କରି ଭଲ ବନ୍ଧୁଟି ଭୁଲ୍ ବୁଝିବେ। ହାତକୁ ନେଇଥିବା ଅଧାପନ୍ତରିଆ କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବାରେ ସମର୍ଥ ହେବେ।

**ମୀନ** — ଦୂରଯାତ୍ରାର ମସୁଧା କରିବେ କିନ୍ତୁ ଶେଷ ମୁହୂର୍ତ୍ତରେ ସବୁ ଓଲଟ ପାଲଟ ହୋଇଯିବ। କର୍ମକ୍ଷେତ୍ରରେ ସୁଯୋଗ ହାତ ପାଆନ୍ତାରେ ପାଇବେ ଓ କାମ ହାସଲରେ ସମର୍ଥ ହେବେ। ଅର୍ଥ ସମ୍ପର୍କରେ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇପାରେ। ପାରିବାରିକ କ୍ଷେତ୍ର ପୂର୍ବପରି ରହିବ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମରେ ଯୋଗଦେଇପାରନ୍ତି।

ଆଜି କାର୍ତ୍ତିକ କୃଷ୍ଣପକ୍ଷର ଗୋବତ୍ସ ଦ୍ୱାଦଶୀ ଗୁରୁବାର, ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ନଭେମ୍ବର ୧୨ ତାରିଖ, ରାଷ୍ଟ୍ରୀୟ ପ୍ରସାରଣ ଦିବସ, ମଦନମୋହନ ମାଳବ୍ୟଙ୍କ ତିରୋଧାନ ଦିବସ, (୧୨।୧୧।୧୯୪୬), ରାଶିନକ୍ଷତ୍ର-ହସ୍ତା/କନ୍ୟା, ସକାଳ ଘ.୦୫.୫୭ମି. ଗତେ ଘ.୦୭.୨୬ମି. ମଧ୍ୟେ, ଘ.୦୧.୨୧ମି. ଗତେ ଘ.୦୨.୫୦ମି. ମଧ୍ୟେ, ସନ୍ଧ୍ୟା ଘ.୦୫.୫୪ମି. ଗତେ ଘ.୦୯.୨୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୨.୫୪ମି. ଗତେ ଘ.୦୨.୫୪ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302




**SALE**

Toyota Innova GS model, white color 7seater for immediate sale. Contact- 9439241474, 9861151787. D-18937

ALTO LXI-1.25, SWIFT ZDI-3.30, SWIFT DZIR-3.50, ALTO K-10-1.80 Mob:7008679303 D-18934




**SALE**

Flat sale Jagannathdham Puri, AC, LED TV, BED, Matress, Celling, Diningset free. 7978230118, 9348332283. D-69197

ମାଷ୍ଟରକ୍ୟାଣ୍ଟିନ୍‌ରୁ 12k.m କୁହା ମୌଜାରେ (ସୁନ୍ଦରପଦା) ୧୨୦୦ ବର୍ଗଫୁଟ ପ୍ଲଟକୁ ୧୧,୪୦,୦୦୦/- କିଣି ଆଜି ଘର କରନ୍ତୁ। 9853150290. D-69195

**1500 sqft ( 12nos) per sqft 1700 main road side plot, infront Tata Areana, Ghatikia, Sankarpur, BBSR. 30' road, electricity supply water available. Gharabari plot – 8114744495, 8328943165** D-18838

ଭୁବନେଶ୍ୱର ସୁନ୍ଦରପଦା Xavier University/ Adityabirla ପଛପଟେ ସୁଲଭ ମୂଲ୍ୟରେ ପ୍ଲଟ ମିଳୁଛି। 8917543041. D-69198




**Godown space available near Puri bypass area 18000/-, open space 15000/-. 9938125254** D-18598

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Refreshing your mind & body with best therapy at Lotus Spa. 8018234866 D-69577

Newly open full body massage SPA in Bhubaneswar. Contact: 7205058838. D-70012

Rejuvenate and Ayurvedic full body massage by smart therapist. 9348123330. D-70013

Newly open relaxing massage male/ female therapist. Contact- 9861193818, 8018656899 D-59970

Swarna SPA newly open positively health benefits with expert therapist. 9556978408. D-70017

Newly open Spa Centre smart therapist full body massage: 8114970372. D-59971

Get refreshment body massage by expert therapist contact for 7205084157. D-70018

**LOST**

Lost of original CBSE 10th SLC cum marksheet of Bhagyashree Mishra bearing Roll No.- 6110464 & Regd. No.- B115/53122/0016 and original birth certificate of Soumya Ranjan Mishra. Contact No.-9437031591, 7326965249. D-18938

**AFFIDAVIT**

By virtue of an affidavit sworn before the Notary Public, Bhubaneswar on 19th October 2020, I Sonal Choudhury has changed my surname from CHOUDHURY to BARAT. Henceforth, I shall be known as BARAT SONAL for all the purposes. D-18932

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Reliance Jewels
BE THE MOMENT



ଓଡ଼ିଶାର ପାରମ୍ପରିକ କଳା
କାରୁକାର୍ଯ୍ୟରେ ପ୍ରେରିତ ଗହଣାର ବିଶେଷ କଲେକଶନ୍,
ପଟ୍ଟଚିତ୍ର

ବିଶେଷ ଅଫର୍*

ଫ୍ଲାଟ୍ 30% ଛାଡ଼ ଗୋଲ୍ଡ ଜ୍ୱେଲରୀ ଏବଂ ଗୋଲ୍ଡ କଏନ୍‌ର ଗଢା ମଜୁରୀ ଉପରେ | 30% ପର୍ଯ୍ୟନ୍ତ ଛାଡ଼ ଡାଇମଣ୍ଡ ଜ୍ୱେଲରୀ ଇନଭଏସ୍ ମୂଲ୍ୟ ଉପରେ

ଅଫର୍ 16 ନଭେମ୍ବର ପର୍ଯ୍ୟନ୍ତ ବୈଧ

*ସର୍ତ୍ତ ଓ ନିୟମାବଳୀ ଲାଗୁ

UTKALA
where beauty rises

SETPC20AF

5% EXTRA CASHBACK SBI card
#Min. Trxn.: ₹25,000; Max. Cashback: ₹2,500 per credit card account.
Validity: 01 Nov - 16 Nov 2020. T&C Apply.

ରିଲାଏନ୍ସ ଜ୍ୱେଲ୍ସ ଏବେ AJIO ଉପରେ ଉପଲବ୍ଧ
ଆମର ଫ୍ଲାଗଶିପ୍ ଶୋରୁମ୍‌ରୁ କିଣନ୍ତୁ: ବ୍ରହ୍ମପୁର, ବଡ଼ ବଜାର, ନଡିଆ ଗରୁଜୀ ଛକ ସମ୍ମୁଖ, ଫୋନ୍: 0680-2250017/18 | **ଅନଗୁଳ:** ଅନୁ ଶପିଂ ମଲ୍, ଅମଲାପଡ଼ା, ମେନ୍ ରୋଡ୍, ଅନଗୁଳ, ଫୋନ୍: 06764-231280 ରାଉରକେଲା: ଗୁରନାମ ଟାୱର, ଉଦିତ ନଗର, କଚେରୀ ରୋଡ୍, ଫୋନ୍ ନଂ.: 0661-2520775/7 | **ଭୁବନେଶ୍ୱର: ଜନପଥ, ସତ୍ୟ ନଗର, ଫୋନ୍: 0674-2570035 | ଚନ୍ଦ୍ରଶେଖରପୁର, ନାଲ୍‌କୋ ଛକ, ସାମନ୍ତ ବିହାର, କଳିଙ୍ଗ ହସ୍ପିଟାଲ୍ ସ୍କୋୟାର୍, ଫୋନ୍: 0674-2303541 | କଟକ: କେଣ୍ଟନମେଣ୍ଟ ରୋଡ୍, 553, ଗୋପାଳ ଭବନ, ହାଉଡ଼ା ମୋଟର୍ସ ନିକଟ, ଫୋନ୍: 0671-2520011**

ସାଥିରେ ରିଲାଏନ୍ସ ଜ୍ୱେଲ୍ସ SIS ଉପରେ ଟ୍ରେଣ୍ଡୀ ଲାଇଟ୍ ୱେଟ୍ – ଆକର୍ଷକ ଗହଣା କିଣନ୍ତୁ: ଭୁବନେଶ୍ୱର: ଟ୍ରେଣ୍ଡ୍ସ: ପିସି ଦାସ୍ ସହିଦ ନଗର ଜନପଥ ଫୋନ୍ ନଂ.7978049373 ଏସ୍ପ୍ଲାନେଡ୍ ଫୋରମ୍ ମଲ୍, ରସୁଲଗଡ଼ ଫୋନ୍ ନଂ.082803 17989 | କଟକ: ଟ୍ରେଣ୍ଡ୍ସ, ମାଜେଷ୍ଟିକ୍ ପ୍ଲାଜା, ଦୋଳମୁଣ୍ଡାଇ ଛକ ଫୋନ୍ ନଂ.070082 02139

**For Corporate/Institutional Enquiries, Contact : 9844245664** | Follow us on | www.reliancejewels.com



Hero

# ଏକ ନୂତନ ଆରମ୍ଭ, ହିରୋର ଭରସା ସାଥିରେ ।



କ୍ୟାଶ ଡିସକାଉଣ୍ଟ
₹1500^^
ଅନ୍ HF-Deluxe

ସ୍ୱଳ୍ପ ସୁଧହାର 6.99%# ର

କମ ଡାଉନପେମେଣ୍ଟ ମୂଲ୍ୟ ଆରମ୍ଭ ₹4999#

ଏକ୍ସ ଶୋରୁମ ମୂଲ୍ୟ
₹58,675^

ଫେଷ୍ଟିଭ କ୍ୟାଶ ବେନିଫିଟ
₹3000* ପର୍ଯ୍ୟନ୍ତର ଏକ୍ସଚେଞ୍ଜ ଟପ ଅପ୍ ବେନିଫିଟ + ₹2000* ପର୍ଯ୍ୟନ୍ତର ଲୟାଲିଟୀ ଟପ ଅପ୍ ବେନିଫିଟ + ₹2000* ପର୍ଯ୍ୟନ୍ତର କର୍ପୋରେଟ ଟପ ଅପ୍ ବେନିଫିଟ

ଅତିରିକ୍ତ ଫାଇଦା
₹499/- ପ୍ଲାନ ରେ ₹5500** ପର୍ଯ୍ୟନ୍ତ ମୂଲ୍ୟର ପୁରସ୍କାର ଏବଂ ସର୍ଭିସ ବେନିଫିଟ । ଏବେ ହିଁ ନାମ ଲେଖାନ୍ତୁ । Hero GoodLife
Paytm Cashback up to ₹7,500^^
ICICI Bank Credit & Debit Cards EMI ରେ ₹5000** ପର୍ଯ୍ୟନ୍ତର କ୍ୟାଶ ବେନିଫିଟ

ହିରୋର ଭରସା
XSENS with Programmed FI | Hero World's No.1### | 9.5 Crore+ Heroes | India's First 5 Year Warranty* *Conditions apply

CALL TOLL-FREE 1800 266 0018
BUY ONLINE AT eshop.heromotocorp.com

HeroMotoCorp.com HeroMotoCorp HeroMotoCorpIndia HeroMotoCorpLimited TheHeroMotoCorp ^As per cumulative dispatch numbers till 15th September, 2019. ###Largest two-wheeler selling company in the world for any particular country for the year 2019.
ସରକାରୀ LTC ଭାଉଚର୍ସ ଗ୍ରହଣୀୟ

*Offer amounts & combination of offers may vary by model. Avail maximum cash benefits up to ₹7000/-. #Finance scheme is at the sole discretion of Financier & subject to its respective terms & conditions. ^^Up to ₹2500/- cashback from Paytm and up to ₹5000/- cash back from Citi Bank (applicable only on Citi Bank cards). **Terms & conditions apply. Offer valid for limited period or till stock lasts. For more details, please visit your nearest authorized Hero outlet.

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or call our toll-free no.: 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^^Offer is valid till 17th November' 20. ^Ex-showroom price for Bhubaneshwar city.
ccmindia.in

For Institutional and Bulk Sales please write to bhubaneshwar@heromotocorp.com

**ଅଥରାଇଜ୍ଡ ଡିଲର: ବରଗଡ଼:** ଆକାଶ ହିରୋ – 7799766396. **ଭବାନୀପାଟନା :** ଅରୁନ୍ଧତୀ ହିରୋ – 7799766385. **ବଲାଙ୍ଗିର:** ଅରୁନ୍ଧତୀ ହିରୋ – 7799766327. **ଝାରସୁଗୁଡ଼ା:** ବିଜୟଲକ୍ଷ୍ମୀ ହିରୋ – 7799766368. **ରାଉରକେଲା:** ଦୁଆ ହିରୋ – 7799766391. **ସମ୍ବଲପୁର:** ଶ୍ରୀ ଶ୍ୟାମ ହିରୋ – 7799766356. **ସୋନପୁର:** ଜୟ ଜଗ୍ଗାନ ହିରୋ – 7799766419. **ସୁନ୍ଦରଗଡ଼:** ରୋବୋଟେକ୍ ହିରୋ – 8448183659. **ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାମରା:** ଚୌଧୁରି ହିରୋ – 9938274720. **ବରପାଲି:** ଦୁର୍ଗା ମୋଟର୍ସ– 9861265979. **ବେଲପାହାଡ଼:** ବର୍ଷା ମୋଟର୍ସ – 9437058417. **ବୌଧ:** ବନ୍ସଲ ଅଟୋ – 9437062948. **ବ୍ରଜରାଜନଗର:** ବୀନା ମୋଟର୍ସ – 9861078290. **ଦେବଗଡ଼:** ଜିନ୍ଦାଲ ମୋଟର୍ସ – 9437056659. **କୁଚିଣ୍ଡା:** ଶ୍ରୀ ବିମଳା ମୋଟର୍ସ – 7008407979. **କାନ୍ତାବାଞ୍ଜି:** ଆଶୀର୍ବାଦ ମୋଟର୍ସ – 9937535770. **ନୂଆପଡ଼ା:** ମାରୁତି ଅଟୋ – 9937928818, 7381199999. **ପଦ୍ମପୁର:** ଦେବେଶ ମୋଟର୍ସ – 9437253970. **ରାଜଖଡ଼ିଆଳ:** ଜଗଦମ୍ବା ଅଟୋ କମ୍ବାଇନ – 9937302262. **ରାଜଗାଙ୍ଗପୁର:** କେଡିଆ ଆଣ୍ଡ କେଡିଆ – 9437152881. **ସୁନ୍ଦରଗଡ଼:** ଯମୁନା ମୋଟର୍ସ – 9861078290. **ଟିଟିଲାଗଡ଼:** ସ୍ନେହା ମୋଟର୍ସ – 9437570237.

> ଜଗତର ଦ୍ୱନ୍ଦ୍ୱ ସଂଗ୍ରାମରେ ଧନୀର ପକ୍ଷ ନେବନାହିଁ। ଦରିଦ୍ରର ପକ୍ଷ ମଧ୍ୟ ନେବ ନାହିଁ। ସର୍ବଦା ସେହି ଏକମାତ୍ର ଭଗବାନଙ୍କ ପକ୍ଷରେ ହିଁ ଠିଆ ହୋଇରହିବ। ଯଦି ଭଗବାନ ତାଙ୍କ ନିଜ ବିରୋଧରେ ବି ସଂଗ୍ରାମ କରିବାକୁ ଆଦେଶ ଦିଅନ୍ତି– ତେବେ ସମସ୍ତ ଶକ୍ତି ଦେଇ ଆନନ୍ଦରେ ତାହା ମଧ୍ୟ କରିବ। –ଶ୍ରୀଅରବିନ୍ଦ

# ପ୍ରଦୂଷଣର ଭିନ୍ନ ଦିଗ



ମାନେକା ଗାନ୍ଧୀ

ଭାରତ ସରକାରଙ୍କ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ପ୍ରଦୂଷଣ ମାନକ ଆଧାରରେ ସମସ୍ତ ଶିଳ୍ପର ବର୍ଗୀକରଣ କରାଯାଇଛି। ମାଟି, ପାଣି, ପବନ ଏବଂ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଶିଳ୍ପଗୁଡ଼ିକର କ'ଣ ପ୍ରଭାବ ରହିଛି ତାହା ଅନୁଧ୍ୟାନ କରି ସେଗୁଡ଼ିକୁ ରେଡ୍, ଅରେଞ୍ଜ, ଗ୍ରୀନ୍ ଓ ହ୍ୱାଇଟ ବର୍ଗରେ ବିଭକ୍ତ କରାଯାଇଛି। କଂସେଇଖାନା, ମାରାତ୍ମକ ରାସାୟନିକ ଶିଳ୍ପ ଏବଂ ବାଣ ଆଦି ଅତି ପ୍ରଦୂଷଣକାରୀ ଶିଳ୍ପକୁ ରେଡ୍ ବର୍ଗରେ ରଖାଯାଇଛି। ରେଡ୍ ଓ ଅରେଞ୍ଜ ବର୍ଗର ଶିଳ୍ପଗୁଡ଼ିକୁ ସଞ୍ଚାଳନ ଏବଂ ବର୍ଜ୍ୟ ନିଷ୍କାସନ ପାଇଁ ରହିଥିବା ସର୍ବନିମ୍ନ ମାନକକୁ ଦୃଢ଼ ଭାବେ ପାଳନ କରିବା ଦରକାର। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିରୀକ୍ଷଣ କରିବା ପରେ ଏହି ସବୁ ଶିଳ୍ପ ପ୍ରତିଷ୍ଠା କରିବା ତଥା ଚଳାଇବା ଲାଗି ଅନୁମତି ବା ଲାଇସେନ୍ସ ଦେଇଥାଏ। ଏଗୁଡ଼ିକୁ ନିୟମିତ ଭାବେ ନବୀକରଣ କରାଯାଇଥାଏ। ନୀତିନିୟମରେ କିଛି ଉଲ୍ଲଂଘନ ହେଲେ ପରିବେଶଗତ କ୍ଷତିପୂରଣ ବାବଦକୁ ସେମାନଙ୍କ ଉପରେ ମୋଟାଅଙ୍କର ଜରିମାନା ଲଗାଯାଏ।

ରେଡ୍ ବର୍ଗ ତଳେ ଥିବା ପ୍ରତ୍ୟେକ ବର୍ଗର ଶିଳ୍ପଗୁଡ଼ିକର ସଞ୍ଚାଳନ ପ୍ରକ୍ରିୟା ସହଜ। ଅନେକ କ୍ଷେତ୍ରରେ କୌଣସି ମାନଦଣ୍ଡ ପ୍ରାୟତଃ ନ ଥାଏ। ପ୍ରାଣୀପାଳନ ବିଭାଗର ନିରୀକ୍ଷଣ ପ୍ରକ୍ରିୟା କହିବାକୁ ଗଲେ ଶୂନ। ପ୍ରତ୍ୟେକ ଘଟଣାରେ କ'ଣ କରିବାକୁ ହେବ ତାହା ନିରୀକ୍ଷକମାନେ ଜାଣିପାରନ୍ତି ନାହିଁ। ସେମାନେ ଆଇନ ସମ୍ପର୍କରେ ଅଜ୍ଞ। ଯଦିଓ ସେମାନେ କୁକୁଡ଼ା କିମ୍ବା ଡାଇରୀ ଫାର୍ମକୁ ଯାଆନ୍ତି ସେଠାରେ କ'ଣ କରିବାକୁ ହେବ ତାଙ୍କର କିଛି ଧାରଣା ନ ଥାଏ। ପରିବେଶ ନଷ୍ଟ ନ କରି ପ୍ରାଣୀମାନଙ୍କ ସଂଖ୍ୟା ବୃଦ୍ଧି କରିବାକୁ ପ୍ରାଣୀପାଳନ ବିଭାଗର ନିର୍ଦ୍ଦେଶ ରହିଛି। ଗୋଟିଏ କୁକୁଡ଼ା କିମ୍ବା ଡାଇରୀ(ଗୋରୁ) ଫାର୍ମ ଯେଉଁଠି ନିର୍ମାଣ କରିବାକୁ ଚାହିଁଲେ ମଧ୍ୟ ଅନୁମତି ନେବା ଲୋଡ଼ା ପଡେନି। ଡାଇରୀ କେବଳ ମ୍ୟୁନିସିପାଲ କର୍ପୋରେଶନ ଆଇନର ଅନ୍ତର୍ଭୁକ୍ତ । କିନ୍ତୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ପରିବେଶଗତ କ୍ଷତିପୂରଣ ବାବଦରେ ଫାର୍ମ ଉପରେ ଜରିମାନା କରିବାର କ୍ଷମତା ଏହାର ନାହିଁ। ଫଳରେ ଏହି ଦୁଇ ଶିଳ୍ପ ଯୋଗୁ ମାଟି ଓ ପାଣି ଅତ୍ୟଧିକ ପ୍ରଦୂଷିତ ହେଉଛି। କୁକୁଡା ମଳରେ ଥିବା ଜୀବାଣୁ ସ୍ୱାସ୍ଥ୍ୟ ତଥା ପରିବେଶକୁ କ୍ଷତିକରୁଛି। ଫାର୍ମର ପ୍ରଦୂଷିତ ପରିବେଶରେ କୁକୁଡାଙ୍କୁ ବଞ୍ଚାଇ ରଖିବା ଲାଗି ମାଲିକମାନେ ନିୟମିତ ଆଣ୍ଟିବାୟୋଟିକ୍ସ ଉପଯୋଗ କରନ୍ତି। ଡାଇରୀ ଫାର୍ମଗୁଡ଼ିକରେ ମଧ୍ୟ ବେଆଇନ ଭାବେ ଆଣ୍ଟିବାୟୋଟିକ୍ସ, ହର୍ମୋନ ଓ ପ୍ରଚୁର ପାଣି ବ୍ୟବହାର କରାଯାଏ। ଫଳରେ ଆଖପାଖର ମାଟି ଓ ପାଣିରେ ଆଣ୍ଟିବାୟୋଟିକ୍ସ ଓ ହର୍ମୋନ ମାତ୍ରା ବୃଦ୍ଧିହୁଏ। ମାଟିରୁ ଉତ୍ପାଦିତ ଖାଦ୍ୟଶସ୍ୟ ଖାଇବା ଓ ପାଣି ପିଇବା ଦ୍ୱାରା ଶରୀର ଔଷଧ ପ୍ରତିରୋଧୀ ହୋଇଯାଏ। ହର୍ମୋନ ଅସନ୍ତୁଳନ ହୋଇ କ୍ୟାନ୍ସର ଆଡକୁ ଗତିକରେ। ଏହି ଦୁଇ ଶ୍ରେଣୀର ଶିଳ୍ପଗୁଡ଼ିକରୁ ପ୍ରଚୁର ମିଥେନ୍ ଗ୍ୟାସ ନିର୍ଗତ ହୋଇ ସ୍ଥାନୀୟ ଅଞ୍ଚଳର ତାପମାତ୍ରା ମଧ୍ୟ ବୃଦ୍ଧି କରେ। ଲକ୍ଷ ଲକ୍ଷ ସଂଖ୍ୟାରେ ମାଛି ଓ ଫାର୍ମର ଦୁର୍ଗନ୍ଧ ଯୋଗୁ ଆଖପାଖରେ ରହିବା କଷ୍ଟକର ହୋଇପଡ଼େ। ମୃତ ଶରୀରକୁ ନିଷ୍କାସନ କରିବାର କୌଣସି ବ୍ୟବସ୍ଥା ନ ଥାଏ। ଏଣୁ ସେମାନଙ୍କୁ ସାଧାରଣତଃ ନିକଟରେ ଥିବା ନଦୀ ନାଳ ପୋଖରୀ କିମ୍ବା ସର୍ବସାଧାରଣ ଜମିରେ ଫିଙ୍ଗି ଦିଆଯାଏ। ଖାସ୍‌କରି ଇଣ୍ଡଷ୍ଟ୍ରିଆଲ ଆନିମଲ ରିୟରିଂ ସେକ୍ଟର ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ତଥା ଫାର୍ମରେ କାର୍ଯ୍ୟରତ ଏବଂ ଆଖପାଖରେ ରହୁଥିବା ଲୋକମାନଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ଅନିୟନ୍ତ୍ରିତ ପ୍ରଦୂଷିତ ପରିବେଶ ପ୍ରତି ଦୃଷ୍ଟି ଦେଉନାହିଁ।

ଏହି ଶିଳ୍ପଗୁଡ଼ିକ ଅତ୍ୟଧିକ କ୍ଷତିକାରକ ଓ ଏମାନଙ୍କୁ ରେଡ୍ କିମ୍ବା ଅରେଞ୍ଜ ବର୍ଗରେ ରଖାଯିବା ଉଚିତ। କିନ୍ତୁ କୁକୁଡା ଶିଳ୍ପକୁ ଗ୍ରୀନ୍ ଓ ଡାଇରୀ ଶିଳ୍ପକୁ ତା' ଆକାର ଅନୁସାରେ ଅରେଞ୍ଜ କିମ୍ବା ଗ୍ରୀନ ବର୍ଗରେ ରଖାଗଲା। ଉଭୟ ଗ୍ରୀନ ଏବଂ ହ୍ୱାଇଟ ବର୍ଗରେ ଥିବା ଶିଳ୍ପଗୁଡ଼ିକ ପାଇଁ ପ୍ରାୟତଃ ନିୟମ ନାହିଁ କହିଲେ ଚଳେ । ଏହା ଉପରେ କିଛି ବି ଯାଞ୍ଚ କରାଯାଉନାହିଁ। ନିକଟରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସବୁ ନିୟମ ଛାଡ କରି ୧ ଲକ୍ଷ ପର୍ଯ୍ୟନ୍ତ କୁକୁଡା ରଖିବା ଲାଗି ଅନୁମତି ଦେଇଛି। ଏପରି ଯେଉଁ ଫାର୍ମରେ ୧ ଲକ୍ଷ କୁକୁଡାରୁ ଅଧିକ ଥିଲେ ତାହାକୁ ଗ୍ରୀନଶିଳ୍ପ ଭାବେ ଶ୍ରେଣୀଭୁକ୍ତ କରାଗଲା। ପିପୁଲ ଫର୍ ଆନିମଲ୍‌ର ସଦସ୍ୟ ଗୌରୀ ମାଉଲେଖି ଏବଂ ଆଡ୍‌ଭୋକେଟ ଏନ୍.ଜି.ଜୟସୀମା ଶିଳ୍ପର ବର୍ଗୀକରଣକୁ ବିରୋଧ କରି ଦି ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ଚ୍ୟାଲେଞ୍ଜ କରିଥିଲେ। ସେମାନେ ଯୁକ୍ତି ବାଢିଥିଲେ ଯେ, କୁକୁଡା ଏବଂ ଡାଇରୀ ଫାର୍ମଗୁଡ଼ିକରେ ପ୍ରାଣୀ ଓ କୁକୁଡାଙ୍କୁ କମ୍ ଜାଗାରେ ଅଧିକ ସଂଖ୍ୟାରେ ରଖାଯାଉଛି। ବାସ୍ତବରେ ଏହା ପରିବେଶ ଓ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି । ଦୁର୍ଭାଗ୍ୟବଶତଃ ଏହି ଶିଳ୍ପଗୁଡ଼ିକୁ ସଞ୍ଚାଳନ କରିବା ଲାଗି ଦେଶରେ କୌଣସି ଆଇନ ନ ଥିଲା କି ଏବେ ବି ନାହିଁ, ଯେଉଁଥି ପାଇଁ ସେମାନେ ଫାର୍ମ ନାଁରେ ଖସିଯାଉଛନ୍ତି। ସବୁ ଡାଇରୀ ଫାର୍ମକୁ ଶୀଘ୍ର ଅରେଞ୍ଜ କରିବାକୁ ଏବଂ କୁକୁଡା ଫାର୍ମଗୁଡିକୁ ଗ୍ରୀନ ବର୍ଗରେ ନ ରଖିବା ଲାଗି ସେପ୍ଟେମ୍ବର ୨୦୨୦ରେ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ଜାନୁୟାରୀରେ ଏନ୍‌ଜିଟି କୁକୁଡ଼ାପାଳନ ଶିଳ୍ପ ଅରେଞ୍ଜ କି ରେଡ୍ ହେବ ତାହା ସ୍ଥିର କରିବେ। ଏଥିରୁ ବୁଝାପଡୁଛି ଯେ, କୁକୁଡା ଏବଂ ଡାଇରୀ ଫାର୍ମ କରିବା ଲାଗି ଏବେ ପରିବେଶ ସୁରକ୍ଷା ଆଇନ ୧୯୮୬, ଜଳ (ପ୍ରଦୂଷଣ ନିବାରଣ ତଥା ନିୟନ୍ତ୍ରଣ) ଆଇନ ୧୯୭୪ ଏବଂ ବାୟୁ (ପ୍ରଦୂଷଣ ନିବାରଣ ତଥା ନିୟନ୍ତ୍ରଣ) ଆଇନ ୧୯୮୧ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁମତି ନେବାକୁ ପଡିବ। ଯେଉଁଠାରେ ଅଣ୍ଡା, ମାଂସ କିମ୍ବା କ୍ଷୀରର ବ୍ୟବସାୟିକ ଉତ୍ପାଦନ ପାଇଁ ୫,୦୦୦ରୁ ଊର୍ଦ୍ଧ୍ୱ କୁକୁଡା କିମ୍ବା ଗୋରୁ ରଖାଯିବ ସେଠାରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସର୍ବନିମ୍ନ ମାନକ ପାଳନ କରିବାକୁ ପଡିବ । ପ୍ରଥମଥର ପାଇଁ ଏଭଳି ନିୟମ କରିବାକୁ ହେବ। ଖାଦ୍ୟ ଏବଂ କୃଷି ସଂଗଠନ (ଏଫ୍‌ଏଓ) ରିପୋର୍ଟରୁ ଜଣାପଡିଛି ଯେ, ଗୋଜାତୀୟ ଉତ୍ପାଦନ ଯୋଗୁ ବିଶ୍ୱତାପମାତ୍ରା ବୃଦ୍ଧି, ମାଟିର ମାନ ହ୍ରାସ, ଜଳ ଓ ବାୟୁ ପ୍ରଦୂଷଣ, ଜୈବବିବିଧତା ହ୍ରାସ ହେଉଛି। ଏଭଳି ଅସୁରକ୍ଷିତ ଶିଳ୍ପର ଧାରା ପରିବେଶ ସୁରକ୍ଷା ଆଇନ ୧୯୮୬, ଜଳ (ପ୍ରଦୂଷଣ ନିବାରଣ ତଥା ନିୟନ୍ତ୍ରଣ) ୧୯୭୪ ଏବଂ ବାୟୁ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ଆଇନ ୧୯୮୧ର ଉଲ୍ଲଂଘନ କରୁଛି। ଭାରତର ପ୍ରତିଷ୍ଠିତ ପରିବେଶ ଗବେଷଣା ସଂସ୍ଥା ନ୍ୟାଶନାଲ ଏନଭାଇରନମେଣ୍ଟାଲ ଇଞ୍ଜିନିୟରିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା କରାଯାଇଥିବା ଅନୁଧ୍ୟାନକୁ ଟ୍ରିବ୍ୟୁନାଲ ବିଚାରକୁ ନେଇଥିଲେ। କୁକୁଡା ଉତ୍ପାଦନର ବିଭିନ୍ନ ପ୍ରକାର ପ୍ରଦୂଷଣକାରୀ ତତ୍ତ୍ୱ ସହ ସମ୍ପର୍କ ରହିଛି ବୋଲି ଏହି ଅନୁଧ୍ୟାନରେ କୁହାଯାଇଥିଲା। ଏହା ମଧ୍ୟ ମାଛି, ମୂଷା, ଏବଂ ଅନ୍ୟ କୀଟଙ୍କୁ ଆକର୍ଷିତ କରେ, ଯାହାଫଳରେ ସ୍ଥାନୀୟ ଅଞ୍ଚଳରେ ରୋଗ ବୃଦ୍ଧି କରିଥାଏ। ଅଧିକମାତ୍ରାରେ କୁକୁଡା ଉତ୍ପାଦନ ଗ୍ରୀନହାଉସ ଗ୍ୟାସ୍, ଅମ୍ଳୀକରଣର କାରଣ ପାଲଟେ। କୁକୁଡା ଏବଂ ଡାଇରୀ ଶିଳ୍ପଗୁଡ଼ିକ ପରିବେଶକୁ ଅତ୍ୟଧିକ ପ୍ରଦୂଷିତ କରୁଛନ୍ତି। ଏଥିରୁ କଟୁ ଗନ୍ଧ ବାହାରେ ଓ ଏହା ନିକଟରେ ଥିବା ଲୋକଙ୍କୁ ପ୍ରଭାବିତ କରେ।

ପ୍ରାଣୀ ନିର୍ଯାତନା ଦୂର କରି ପରିବେଶ ସୁରକ୍ଷା କରିବା ଭାରତର ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ଯଦି ଆପଣଙ୍କ ଘର ପାଖରେ ଡାଇରୀ କିମ୍ବା କୁକୁଡା ଫାର୍ମ ରହିଛି ତେବେ ତାହାକୁ ନିର୍ମାଣ କରିବା ଓ ଚଳାଇବା ଲାଗି ରାଜ୍ୟ ପ୍ରଦୂଷଣ ବୋର୍ଡରୁ ଅନୁଜ୍ଞାପତ୍ର ପାଇଛନ୍ତି କି ନାହିଁ ତାହା ଦେଖନ୍ତୁ। ଯଦି ସେମାନେ ଏହା ନେଇନାହାନ୍ତି ତେବେ ରାଜ୍ୟ ପ୍ରଦୂଷଣ ବୋର୍ଡର ଆଞ୍ଚଳିକ ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରନ୍ତୁ। ଏହି ଫାର୍ମଗୁଡ଼ିକ କଠିନ, ତରଳ ଓ ବାୟୋ ବର୍ଜ୍ୟ ନିଷ୍କାସନ, କେତେ ଜାଗାରେ କେତେ ପ୍ରାଣୀ ରହିବେ ଏବଂ ଏହି ପ୍ରକ୍ରିୟାରେ ସ୍ୱାସ୍ଥ୍ୟଗତ ଆବଶ୍ୟକତା ପାଇଁ ରହିଥିବା ସର୍ବନିମ୍ନ ମାନକ ପାଳନ କରୁଛନ୍ତି କି ନାହିଁ ସେ ସମ୍ପର୍କରେ ନିଶ୍ଚିତ ହୁଅନ୍ତୁ। ଏହାଦ୍ୱାରା ଆମ ଭୂତଳ ଜଳ, ବାୟୁ ଏବଂ ଖାଦ୍ୟ ପ୍ରଦୂଷଣକାରୀ ତତ୍ତ୍ୱ, କୀଟନାଶକ, ଆଣ୍ଟିବାୟୋଟିକ୍ସ ଏବଂ ମାରାତ୍ମକ ଜୀବାଣୁ ଦ୍ୱାରା ପ୍ରଦୂଷିତ ହେଉଛି କି ନାହିଁ ତାହା ଜାଣିପାରିବା। ଏହି ଫାର୍ମଗୁଡ଼ିକରେ ନିର୍ଯାତନା ଭୋଗୁଥିବା ପ୍ରାଣୀମାନଙ୍କୁ ମୁକ୍ତ କରିବା ସେମାନଙ୍କ ପାଇଁ ହେବ ଏକ ଶ୍ରେଷ୍ଠ ଉପହାର।

Email: gandhim@nic.in

# ସୁଖ କେଉଁଠି ଥାଏ



ମୋହନ ଚରଣ ବିଷି

ସେଦିନ ଶ୍ରୀମତୀ ପଚାରିଲେ କେବେ ଆମେ ସ୍ମୁଥ ଲାଇଫ୍ ବଞ୍ଚିବା। କ'ଣ ହେଲା ଯେ। ସବୁବେଳେ ଏମିତି ମେଡ଼ିକାଲ ଯାଉଥିବା କି ! ଯେତେବଡ ଧନୀ ମାନୀର ଜୀବନରେ ଦୁଃଖ ଅଛି। ଏମିତି ଏକ ନାଁଧର ଯିଏ ସୁଖରେ ଜୀବନ ଅତିବାହିତ କରୁଛି। ଉତ୍ତର ମିଳିଲାନି। ତମେ ଯାହାକୁ ଦୁଃଖ ବୋଲି ଭାବୁଛ ସେହି ଦୁଃଖ ଭିତର ଦେଇ ସୁଖର ଅନୁସନ୍ଧାନ କରାଯାଏ। ସୁଖ କିଏ ଚାହେଁ ନାହିଁ ? ସମସ୍ତଙ୍କୁ ସୁଖ, ଶାନ୍ତି ଓ ଆନନ୍ଦ ଦରକାର। ଠିକ୍ ଅଛି ଯଦି ସୁଖ ଚାହୁଁଛ, ତା'ହେଲେ ଆସ ଜାଣିବା ଓ ବୁଝିବା ଶ୍ରୀକୃଷ୍ଣଙ୍କ ଗୀତା ଜ୍ଞାନର ୨ୟ ଅଧ୍ୟାୟ ୬୩ତମ ଶ୍ଳୋକଟିକୁ। ଏହି ଶ୍ଳୋକର ମର୍ମାନୁବାଦ ହେଲା ବିଷୟରୁ ଆସକ୍ତି, ଆସକ୍ତିରୁ କାମନା, କାମନାରୁ କ୍ରୋଧ, କ୍ରୋଧରୁ ମୂଢ଼ ଭାବ, ମୂଢ଼ ଭାବରୁ ସ୍ମୃତି ଭ୍ରମ, ସ୍ମୃତି ଭ୍ରମରୁ ବୁଦ୍ଧି ନାଶ, ବୁଦ୍ଧି ନାଶରୁ ସବୁ ଶେଷ। ବୟସ ବଢ଼ିବା ସହ ଆସକ୍ତି ମଧ୍ୟ ବଢ଼ିଥାଏ।

ଛୁଆକୁ ତା' ମନଲାଖି ଜିନିଷ ନ ମିଳିଲେ କି ତା' ଇଚ୍ଛା ପୂରଣ ନ ହେଲେ ସେ ରୁଷିବ। ଅଭିମାନ କରିବ, ରାଗିବ ଖାଇବନାହିଁ। କେତେ ବୁଝାମଣା ପରେ ପୂର୍ବ ଅବସ୍ଥାକୁ ଆସିଥାଏ। ଛୁଆଟି ବେଳରୁ ଅପ୍ରାପ୍ତିଜନିତ ଦୁଃଖ ଅଭ୍ୟାସଗତ ହୋଇଯାଇଥାଏ। ଠିକ୍ ସେହିପରି ଆମେ ଯେଉଁ ଜିନିଷକୁ ପାଇବା ପାଇଁ ଇଚ୍ଛା ପ୍ରକାଶ କରିଥାଉ ସେ ବିଷୟରେ ଅନେକ ଆଲୋଚନା କରିଥାଉ କିନ୍ତୁ ଠିକ୍ ସମୟରେ ସେମିତି ନ ହେଲେ ସେ ଏମିତି ନ କଲା, ତା' ପାଇଁ ସେମିତି ହେଲା ବୋଲି ଦୃଢୋକ୍ତିର ସହ କହିଥାଉ। ଯେମିତି ଭାବିଥିଲୁ ସେମିତି ନ ହେବାଜନିତ ବ୍ୟଥାରେ ମ୍ରିୟମାଣ ହୋଇଥାଉ। ଏହା ବିଷୟଜନିତ ଆସକ୍ତି। ଏହି ଆସକ୍ତି ଏମିତି କରିଦିଏ ଯେ ମୁଁ କହିବା କଥା ହେଲାନାହିଁ ଏମିତି ଭାବନା କ୍ରୋଧକୁ ଜନ୍ମ ଦେଇଥାଏ। ଦେଖାଦିଏ ମନରେ ଅହେତୁକ ଚିଡ଼ିଚିଡ଼ା। ଅଯଥା କଥାରେ ରାଗିବା, ଜିନିଷପତ୍ର ଫିଙ୍ଗା ଫୋପଡା କରିବା ଓ ଛୋଟ ଛୋଟ କଥାରେ ବାହାନା ବନେଇ ଆରୋପ ଲଗେଇବା ପ୍ରକୃତି ବଢିଯାଏ। ଏମିତି ସମୟରେ ଯିଏ କହିଲେ ମଧ୍ୟ କାହା କଥା ପରତେ ଯାଇ ନ ଥାଏ। ସେ ଯାହା ତତ୍କାଳ ଭାବେ ସେମିତି କରିଥାଏ। ଏହାକୁ ମୂଢ଼ ଭାବ ବୋଲି କୁହାଯାଏ। ମୂଢ଼ ଲୋକର ମସ୍ତିଷ୍କ କିଛି କାମ କରେନାହିଁ। ପାଗଳା କୁକୁର ପରି କେତେବେଳେ କ'ଣ ଯେ କରିପକାଏ ଜାଣି ନ ଥାଏ। ତା'ର ସ୍ମରଣ ଶକ୍ତି ନଷ୍ଟ ହୋଇଯାଏ। ବିଚାର କରିବାର ଜ୍ଞ ନ ଥାଏ। ତା' ମୁଣ୍ଡ ଅକଲଗୁଡୁମ ହୋଇଥାଏ। ଭୟ ଭ୍ରାନ୍ତିରେ ଜୀବନ ବିତାଏ।ଲୋକମାନେ ଅନାଦର କରନ୍ତି। ପରିବାର ସମାଜରେ ମାନ ସମ୍ମାନ କିଛି ରହେ ନାହିଁ। ଏମିତି ଅବସ୍ଥାରେ ଆତ୍ମହତ୍ୟା ପାଇଁ ମଧ୍ୟ ଉଦ୍ୟମ କରିଥାଏ। ତେଣୁ ଯାହାର ବର୍ତ୍ତମାନରେ ଯେମିତି ଅଛି ସେ ଭିତରେ ସୁଖ, ସନ୍ତୋଷ ଖୋଜିବାକୁ ହେବ। ଧନ ସଂପଦ ଅମାପ ଥିଲେ କିମ୍ବା ବିତ୍ତବଶାଳୀ ପରିବାରରେ ଜନ୍ମଗ୍ରହଣ କରିଦେଲେ ସୁଖ ମିଳି ନ ଥାଏ। ସୁଖ ତ କୁଡିଆ ଘରେ ମଧ୍ୟ ପ୍ରାପ୍ତି ହୁଏ। ଏ ଦିନ ଚାଲିଯିବ ସେଥିପାଇଁ କୌଣସି ବି ପରିସ୍ଥିତିରେ ବ୍ୟସ୍ତ ନ ହୋଇ ଅପେକ୍ଷା କରନ୍ତୁ ସବୁ ପ୍ରକାର ବିପଦ ଟଳିଯିବ। ଆଶା ଉଚ୍ଚରଖ କିନ୍ତୁ ସନ୍ତୁଷ୍ଟ ରୁହ।

ଲକ୍ଷ୍ୟ ହାସଲ ନ ହେବା ମୋହଗ୍ରସ୍ତ କରେ। ଅନେକ ଦୁଃଖକୁ ଠୁଳ କରିଥାଏ। ମୃତ୍ୟୁ ଏକ ଚିରନ୍ତନ ସତ୍ୟ। ସମସ୍ତେ ଏ ପଥର ପଥଗାମୀ ହେବେ। ତେଣୁ ମୃତ୍ୟୁ ଭୟକୁ ଦୂର କରିଦେଲେ ସୁଖ ଆପେ ଆପେ ବିରାଜମାନ କରିବ। ଆଉ ସଂସାରରେ ଆମେ ପ୍ରତ୍ୟେକ କର୍ମ କରିବା ପରେ ଯେଉଁ ପାଇବାର ଆଶା ରଖି ଥାଉ ତାହା ଭୁଲିଯିବାକୁ ହେବ। ଫଳ ଆଶାନୁରୂପ ନ ହେଲେ ଦୁଃଖ ଦେଇଥାଏ ତେଣୁ ବିନା ଉଦ୍ଦେଶ୍ୟରେ କର୍ମ କଲେ ଆତ୍ମସନ୍ତୋଷ ଲାଭ ହୁଏ। ପ୍ରତ୍ୟେକ କାର୍ଯ୍ୟରେ ସମର୍ପଣ ଭାବ ରହିଲେ ଉତ୍ତମ ଫଳପ୍ରାପ୍ତି ସହ ଅନେକ ପ୍ରଶଂସା ଅଚିରେ ଅଜାଡି ହୋଇଥାଏ। ଦୈନନ୍ଦିନ ଜୀବନରେ ସୁଖୀ ହେବା ପାଇଁ କିଛି ଉପାୟ ଅବଲମ୍ବନ କରିବାକୁ ପଡ଼ିବ। ସକାଳୁ ଉଠିଲା ପରେ ପିତାମାତାଙ୍କୁ ପ୍ରଣାମ କରନ୍ତୁ। ଏହାଦ୍ୱାରା ଆମ ଶରୀରରେ ଏକ ଆସ୍ତିସୂଚକ ଉର୍ଜା ଜାଗ୍ରତ ହୋଇଥାଏ। ଯାହାଙ୍କ ନୀତି ଆଦର୍ଶ ଆପଣଙ୍କୁ ଭଲ ଲାଗୁଛି ଦୃଢ଼ତାର ସହ ବିଶ୍ୱାସ କରି ତାଙ୍କ ପଦାଙ୍କ ଅନୁସରଣ କରନ୍ତୁ। ତାଙ୍କର ମାର୍ଗ ଦର୍ଶନରେ ପ୍ରତ୍ୟେକ କାର୍ଯ୍ୟ ସଂପାଦନ କରନ୍ତୁ। ଆପଣଙ୍କୁ ଭଲ ଲାଗୁଥିବା ପୁସ୍ତକ ବାରମ୍ବାର ପଢ଼ନ୍ତୁ। ନିଜକୁ ନିଜର କାର୍ଯ୍ୟକୁ ଗଭୀର ବିଶ୍ୱାସ କରନ୍ତୁ। ଆତ୍ମାନୁଶୀଳ ହୁଅନ୍ତୁ। ଆପଣଙ୍କ ହୃଦୟର ଭାଷା ବୁଝିବାକୁ ଚେଷ୍ଟା କରନ୍ତୁ। ପ୍ରତ୍ୟେକ ସମସ୍ୟାର ସୂତ୍ର ସ୍ୱତଃ ମିଳିଯିବ। ସ୍ମୁଥ ଲାଇଫ ଯାହାକୁ ସହଜ ଜୀବନ ଧାରଣ ବା ସରଳ ଜୀବନ ଯାପନ କହୁଛେ ତାହା ପାଇବାକୁ ହେଲେ ଉଚ୍ଚ ବିଚାରବନ୍ତ ହେବାକୁ ହେବ। ବିବେକ ଅନୁମୋଦିତ ବିଚାର ପର ଆପଣା ଭୁଲି ଯଥାର୍ଥତା ଉପରେ ଗୁରୁତ୍ୱ ପ୍ରଦାନ କରିବା। ସାଧାରଣତଃ ଅନ୍ୟ ପାଇଁ ଅନେକ କହିଥାଉଁ। ଅନେକ ପରାମର୍ଶ ଦେବା ସହ ପ୍ରଶଂସା, ତାଚ୍ଛଲ୍ୟ, ଭର୍ତ୍ସନା କରିଥାଉ। କହିଦେଉଥାଏ ପରକୁ ବୁଦ୍ଧି ନ ଦିଶଇ ନିଜକୁ ଅବସ୍ଥା ହୋଇଥାଏ। ନିଜର ମିଥ୍ୟା, ଖରାପ ଅଭ୍ୟାସକୁ ଲୁଚେଇବାକୁ ଯାଇ ଅନେକ ମିଥ୍ୟାର ଆଶ୍ରୟ ନେବାକୁ ପଡେ। ପୁଣି ଏକ ନୂଆ ସମସ୍ୟାରେ ଛନ୍ଦି ହେବାକୁ ପଡିଥାଏ। ଏଣୁ ସିଧାସଳଖ କଥା ସରଳ ଭାବରେ କହିବା ସହ ନିଜ ଜୀବନର ପ୍ରତି କ୍ଷଣରେ କ୍ଷଣସ୍ଥାୟୀ ଜୀବନ ପ୍ରତି ମୋହ ତୁଟିଲେ ସର୍ବଦା ସୁଖୀ ରହିବା।

ଗଡ଼ରାମାଳ, କୋକସରା, କଳାହାଣ୍ଡି

ମୋ-୯୭୭୭୪୬୮୮୪୧

## ଏଇ ଭାରତରେ

ପିଲାମାନେ ଦେଶର ଭବିଷ୍ୟତ। ସେମାନେ ସୁସ୍ଥ ଓ ନୀରୋଗ ରହିଲେ ଦେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ,ଏ କଥା ହୃଦୟଙ୍ଗମ କରିଛନ୍ତି ଦିଲ୍ଲୀ ନିବାସୀ ସିଙ୍ଗଲ୍ ମଦର ସରିତା କଶ୍ୟପ। ସେ ଅସହାୟ ପିଲାମାନଙ୍କୁ ପ୍ରତିଦିନ ଖାଇବାକୁ ଦେଉଛନ୍ତି। ୧୯ ବର୍ଷ ଧରି ଏକ ଅଟୋମୋବାଇଲ ଇଣ୍ଡଷ୍ଟ୍ରିରେ ସେଲସ୍‌ମ୍ୟାନ ଭାବେ କାର୍ଯ୍ୟ କରିଥିଲେ। ୨୦୧୯ ଜାନୁୟାରୀରୁ ଚାକିରି ଛାଡି 'ଅପନା ପନ ରାଜମା ଚାୱାଲ' ନାମକ ଅସ୍ଥାୟୀ ଷ୍ଟଲ୍ ଖୋଲି ରାସ୍ତାରେ ବୁଲୁଥିବା ଭୋକିଲା ତଥା ଜରି ଗୋଟାଳି ପିଲାଙ୍କୁ ଖାଇବାକୁ ଦେଉଛନ୍ତି। କେବଳ ଏତିକି ନୁହେଁ ସେ ମଧ୍ୟ ଗୃହହୀନ ଲୋକଙ୍କୁ ଖାଦ୍ୟ ଯୋଗାଉଛନ୍ତି। ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମିତ ସରିତା ପିଲାବେଳୁ ବହୁ ଘାତପ୍ରତିଘାତରେ ବଢିଛନ୍ତି। ଏଣୁ କୌଣସି ପିଲା ସେଭଳି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତୁ ସେହି ଲକ୍ଷ୍ୟରେ ସେ ଏଭଳି ସେବା ଯୋଗାଉଛନ୍ତି। ପଶ୍ଚିମ ଦିଲ୍ଲୀର ପୀରଗଡିରେ ଏକ ଅସ୍ଥାୟୀ ଷ୍ଟଲ୍‌ରେ ଭୋକିଲା ପିଲାମାନଙ୍କୁ ଖାଇବାକୁ ଦେଉଛନ୍ତି। ଦିଲ୍ଲୀ ଯେତେବେଳେ ଶୋଇଥାଏ ସରିତା ତାଙ୍କ କାମ ଆରମ୍ଭ କରିଥାନ୍ତି। ଭୋର ୪ଟାରୁ ଉଠି ଘରକାମ ଶେଷ କରି ପାଖାପାଖି ୧୦୦ ଜଣଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରନ୍ତି। ପରେ ତାଙ୍କ ସ୍କୁଟରରେ ମରିରାବାଗରୁ ନେଇ ପୀରଗଡି ବସ୍‌ଡିପୋ ନିକଟରେ ପହଞ୍ଚିଯାଆନ୍ତି। ସେ ସେଠାରେ ୩ରୁ ୪ ଘଣ୍ଟା ରହି ପିଲାମାନଙ୍କୁ ଖାଇବାକୁ ଦିଅନ୍ତି। କଶ୍ୟପ ଏଥିପାଇଁ ସବୁ ଖର୍ଚ୍ଚ ବହନ କରୁଛନ୍ତି। ଯେଉଁ ଲୋକମାନେ ମୂଲ୍ୟ ଦେଇ ଖାଇବାକୁ ସକ୍ଷମ ସେମାନେ ଅଧ ପ୍ଲେଟକୁ ୪୦ ଓ ପୂରା ପ୍ଲେଟକୁ ୬୦ ଟଙ୍କା ଦେଇ ଖାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ନଭେମ୍ବର ୧୯୯୫

- କଲମ୍ବୋ ସହରତଳି ଅଞ୍ଚଳରେ ୨ଟି ଶକ୍ତିଶାଳୀ ବିସ୍ଫୋରଣ ଘଟି ୨୦ ଜଣ ସାଧାରଣ ନାଗରିକଙ୍କ ପ୍ରାଣହାନି।
- ୯ଜଣ ସଂଖ୍ୟାଲଘୁଙ୍କୁ ଫାଶୀ ଦେଇ ଗୋଷ୍ଠୀର ନୀତି ଉଲ୍ଲଂଘନ କରିଥିବାରୁ ରାଜ୍ୟଗୋଷ୍ଠୀ ସଭ୍ୟ ପଦରୁ ନାଇଜେରିଆକୁ ସସ୍‌ପେଣ୍ଡ କରାଯାଇଛି।
- ଦିଲ୍ଲୀଠାରେ ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମା ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କୁ ଭାରତ ସ୍କାଉଟ୍ ଓ ଗାଇଡର ସର୍ବୋଚ୍ଚ ସମ୍ମାନ ସ୍ୱରୂପ 'ଶ୍ୱେତହସ୍ତୀ' ପ୍ରଦାନ କରିଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | B | | | 8 | | 3 | | 6 | | E | 0 | A | D |
| | | | | | 4 | 1 | | | B | | | | | |
| | A | 8 | | D | | B | | | | 7 | C | | 9 | |
| | C | | | | | | | | | | | | | 8 |
| | | 0 | | 5 | 9 | | | 7 | | D | A | C | 2 | |
| | | | | | | | | | 9 | 2 | | | B | |
| | | | | 9 | 6 | D | 7 | 8 | | | 1 | A | | |
| | 8 | | | 3 | | | | A | 4 | 0 | | | | |
| 3 | | 1 | | | | 4 | 5 | | | | | | | |
| | 4 | E | | B | | | | | | 5 | 8 | | | 7 |
| | D | | | 0 | | 5 | | E | 3 | | | | 8 | |
| | | | | 7 | | | B | | A | | 9 | | | 0 |
| E | 2 | | | A | | | | | | 8 | D | B | 5 | 3 |
| | 7 | | | | | 6 | | 2 | | | | | 4 | |
| | 1 | 4 | | | | A | | | 5 | 6 | 2 | | D | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 6 | 3 | A | 5 | 1 | 8 | E | 7 | 4 | D | 2 | B | 0 | C |
| 1 | 2 | 8 | C | 3 | 0 | 4 | 9 | 5 | A | B | 7 | D | 6 | E |
| 5 | 4 | D | 7 | 2 | 8 | 6 | B | 1 | 0 | E | C | A | 9 | 3 |
| B | 0 | 7 | E | 9 | D | A | 3 | C | 1 | 8 | 6 | 4 | 2 | 5 |
| A | C | E | 4 | B | 6 | 2 | D | 0 | 9 | 5 | 3 | 8 | 1 | 7 |
| 7 | 9 | 6 | B | 4 | C | D | 1 | 3 | 8 | A | E | 2 | 5 | 0 |
| D | 5 | A | 2 | 8 | 9 | E | C | 6 | 7 | 1 | 0 | 3 | B | 4 |
| 4 | 1 | B | 0 | E | 3 | 5 | 2 | A | D | 6 | 9 | 7 | C | 8 |
| 8 | E | C | 6 | D | 7 | B | 0 | 4 | 3 | 2 | 5 | 1 | A | 9 |
| 0 | 3 | 2 | 5 | 1 | A | 9 | 7 | 8 | C | 4 | B | 6 | E | D |
| 2 | 8 | 4 | 1 | 0 | B | 3 | 6 | 9 | 5 | C | D | E | 7 | A |
| 3 | B | 9 | 8 | 6 | 5 | 0 | A | D | E | 7 | 1 | C | 4 | 2 |
| E | D | 0 | 9 | C | 2 | 7 | 4 | B | 6 | 3 | A | 5 | 8 | 1 |
| 6 | 7 | 1 | 3 | A | 4 | C | 5 | E | 2 | 9 | 8 | 0 | D | B |
| C | A | 5 | D | 7 | E | 1 | 8 | 2 | B | 0 | 4 | 9 | 3 | 6 |

ଗତକାଲିର ଉତ୍ତର

# ସକାରାତ୍ମକ ଚିନ୍ତାଧାରା ସମୟର ଆହ୍ୱାନ



ଶରତ କୁମାର ଦାସ

ବିଖ୍ୟାତ ଗ୍ରୀକ୍ ଦାର୍ଶନିକ ଆରିଷ୍ଟଟଲଙ୍କ ମତରେ, 'ମନୁଷ୍ୟ ଏକ ସାମାଜିକ ପ୍ରାଣୀ। ସେ ସମାଜରେ ବାସ କରେ। ସମାଜ ବିନା ଯେ ବଞ୍ଚେ ସେ ହୁଏତ ପଶୁ କିମ୍ବା ଦେବତା ହୋଇପାରେ।' ସୁତରାଂ ସାମାଜିକତା ମନୁଷ୍ୟର ଧର୍ମ। ସମାଜର ସାମୂହିକ କାର୍ଯ୍ୟରେ ଯୋଗଦାନ କରିବା ତା'ର ସର୍ବଶ୍ରେଷ୍ଠ କର୍ମ। ଏହାଦ୍ୱାରା ନିଜର ମଙ୍ଗଳ ହେବା ସହିତ ସମାଜର ସାମୂହିକ କଲ୍ୟାଣ ହୋଇଥାଏ।

ପାଶ୍ଚାତ୍ୟ ଦାର୍ଶନିକମାନଙ୍କ ମଧ୍ୟରେ ବ୍ରିଟିଶ୍ ଦାର୍ଶନିକ ହବ୍ସ ମନୁଷ୍ୟକୁ ନିକୃଷ୍ଟତର ଜୀବ ରୂପେ ପ୍ରତିପାଦିତ କରି ଅନେକ ମନ୍ଦ ଗୁଣାବଳୀର ଅଧିକାରୀ ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଇଟାଲି ଦାର୍ଶନିକ ମାକିଆଭେଲୀ ମନୁଷ୍ୟକୁ ଅକୃତଜ୍ଞ, ପ୍ରବଞ୍ଚକ ଓ ଅମାନବୀୟ ବୋଲି କହି ଘୃଣା କରିଥିଲେ; ମାତ୍ର ଅନ୍ୟ ଜଣେ ବ୍ରିଟିଶ ଦାର୍ଶନିକ ଲକ୍ ମନୁଷ୍ୟକୁ ଉତ୍ତମ ସାମାଜିକ ଜୀବ ରୂପେ ଦର୍ଶାଇଥିଲେ। ଅବଶ୍ୟ ହବ୍ସ ହୁଅନ୍ତୁ ଅବା ମାକିଆଭେଲୀ ତତ୍କାଳୀନ ସାମାଜିକ ଅବସ୍ଥା ଦ୍ୱାରା ସେମାନେ ପ୍ରଭାବିତ ହୋଇ ମନୁଷ୍ୟର ପ୍ରକୃତି ଉପରେ ଏଭଳି ନକାରାତ୍ମକ ମନ୍ତବ୍ୟ ପ୍ରଦାନ କରିଥିଲେ। କିନ୍ତୁ ଲକ୍ ମନୁଷ୍ୟର ସ୍ୱର୍ଗୀୟ ଗୁଣାବଳୀ ପ୍ରତି ସଚେତନ ଥିଲେ। କହିବାର ତାତ୍ପର୍ଯ୍ୟ ଏହି କି ଯେ, ସାମାଜିକ ଜୀବ ମନୁଷ୍ୟ କେବେ ବି ଖରାପ ନ ଥିଲେ। ଏବେ ବି ନୁହନ୍ତି। ସେ ଅନ୍ୟ ପ୍ରାଣୀଠାରୁ ଶ୍ରେଷ୍ଠ। ନୀତିନିଷ୍ଠ ଜୀବନ ମଣିଷର ସମଗ୍ର ଜୀବନକୁ ପରିପୂର୍ଣ୍ଣ କରେ। ବ୍ୟକ୍ତି ନିଜର ବହୁମୁଖୀ ପ୍ରତିଭାର ବିକାଶ ନିମନ୍ତେ ସମାଜ ଉପରେ ଏକାନ୍ତ ନିର୍ଭରଶୀଳ। ସେହିଭଳି ସମାଜ ମଧ୍ୟ ବ୍ୟକ୍ତିର ସାମାଜିକ ଗୁଣାବଳୀର ଯଥାର୍ଥ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଆରୋପ କରିଥାଏ। ସୁତରାଂ ବ୍ୟକ୍ତିସର୍ବସ୍ୱ ଚିନ୍ତାଧାରା, ସଙ୍କୁଚିତ ତଥା କୁତ୍ସିତ ମନୋଭାବ ଓ ଉଦ୍‌ଭ୍ରାନ୍ତ ମାର୍ଗଦର୍ଶିକା ସାମାଜିକ ବିକାଶର ଯେ ପରିପନ୍ଥୀ ଏହା ନିଃସନ୍ଦେହରେ କୁହାଯାଇପାରେ।

ବିଶ୍ୱ ସଂସ୍କୃତିର ମହାମିଳନ ହୋଇଛି ଭାରତ ମାଟିରେ। ସଂଯମତା ଓ ସ୍ୱାର୍ଥହୀନତା ଏ ମାଟିର ଭିତ୍ତିଭୂମି। ଏଠାରେ ଆଧ୍ୟାତ୍ମିକତା ଓ ଆଧୁନିକତା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ଦେଖିବାକୁ ମିଳେ। ଏ ସବୁ ଦିଗରେ ବିଚାର କଲେ ପାଶ୍ଚାତ୍ୟ ଦେଶଠାରୁ ଆମ ଦେଶର ମହାନତା ଓ ଉଦାରତା ନିଶ୍ଚୟ ଅଧିକ। ମାତ୍ର ସାଂପ୍ରତିକ ପରିସ୍ଥିତିରେ ସମାଜର ଚିତ୍ରରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ। କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱର ନୀତି ନୈତିକତାରେ ପରିବର୍ତ୍ତନ ଆସିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ମନୁଷ୍ୟର ପ୍ରକୃତି ଓ ଚରିତ୍ରରେ ବିଶ୍ୱସନୀୟତାର ଚିହ୍ନ କ୍ରମଶଃ ନିଷ୍ପ୍ରଭ ହେବାରେ ଲାଗିଛି। ଅତୀତରେ ଦୁଇ ଦୁଇଟି ବିଶ୍ୱଯୁଦ୍ଧ ପୃଥିବୀ ସମ୍ମୁଖୀନ ହୋଇଛି। ବହୁ ଧନ ଜୀବନ ହାନିହୋଇଛି। ଅନେକ ମହାମାରୀର କରାଳତା ଓ ଭୟାବହତା ପୃଥିବୀ ମଧ୍ୟ ସାମ୍ନା କରିଛି। ଏବେ ମଧ୍ୟ ମହାମାରୀର ସମ୍ମୁଖୀନ ହୋଇଛି। ପ୍ରତିଟି ମୁହୂର୍ତ୍ତରେ ମଣିଷ ଧ୍ୱଂସ ପଥରେ ଅଗ୍ରସର ହେଉଛି। ନୂଆ ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ ପୂର୍ବକ ଉନ୍ନତମାନର ଯୁଦ୍ଧ ଅସ୍ତ୍ରଶସ୍ତ୍ର ନିର୍ମାଣ ଚାଲିଛି। ନିରସ୍ତ୍ରୀକରଣର ରାଜିନାମା କେଉଁଠି ନା କେଉଁଠି ବିଫଳ ହେଉଛି। ଏଭଳି ପ୍ରତିକୂଳ ପରିସ୍ଥିତି ମଧ୍ୟରେ ମାନବ ଏକ ଅନିଶ୍ଚିତତାବାଦ ଅଭିମୁଖେ ସତତ ଅଗ୍ରସର।

ସମଗ୍ର ବିଶ୍ୱରେ ଅନେକ ସମସ୍ୟା ଏବେ ବି ପ୍ରଗତିର ଗତି ଅବରୋଧ କରୁଛି। ଅଶିକ୍ଷା, ଅସ୍ୱାସ୍ଥ୍ୟ, ବେକାରି, ଦୁର୍ଭିକ୍ଷ, ଚୋରି, ଡକାୟତି, ଠକାମି, ଗୁଣ୍ଡାମି ପ୍ରଭୃତିର ଦୂରୀକରଣ ନିମନ୍ତେ କାହାର ଯେପରି ନିଘା ନାହିଁ। ମଣିଷ ସମାଜ ପ୍ରତି ସବୁଠାରୁ ବିପଦ ସୃଷ୍ଟି କରିଛି ନିଶାର ମାୟାଜାଲ। ଅଧିକାଂଶ ମନୁଷ୍ୟ ନିଶା ରାକ୍ଷସର କବଳରେ ଚିତ୍କାର କରୁଛନ୍ତି, ମାତ୍ର ମୁକ୍ତି ନାହିଁ। ଭାରତର ସାମ୍ପ୍ରତିକ ପରିସ୍ଥିତି ମଧ୍ୟ ଅତ୍ୟନ୍ତ ଦୁର୍ବିସହ। ଯେଉଁ ଭୂମି ଅନ୍ୟର ମଙ୍ଗଳ ଗାନରେ ସତମୁଖର ହେଉଥିଲା, ସେହି ମାଟିର ମଣିଷ ଆଜି ସାଜିଛି ବିବେକହୀନ ପଶୁ। ଶୋଷଣ, ବଳାତ୍କାର, ନିର୍ଯାତନା, ଦୁର୍ନୀତି ପ୍ରଭୃତିର କଳାଗୁଣଗୁଡିକ ଚନ୍ଦନ ସମ ଲେପିଛୁ ଆମେ ଆମ ଆପାଦମସ୍ତକ। ଯେତେ କଡା ଆଇନକାନୁନ୍ ହେଉ ପଛକେ ସେଥିରୁ କିଭଳି ସହଜରେ ଖସିହେବ ସେ ଅନ୍ଧାରୀ ବାଟ ଖୋଜିପାଇବାରେ ଆମେ ଯେପରି ମାହିର। ନିର୍ଯାତନା ଓ ବଳାତ୍କାର ବୃଦ୍ଧିପାଇବାରେ ଲାଗିଛି। ଆଇନର କଠୋରତା ଆପରାଧିକ ମାମଲାର ସଂଖ୍ୟା ହ୍ରାସ କରିବାରେ ବିଫଳ ହୋଇଛି। ମହିଳା ସୁରକ୍ଷାର ଯେତେ ଦ୍ୱାହି ଦେଲେ ବି ଯଥାର୍ଥ ଅର୍ଥରେ ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ଯେପରି କେଉଁଠି ନା କେଉଁଠି ବିଫଳ ହୋଇଛନ୍ତି। ନିର୍ଭୟା ଗଣବଳାତ୍କାରର ଲୋମହର୍ଷଣକାରୀ ଚିତ୍ର ମନରୁ ଲିଭି ନ ଥିବା ବେଳେ ଉତ୍ତରପ୍ରଦେଶର ହାଥରସ୍ ଘଟଣା ସମଗ୍ର ଦେଶରେ ନୂଆ ଏକ କଳଙ୍କ ସୃଷ୍ଟି କରିଛି। ନିରୀହା ଦଳିତ ବାଳିକାଜଣକ ଆରପୁରରେ ଚିତ୍କାର କରୁଛି ନ୍ୟାୟ ପାଇଁ। କିଏ ତାକୁ ନ୍ୟାୟ ଦେବ? ନିର୍ଭୟା ଗଣବଳାତ୍କାରର ଚାରିଜଣ ଅଭିଯୁକ୍ତଙ୍କୁ ଫାଶିଖୁଣ୍ଟରେ ଝୁଲାଯାଇଛି; ମାତ୍ର ତା'ର କିଛି ବି ପ୍ରଭାବ ପଡିନି ସଇତାନ ବଳାତ୍କାରୀମାନଙ୍କ ଉପରେ। ଆଗରୁ ମଧ୍ୟ ଅନେକ ଜଣକୁ ବିଭିନ୍ନ ଆପରାଧିକ ମକଦ୍ଦମାରେ ଫାଶିଦେବାର ନଜିର ଅଛି। ହେଲେ ସବୁ ଯେମିତି ପ୍ରଭାବହୀନ। ଏସମସ୍ତ ଦଣ୍ଡ ବିଧାନ ବଳାତ୍କାର ଆଦି କଦର୍ଯ୍ୟ କାର୍ଯ୍ୟରୁ ମଣିଷକୁ ନିବୃତ୍ତ କରିପାରୁନାହିଁ। ବରଂ ଦିନକୁ ଦିନ ଅପରାଧର ଶାଖାପ୍ରଶାଖା ବୃଦ୍ଧିପାଇବାରେ ଲାଗିଛି। ଥମିବାରେ ନାଁ ଧରୁନି।

ଏକ ସର୍ଭେ ଅନୁଯାୟୀ ୨୦୧୯ରେ ସମଗ୍ର ଭାରତରେ ୩୨୦୩୩ଟି ବଳାତ୍କାର ଜନିତ ମାମଲା ପଞ୍ଜୀକୃତ ହୋଇଥିଲା; ଯେଉଁଥିରେ କି ଅଠର ବର୍ଷ ବୟସରୁ ଉର୍ଦ୍ଧ୍ୱର ମାମଲା ଥିଲା ୨୭୦୯୩ ଟି ଓ ଅଠର ବର୍ଷ ବୟସ ତଳକୁ ମାମଲା ଥିଲା ୪୯୪୦ଟି। ଏହାର ଶତକଡା ହାରାହାରି ହିସାବ ଥିଲା ୪.୯ ପ୍ରତିଏକ ଲକ୍ଷ ଲୋକସଂଖ୍ୟା ଅନୁପାତରେ। ଅବଶ୍ୟ ୨୦୧୭ ଓ ୨୦୧୮ରେ ଶତକଡା ହାରାହାରି ୫.୨ ଠାରୁ ଟିକେ କମ୍ ଥିଲା। ଅନ୍ୟ ଆପରାଧିକ ମାମଲା ଯଦି ଦେଖାଯାଏ ତେବେ ଏକ ସର୍ଭେ ଅନୁଯାୟୀ ଭାରତରେ ୨୦୧୯ରେ ଏହାର ସଂଖ୍ୟା ଥିଲା ୫୧,୫୬,୧୭୨। ପ୍ରତି ଏକ ଲକ୍ଷ ଲୋକସଂଖ୍ୟାର ଏହା ୩୮୫.୫। ଉତ୍ତର ପ୍ରଦେଶର ସ୍ଥାନ ସମଗ୍ର ଦେଶରେ ପ୍ରଥମ। ଯଦି ସମଗ୍ର ବିଶ୍ୱର ଚିତ୍ର ଦେଖାଯାଏ ତେବେ ୨୦୨୦ର ପୃଥିବୀ ଜନସଂଖ୍ୟା ରିଭ୍ୟୁର ଏକ ଆକଳନ ଅନୁଯାୟୀ ବଳାତ୍କାର ମାମଲାର ଶୀର୍ଷରେ ଅଛି ଦକ୍ଷିଣ ଆଫ୍ରିକା, ଯାହାକି ପ୍ରତି ଏକ ଲକ୍ଷ ଲୋକସଂଖ୍ୟାରେ ଏହି ମାମଲାର ସଂଖ୍ୟା ହେଉଛି ୧୩୨.୪୦।

ମଣିଷ ସିନା ବିଜ୍ଞାନୀ ହୋଇଛି, ମାତ୍ର ସଦାଚାରଯୁକ୍ତ ମଣିଷଟିଏ ହୋଇପାରିନାହିଁ। ଯେପର୍ଯ୍ୟନ୍ତ ମଣିଷ ନିଜର ସକାରାତ୍ମକ ଦିବ୍ୟ ଗୁଣାବଳୀ ଉପରେ ବିଶ୍ୱାସ କରପାରିନି, ସେପର୍ଯ୍ୟନ୍ତ ଆଇନ କିଛି ପରିବର୍ତ୍ତନ କରିବା ଅସମ୍ଭବ ମନେହୁଏ। ଆଇନର କଠୋର ଶୃଙ୍ଖଳ ତା' ଶରୀରକୁ ସିନା ବାନ୍ଧି ପାରିବ, ହେଲେ ତା'ର କୁତ୍ସିତ ନକାରାତ୍ମକ ମାନସିକତାକୁ ସ୍ପର୍ଶ କରିପାରିବନି। ସୁତରାଂ ବର୍ତ୍ତମାନ ସମାଜର ନକାରାତ୍ମକ ମାନସିକତାରେ ବ୍ୟାପକ ପରିବର୍ତ୍ତନ ଆଜି ସମୟର ଏକ ଆହ୍ୱାନ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ

ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର

ମୋ-୮୨୪୯୧୩୭୦୯୧

## ପାଠକ ଶ୍ରେଷ୍ଠ ବିଚାରକ

### ଔଷଧ ଦୋକାନୀଙ୍କ ଜୁଲମ

ମହାଶୟ,

ଡାକ୍ତର ରୋଗ ପାଇଁ ଔଷଧ ଲେଖିବା ବେଳେ ଗୋଟିଏ ଔଷଧରୁ ୧୦ଟି ଲେଖାଏ ନେବାକୁ ଲେଖୁଛନ୍ତି। ଏହିଭଳି ତିନି ଚାରି ପ୍ରକାର ଔଷଧ କିଣିଲେ ପାଞ୍ଚଶହ କିମ୍ବା ତଦୂର୍ଦ୍ଧ୍ୱ ହୋଇଯାଉଛି। ଔଷଧ ଦୋକାନୀଙ୍କୁ ଅଧା ଔଷଧ ମାଗିଲେ ଦେଉନାହାନ୍ତି। ରୋଗୀକୁ ୧୦ଟି ଲେଖାଏ ନେବାକୁ ବାଧ୍ୟ କରୁଛନ୍ତି। ଚାରିଟା ପାଞ୍ଚଟା ମାଗିଲେ ମନା କରୁଛନ୍ତି। ତେଣୁ ଗରିବ ରୋଗୀଟିଏ କରଜ କରି ବାଧ୍ୟ ହେଉଛି ଦଶ ଦଶଟି ଔଷଧ ନେବା ପାଇଁ। ଅଳ୍ପ ଔଷଧ ନେଇ ପରେ ବାକି ଔଷଧ ନେଲେ ବି ଚଳିବ। ଏକାଥରେ ସବୁ ଔଷଧ ନେବାକୁ ଯେଉଁ ଗରିବ ରୋଗୀଟି ପାଖରେ ପଇସା ନ ଥିବ ସେ କ'ଣ ମରିବ ? ଏଥିପ୍ରତି କଣ' ସରକାରଙ୍କ କିଛି କର୍ତ୍ତବ୍ୟ ନାହିଁ। ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

–ରଘୁନାଥ ସାହୁ, ପୁରୀ

### ପ୍ରଶାସନ ଉପରେ ଭରସା ତୁଟି ଯାଉଛି

ରାଜ୍ୟରେ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ନାବାଳିକା ବଳାତ୍କାର, ଲୁଟ୍, ହତ୍ୟା, ରାହାଜାନିରେ ଲୋକେ ଅତିଷ୍ଠ ହେଉଛନ୍ତି। ଏଥିପ୍ରତି ପୋଲିସ ପ୍ରଶାସନ ଉପରେ ଭରସା ତୁଟି ଯାଉଛି। ଜୀବନ ଅସୁରକ୍ଷିତ ଏବଂ ମୂଲ୍ୟବାନ ଟଙ୍କା ଗହଣା ଅପରାଧୀମାନଙ୍କ ଦ୍ୱାରା ଲୁଟ୍ ହେଉଛି। ନାଗରିକମାନଙ୍କ କର୍ତ୍ତବ୍ୟ ତଥା ଅଧିକାର କ୍ଷୁଣ୍ଣ ହେଉଛି। ଦୋଷୀମାନଙ୍କ ପ୍ରତି କୋହଳ ମନୋଭାବ ରଖା ନ ଯାଉ। ସେମାନେ ବିନା ଶ୍ରମରେ ସ୍ୱାର୍ଥ ସାଧନରେ ନିଜକୁ ନିୟୋଜିତ କରୁଛନ୍ତି। ଧରପଗଡ଼ ଅଭିଯାନ କଡ଼ାକଡ଼ି ପାଳନ କରାଯାଉ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚୂତର ମୁକୁଳ ବାସେ ଆଗମନୀ ଆସିଲା
ଆସିଲା ସେ ପଥେ ଘାଟେ ପବନେ
ପୁଲକାଇ ଉଲସାଇ ଚରାଚର ବିଶ୍ୱ
ଆସିଲା ମୋ ଜରାଗତ ଜୀବନେ !
ଧରଣୀର ଧୂଳିରାଶି ହକିଲା ସହସା
ଶୋଭେ ଦିଶ କୁସୁମିତ ବସନେ। -(ଜୀବନ-ଦୋଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଭାରତୀୟ ଦଳ ଆଜି ଅଷ୍ଟ୍ରେଲିଆ ଯିବ

ନୂଆଦିଲ୍ଲୀ, ୧୧।୧୧

ଇଣ୍ଡିଆନ ପ୍ରିମିୟର ଲିଗ୍ ଶେଷ ହେବାପରେ ଏବେ ଭାରତୀୟ କ୍ରିକେଟ ଦଳର ଅଷ୍ଟ୍ରେଲିଆ ଗସ୍ତ ଉପରେ ନଜର ରହିଛି। ଭାରତୀୟ ଦଳରେ ସାମିଲ ହୋଇଥିବା ଖେଳାଳିମାନେ ଗୁରୁବାର ଦୁବାଇରୁ ସିଡ୍‌ନୀ ଯିବେ। ତେବେ ଟେଷ୍ଟ ସିରିଜ ପାଇଁ ଦଳରେ ସ୍ଥାନ ପାଇଥିବା ରୋହିତ ଶର୍ମା ଅଷ୍ଟ୍ରେଲିଆ ନ ଯାଇ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ। ଆଇପିଏଲ ସମୟରେ ସେ ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରିରେ ପୀଡ଼ିତ ହୋଇଥିଲେ। ସମ୍ପୂର୍ଣ୍ଣ ସୁସ୍ଥ ହେବାପରେ ସେ ଅଷ୍ଟ୍ରେଲିଆ ଗସ୍ତ କରିବେ। ଜାତୀୟ ଚୟନକର୍ତ୍ତାମାନେ ପ୍ରଥମେ ରୋହିତଙ୍କୁ ୩ଟି ଯାକ ଫର୍ମାଟରୁ ବାଦ୍ ଦେଇଥିଲେ। ରୋହିତ ଆହତ ଥିବା ଯୋଗୁ ମୁମ୍ବାଇ ଇଣ୍ଡିଆନ୍ସର ୪ଟି ଲିଗ୍ ମ୍ୟାଚ ଖେଳିପାରି ନ ଥିଲେ। ମାତ୍ର ସେ ପରେ ପ୍ରତ୍ୟାବର୍ତ୍ତନ କରି ଶେଷ ଲିଗ୍ ସହିତ କ୍ୱାଲିଫାୟର-୧ ଓ ଫାଇନାଲ ଖେଳି ଦଳକୁ ଚାମ୍ପିୟନ କରାଇଥିଲେ। ଆଇପିଏଲ ଫାଇନାଲ ଅବସରରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ଏକ ଇସ୍ତାହାର ଜାରି କରାଯାଇ ରୋହିତଙ୍କୁ ଟେଷ୍ଟ ସିରିଜ ପାଇଁ ଦଳରେ ସାମିଲ କରାଯାଇଥିବା ଦର୍ଶା ଯାଇଥିଲା। ସମ୍ପୂର୍ଣ୍ଣ ଫିଟ୍ ହେବାପାଇଁ ତାଙ୍କୁ ଟି୨୦ ଓ ଦିନିକିଆ ସିରିଜ ପାଇଁ ଦଳରେ ନିଆଯାଇ ନ ଥିଲା। ରୋହିତ ଏବେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀରେ ଚିକିତ୍ସିତ ହେବେ। ଫିଟ୍‌ନେସ୍ ଟେଷ୍ଟରେ ଉତ୍ତୀର୍ଣ୍ଣ ହେଲେ ସେ ଟେଷ୍ଟ ସିରିଜ ପୂର୍ବରୁ ଅଷ୍ଟ୍ରେଲିଆ ଗସ୍ତରେ ଯିବେ। ଭାରତୀୟ ଦଳର ଅଷ୍ଟ୍ରେଲିଆ ଗସ୍ତ ନଭେମ୍ବର ୨୭ରୁ ଜାନୁୟାରୀ ୧୯ ପର୍ଯ୍ୟନ୍ତ ରହିବ। ଟେଷ୍ଟ ସିରିଜ ଆଡିଲେଡ୍‌ରେ ଡିସେମ୍ବର ୧୭ରୁ ଆରମ୍ଭ ହେବ।



କୋଚ୍ ରବି ଶାସ୍ତ୍ରୀ ଓ ଅଧିନାୟକ ବିରାଟ କୋହଲି।

ପ୍ରଥମ ସନ୍ତାନର ଜନକ ହେବାକୁ ଯାଉଥିବାରୁ ଅଧିନାୟକ ବିରାଟ କୋହଲି ପ୍ରଥମ ଟେଷ୍ଟ ପରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ। କୋହଲି ଏବଂ ତାଙ୍କ ଅଭିନେତ୍ରୀ ସ୍ତ୍ରୀ ଅନୁଷ୍କା ଶର୍ମା ଜାନୁୟାରୀ ପ୍ରଥମଭାଗରେ ସନ୍ତାନ ଆଶା କରୁଛନ୍ତି। ତେଣୁ ପ୍ରଥମ ଟେଷ୍ଟ ପରେ ତାଙ୍କୁ ଛୁଟି ଦେବାପାଇଁ କୋହଲି ବିସିସିଆଇକୁ ଅନୁରୋଧ କରିଥିଲେ। ଏହା ମଞ୍ଜୁର ହୋଇଥିବାରୁ ଡିସେମ୍ବର ୧୭ରୁ ୨୧ ପର୍ଯ୍ୟନ୍ତ ହେବାକୁଥିବା ଦିବାରାତ୍ର ଟେଷ୍ଟ ପରେ କୋହଲି ଫେରି ଆସିବେ। ବିଦେଶ ମାଟିରେ ଭାରତର ଏହା ହେବ ପ୍ରଥମ ଦିବାରାତ୍ର ଟେଷ୍ଟ। ତେବେ କୋହଲି ଚାହିଁଲେ ମଧ୍ୟ ପୁଣି ଅଷ୍ଟ୍ରେଲିଆ ଯାଇ ୩ୟ କିମ୍ବା ୪ର୍ଥ ଟେଷ୍ଟ ଖେଳିପାରିବେ ନାହିଁ। କାରଣ କୋଭିଡ-୧୯କୁ ଦୃଷ୍ଟିରେ

**ରୋହିତ ଯିବେନି, ସମ୍ପୂର୍ଣ୍ଣ ଫିଟ୍ ହେଲେ ଦଳ ସହ ଯୋଗଦେବେ**

ରଖି ଅଷ୍ଟ୍ରେଲିଆ ସରକାରଙ୍କ ଭ୍ରମଣ ଗାଇଡଲାଇନ୍ ଅନୁସାରେ କୌଣସି ବ୍ୟକ୍ତି ଦେଶକୁ ଆସିଲେ ୧୪ ଦିନିଆ କ୍ୱାରାଣ୍ଟାଇନ୍ ବାଧ୍ୟତାମୂଳକ। ତେଣୁ କୋହଲିଙ୍କୁ ଆଉ ଏତେ ସମୟ ମିଳିବନାହିଁ ବୋଲି ଟିମ୍ ମ୍ୟାନେଜମେଣ୍ଟ ଅବଗତ ଅଛି। ବର୍ଡର-ଗାଭାସ୍କର ସିରିଜର ଅନ୍ତିମ ଦୁଇଟି ଟେଷ୍ଟ ସିଡ୍‌ନୀରେ ଜାନୁୟାରୀ ୭ରୁ ୧୧ ଏବଂ ବ୍ରିସ୍‌ବେନ୍‌ରେ ଜାନୁୟାରୀ ୧୫ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ବିସିସିଆଇ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ସ୍ୱତନ୍ତ୍ର ଚାର୍ଟାର୍ଡ ବିମାନରେ ଭାରତୀୟ ଦଳ ସହ କୋହଲି ସପରିବାର ଅଷ୍ଟ୍ରେଲିଆ ଯିବେ। ୧୩ ତାରିଖରେ ପହଞ୍ଚିବାପରେ ଭାରତୀୟ ଖେଳାଳିଙ୍କ ୨ ସପ୍ତାହ କ୍ୱାରାଣ୍ଟାଇନ୍ ଅବଧି ଆରମ୍ଭ ହେବ। ତେବେ ଏହି ସମୟ ମଧ୍ୟରେ ଭାରତୀୟ ଦଳକୁ ଟ୍ରେନିଂ ସୁବିଧା ଉପଲବ୍ଧ ହେବ। ଆସନ୍ତା ୧୪ ତାରିଖରୁ ସିଡ୍‌ନୀରେ ଟିମ୍ ଇଣ୍ଡିଆ ଅଭ୍ୟାସ ଆରମ୍ଭ କରିବ। ଟେଷ୍ଟ ସିରିଜ ପୂର୍ବରୁ ଭାରତୀୟ ଦଳ ୨ଟି ୱାର୍ମଅପ୍ ମ୍ୟାଚ ଖେଳିବ। ଦ୍ୱିତୀୟ ୱାର୍ମଅପ୍ ଦିବାରାତ୍ର ବିଶିଷ୍ଟ ହେବ। ଅଷ୍ଟ୍ରେଲିଆ 'ଏ' ବିପକ୍ଷ ଡିସେମ୍ବର ୬ରୁ ୮ ପ୍ରଥମ ୱାର୍ମଅପ୍ ଗେମ୍ ସମୟରେ ଭାରତୀୟ ଦଳ ଟି୨୦ ଅନ୍ତର୍ଜାତୀୟ ସିରିଜ ଖେଳୁଥିବ। ତେଣୁ ଅଧିକାଂଶ ଖେଳାଳି ଏଥିରେ ଯୋଗଦେଇ ପାରିବେ ନାହିଁ। କେତେଜଣ ଟେଷ୍ଟ ସ୍ପେଶାଲିଷ୍ଟ ଓ ନେଟ୍ ବୋଲର ଏଥିରେ ଭାଗନେଇପାରିବେ। ତେବେ ଡିସେମ୍ବର ୧୧ରୁ ୧୩ ପର୍ଯ୍ୟନ୍ତ ହେବାକୁଥିବା ଦ୍ୱିତୀୟ ୱାର୍ମଅପ୍ ମ୍ୟାଚବେଳକୁ ସମସ୍ତ ଖେଳାଳି ଉପଲବ୍ଧ ହେବେ। ଆଇପିଏଲ ସମୟରେ ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରିରେ ଥିବା ଋଦ୍ଧିମାନ ଶାହା ଭାରତୀୟ ଦଳ ସହ ଅଷ୍ଟ୍ରେଲିଆ ଯିବେ। ତେବେ ଏନସିଏରେ ଫିଟ୍‌ନେସ ଟେଷ୍ଟ ଦେଉଥିବା ଦ୍ରୁତ ବୋଲର ଈଶାନ୍ତ ଶର୍ମା ପରେ ଅଷ୍ଟ୍ରେଲିଆ ଯିବେ।

# ସ୍ୱଦେଶୀ ଜର୍ସି ପିନ୍ଧିବେ ଅଷ୍ଟ୍ରେଲିଆ ଖେଳାଳି

ମେଲବୋର୍ନ,୧୧।୧୧

ଆସନ୍ତାମାସରେ ଆୟୋଜନ ହେବାକୁ ଥିବା ଭାରତ ବିପକ୍ଷ ଟି୨୦ ସିରିଜ ପାଇଁ ଅଷ୍ଟ୍ରେଲିଆ ଖେଳାଳିମନେ ପ୍ରଥମଥର ପାଇଁ ସ୍ୱଦେଶୀ ଜର୍ସି ପିନ୍ଧିବେ। କ୍ରିକେଟ ଅଷ୍ଟ୍ରେଲିଆ ବୁଧବାର ଆନୁଷ୍ଠାନିକ ଭାବେ ଏହି ଜର୍ସି ଉନ୍ମୋଚନ କରିଛି। ନିର୍ମାତା କମ୍ପାନୀ ଏଏସ୍‌ଆଇସିଏସ୍ ଓ ଦୁଇଜଣ ଦେଶୀ ମହିଳା ଅଣ୍ଟି ଫିଓନା କ୍ଲାର୍କ ଓ କର୍ଟନୀ ହେଗେନଙ୍କ ସହଯୋଗରେ ଏହି ଜର୍ସି ତିଆରି କରାଯାଇଛି। କ୍ରିକେଟରେ ଦେଶୀ ଅଷ୍ଟ୍ରେଲୀୟମାନଙ୍କୁ ସାମିଲ କରିବା ପାଇଁ ଏବେ ପ୍ରୟାସ କରାଯାଉଛି।

ଚଳିତବର୍ଷ ପ୍ରାରମ୍ଭରେ ଇଂଲଣ୍ଡ ବିପକ୍ଷ ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲୀୟ ମହିଳା ଖେଳାଳିମାନେ ଏହି ସ୍ୱଦେଶୀ ଜର୍ସି ପିନ୍ଧି ଖେଳିଥିଲେ। ଏଥର ଗ୍ରୀଷ୍ମରେ ଅଷ୍ଟ୍ରେଲିଆ ପୁରୁଷ ଦଳ ଏହି ସ୍ୱଦେଶୀ ଜର୍ସି ପିନ୍ଧି ଫାର୍ଷ୍ଟ ନେଶନ୍ସ ପିପୁଲ ଉତ୍ସବ ପାଳନ କରିବ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ତରଫରୁ କୁହାଯାଇଛି। ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଆଦିବାସୀ କ୍ରିକେଟରଙ୍କୁ ସମ୍ମାନ ଜଣାଇ ଏହି ଜର୍ସି ତିଆରି କରାଯାଇଛି। ଅଷ୍ଟ୍ରେଲିଆ ତାରକା



ମିଚେଲ ଷ୍ଟାର୍କ

ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଏହି ଜର୍ସି ପିନ୍ଧି ପ୍ରଥମେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହା ଆମର ପ୍ରଥମ ସ୍ୱଦେଶୀ ଜର୍ସି ହୋଇଥିବାରୁ ଏହାକୁ ପିନ୍ଧି ଖେଳିବାକୁ ବେଶ୍ ଉତ୍ସାହିତ ଅଛି ବୋଲି ଷ୍ଟାର୍କ କହିଛନ୍ତି। ସିଡ୍‌ନୀରେ ୨୭ ନଭେମ୍ବରରୁ ଦିନିକିଆ ମ୍ୟାଚ୍ ଖେଳି ଭାରତ ତା'ର ଅଷ୍ଟ୍ରେଲିଆ ଗସ୍ତ ଆରମ୍ଭ କରିବ। ଏହି ଗସ୍ତରେ ଭାରତ ୩ଟି ଲେଖାଏ ଦିନିକିଆ ଓ ଟି୨୦ ମ୍ୟାଚ୍ ଖେଳିବା ପରେ ୪ଟି ଟେଷ୍ଟ ଖେଳିବ।

# ଟାଟା ଷ୍ଟିଲ୍ ରାପିଡ୍ ଆଣ୍ଡ୍ ବ୍ଲିଜ୍ ଚେସ୍ ଟୁର୍ନାମେଣ୍ଟ ବାତିଲ

**କୋଲକାତା, ୧୧।୧୧:** କୋଭିଡ୍- ୧୯ ମହାମାରୀ କାରଣରୁ ଆଉ ଏକ ମେଗା ଚେସ୍ ଇଭେଣ୍ଟ ବାତିଲ ହୋଇଛି। ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଟାଟା ଷ୍ଟିଲ ଚେସ୍ ଇଣ୍ଡିଆ ରାପିଡ୍ ଆଣ୍ଡ ବ୍ଲିଜ ଟୁର୍ନାମେଣ୍ଟର ୨୦୨୦ ସଂସ୍କରଣକୁ ବାତିଲ କରାଯାଇଛି। ଏହି ଚେସ୍ ପ୍ରତିଯୋଗିତା ଭାରତର ପ୍ରଥମ ଚେସ୍ ସୁପର ଟୁର୍ନାମେଣ୍ଟର ମାନ୍ୟତା ପାଇଥିଲା। ଗତ ଦୁଇଟି ସଂସ୍କରଣରେ ଏହି ଚେସ୍ ପ୍ରତିତଯୋଗିତା ଗ୍ଲୋବାଲ ଚେସ୍ କ୍ୟାଲେଣ୍ଡରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲା। ବିଶ୍ୱର ଏକାଧିକ ତାରକା ଖେଳାଳି ଏଥିରେ ଅଂଶଗ୍ରହଣ କରିଛନ୍ତି। ୨୦୧୯ ସଂସ୍କରଣରେ ମାଗ୍ନସ କାର୍ଲସେନ ଅଂଶଗ୍ରହଣ କରି ଚାମ୍ପିୟନ ହୋଇଥିଲେ। ଗ୍ରାଣ୍ଡ ଚେସ୍ ଟୁରର ଅଂଶବିଶେଷ ହୋଇଥିବା ଏହି ଟୁର୍ନାମେଣ୍ଟରେ ୧୦ଜଣ ଗ୍ରାଣ୍ଡମାଷ୍ଟର ଭାଗ ନେଇଥିଲେ। ପେସାଦାର ଚେସ୍ ଖେଳାଳି, ଚେସ୍ ଜର୍ନାଲିଷ୍ଟ ଓ ଚେସ୍ ପ୍ରେମୀଙ୍କ ନିକଟରେ ଏହାର ଲୋକପ୍ରିୟତା ଶୀର୍ଷକୁ ଛୁଇଁ ଥିଲା। ଚେସ୍ ସହିତ ଜଡିତ ରହି ଆମେ ଗର୍ବିତ। ଗତ ଦୁଇଟି ସଂସ୍କରଣକୁ ବେଶ୍ ସଫଳତାର ସହ ଆୟୋଜନ କରିଥିଲୁ। ଭବିଷ୍ୟତରେ ମଧ୍ୟ ଏହି ଟୁର୍ନାମେଣ୍ଟ ଆମେ ଆୟୋଜନ କରିବୁ। ଏହାର ଲୋକପ୍ରିୟତାରେ ମଧ୍ୟ ଆହୁରି ବୃଦ୍ଧି ପରିଲକ୍ଷିତ ହେବ। କିନ୍ତୁ କୋଭିଡ୍-୧୯ ମହାମାରୀ ପ୍ରକୋପକୁ ଦୃଷ୍ଟିରେ ରଖି ଏଥର ଏହି ଟୁର୍ନାମେଣ୍ଟକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛୁ ବୋଲି ଟାଟା ଷ୍ଟିଲ୍ କର୍ପୋରେଟ ସର୍ଭିସ ଉପସଭାପତି ଚାଣକ୍ୟ ଚୌଧୁରୀ କହିଛନ୍ତି।

# ଆଇପିଏଲ-୧୪ରେ ୯ ଦଳ ଖେଳିବା ସମ୍ଭାବନା

ଦୁବାଇ, ୧୧।୧୧

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୩ତମ ସଂସ୍କରଣ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ସଫଳତାର ସହ ସମ୍ପନ୍ନ ହୋଇଛି। ଫାଇନାଲରେ ମୁମ୍ବାଇ ଇଣ୍ଡିଆନ୍ସ ୫ ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇ ୫ମ ଥରପାଇଁ ଚାମ୍ପିୟନ ହୋଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆଗାମୀ ବର୍ଷ ଏହାକୁ ଆହୁରି ଭଲଭାବେ ଭାରତରେ ଆୟୋଜନ କରିବାକୁ ଚିନ୍ତା କରୁଛି। ଏଥିପାଇଁ ମେଗା ନିଲାମ ପ୍ରକ୍ରିୟା ହେବା ସହ ୨୦୨୧ ଆଇପିଏଲକୁ ୯ ଦଳବିଶିଷ୍ଟ କରାଯିବାକୁ ଯୋଜନା ରହିଛି। ଆସନ୍ତା ୨-୩ ସପ୍ତାହ ମଧ୍ୟରେ ଆଇପିଏଲ ଗଭର୍ନିଂ କାଉନସିଲ୍ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି ବିସିସିଆଇର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଆଇପିଏଲର ୧୪ତମ ସଂସ୍କରଣକୁ ଦୃଷ୍ଟିରେ ରଖି ଆସନ୍ତାବର୍ଷ ପ୍ରାରମ୍ଭରେ ହେବାକୁଥିବା ମେଗା ନିଲାମ ପ୍ରକ୍ରିୟା ପାଇଁ ପ୍ରସ୍ତୁତ ରହିବାକୁ ଫ୍ରାଞ୍ଚାଇଜ୍‌ଗୁଡ଼ିକୁ ବିସିସିଆଇ ଜଣାଇ ଦେଇଥିବା ବିଭିନ୍ନ ରିପୋର୍ଟରୁ ଜଣାପଡ଼ିଛି। ''ଆନୁଷ୍ଠାନିକଭାବେ ପ୍ରକାଶ କରାଯାଇ ନ ଥିଲେ ହେଁ ଆଉ କିଛିମାସ ପରେ ହେବାକୁଥିବା ନିଲାମ ପ୍ରକ୍ରିୟା ପାଇଁ ପ୍ରସ୍ତୁତ ରହିବାକୁ ବିସିସିଆଇ ଆମକୁ ଜଣାଇ ଦେଇଛି। ଫଳରେ ବିସିସିଆଇ ଏଥିପାଇଁ ଯୋଜନା



କରିଥିବା ସ୍ପଷ୍ଟ ହୋଇଛି। ଆଉ ଏକ ନୂଆ ଦଳ ଆସିବାକୁ ଥିବାରୁ ମେଗା ନିଲାମ ପ୍ରକ୍ରିୟା ହେବା ସ୍ୱାଭାବିକ ବୋଲି ଜଣେ ଫ୍ରାଞ୍ଚାଇଜ୍ ମାଲିକ ଏକ ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି।

ଆସନ୍ତା ଆଇପିଏଲ୍‌ରେ ୯ମ ଫ୍ରାଞ୍ଚାଇଜ୍ ଆକର୍ଷଣରେ ରହିବ। ଏହି ଫ୍ରାଞ୍ଚାଇଜ୍ ଅହମ୍ମଦାବାଦ ଭିତ୍ତିକ ହେବ ଏବଂ ଏହାର ଘରୋଇ ପଡ଼ିଆ ସର୍ଦ୍ଦାର ପଟେଲ ଷ୍ଟାଡିୟମ (ମେଟେରା) ହେବା ସମ୍ଭାବନା ରହିଛି। ମେଗା ନିଲାମ ପ୍ରକ୍ରିୟାରେ ଏକ ଫ୍ରାଞ୍ଚାଇଜ୍ ଅତି ବେଶିରେ ୩ ଜଣ ଖେଳାଳିଙ୍କୁ ଅପରିବର୍ତ୍ତିତ ରଖିପାରିବେ। ରାଇଟ୍ ଟୁ ମ୍ୟାଚ(ଆରଟିଏମ୍) କାର୍ଡ ପ୍ରୟୋଗ କରି ଆଉ ୨ ଜଣ ଖେଳାଳିଙ୍କୁ ସେମାନେ ନେଇ ପାରିବେ। ଆଗାମୀ ନିଲାମ ପ୍ରକ୍ରିୟାରେ ଏହି ନିୟମ ବଳବତ୍ତର ରହିବ କିମ୍ବା ନୂଆ ନିୟମରେ କରାଯିବ ତାହା ସ୍ପଷ୍ଟ ହୋଇନାହିଁ। ''ବର୍ତ୍ତମାନ ସ୍ଥିତିରେ ନୂଆ ଫ୍ରାଞ୍ଚାଇଜ୍ ଆସିଲେ ଖେଳାଳି ଅପରିବର୍ତ୍ତିତ ରଖିବା ନୀତି ଲାଗୁ ହେବା ଉଚିତ। ସବୁ ଖେଳାଳିଙ୍କୁ ନିଲାମ ପାଇଁ ଛାଡ଼ିଦେବା ବୁଦ୍ଧିମାନର କାର୍ଯ୍ୟ ହେବନାହିଁ। ତାରକା ଖେଳାଳିଙ୍କ ବ୍ରାଣ୍ଡ ଭାଲ୍ୟୁ ସହିତ ଦଳଗୁଡ଼ିକୁ ସାଲିସ କରିବାକୁ ପଡ଼ିବ'' ବୋଲି ଆଉ ଜଣେ ଫ୍ରାଞ୍ଚାଇଜ୍ ଅଫିସିଆଲ କହିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ମେଗା ନିଲାମ ପ୍ରକ୍ରିୟା ହେଲେ ଚେନ୍ନାଇ ସୁପରକିଙ୍ଗ୍ସ ପରି ଦଳକୁ ଆଶ୍ୱସ୍ତି ମିଳିବ। ଆଇପିଏଲ-୨୦୨୦ରେ ବିପର୍ଯ୍ୟୟ ପରେ ଦଳ ପୁନର୍ଗଠିତ ହେବା ସମ୍ପର୍କରେ ଚେନ୍ନାଇ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ସୂଚନା ଦେଇଥିଲେ। ଏ କ୍ଷେତ୍ରରେ ବିସିସିଆଇ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଥିବା ସେ ପ୍ରକାଶ କରିଥିଲେ। କେବଳ ଚେନ୍ନାଇ ନୁହେଁ , ରାଜସ୍ଥାନ ରୟାଲ୍ସ, କିଙ୍ଗ୍ସ ଇଲେଭେନ ପଞ୍ଜାବ, ସନ୍‌ରାଇଜର୍ସ ହାଇଦ୍ରାବାଦ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟ ଆସନ୍ତା ସିଜନ ପାଇଁ ବିସିସିଆଇର ମେଗା ନିଲାମ ପ୍ରକ୍ରିୟାକୁ ସ୍ୱାଗତ କରିବେ ବୋଲି କହିଛନ୍ତି। ମେଗା ନିଲାମ ପ୍ରକ୍ରିୟା ହେଲେ ବିସିସିଆଇକୁ ଶୀଘ୍ର ନିଷ୍ପତ୍ତି ନେବାକୁ ପଡ଼ିବ। କାରଣ ଏହାକୁ ଜାନୁୟାରୀ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହ ମଧ୍ୟରେ ସାରିବାକୁ ହେବ।

# ଆଇସୋଲେଶନ ନିୟମ ଭାଙ୍ଗି ୱେଷ୍ଟଇଣ୍ଡିଜ ଖେଳାଳି ଦଣ୍ଡିତ

ୱେଲିଂଟନ,୧୧।୧୧

୧୪ ଦିନିଆ କ୍ୱାରାଣ୍ଟାଇନ୍ ନିୟମ ଭାଙ୍ଗିଥିବାରୁ ୱେଷ୍ଟଇଣ୍ଡିଜ୍ କ୍ରିକେଟରମାନଙ୍କୁ ଦଣ୍ଡତ କରାଯାଇଛି। ଖେଳାଳିମାନଙ୍କୁ ଏଥିପାଇଁ ଟ୍ରେନିଂ ନେବାରୁ ବଞ୍ଚିତ କରାଯାଇଛି। ନ୍ୟୁଜିଲାଣ୍ଡ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏ ନେଇ ସୂଚନା ଦେଇଛି। ଖେଳାଳିମାନେ ଆଇସୋଲେଶନ ନିୟମ ଭାଙ୍ଗି ଖ୍ରୀଷ୍ଟଚର୍ଚ୍ଚସ୍ଥିତ ଟିମ୍ ହୋଟେଲରେ ମିଶି ଖାଦ୍ୟ ବାଣ୍ଟି ଖାଇଥିଲେ। ସିସିଟିଭି ଫୁଟେଜରୁ ଏହା ସ୍ପଷ୍ଟ ଭାବେ ଜଣାପଡୁଛି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଏହି ଘଟଣା ହୋଟେଲରେ ଘଟିଥିବାରୁ ସର୍ବସାଧାରଣଙ୍କ ପାଇଁ କୌଣସି ବିପଦ ନାହିଁ ବୋଲି ସ୍ପଷ୍ଟ କରାଯାଇଛି।

କୋଭିଡ୍-୧୯ ନିୟମ ଅନୁସାରେ ୱେଷ୍ଟଇଣ୍ଡିଜ ଦଳ ୧୪ ଦିନିଆ ଆଇସୋଲେଶନରୁ ୧୨ ଦିନ କାଟି ସାରିଥିଲେ। ତେଣୁ ନିୟମ ଭାଙ୍ଗିଥିବାରୁ ଖେଳାଳିମାନେ ଏବେ ପୂରା ଆଇସୋଲେଶନ ଅବଧି ଶେଷ ନ ହେବା ଯାଏ ଟ୍ରେନିଂରେ ଅଂଶଗ୍ରହଣ କରିପାରିବେ ନାହିଁ। ଯଦି ପୁଣି ଏଭଳି କିଛି ଘଟଣା ଘଟେ ତା'ହେଲେ ଆଇସୋଲେଶନ ପିରିୟଡକୁ ଆହୁରି ବୃଦ୍ଧି କରାଯିବ ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଖେଳାଳିମାନେ ଜାଣିଶୁଣି ନିୟମ ଭାଙ୍ଗିବା ଦୁର୍ଭାଗ୍ୟଜନକ ବୋଲି ୱେଷ୍ଟଇଣ୍ଡିଜ କ୍ରିକେଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଜୋନୀ ଗ୍ରେଭ୍ କହିଛନ୍ତି। କୋଭିଡ୍-୧୯କୁ ନିୟନ୍ତ୍ରଣ କରିବାରେ ନ୍ୟୁଜିଲାଣ୍ଡ



ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିଛି। ତେଣୁ ଖେଳାଳିଙ୍କ ଏଭଳି ଆଚରଣ ଗ୍ରହଣୀୟ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ନ୍ୟୁଜିଲାଣ୍ଡ ଗସ୍ତରେ ୱେଷ୍ଟଇଣ୍ଡିଜ ୩ଟି ଟି୨୦, ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ। ନ୍ୟୁଜିଲାଣ୍ଡ ଗସ୍ତରେ ଯିବା ପୂର୍ବରୁ ଅଧିକାଂଶ ୱେଷ୍ଟଇଣ୍ଡିଜ ଖେଳାଳି ବିଭିନ୍ନ ଘରୋଇ ଟି୨୦ ଲିଗ୍ ଖେଳି ଏକାଠି ହୋଇଥିଲେ।

# ପାକ୍ ଦଳରୁ ବାଦ୍ ପଡ଼ିଲେ ଆସାଦ, ଆମୀର, ମଲିକ

**କରାଚୀ,୧୧।୧୧:** ଆଗାମୀ ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ପାକିସ୍ତାନ ଏକ ୩୫ ଜଣିଆ ଯୁବ ଦଳ ଘୋଷଣା କରିଛି। ୩ଟି ଯାକ ଫର୍ମାଟ ପାଇଁ ବାବର ଆଜମଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଛି। ତେବେ ଏହି ଦଳରୁ ୩ଜଣ ବରିଷ୍ଠ ଖେଳାଳି ସୋଏବ ମଲିକ, ମହମ୍ମଦ ଆମୀର ଓ ଆସାଦ ସାଫିକଙ୍କୁ ବାଦ୍ ଦିଆଯାଇଛି। ଏମାନଙ୍କ ବଦଳରେ ପ୍ରତିଭାସମ୍ପନ୍ନ ଯୁବ ଖେଳାଳିଙ୍କୁ ସୁଯୋଗ ଦିଆଯାଇଛି। ନ୍ୟୁଜିଲାଣ୍ଡ ଗସ୍ତରେ ପାକିସ୍ତାନ ୩ ଟି୨୦ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ। ଏହି ଗସ୍ତ ବାବର ଆଜମଙ୍କ ପାଇଁ ନୂଆ ପରୀକ୍ଷା ସୃଷ୍ଟି କରିବ। ଉଇକେଟକିପର ମହମ୍ମଦ ରିଜୱାନଙ୍କୁ ଟେଷ୍ଟ ସିରିଜ ପାଇଁ ଉପ ଅଧିନାୟକ ନିଯୁକ୍ତ କରାଯାଇଛି। ସେହିପରି ଟି୨୦ରେ ୨୨ ବର୍ଷୀୟ ଅଲରାଉଣ୍ଡର ସଦାବ ଖାନ୍ ଆଜମଙ୍କ ଡେପୁଟି ଭାବେ କାର୍ଯ୍ୟ କରିବେ। ମିସ୍‌ବା-ଉଲ୍- ହକ୍ ଦଳରେ ମୁଖ୍ୟ ଚୟନକର୍ତ୍ତା ଓ ହେଡ୍ କୋଚ୍ ରହିଛନ୍ତି।

ଦ୍ରୁତ ବୋଲର ନିସିମ ଶାହା, ଶାହିନ ଶାହା ଆଫ୍ରିଦିଙ୍କ ସମେତ ନବାଗତ ଖେଳାଳିଭାବେ ବ୍ୟାଟ୍ସମ୍ୟାନ ଡେନିସ ଅଜିଜ୍ ଓ ଇମ୍ରାନ ବଟ୍ଟ, ଉଇକେଟକିପର ରୋହେଲ ନାଜିର, ଦ୍ରୁତ ବୋଲର ଅମାଦ ବଟ୍ଟଙ୍କୁ ଦଳରେ ସାମିଲ କରାଯାଇଛି।

# ରୋହିତ ଭାରତୀୟ ଟି୨୦ ଦଳର ନେତୃତ୍ୱ ନେବା ଉଚିତ: ପୂର୍ବତନ କ୍ରିକେଟର

**ନୂଆଦିଲ୍ଲୀ,୧୧।୧୧:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଦୃଷ୍ଟାନ୍ତମୂଳକ ସଫଳତା ହାସଲ କରିବା ପରେ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ୍ ଶର୍ମାଙ୍କୁ ପୂର୍ବତନ କ୍ରିକେଟରମାନେ ଭୂୟସୀ ପ୍ରଶଂସା କରିଛନ୍ତି। ରୋହିତ ଏବେ ଭାରତୀୟ ଟି୨୦ ଦଳରେ ଅଧିନାୟକ ହେବା ଉଚିତ ବୋଲି ସେମାନେ ମତ ଦେଇଛନ୍ତି। ରୋହିତଙ୍କ ନେତୃତ୍ୱରେ ମୁମ୍ବାଇ ପଞ୍ଚମଥର ପାଇଁ ଆଇପିଏଲ୍ ଟାଇଟଲ ହାସଲ କରିବା ପରେ ଏଭଳି ମନ୍ତବ୍ୟ ଦେଇଛନ୍ତି ପୂର୍ବତନ କ୍ରିକେଟରମାନେ। ଅନ୍ୟପଟେ ଭାରତୀୟ ନିୟମିତ ଅଧିନାୟକ ବିରାଟ କୋହଲି ୮ଟି ସଂସ୍କରଣ ଖେଳିବା ସତ୍ତ୍ୱେ ଏପର୍ଯ୍ୟନ୍ତ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ପାଇଁ ଆଇପିଏଲ ଟାଇଟଲ ଜିତିପାରି ନାହାନ୍ତି। ରୋହିତ ଟି୨୦ ଓ ଦିନିକିଆ ଫର୍ମାଟରେ କୋହଲିଙ୍କ ଡେପୁଟି ରହିଛନ୍ତି। ସଦ୍ୟ ସମାପ୍ତ ଦିଲ୍ଲୀ ବିପକ୍ଷ ଆଇପିଏଲ୍ ଫାଇନାଲ ମ୍ୟାଚ୍‌ରେ ରୋହିତ ସର୍ବାଧିକ ଦ୍ରୁତ ୬୮ ରନ ସଂଗ୍ରହ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଆରସିବି ପ୍ଲେ- ଅଫ୍‌ରେ ଏଲିମିନେଟ୍ ହୋଇଥିଲା।

ଯଦି ରୋହିତ ଭାରତର ଅଧିନାୟକ ନ ହୁଅନ୍ତି ତେବେ ଏହା ସେମାନଙ୍କ କ୍ଷତି ହେବ, ରୋହିତଙ୍କର ନୁହେଁ ବୋଲି ପୂର୍ବତନ ଓପନର ଗୌତମ ଗମ୍ଭୀର କହିଛନ୍ତି। ରୋହିତ ୫ଟି ଆଇପିଏଲ୍ ଟାଇଟଲ ଜିତିଛନ୍ତି ଓ ଟୁର୍ନାମେଣ୍ଟ ଇତିହାସରେ ସଫଳତମ ଅଧିନାୟକ ସାବ୍ୟସ୍ତ ହୋଇଛନ୍ତି। ଯଦି ରୋହିତଙ୍କୁ ନେତୃତ୍ୱ ଦିଆ ନ ଯାଏ ତେବେ ଏହା ଲଜ୍ଜାଜନକ ବିଷୟ ହେବ। ସୀମିତ ଓଭରରେ ରୋହିତ ନିଶ୍ଚିତ ଭାବେ କୋହଲିଙ୍କଠାରୁ ଭଲ ଅଧିନାୟକ ସାବ୍ୟସ୍ତ ହେବେ। ତେଣୁ ଭାରତର ନେତୃତ୍ୱକୁ ଏବେ ଭାଗ କରିବାର ସମୟ ଆସି ଉପନୀତ ହୋଇଛି। ଭିନ୍ନ ଭିନ୍ନ ଫର୍ମାଟ ପାଇଁ ଅଲଗା ନେତୃତ୍ୱର ଆବଶ୍ୟକତା ରହିଛି। ତେବେ କୋହଲି ଅଧିନାୟକ ହିସାବରେ ଖରାପ କହୁନାହିଁ ବୋଲି ଗମ୍ଭୀର ସ୍ପଷ୍ଟ କରିଛନ୍ତି। ତେବେ ରୋହିତ ଅପେକ୍ଷାକୃତ ଭଲ ଅଧିନାୟକ ହୋଇପାରିବେ ବୋଲି ସେ କହିଛନ୍ତି। ସେହିପରି ପୂର୍ବତନ ଇଂଲଣ୍ଡ ଅଧିନାୟକ ମାଇକେଲ ଭନ୍ ମଧ୍ୟ ରୋହିତଙ୍କ ସପକ୍ଷରେ ମତ ଦେଇଛନ୍ତି। ରୋହିତଙ୍କ ନେତୃତ୍ୱରେ ଭାରତ ଟି୨୦ରେ ଆହୁରି ଭଲ ପ୍ରଦର୍ଶନ କରିବ। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଭଳି ଭାରତ ପାଇଁ ମଧ୍ୟ ଭିନ୍ନ ଭିନ୍ନ ଫର୍ମାଟ ପାଇଁ ଅଲଗା ଅଧିନାୟକ ନିଯୁକ୍ତ କରିହେବ। କୋହଲି ଜଣେ ସୁପରଷ୍ଟାର ଓ ସୁପର ହ୍ୟୁମାନ। ସେ ଦିନିକିଆ ଓ ଟେଷ୍ଟରେ ଅଧିନାୟକ



ରୋହିତ ଶର୍ମା

ରହିବାରେ କୌଣସି ସମସ୍ୟା ନାହିଁ। ପୁଣି ଏହା ହେଲେ କୋହଲିଙ୍କ ଉପରୁ କାର୍ଯ୍ୟଭାର କମିବ ବୋଲି ଭନ୍ କହିଛନ୍ତି। ସେହିପରି ରୋହିତ ଟି୨୦ ଫର୍ମାଟରେ ଅପେକ୍ଷାକୃତ ଭଲ ଅଧିନାୟକ ହୋଇପାରିବେ ବୋଲି ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ କହିଛନ୍ତି।

# ଗିନିଜ୍ ରେକର୍ଡରେ ଯୋଗବ୍ୟାସ



ଯୋଗବ୍ୟାସ ଭୋଇ

କେସିଙ୍ଗା, ୧୧।୧୧ (ଡି.ଏନ.ଏ.)

ଓଡ଼ିଶାର ୩ୟ ଏଭରେଷ୍ଟ ପର୍ବତାରୋହୀ ଭାବେ କଳାହାଣ୍ଡି ଜିଲା କେସିଙ୍ଗାର ଯୋଗବ୍ୟାସ ଭୋଇ ଗିନିଜ୍ ୱାର୍ଲ୍ଡ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ୧ ଘଣ୍ଟା ମଧ୍ୟରେ ସର୍ବାଧିକ ପର୍ବତାରୋହଣ ଫଟୋ ଫେସ୍‌ବୁକ୍‌ରେ ପୋଷ୍ଟ କରି ଏହି ରେକର୍ଡ ହାସଲ କରିଛନ୍ତି। କଳ୍ପନା ଦାଶ ଓ ଗଣେଶ ଜେନାଙ୍କ ପରେ ତୃତୀୟ ପର୍ବତାରୋହୀଭାବେ ଯୋଗବ୍ୟାସ ଏଭରେଷ୍ଟ ଆରୋହଣ କରି ଓଡ଼ିଶାକୁ ଗର୍ବିତ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଗତ ଅଗଷ୍ଟ ୧୫ରେ ୧ ଘଣ୍ଟା ମଧ୍ୟରେ ଫେସ୍‌ବୁକ ପେଜ୍‌ରେ ସର୍ବାଧିକ ପର୍ବତାରୋହଣ ଫଟୋ ପୋଷ୍ଟ କରି ଗିନିଜ ୱାର୍ଲ୍ଡ ରେକର୍ଡରେ ମାଉଣ୍ଟେନ ଟିମ୍ସ ଅଫ ଇଣ୍ଡିଆ ସ୍ଥାନ ପାଇଛି। ଏଥିରେ ଭାରତରୁ ପ୍ରାୟ ୫ ହଜାର ପର୍ବତାରୋହୀ ଭାଗ ନେଇଥିଲେ। ଓଡିଶାର ଯୋଗବ୍ୟାସ ମାଉଣ୍ଟ ଷ୍ଟକ କାଙ୍ଗ୍ରୀ ଆରୋହଣ ସମୟର ଫଟୋ ପୋଷ୍ଟ କରି ଗିନିଜ ୱାର୍ଲ୍ଡ ରେକର୍ଡ ସାର୍ଟିଫିକେଟ୍ ପାଇଛନ୍ତି। ସେ କଳାହାଣ୍ଡିର ନର୍ଲା ବ୍ଲକ ଅଧୀନସ୍ଥ ରୁପ୍ରା ଗ୍ରାମପଞ୍ଚାୟତର ରୁପ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟରତ। ଏହି କାର୍ଯ୍ୟକ୍ରମକୁ ତାମିଲନାଡୁର କୋଏମ୍ବାଟୁରସ୍ଥିତ ଟ୍ରାସକେଣ୍ଡ ଆଡଭେଞ୍ଚର ଏବଂ ସୋନ ଲିଓପାଡ ଆଡଭେଞ୍ଚର ଆୟୋଜନ କରିଥିଲେ। ନେହେରୁ ପର୍ବତାରୋହଣ ସଂସ୍ଥାନ, ଜିମ୍ ପର୍ବତାରୋହଣ ସଂସ୍ଥାନ, ହିମାଳୟାନ ପର୍ବତାରୋହଣ ସଂସ୍ଥାନ, ଭାରତୀୟ ପର୍ବତାରୋହଣ ସଂସ୍ଥାନ, ଭାରତ ସରକାରଙ୍କର ଯୁବସେବା ଏବଂ କ୍ରୀଡା ବିଭାଗ ଏବଂ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଆଦି ସହଯୋଗ କରିଥିଲେ। ଯୋଗବ୍ୟାସ ୭ ମହାଦେଶରୁ ୫ଟି ମହାଦେଶର ଉଚ୍ଚତମ ଗିରିଶୃଙ୍ଗ ସଫଳତାର ସହ ଆରୋହଣ କରିଛନ୍ତି।

# ପୁସ୍ତକ ପରିଚୟ

## ପୂଜା ପତ୍ରିକା–୨୦୨୦

### ଅପୂର୍ବା



**ସମ୍ପାଦକ:** କ୍ଷୀରୋଦ ଚନ୍ଦ୍ର ପତି
**ସାଇଜ୍:** ଡବଲ୍ ଡିମାଇ, ପୃ–୧୫୨,
ମୂଲ୍ୟ: ଟ.୭୦/–

'ଅପୂର୍ବା'ର ସବୁଠୁଁ ନିଆରା ଓ ଆକର୍ଷଣୀୟ ହେଉଛି ତା'ର ସମ୍ପାଦକୀୟ। ନିଜ ଗାଁର, ଶୈଶବର ଅତି ଚିହ୍ନା ଅନୁଭୂତିକୁ ନେଇ କ୍ଷୀରୋଦ ବରାବର ଲେଖନ୍ତି ତାଙ୍କ ସମ୍ପାଦକୀୟ। ଏଥରର ସମ୍ପାଦକୀୟରେ ଲେଖିଛନ୍ତି ତାଙ୍କ ଗାଁ ପାଖ 'ବଟ ଗୋସେଇଁ' ପୀଠର ମହିମା ଓ ପୀଠର କେନ୍ଦ୍ରରେ ଥିବା ସଂକୀର୍ତ୍ତକ ସାରିଆକୁ ନେଇ। ସମ୍ପାଦକୀୟଟି ଗପ ପରି। ସ୍ମରଣୀୟ କାହାଣୀ, କାହାଣୀ, କବିତା, ଅନୁବାଦ, ଭ୍ରମଣ ଆଲେଖ୍ୟ ଓ ପୁସ୍ତକ ସମୀକ୍ଷା ଆଦି ନିୟମିତ ବିଭାଗ ସହିତ 'କରୋନା' କୈନ୍ଦ୍ରିକ ପ୍ରଚ୍ଛଦଟି ସୃଜନଶୀଳତାର ପରିଚାୟକ ହୋଇପାରିଛି। କବିତାରେ ଅଛନ୍ତି ଫନୀ ମହାନ୍ତି, ହୃଷୀକେଶ ମଲ୍ଲିକ, ପ୍ରସନ୍ନ କୁମାର ମହାନ୍ତି, ରଞ୍ଜନ କୁମାର ଦାସ, ରତ୍ନାକର ରାଉତ ଏବଂ କାହାଣୀରେ ଅଛନ୍ତି ଆନନ୍ଦ ଚନ୍ଦ୍ର ପହି, ବିରଜା ରାଉତରାୟ, ଫଣୀନ୍ଦ୍ର ଭୂଷଣ ନନ୍ଦ ଓ ସୋମା ଚାନ୍ଦ୍ ପ୍ରମୁଖ। ଭ୍ରମଣ ଆଲେଖ୍ୟରେ ବିଜୟ କେତନ ପଟ୍ଟନାୟକ ଓ ରୁମ୍‌ଝୁମ୍ ନାୟକ।

### ଅମୃତାୟନ



**ସମ୍ପାଦିକା:** ଗୀତା ହୋତା
**ସାଇଜ୍:** କ୍ରାଉନ୍, ପୃ–୧୭୨, ମୂଲ୍ୟ: ଟ.୮୦/–

ଆଧ୍ୟାତ୍ମିକ ସାହିତ୍ୟ, ଉପନ୍ୟାସ, ମାନସ ମନ୍ଥନ, ଗଳ୍ପ, କବିତା, ଅନୁବାଦ ଓ ରମ୍ୟ ରଚନା ସାଙ୍ଗକୁ ରହିଛି ସିନେମା ଓ ସ୍ୱାସ୍ଥ୍ୟ। କବିତାରେ ରମାକାନ୍ତ, ସୀତାକାନ୍ତ, ରାଜେନ୍ଦ୍ର, ହରିହର, ହୃଷୀକେଶ, ସଦାଶିବ ଓ ସୌଭାଗ୍ୟବନ୍ତଙ୍କ ସାଙ୍ଗକୁ ଗଳ୍ପରେ ଅଛନ୍ତି ଦାଶ ବେନହୁର, ଅର୍ଚ୍ଚନା ନାୟକ, ସାତକଡ଼ି ହୋତା, ଭାସ୍କର ଜେନା ଓ ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ ପ୍ରମୁଖ। ପ୍ରଚ୍ଛଦ ଗତାନୁଗତିକ ହେଲେ ହେଁ ଆକର୍ଷଣୀୟ।

### ଅକ୍ଷାଂଶ



**ସମ୍ପାଦକ:** ହରିଶ୍ଚନ୍ଦ୍ର ବେହେରା
**ସାଇଜ୍:** ଡବଲ୍ ଡିମାଇ, ପୃ–୩୯୨,
ମୂଲ୍ୟ:ଟ.୧୬୦/–

ସମ୍ପାଦକୀୟରେ ଏକ 'ସାହିତ୍ୟତତ୍ତ୍ୱ' ସମ୍ପର୍କରେ ବିମର୍ଶର ଉପସ୍ଥାପନା 'ଅକ୍ଷାଂଶ'ର ବିଶେଷତ୍ୱ। ଏଥର ସମ୍ପାଦକୀୟର ପ୍ରସଙ୍ଗ ହୋଇଛି 'ପରା ବାସ୍ତବବାଦୀ କବିତା'। ବିଭାଗ ମଧ୍ୟରେ ରହିଛି ପ୍ରବନ୍ଧ, ଲଳିତ ନିବନ୍ଧ, ବ୍ୟକ୍ତିତ୍ୱ, ଗଳ୍ପ, କବିତା, ଗୀତିକବିତା, ଅନୂଦିତ କବିତା, ଭ୍ରମଣ କାହାଣୀ ଓ ପୁସ୍ତକ ସମୀକ୍ଷା। ପ୍ରବନ୍ଧରେ କୃଷ୍ଣ ବଳ, କୁମୁଦ ଚନ୍ଦ୍ର ଦାଶ, ରବୀନ୍ଦ୍ର କୁମାର ବିହାରୀ ; ଲଳିତ ନିବନ୍ଧରେ ନିରଞ୍ଜନ ବେହୁରିଆ, ଗଳ୍ପରେ ଲିପ୍‌ସା ପଟେଲ, କାଳିନ୍ଦୀ ଚରଣ ଭଞ୍ଜ ; ଅନୁବାଦରେ ଅମୃତା ପ୍ରୀତମ୍ ; କବିତାରେ ଅଜିତ୍ ଦାଶ ମହାପାତ୍ର, ଗୀତାଶ୍ରୀ ପ୍ରିୟମ୍ବଦା ; ଗୀତି କବିତାରେ ଧନଞ୍ଜୟ ସ୍ୱାଇଁ, ହୃଦାନନ୍ଦ ପାଣିଗ୍ରାହୀ ଏବଂ ଅନୁବାଦ କବିତାରେ ହରିବଂଶ ରାୟ ବଚ୍ଚନ ପତ୍ରିକାର ମୁଖ୍ୟ ଆକର୍ଷଣ ହୋଇଛନ୍ତି।

### କାହାଣୀ



**ସମ୍ପାଦକ:** ବିଜୟ ନାୟକ
**ସାଇଜ୍:** ଡିମାଇ, ପୃ:୪୩୬, ମୂଲ୍ୟ: ଟ.୯୦/–

'କରୋନା ଓ ସାଂସ୍କୃତିକ ସଂକଟ' ରହିଛି ଏହି ପତ୍ରିକାର ପ୍ରଥମ ସମ୍ପାଦକୀୟର ଶୀର୍ଷକ, ଯାହା ସମୟୋପଯୋଗୀ। ଦ୍ୱିତୀୟଟି ବିଷ୍ଣୁ ଶର୍ମା ଓ ଏଡ୍‌ଗାର ଆଲାନ୍ ପୋଙ୍କୁ ନେଇ, ଯହିଁରେ ପୋ ନୁହେଁ, ଶର୍ମା ହିଁ କ୍ଷୁଦ୍ରଗଳ୍ପର ପ୍ରଥମ ସ୍ରଷ୍ଟା ବିଶ୍ୱ କଥା ସାହିତ୍ୟରେ –ଏହା ସପ୍ରମାଣ କହିବାକୁ ଚାହିଁଛନ୍ତି ସମ୍ପାଦକ। ଏ ଏକ ମୌଳିକ ପ୍ରୟାସ, ଯାହା ଅଭିନନ୍ଦନୀୟ। ଅଭୁଲା କାହାଣୀ, ବିଶେଷ କାହାଣୀ, ଗଡ଼ଜାତ କାହାଣୀ, ସ୍ମୃତି କାହାଣୀ, ଏବର କାହାଣୀ, ପ୍ରତିବେଶୀ କାହାଣୀ, କାବ୍ୟ କାହାଣୀ, ଗୀତି କାହାଣୀ, ଗ୍ରନ୍ଥ କାହାଣୀ ଓ କାହାଣୀର କାହାଣୀ ଆଦି ବିଭାଗରେ ମନୋଜ ଦାସ ଓ ପ୍ରତିଭା ରାୟଙ୍କ ସମେତ ଏଇ ଦଶକର ବହୁ ଯୁବ ସାହିତ୍ୟିକ ନିଜର ସୃଜନଶୀଳ ଅବଦାନ ଦେଇ ପତ୍ରିକାଟିକୁ ସମୃଦ୍ଧ କରିଛନ୍ତି।

### ତୀରତରଙ୍ଗ



**ସମ୍ପାଦିକା:** ବନ୍ଦନା ମିଶ୍ର
**ସାଇଜ୍:** ଡବଲ ଡିମାଇ, ପୃ: ୧୭୨,
ମୂଲ୍ୟ: ଟ. ୧୦୦/–

ଜୀବନ, ପ୍ରକୃତି ଓ ନାରୀର ସୌନ୍ଦର୍ଯ୍ୟକୁ ନେଇ ଅପୂର୍ବ ଏକ କୋଲାଜ ପତ୍ରିକାର ପ୍ରଚ୍ଛଦ । ଏଥିରେ ଅଛି ବୈଦିକ ଚିନ୍ତନ, ବିଶେଷ ପ୍ରସଙ୍ଗ, ବିଶେଷ ପ୍ରବନ୍ଧ, ସ୍ୱତନ୍ତ୍ର ପ୍ରସଙ୍ଗ, କଥା ଓ କଥାକାର, ଆତ୍ମଚିନ୍ତନ, ରମ୍ୟ ରଚନା, ଅନୁସୃଜନ, ସ୍ମୃତି ଅନୁଭୂତି, କବିତାକକ୍ଷ ଓ ସୃଷ୍ଟି–ସମୀକ୍ଷା ଆଦି ବିଭାଗ, ଯହିଁରେ ସାମିଲ ହୋଇଛନ୍ତି ପ୍ରିୟବ୍ରତ ଦାସ, ବୀରେନ୍ଦ୍ର କୁମାର ପଣ୍ଡା, ବୈଷ୍ଣବ ଚରଣ ମହାନ୍ତି, ରମେଶ ପଟ୍ଟନାୟକ, ହୃଷୀକେଶ ମଲ୍ଲିକ, ନିରୁପମା ଆଚାର୍ଯ୍ୟଙ୍କ ପରି ନାମୀଦାମୀ ଲେଖକ ଓ କବି। ସମ୍ପାଦକୀୟ 'ଅପସଂସ୍କୃତିର ବାହକ' ମୌଳିକ ଓ ଚିନ୍ତା ଉଦ୍ରେକକାରୀ।

# ଭଲ କବିତା ଆତ୍ମାରୁ ସ୍ୱତଃ ସଂଚରି ଆସେ...

## ସୃଜନ-ଆଳାପ



ନିତ୍ୟାନନ୍ଦ ନାୟକ

ନିତ୍ୟାନନ୍ଦ ନାୟକଙ୍କ ଜନ୍ମ ଭଦ୍ରକ ଜିଲା ବାସୁଦେବପୁରର ଚିରୋଳ ଗାଁରେ, ୧୨ ଅଗଷ୍ଟ ୧୯୪୦ରେ । ଇଂଲିଶ୍ ଭାଷା ସାହିତ୍ୟରେ ଅଧ୍ୟାପନା ପରେ ଜଗତ୍‌ସିଂହପୁର ଏସ୍.ଭି.ଏମ୍. କଲେଜରୁ ୨୦୦୦ରେ ଅବସର । ୧୯୭୬ରେ ପ୍ରକାଶପାଏ ପ୍ରଥମ କବିତା ବହି 'ବିଦୀର୍ଣ୍ଣ ମରାଳ' । ମୋଟ ୯ଟି କାବ୍ୟଗ୍ରନ୍ଥର ପ୍ରଣେତା ଏହି କବିଙ୍କୁ ତାଙ୍କ କବିତାର ଅନନ୍ୟତା ପାଇଁ ୧୯୯୧ରେ ମିଳେ 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର' ଓ ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର' ୨୦୨୦ରେ । ପୁରସ୍କୃତ ବହି 'ଭୋର ଆକାଶ' ଓ 'ସେତେବେଳକୁ ନ ଥିବି' । ପ୍ରେମ, ପ୍ରକୃତି, ସୌନ୍ଦର୍ଯ୍ୟ ଓ ସ୍ମୃତିକୁ ନେଇ **କବି ରମେଶ ପତିଙ୍କ** ସହ ତାଙ୍କର ଏଇ ସୃଜନ–ଆଳାପ ଚଳିତ ନଭେମ୍ବରର ଏକ ନରମ ସନ୍ଧ୍ୟାରେ...

**ପ୍ର:** ପ୍ରେମ ଓ ସୌନ୍ଦର୍ଯ୍ୟର କବି ଭାବରେ ଓଡ଼ିଆ କାବ୍ୟ ଜଗତରେ ଆପଣଙ୍କ ସ୍ଥାନ ସ୍ୱତନ୍ତ୍ର। କହିବେ କି ଦୁଃଖ, ଯନ୍ତ୍ରଣା ଭିତରେ କେମିତି ଆଙ୍କି ହୋଇଯାଏ ପ୍ରେମ–ପ୍ରଣୟର ଛବି?

**ଉ:** ପ୍ରେମ ହୃଦୟର ସର୍ବପୁରାତନ, ମୌଳିକ ଏବଂ ସୂକ୍ଷ୍ମତମ ଆବେଗ ତଥା ସବୁଠାରୁ ବଳିଷ୍ଠ, ସୃଜନଶୀଳ ଆଲୋଡ଼ନ। ପ୍ରେମ ବା ଭଲ ପାଇବାର ଅନୁଭବ କେବଳ ମଣିଷ ମଧ୍ୟରେ ସୀମିତ ନୁହଁ। ଏହା ମନୁଷ୍ୟ, ପଶୁପକ୍ଷୀ ଏବଂ ସୃଷ୍ଟିର ସବୁ ସଜୀବ ନିର୍ଜୀବ ପଦାର୍ଥ ବା ବସ୍ତୁ ସହିତ ସଂପର୍କିତ। ଏଇ ଅନୁଭବଟି ହୃଦୟରେ ଥିଲେ ରାସ୍ତା କଡ଼ରେ ଫୁଟିଥିବା ଧୂଳିଧୂସରିତ ଘାସଫୁଲ ବି ଆଖିକୁ ଟାଣିଧରେ। ଆଲୁଅ ଏବଂ ଜହ୍ନରାତି ଠାରୁ ଅନ୍ଧକାର ଅଧିକ ମନୋହର ଦିଶେ। ପ୍ରେମ ହିଁ ଈଶ୍ୱର। ପ୍ରେମର ମାଧୁର୍ଯ୍ୟ ସହିତ ସାତ୍ତ୍ୱିକ ଏବଂ ଆଧ୍ୟାତ୍ମିକ ଉପଲବ୍ଧି ଚିରକାଳ ଛନ୍ଦିହେଇ ରହିଅଛି। ଦୁଃଖ, ଯନ୍ତ୍ରଣା, ଲୁହ, ଦୀର୍ଘଶ୍ୱାସ, ମାନ ଅଭିମାନ, ବିରହ, ପଶ୍ଚାତ୍ତାପ ପ୍ରେମକୁ ମହିମାନ୍ୱିତ କରିଥାଏ। ପରୀକ୍ଷାର ଅଗ୍ନିକୁଣ୍ଡରୁ ପ୍ରେମ ସର୍ବଦା ଖାଣ୍ଟି ସୁନାର ଔଜଲ୍ୟ ନେଇ ଉଦ୍ଭାସିତ ହୋଇଥାଏ। ଅଭାବବୋଧର କଷଟିରେ ପ୍ରେମ ପ୍ରଣୟର ପରାକାଷ୍ଠା ପ୍ରତିପାଦିତ ହୁଏ। ଏମିତି କି ମୃତ୍ୟୁକୁ ଅସ୍ୱୀକାର କରିବାର ଶକ୍ତି ଓ ସାହସ ପ୍ରେମ ହିଁ ଦେଇଥାଏ। ମୋ' କବିତାକୁ ଯଦି ପ୍ରେମ ଓ ସୌନ୍ଦର୍ଯ୍ୟ ସହିତ ଯୋଡ଼ାଯାଇଥାଏ, ତାହା ମୋର ସୌଭାଗ୍ୟ ବୋଲି ଭାବିବି।

**ପ୍ର:** କବିତା ଆପଣଙ୍କ ପାଇଁ ବୌଦ୍ଧିକ ବିଳାସ ନା ଜୀବନ ଜିଇବାର ରାସ୍ତା... ?

**ଉ:** କବିତା ମୋ' ପାଇଁ ନିଶ୍ଚିତ ଭାବେ ଜୀବନ ଜିଇବାର ରାହା, ବୌଦ୍ଧିକ ବିଳାସ ନୁହେଁ। ଜଣେ କବି ନିଜର ଶିଳ୍ପକୁ ସୁନ୍ଦର ଏବଂ ଋଦ୍ଧିମନ୍ତ କରିବା ପାଇଁ ପ୍ରଜ୍ଞା ବା ବୌଦ୍ଧିକତାର ଆବଶ୍ୟକତା ଅନୁଭବ କରିଥାଏ। ସହଜରେ ଦେଖି ହେଉନଥିବା ଦୃଶ୍ୟ ଏବଂ ପହଞ୍ଚି ହେଉ ନଥିବା ସ୍ଥାନମାନଙ୍କ ପାଖରେ ପାଠକକୁ ପହଞ୍ଚାଇବାର ପ୍ରୟାସ ମୁଁ କବିତାରେ ସର୍ବଦା ଜାରି ରଖିବାକୁ ଚେଷ୍ଟା କରିଥାଏ। କାବ୍ୟିକ ଉତ୍ତରଣ ପାଇଁ ବୌଦ୍ଧିକତା ଜରୁରୀ ବୋଲି ମୁଁ ଅନୁଭବ କରେ। ଯଦିଓ ଏ ଉଦ୍ୟମର ସଫଳତା ନେଇ ମୋର ସନ୍ଦେହ ରହିଛି। କବିତା ଲେଖିପାରୁଚି ବୋଲି ମୁଁ ବଞ୍ଚିରହିଚି। ଏଇ ଅନୁଭବ ମୋର ସବୁବେଳେ, ଅହରହ କବିତା ଲେଖୁଚି, ଯାହାକୁ କୁହନ୍ତି : ଶୟନେ, ସ୍ୱପନେ, ଜାଗରଣେ...।

**ପ୍ର:** ପିଲାଦିନର ସ୍ମୃତି ଆପଣଙ୍କ କବିତାକୁ ପରିପୁଷ୍ଟ କରୁଥିବା ବେଳେ ସେଇ ସ୍ମରଣୀୟ ଅତୀତରୁ କିଛି କୁହନ୍ତୁ, ଯାହା ଆପଣଙ୍କ ସାରସ୍ୱତ ଜୀବନ ସହ ଜଡ଼ିତ ?

**ଉ:** ମୋ' ବାଲ୍ୟକାଳ ଏବଂ କୈଶୋର ବିତିଚି ବାଉଁଶ ବଣ, ଆମ୍ବତୋଟା, ଧାଡ଼ଧାଡ଼ି ଅର୍ଜୁନ ଗଛ, କିଆବାଡ଼ ଏବଂ ଗୋହିରିଘେରା ଗୋଟିଏ ଛୋଟ ପଲ୍ଲୀ ଗାଁରେ। ଗ୍ରାମ୍ୟ ପ୍ରକୃତିର ଶାନ୍ତ, ମନୋରମ ଦୃଶ୍ୟ: କଇଁଫୁଲ ପୋଖରୀ, ବିସ୍ତୀର୍ଣ୍ଣ ଧାନକ୍ଷେତ, କିଆଫୁଲର ବାସ୍ନା, ଛଣିଫୁଲର ରଙ୍ଗ ସବୁ ମୋ' ମନରେ କୌତୂହଳ ଭରିଦେଉଥିଲା। ବାସୁଦେବପୁର ହାଇସ୍କୁଲକୁ ଯିବା ବାଟରେ ମୁଁ ସବୁବେଳେ ଭେଟୁଥିଲି ଗୋଟିଏ ବଡ଼ ମୁଚୁକୁନ୍ଦ ଫୁଲଗଛକୁ। ନିହାତି ଗୋଟିଏ ଦିଓଟି ଫୁଲ ସଂଗ୍ରହ



ନ କରିବା ପର୍ଯ୍ୟନ୍ତ ମୁଁ ସେ ଗଛମୂଳ ଛାଡ଼ିପାରୁନଥିଲି। ଠିକ୍ ସେମିତି ଠାକୁରାଣୀ ଆଙ୍କୁଡ଼ାଶୁଣୀଙ୍କ ପୋଖରୀରେ ଫୁଟିଥିବା ଲାଲ୍ କଇଁ ପାଖରେ ମୁଁ ସବୁଦିନେ ଅଟକି ଯାଉଥିଲି। ଖରାଦିନେ ସକାଳୁଆ ସ୍କୁଲରୁ ଫେରିଲା ପରେ ବହିବସ୍ତାନି ଫିଙ୍ଗିଦେଇ ମୁଁ ଦୌଡ଼ିବା ଆରମ୍ଭ କରେ ଅର୍ଜୁନ ଗଛ ଧାଡ଼ିରେ ଦୂରକୁ ଗୁଞ୍ଜୁଗୁଞ୍ଜୁ ଯାଉଥିବା କୋଇଲିର ଗୀତ ପଛରେ। ମୋର ଏ ଢଙ୍ଗ ଦେଖି ଜଣେ ଖୁଡ଼ୀ ମୋତେ ବାରମ୍ବାର ଚିଡ଼ାଉଥିଲେ ଏବଂ ଧମକ ଦେଉଥିଲେ କୋଇଲି ସାଙ୍ଗରେ ମୋ' ବାହାଘର କରାଇଦେବାକୁ। ପିଲାଦିନରୁ ଏ ପ୍ରକୃତିପ୍ରବଣତା ମୋର ଏଯାଏ ଅତୁଟ ରହିଚି। ଏଇ ସବୁ ଛୋଟ ଛୋଟ ଘଟଣା, ମୋର କବି ପ୍ରାଣଟିଏ ଅଛି ବୋଲି ମନେ ପକାଇ ଦେବା ସାଙ୍ଗେ ସାଙ୍ଗେ କବିତା ଲେଖିବାର ପ୍ରେରଣା ଦେଇଥିଲା।

**ପ୍ର:** ଆପଣଙ୍କ ଦୃଷ୍ଟିରେ ଭଲ କବିତା କାହାକୁ କୁହାଯିବ ? କବିତା ରଚନା ବେଳେ କେଉଁ କେଉଁ ଦିଗ ପ୍ରତି ଧ୍ୟାନ ଦେବାକୁ ହୁଏ ?

**ଉ:** ଯେଉଁ ଭାବଟି ହୃଦୟ ଏବଂ ଆତ୍ମାରୁ ସ୍ୱତଃ ସଂଚରି ଆସେ ଏବଂ ନିଷ୍ଠାର ସହିତ କବିତାର ରଙ୍ଗତୂଳୀ ଧରି ମୁଁ ତାକୁ ଆଙ୍କି ପକାଏ, ମୋ ପାଇଁ ସେ ଏକ ଭଲ କବିତା। ସଠିକ୍ ଶବ୍ଦ ଚୟନ ଏବଂ ଭାବ ସହିତ ଶବ୍ଦର ଏକାତ୍ମତାକୁ ଭଲ କବିତାର ଏକ ବିଶେଷ ଗୁଣ ଭାବରେ ନିଆଯାଇଥାଏ। ଭଲ କବିତା ଆସିଯାଏ। ତାକୁ ଢେଙ୍ଗୁରା ପିଟି, ବାଜାବଜାଇ ଡାକିଆଣିବାର ଆୟୋଜନ କରାଯାଏ ନାହିଁ। ଗୋଟିଏ ଚିତ୍ରକଳା, ପେଣ୍ଟିଂ କିମ୍ବା ଖୋଦେଇ କରାଯାଇଥିବା ପଥର କି ମାର୍ବଲ୍ ମୂର୍ତ୍ତିକୁ ଦେଖିଲେ ଯେଉଁ ଆନନ୍ଦ ମିଳେ, ଭଲ କବିତାଟିଏ ସେଇ ଆନନ୍ଦ ଦେଇଥାଏ। କବିତା ଏକ କଳାତ୍ମକ ସୃଷ୍ଟି ଏବଂ ଆହ୍ଲାଦିନୀ। ଏକ ନିର୍ମଳ, କଳାତ୍ମକ ଆନନ୍ଦ ପ୍ରଦାନ କରୁଥିବା କବିତା, ମୋ' ମତରେ ଏକ ଭଲ କବିତା।

**ପ୍ର:** ଜୀବନରେ କେବେ ନା କେବେ ମଧୁର ମଳୟ ଆପଣଙ୍କୁ ସ୍ପର୍ଶ କରିଥିବ। ତା' କୋମଳ ଛୁଆଁରେ ଶିହରି ବି ଉଠିଥିବେ । ଅବ୍ୟକ୍ତ ସେହି ଅନୁଭବରୁ କିଛି କହିବେ କି ?

**ଉ:** ଜୀବନରେ ବସନ୍ତର ଆଗମନ, ମଳୟର ସ୍ପର୍ଶ ଅଛି ବୋଲି ତ ଜୀବନ ଏତେ ସୁନ୍ଦର, ନାଟକୀୟ। ଏସବୁ ଅଛି ବୋଲି, ସ୍ୱପ୍ନ ଅଛି। ସ୍ୱପ୍ନ ନଥିବା ଜୀବନର ମାନେ ବି କ'ଣ ? ଊଣାଅଧିକେ ସମସ୍ତଙ୍କ ଜୀବନରେ କିଛି କିଛି ଅବ୍ୟକ୍ତ ଅନୁଭବ ରହିଚି। ମୋର ନାହିଁ ବୋଲି କେମିତି କହିବି? ଛାତି ତଳେ ସେ ଅବ୍ୟକ୍ତ ଅନୁଭବର ସ୍ମୃତି, ଚିର ସବୁଜ ଭୂଖଣ୍ଡଟିଏ ହେଇ ସୁରକ୍ଷିତ ରହିଚି। ସେ ସବୁର ସ୍ମୃତିଚାରଣ ମାତ୍ରେ ହିଁ ହୃଦୟରେ ଆନନ୍ଦ ଭରିଯାଏ, ମନ ପୁଲକିତ ହୁଏ। ସେମିତି ଅବ୍ୟକ୍ତ ହେଇ ସେ ରହିଥାଉ। ଧୂଳି ଧୂଆଁ କି ମହାମାରୀର ସଂକ୍ରମଣ ଭିତରକୁ ତାକୁ ଟାଣିବା କାହିଁକି?

**ପ୍ର:** କେଉଁମାନଙ୍କ ପ୍ରେରଣା ଆପଣଙ୍କ କାବ୍ୟ ଜୀବନକୁ ସ୍ୱପ୍ନ ବିଭୋର କରେ? ଏ କ୍ଷେତ୍ରରେ ଆପଣଙ୍କ ପତ୍ନୀଙ୍କ ଭୂମିକା କିଭଳି?

**ଉ:** ମୋତେ ପ୍ରେରଣା ଦେବାର ସବୁ ଶ୍ରେୟ ବାପାବୋଉଙ୍କର। ତାଙ୍କର ତ୍ୟାଗ, କଷ୍ଟସ୍ୱୀକାର ଏବଂ ମନଦେଇ ପାଠ ପଢ଼ିବା ପାଇଁ ସ୍ନେହପୂର୍ଣ୍ଣ ତାଗିଦ୍ କଥା ମନେପଡ଼ିଲା କ୍ଷଣି ଆଖିରୁ ଲୁହ ଗଡ଼ିପଡ଼େ। ୧୯୧୭ ମସିହାରେ ମୋ' ବାପା ନବମ ଶ୍ରେଣୀ ଆରମ୍ଭରେ ଭଦ୍ରକ ହାଇସ୍କୁଲରୁ ପାଠପଢ଼ା ଛାଡ଼ିଥିଲେ। କିନ୍ତୁ ଜ୍ଞାନ ଆହରଣ ପ୍ରତି ତାଙ୍କର ପ୍ରବଳ ମୋହ ଥିଲା। ସେ ହିଁ ମୋତେ ପ୍ରଥମେ ଇଂରାଜୀ ଶିଖାଇଥିଲେ। ଆମ ଘରେ 'ରାମାୟଣ', 'ମହାଭାରତ' ବ୍ୟତୀତ 'ନୃସିଂହ ପୁରାଣ', 'ବିଲଂକା ରାମାୟଣ', 'ସୂର୍ଯ୍ୟ ପୁରାଣ', 'ଗରୁଡ଼ ପୁରାଣ' ଥିବା କଥା ମୋର ମନେଅଛି। ବାପାବୋଉ ସେ ସବୁ ପଢ଼ୁଥିଲେ। ପ୍ରାଚୀନ କବିତାର ଅନେକ ପଂକ୍ତି ବାପା ମନେ ରଖି ଆବୃତ୍ତି କରୁଥିଲେ। 'ମନବୋଧ ଚଉତିଶା', 'କଳାକଳେବର କହ୍ନାଇ', 'ଧୀରେ ଘେନ କାନନରେ', ଉପେନ୍ଦ୍ର ଭଞ୍ଜଙ୍କ 'ବିଭାବସୁ ବଂଶେ' ଏବଂ ଭକ୍ତକବି ମଧୁସୂଦନଙ୍କ ପ୍ରାର୍ଥନା 'ଅଖିଳ ବ୍ରହ୍ମାଣ୍ଡ ପତି' ଏବଂ କବିତା 'ଅଗ୍ରଜ ଆଜ୍ଞାବହ ସୌମିତ୍ରୀ ରଥୀ'କୁ ବଡ଼ ପାଟିରେ ବୋଲୁଥିଲେ ଏବଂ ଭବିଷ୍ୟତରେ ସେଇଭଳି ଲେଖିବା ପାଇଁ ମୋତେ କହୁଥିଲେ। ମୋ' ବୋଉ ପ୍ରାଞ୍ଜଳ ଭାବରେ ବଙ୍ଗଳା ଏବଂ ଓଡ଼ିଆ ପଢ଼ିପାରୁଥିଲା। 'କପଟ ପାଶା' ତା'ର ମୁଖସ୍ଥ ଥିଲା ଏବଂ ସଞ୍ଜବେଳେ ସୁରଧରି ବୋଲିଲା ବେଳେ ବଡ଼ହେଲେ ସେଇମିତି ଗୀତ ଲେଖିବା ପାଇଁ ମୋତେ ବାରମ୍ବାର କହୁଥିଲା। ଉଭୟଙ୍କର ତ୍ୟାଗ ଏବଂ ପ୍ରେରଣା ଏଯାବତ୍ ଜୀବନକୁ ସ୍ୱପ୍ନ ବିଭୋର କରି ରଖିଥିବାରୁ ମୁଁ କବିତା ଲେଖିପାରୁଚି ବୋଲି ହୃଦ୍‌ବୋଧ ହେଉଚି। ଜୀବନରେ ପତ୍ନୀଙ୍କର ଆବିର୍ଭାବ ହେବା ଠାରୁ ସେ ତାଙ୍କର ଦାୟିତ୍ୱ ନିଖୁଣ ଭାବରେ ତୁଲାଇ ଆସୁଛନ୍ତି। ତାଙ୍କ କଥା କ'ଣ କହିବି, ଯିଏ ଛାଇ ପରି ସବୁବେଳେ ପାଖେପାଖେ ! ପ୍ରଚୁର ପଢ଼ିବା ଅଭ୍ୟାସ ଥିବାରୁ ମୋ' କବିତା ପଢ଼ନ୍ତି। ମୁଁ ଲେଖୁଥିଲା ବେଳେ ମୋ' ଧ୍ୟାନଭଗ୍ନ ନକରିବା ପାଇଁ ଅନ୍ୟମାନଙ୍କୁ, ବିଶେଷ କରି ନାତିନାତୁଣୀମାନଂକୁ ତାଗିଦ୍ କରନ୍ତି। ମୋ' ବେକରେ ଫୁଲମାଳଟିଏ ପଡ଼ିଥିବା ଦେଖିଲେ ନିରବରେ ଖୁସି ବ୍ୟକ୍ତ କରନ୍ତି। ତାଂକ ଭୂମିକାକୁ ପ୍ରଶଂସା କରିବା ମୋ' ପାଇଁ ଋଣ ଶୁଝିଲା ଭଳି କଥାଟିଏ ହେବ।

**ପ୍ର:** ଜାତୀୟ/ଆନ୍ତର୍ଜାତିକ ସ୍ତରରେ ଓଡ଼ିଆ କବିତାର ସ୍ଥାନ କେଉଁଠି? ସାଂପ୍ରତିକ କବିତାରେ କିଛି ଅଭାବବୋଧ ପରିଲକ୍ଷିତ ହେଉଛି କି?

**ଉ :** ଓଡ଼ିଆ କବିତାର ଅତୀତ ଓ ବର୍ତ୍ତମାନ ସବୁବେଳେ ସମୃଦ୍ଧ ଏବଂ ଗୌରବମୟ ହେଇ ରହିଆସିଚି। ସାଂପ୍ରତିକ କବିତାରେ କିଛି ଅଭାବବୋଧ ମୁଁ ଲକ୍ଷ୍ୟ କରୁନାହିଁ। ଓଡ଼ିଆ କବିତା ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରର କବିତା ସହ ସଂପୂର୍ଣ୍ଣଭାବେ ସମକକ୍ଷ।

**ପ୍ର :** ଆଗାମୀ ପିଢ଼ିର କବିମାନଂକୁ ଆପଣ କି ସଂଦେଶ ଦେବାକୁ ଚାହାନ୍ତି ?

**ଉ –** ସେମାନେ ନିଜର ମାତୃଭାଷା ଏବଂ ସାହିତ୍ୟକୁ ନିବିଡ଼ଭାବେ ଭଲପାଆନ୍ତୁ ଏବଂ ନିଷ୍ଠାର ସହିତ ଲେଖିଚାଲନ୍ତୁ।

## କବିତା

### ଡର
ବିଜୟ ରାୟ

ଆଲୁଅରେ ଟୋପେ ଲୁହ
ଅଛି ବୋଲି ତ
ପଦ୍ମଜା ଲେଖିପାରୁଛି କବିତା !

କେତେକେତେ ମେଘ
ଭାଙ୍ଗିଲେ ଯାଇ ଆଖିରେ
ହସ ଟୋପେ ପିନ୍ଧେ ଓଠ ?
କେତେକେତେ ସବୁଜିମା
ନିଖୋଜ ହେଲେ ଯାଇ...
ଶ୍ୟାମଳ ବିଳାପ କରେ ବନସ୍ତ ?

ବିନ୍ଦୁଟିଏ ପ୍ରସରି ପ୍ରସରି
ଗଲେ ତ ଯାଇ..
ଜୀବନ ଗୋଟିଏ ବର୍ଗ କ୍ଷେତ୍ର !!

ପବନର ମୋଡ଼
ବଦଳିଲେ ଯାଇ..
ବଦଳିଥାଏ ଋତୁଟିଏ ପୃଥିବୀରେ !
ଗୋଟେ ଅଜଣା ଋତୁର
ମହକ ଥାଏ କି ପବନରେ
ଉର୍ବରତା ଥାଏ କି
ସମ୍ପର୍କର ମାଟିରେ
ହରିତ୍ ଆବେଗ ଟିକକ
ଥାଏ କି ...
ମନର ଗହୀରେ !

ଆଜିକାଲି ଭାରି
ଡର ଲାଗେ–
ସମ୍ପର୍କର ପାଦହଳକୁ
ଏଇ ମାଟି ଉପରେ ଥାପି ଦେବାରେ !!

ମୋ–୬୩୭୦୦୬୩୭୨୩

### ଚଷା ଜହ୍ନ
ସୁଦିପା ସାହୁ



ଝରକାର ସେପଟୁ ଜହ୍ନକୁ ଦେଖିଛି
ଗୋଟିଏ ଗାଉଁଲି ଚାଷୀ ପରି
ଯିଏ ମୁଣ୍ଡରେ ଗାମୁଛାଟେ ଭିଡ଼ି
ଆଗେଇ ଚାଲିଥାଏ ବିଲରୁ ବିଲ ଡେଇଁ
ନିଜ କ୍ଷେତ ଆଡ଼େ ॥

ନିଆଁ ହୁଳାଟାକୁ ହିଡ଼ରେ ପୋତି ଦେଇ
ମାଡ଼ିଯାଏ ପାଳଭୂତ ସହିତ ଗପରେ
ହାତ ହଲେଇ, ହାମୁଡ଼େଇ ପଡ଼ି
ପାଣି ମଡ଼େଇ ଚାଲିଥାଏ ନିଜ କ୍ଷେତରେ ॥

ଜହ୍ନ ବି ବେଳେବେଳେ ଲୁହ ଗଡ଼ାଏ
ଶୋଷିତ ହୁଏ ଯେବେ ସାହୁକାର ହାତରେ
ମୁଣ୍ଡରୁ ଭିଡ଼ା ପଗଡ଼ି ଖୋଲି
ଝୁଲାଏ ମୁହଁ–କାନ୍ଧ ମଝି ଇଲାକାରେ ॥

ପୁଣି ମନେପଡ଼ିଯା'ନ୍ତି ପରିବାର ଲୋକେ
ସମ୍ଭାଳେ ନିଜକୁ ନିଜେ
ହାତ ଠେଙ୍ଗାଟାଏ କାନ୍ଧରେ ପକାଇ
ପୁଣି ଯୁଦ୍ଧ କରେ ଭାଗ୍ୟ ସହିତ
ଅଫଳା ଫସଲକୁ ଫଳେଇବା ପାଇଁ ॥

ମୋ–୯୭୭୭୪୨୨୦୨୨

# ୧୪ ନଭେମ୍ବର, ସନ୍ନ୍ୟାସୀ ଓ ମୋତିଲାଲ

ନିରୁପମା ଆଚାର୍ଯ୍ୟ



କଥାଟିଏ...

ନଭେମ୍ବର ୧୪ ତାରିଖ। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଶୁଭ ଜନ୍ମଦିନ। ତାଙ୍କ ଜନ୍ମଦିନଟିକୁ ଭାରତ ଶିଶୁ ଦିବସ ଭାବରେ ପାଳନ କରିଥାଏ। ଭାରତ ପାଇଁ ଏ ମହାନ୍ ଆତ୍ମାଙ୍କର ଯେ ତୁଳନା ନାହିଁ – ଗାନ୍ଧିଜୀଙ୍କ ଭାଷାରେ–''ସାହସରେ ତ ତାଙ୍କୁ ଟପିଯିବାକୁ କେହି ନାହିଁ। ସେ ହେଉଛନ୍ତି ସ୍ଫଟିକ ପରି ସ୍ୱଚ୍ଛ। ଜଣେ ସତ୍ୟନିଷ୍ଠ ଓ ବୀରପୁରୁଷ। ଭାରତ ତାଙ୍କ ହାତରେ ନିରାପଦରେ ରହିବ। ମୁଁ କହିସାରିଛି ସେ ହେଉଛନ୍ତି ମୋର ଉତ୍ତରାଧିକାରୀ ।''

ଇତିହାସର ପୃଷ୍ଠା ଲେଉଟାଇଲେ ଏମିତି କିଏ ଅଛି ଯେ ମୃତ୍ୟୁର ଦଶବର୍ଷ ପୂର୍ବରୁ ନିଜର ଇଚ୍ଛାପତ୍ରରେ ଲେଖିଦେଇ ଯାଇଥିବ– ''ମୁଁ ଭାରତବାସୀଙ୍କଠାରୁ ଏତେ ଶ୍ରଦ୍ଧା ଓ ସ୍ନେହ ପାଇଛି ଯେ ତାଙ୍କ ପାଇଁ ଯାହା କଲେ ବି ତା'ର କାଣିଚାଏ ମଧ୍ୟ ଶୁଝି ପାରିବି ନାହିଁ। ମୋ' ମୃତ୍ୟୁ ପରେ ମୋ' ଚିତାଭସ୍ମକୁ ବିମାନ ଯୋଗେ ଆକାଶରୁ ଭାରତର କୃଷିକ୍ଷେତ୍ରଗୁଡ଼ିକ ଉପରେ ବିଞ୍ଚି ଦିଆଯାଉ, ଯାହା ଭାରତର ଧୂଳି ମାଟିରେ ମିଶିଯିବ ଓ ଭାରତର ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ ହୋଇଯିବ। ଆଉ ତହିଁରୁ ମୁଠାଏ ଗଙ୍ଗାରେ ପକେଇ ଦିଆଯିବ, ଯାହା ଭାରତର ଉପକୂଳକୁ ଧୋଇ ନେଇ ମହାସାଗର ଆଡ଼କୁ ଭାସିଯାଇ ତହିଁରେ ଲୀନ ହୋଇଯିବ ।''

୧୯୬୭ ମେ ୨୭ । ଭାରତ ତାଙ୍କର ଏ ଇଚ୍ଛାକୁ ସମ୍ମାନର ସହିତ ପାଳନ କରିଥିଲା। ତ୍ରିମୂର୍ତ୍ତି ଭବନଠାରୁ ଦୀର୍ଘ ଛଅମାଇଲ ରାସ୍ତାର ଉଭୟ ପାର୍ଶ୍ୱରେ ଦଶ ହଜାର ସୈନିକ ଧାଡ଼ି ବାନ୍ଧି ଠିଆ ହୋଇ ରହିଥିଲେ। ସାରା ମାର୍ଗରେ ପ୍ରାୟ କୋଡ଼ିଏ ଲକ୍ଷ ଲୋକ ରୁଣ୍ଡ ହୋଇଥା'ନ୍ତି। ତ୍ରିରଙ୍ଗା ପତାକା ଦ୍ୱାରା ଆଚ୍ଛାଦିତ କରାଯାଇ ତାଙ୍କ ମର ଶରୀରକୁ ତୋପ ଗାଡ଼ି ଉପରେ ଶୁଆଇ ଦିଆଯାଇଥିଲା । ସମୁଦାୟ ତୋପ ଗାଡ଼ିଟି ଫୁଲରେ ଭର୍ତ୍ତି ହୋଇଥାଏ । ସଶସ୍ତ୍ର ବାହିନୀର ଷାଠିଏ ଜଣ ଯବାନ ସେ ତୋପ ଗାଡ଼ିଟିକୁ ଟାଣୁଥା'ନ୍ତି । ପଛେ ପଛେ ଅଗଣିତ ଜନତା 'ପଣ୍ଡିତ ନେହେରୁ ଅମର ରହେ' କହି କହି ଚାଲିଥା'ନ୍ତି ଶାନ୍ତିଘାଟ ପର୍ଯ୍ୟନ୍ତ ।

ନେହେରୁଙ୍କ ନାଁ ନ ଥାଇ ଆଧୁନିକ ଭାରତ ବର୍ଷର ନାଁ ନାହିଁ । ଏ କଥା ଆମେ ସମସ୍ତେ ଜାଣିଛେ । ସେ ମହାନ୍ ଆତ୍ମାଙ୍କୁ କୋଟିକୋଟି ପ୍ରଣାମ ।

ଜବାହରଲାଲଙ୍କ ଜନ୍ମ ପୂର୍ବର ଘଟଣାଟିଏ ତାଙ୍କ ପରିବାରର କିମ୍ବଦନ୍ତୀ। ପିତା ମୋତିଲାଲ ନେହେରୁ ଓ ତାଙ୍କ ବନ୍ଧୁ ପଣ୍ଡିତ ମଦନମୋହନ ମାଲବ୍ୟ ଗଙ୍ଗାନଦୀ କୂଳକୁ ବୁଲି ଯାଇଥା'ନ୍ତି। ସେଠି ଜଣେ ସନ୍ନ୍ୟାସୀଙ୍କୁ ଦେଖି ମାଲବ୍ୟଜୀ କୌତୂହଳବଶତଃ ମୋତିଲାଲଙ୍କ ଆଡ଼କୁ ହାତ ଦେଖାଇ ପଚାରିଲେ– 'ମହାଶୟ କୁହନ୍ତୁତ ୟାଙ୍କର ପୁଅ ହବ ନା ଝିଅ ହେବ ?'

ସନ୍ନ୍ୟାସୀ ତାଙ୍କୁ ଚାହିଁ ଉତ୍ତର ଦେଲେ– 'ୟାଙ୍କ ଭାଗ୍ୟରେ ପୁଅ ନାହିଁ, ଝିଅ ହବ ।'

ସନ୍ନ୍ୟାସୀ କହିଲେ– 'ୟାଙ୍କର ପୁଅ ହେବା ପାଇଁ ଜଣଙ୍କୁ ଦେହତ୍ୟାଗ କରିବାକୁ ହେବ।'

ଏକଥା ଶୁଣି ଦୁହେଁ ସେଠୁ ଚୁପ୍‌ଚାପ୍ ଚାଲି ଆସିଲେ । ସେଇ ରାତିରେ ସ୍ୱରୂପାରାଣୀଙ୍କର ପୁଅଟିଏ ହେଲା । ପରଦିନ ଏ ଖବର ସନ୍ନ୍ୟାସୀଙ୍କ ପାଖରେ ପହଞ୍ଚେଇବାକୁ ଦୁଇବନ୍ଧୁ ସେଠି ପହଞ୍ଚିଲା ବେଳକୁ ସେମାନେ ଶୁଣିଲେ–

ପୂର୍ବ ରାତିରେ ସନ୍ନ୍ୟାସୀ ଚିରନିଦ୍ରାରେ ଶୋଇଯାଇଛନ୍ତି । ଭାରତ ମୁନିଋଷିଙ୍କ ଦେଶ । କିଏ ଜାଣେ କୋଉ ସନ୍ନ୍ୟାସୀଙ୍କ ଆତ୍ମା ଏ ମହାନ୍ ବ୍ୟକ୍ତିଙ୍କୁ ଆଶ୍ରୟ କରି ଭାରତରେ ଜନ୍ମ ହୋଇ ଭାରତର ମୁକ୍ତିର ପଥ ପରିଷ୍କାର କଲା ।

ଆଜିର ପ୍ରାର୍ଥନା ହେଉ– ସେ ଆତ୍ମା ଭାରତରେ ଜନ୍ମ ନେଉ ଓ ଭାରତର ଗୌରବ ଅକ୍ଷୁଣ୍ଣ ରଖାଯାଉ ।

ମୋ–୯୭୭୬୯୯୫୧୫୧

## କାଳକାଳକୁ

''ତୁମେ ଯଦି ମୋତେ ଭଲପାଅ, ତେବେ ତାହା ମୋତେ କୁହ ନାହିଁ, କାରଣ ତୁମେ ଯେତେବେଳେ ମୋତେ ପରିତ୍ୟାଗ କରିବ, ତୁମକୁ ମୁଁ ଭାଳି ହେବି ।''

–ଆର୍.ଏସ୍. କ୍ରିଷ୍ଣସ୍ୱାମୀ



**ଭଲ୍ଲିକାନନଙ୍କ** ଜନ୍ମ ୧୨ ନଭେମ୍ବର ୧୯୨୦ରେ ତାମିଲନାଡୁର ଥିରୁନେଲଭେଲି ଜିଲା ରାଜବଲ୍ଲିପୁରମ୍‌ରେ ଓ ପରଲୋକ ୯ ନଭେମ୍ବର ୨୦୦୬ରେ। ତାଙ୍କର ବିକଳ୍ପ ନାମ ଆର୍.ଏସ୍. କ୍ରିଷ୍ଣସ୍ୱାମୀ। ସେ କବିତା, ଗଳ୍ପ, ଉପନ୍ୟାସ, ନାଟକ ଓ ପ୍ରବନ୍ଧ ରଚନା ସହିତ ତାମିଲ ଭାଷାର ଜଣେ ସଫଳ ଅନୁବାଦକ ମଧ୍ୟ। ଆଧୁନିକ ତାମିଲ କବିତା ସମ୍ପର୍କରେ ରଚିତ ସମାଲୋଚନା ପୁସ୍ତକ ପାଇଁ ୧୯୭୮ରେ ତାଙ୍କୁ ମିଳିଥିଲା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। ଜୀବଦ୍ଦଶାରେ ସେ ୭୫ ଖଣ୍ଡ ପୁସ୍ତକ ଲେଖି ତାମିଲ ଭାଷା ସାହିତ୍ୟର ଗୌରବ ବୃଦ୍ଧି କରିଥିଲେ।

**ତେଜସ୍ୱୀଙ୍କୁ ଭାଜପା ସହଯୋଗୀ ଦୁଷ୍ୟନ୍ତଙ୍କ ପ୍ରଶଂସା**

ହରିୟାଣାର ଉପମୁଖ୍ୟମନ୍ତ୍ରୀ ତଥା ଜନନାୟକ ଜନତା ପାର୍ଟି (ଜେଜେପି) ନେତା ଦୁଷ୍ୟନ୍ତ ଚୌତାଲା ବୁଧବାର ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ପ୍ରଶଂସା କରିଛନ୍ତି। ଏନ୍‌ଡିଏ ବିରୋଧରେ ତାଙ୍କ ଲଢ଼େଇ ବେଶ୍ ଭଲ ରହିଥିଲା ବୋଲି ଚୌତାଲା ପ୍ରକାଶ କରିଛନ୍ତି। ହରିୟାଣାରେ ଜେଜେପି ଏନ୍‌ଡିଏର ଅଂଶବିଶେଷ ହୋଇଥିବାବେଳେ ବିହାର ନିର୍ବାଚନରେ ଆର୍‌ଜେଡି ନେତୃତ୍ୱାଧୀନ ମହାମେଣ୍ଟ ଏନ୍‌ଡିଏ ବିରୋଧରେ ନିର୍ବାଚନ ଲଢ଼ୁଥିଲା।

## ସଂକ୍ଷେପରେ

### ବାହାରିନ୍ ପ୍ରଧାନମନ୍ତ୍ରୀ ଖଲିଫାଙ୍କ ପରଲୋକ



**ମାନାମା,୧୧।୧୧:** ବାହାରିନ ପ୍ରଧାନମନ୍ତ୍ରୀ ପ୍ରିନ୍ସ ଖଲିଫା ବିନ୍ ସଲ୍‌ମାନ ଅଲ୍-ଖଲିଫାଙ୍କ ବୁଧବାର ସକାଳେ ଆମେରିକାର ମାୟୋ କ୍ଲିନିକ୍ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ହୋଇଥିଲା। ବିଶ୍ୱରେ ସର୍ବାଧିକ ବର୍ଷ ସେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ତିନି ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ବାହାରିନ୍‌ର ରାଜନୈତିକ ଓ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ତାଙ୍କର ବିଶେଷ ଭୂମିକା ରହିଥିଲା। ସୁନ୍ନିବହୁଳ ରାଜ୍ୟଗୁଡ଼ିକ ତାଙ୍କୁ ପସନ୍ଦ କରୁ ନ ଥିଲେ। ତାଙ୍କ ମୃତ୍ୟୁ ଯୋଗୁ ଦେଶରେ ସପ୍ତାହବ୍ୟାପୀ ଶୋକ ପାଳନ କରାଯିବା ସହ ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯିବ। ବିଭିନ୍ନ ସରକାରୀ ବିଭାଗ ୩ ଦିନ ଲାଗି ଛୁଟି ଘୋଷଣା କରାଯାଇଛି। ପ୍ରକାଶଥାଉ କି, ୧୯୩୫ ନଭେମ୍ବର ୨୪ରେ ଜନ୍ମଗ୍ରହଣ କରିଥିବା ଖଲିଫା ଦେଶ ସ୍ୱାଧୀନତା ପରେ ୧୯୭୧ରେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଥିଲେ।

### ବାଇଡେନ୍‌ଙ୍କ ଟିମ୍‌ରେ ଭାରତୀୟ ବଂଶୋଦ୍ଭବ

**ୱାଶିଂଟନ,୧୧।୧୧:** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ କୋଭିଡ୍-୧୯ ଟାସ୍କଫୋର୍ସରେ ଭାରତୀୟ ବଂଶୋଦ୍ଭବ ଡା. ସେଲାଇନ୍ ଆର୍. ଗ୍ରାଉଣ୍ଡର ସ୍ଥାନ ପାଇଛନ୍ତି। ତାଙ୍କ ପରିବାର ତାମିଲନାଡୁରେ ରହୁଥିବାବେଳେ ରାଜ୍ୟ ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀ ଏବଂ ବିରୋଧୀ ଦଳ ନେତା ଏମ୍.କେ. ଷ୍ଟାଲିନ୍ ଡା. ସେଲାଇନ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଭାବେ ସେ କାର୍ଯ୍ୟ କରନ୍ତି।

### ଅର୍ଜୁନ ରାମପାଲଙ୍କ ଗର୍ଲଫ୍ରେଣ୍ଡଙ୍କୁ ଏନ୍‌ସିବି ଜେରା



**ମୁମ୍ବାଇ,୧୧।୧୧:** ବଲିଉଡ୍‌ରେ ଡ୍ରଗ୍ସ କାରବାର ଉପରେ କଡ଼ା ନଜର ରଖିଥିବା ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପକ୍ଷରୁ ବୁଧବାର ଅଭିନେତା ଅର୍ଜୁନ ରାମପାଲଙ୍କ ଗର୍ଲଫ୍ରେଣ୍ଡ ଗେବ୍ରିଏଲା ଡେମେଟ୍ରିଆଡେସ୍‌ଙ୍କୁ ମୁମ୍ବାଇରେ ୬ ଘଣ୍ଟା ଧରି ଜେରା କରାଯାଇଛି। ସୋମବାର ୩୩ ବର୍ଷୀୟା ଗେବ୍ରିଏଲାଙ୍କ ଘରେ ଏନ୍‌ସିବି ଚଢ଼ାଉ କରିଥିଲା। ତାଙ୍କୁ ଗୁରୁବାର ମଧ ଜେରା କରାଯାଇପାରେ। ସେପଟେ ଡ୍ରଗ୍ସ ମାମଲାରେ ଗର୍ଲଫ୍ରେଣ୍ଡଙ୍କ ଭାଇ ଏଜିସିଆଲୋସ୍‌ଙ୍କୁ ଗିରଫ କରାଯାଇଥିବାବେଳେ ଅର୍ଜୁନଙ୍କୁ ମଧ ସମନ ଜାରି କରାଯାଇଛି।

# ଫାଇଜର ଟିକା ଭାରତ ଲାଗି ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୧୧।୧୧**




- ଦାମ୍ ଅଧିକ, ୭୦ ଡିଗ୍ରୀ ତାପମାତ୍ରାରେ ରଖାଯିବ
- ରୁଷିଆର 'ସ୍ପୁଟିନିକ୍ ଭି' ଟିକା ୯୨% ସଫଳ

ଆମେରିକାର ଔଷଧ କମ୍ପାନୀ ଫାଇଜର ଟିକା ନେଇ ବେଶ୍ ଆଶାବାଦୀ ରହିଛି। କରୋନା ଭାଇରସ୍ ରୋକିବାରେ ଏହା ୯୦%ରୁ ଅଧିକ ସଫଳ ବୋଲି ଜଣାପଡ଼ିବା ପରେ ବିଶ୍ୱବ୍ୟାପୀ ଆଶା ସଞ୍ଚାର ହୋଇଛି। ହେଲେ ଟିକା ପ୍ରସ୍ତୁତ ସହ ଏହାର ସୁରକ୍ଷା, ବିତରଣ, ଟିକାକରଣ ଦିଗ ପ୍ରତି ଅଧିକ ଯତ୍ନବାନ ହେବା ଜରୁରୀ। ଫାଇଜର ଟିକାକୁ ୭୦ ଡିଗ୍ରୀ ତାପମାତ୍ରାରେ ସୁରକ୍ଷିତ ଭାବେ ରଖାଯିବା ଜରୁରୀ। ଏଥିସହ ଫାଇଜର କୋଭିଡ୍ ଟିକାର ମୂଲ୍ୟ ଢେର୍ ଅଧିକ ହୋଇଥିବାରୁ ଭାରତ ଭଳି ବିକାଶୋନ୍ମୁଖୀ ରାଷ୍ଟ୍ର କ୍ଷେତ୍ରରେ ଏହା ସବୁ ଲୋକଙ୍କୁ ପ୍ରଦାନ କରାଯିବା କଷ୍ଟକର ବ୍ୟାପାର ବୋଲି କୁହାଯାଉଛି। ଏମ୍ସର ନିର୍ଦ୍ଦେଶକ ଡା. ରଣଦୀପ ଗୁଲେରିଆ ମଧ ସମାନ କଥା କହିଛନ୍ତି। ଫାଇଜର ଟିକାର ତୃତୀୟ ପର୍ଯ୍ୟାୟ ପରିଣାମ ବେଶ୍ ଉତ୍ସାହଜନକ ହୋଇଥିଲେ ହେଁ ଭାରତ ଭଳି ଦେଶଗୁଡ଼ିକରେ ୭୦ ଡିଗ୍ରୀ ତାପମାନରେ ଏହାକୁ ଷ୍ଟୋରକରିବା କଷ୍ଟକର ବ୍ୟାପାର। ବିଶେଷକରି ଛୋଟ ସହର ଓ ଗ୍ରାମାଞ୍ଚଳରେ ଏହି ଟିକା ଷ୍ଟୋରକରି ରଖାଯିବା ଅସମ୍ଭବ ମନେହେଉଛି।

କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି, ଏନେଇ କେନ୍ଦ୍ର ସରକାର ନୀତି ସ୍ପଷ୍ଟ କରିବା ଦରକାର। ଫାଇଜର ଟିକା ବେଶ୍ ଫଳପ୍ରଦ ହେବ ବୋଲି କୁହାଯାଇଛି। ଏହାର ଷ୍ଟୋରେଜ୍ ଭିତ୍ତିଭୂମି ବିକାଶ କରିବା ଓ ଟିକା ବିତରଣ ସମ୍ପର୍କରେ ସରକାର ରୋଡ୍‌ମ୍ୟାପ୍ ଯଥାଶୀଘ୍ର ପ୍ରସ୍ତୁତ କରିବା ଅନିବାର୍ଯ୍ୟ। ଆମେରିକା, ଜାପାନ, ବ୍ରିଟେନ୍ ଭଳି ଧନୀ ରାଷ୍ଟ୍ରଗୁଡ଼ିକ ଫାଇଜର ଟିକାର ସୁଫଳ ପାଇବା ସମ୍ଭାବନା ଉଜ୍ଜ୍ୱଳ ହୋଇଥିବାବେଳେ ଭାରତ ଭିତ୍ତିଭୂମି ବିକାଶକୁ ଅଧିକ ଗୁରୁତ୍ୱ ଦେବା ଜରୁରୀ।

ଅପରପକ୍ଷରେ ରୁଷିଆ ପ୍ରସ୍ତୁତ କରିଥିବା କରୋନା ଟିକା 'ସ୍ପୁଟିନିକ୍ ଭି' ୯୨% ସଫଳ ବୋଲି ଜଣାପଡ଼ିଛି। ଏନେଇ ବୁଧବାର ରୁଷିଆର ନ୍ୟାଶନାଲ ରିସର୍ଚ୍ଚ ସେଣ୍ଟର ଫର୍ ଇପିମେଡିଓଲୋଜି ଆଣ୍ଡ ମାଇକ୍ରୋବାୟୋଲୋଜି ପକ୍ଷରୁ ବୁଧବାର ଏହି ଦାବି କରାଯାଇଛି। ଏହି ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷା ଶେଷ ହୋଇଛି। ମାନବ ପରୀକ୍ଷଣ ପରେ ରୁଷିଆ ଟିକା ୯୨% ସଫଳ ବୋଲି ଘୋଷଣା କରାଯାଇଛି।



ଜମ୍ମୁ-କଶ୍ମୀରର କଠୁଆସ୍ଥିତ ମନୟାରୀ ଗ୍ରାମର ଜଣେ ମହିଳା ପାକିସ୍ତାନୀ ସେନା ମାଡ଼ କରିଥିବା ମୋର୍ଟାର ସେଲ୍‌ଗୁଡ଼ିକୁ ଦେଖାଉଛନ୍ତି ।

# ଗଣତନ୍ତ୍ରକୁ ବଂଶବାଦ ବିପଦ

**ନୂଆଦିଲ୍ଲୀ,୧୧।୧୧**



**ବିଜୟ ପରେ ବିରୋଧୀଙ୍କୁ ଟାର୍ଗେଟ କଲେ ମୋଦି**

ଗଣତନ୍ତ୍ର ହେଉଛି ସବୁଠୁ ବଡ଼ ଶକ୍ତି। ଆମର ଏହି ବଳକୁ ଦେଶର ଜନତା ଉଚିତ ମୂଲ୍ୟ ଦେଇଛନ୍ତି। ମାତ୍ର ଆମକୁ ଯାହା ପଛକୁ ଟାଣୁଛି ତାହା ହେଲା ପରିବାର ଚାଳିତ ରାଜନୈତିକ ଦଳ। ଏପରି ଦଳ କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସବୁଠି ରହିଛି। ସେମାନେ ନିଜର ଯୋଜନା ପ୍ରସ୍ତୁତ କରୁଛନ୍ତି। କେବଳ ଆଞ୍ଚଳିକ ଦଳ ନୁହନ୍ତି, ଜାତୀୟ ସ୍ତରରେ ଥିବା ବଡ଼ ଦଳ ମଧ ଗୋଟିଏ ପରିବାର ଭିତରେ ସୀମିତ ହୋଇଯାଉଛି। ଗଣତନ୍ତ୍ର ପ୍ରତି ଏହା ହିଁ ସବୁଠୁ ବଡ଼ ବିପଦ। ବଂଶବାଦ ଓ ଗଣତନ୍ତ୍ର ଏକସଙ୍ଗେ ଚାଲେନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ବିରୋଧୀ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଏବଂ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ବିହାର ବିଧାନସଭା ନିର୍ବାଚନରେ ଭାଜପାର ବିଜୟ ପରେ ଲୋକଙ୍କୁ ଧନ୍ୟବାଦ ଦେବାକୁ ଯାଇ ନୂଆଦିଲ୍ଲୀସ୍ଥିତ ଦଳୀୟ କାର୍ଯ୍ୟାଳୟରେ ମୋଦି ସମ୍ବୋଧନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଯେଉଁମାନେ ଆମକୁ ଜିତାଇଛନ୍ତି କେବଳ ସେମାନଙ୍କୁ ଧନ୍ୟବାଦ ଦେବାକୁ ଚାହୁଁନାହିଁ। ଏହି ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହୋଇଥିବା ସମସ୍ତଙ୍କୁ ଧନ୍ୟବାଦ।

# ଭାଜପାକୁ ସୁଦୃଢ଼ କରିବା ଲକ୍ଷ୍ୟ ଥିଲା: ଚିରାଗ

**ପାଟନା,୧୧।୧୧**

ବିହାର ବିଧାନସଭା ନିର୍ବାଚନରେ ଭାଜପାକୁ ସୁଦୃଢ଼ କରାଇବା ଲକ୍ଷ୍ୟ ନେଇ ଏଲ୍‌ଜେପି ନିର୍ବାଚନ ଲଢ଼ିଥିଲା ବୋଲି ଅଧ୍ୟକ୍ଷ ଚିରାଗ ପାସୱାନ ବୁଧବାର ଏକ ଗଣମାଧ୍ୟମ ସମ୍ମିଳନୀରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଜେଡ଼ିୟୁକୁ ଦୁର୍ବଳ କରିବା ପାଇଁ ଆମେ ରଣନୀତି ପ୍ରସ୍ତୁତ କରିଥିଲୁ। ଏଥିରେ ଆମେ ସଫଳ ହୋଇଛୁ ବୋଲି ଚିରାଗ କହିଛନ୍ତି। ରାଜ୍ୟରେ ନୀତିଶଙ୍କ ଦଳ ଭଲ ପ୍ରଦର୍ଶନ କରିପାରି ନାହିଁ। ଏଲ୍‌ଜେପି ବିଧାନସଭା ନିର୍ବାଚନରେ ଗୋଟିଏ ଆସନ ପାଇଥିଲେ ବି ଆମର କୌଣସି କ୍ଷତି ହୋଇ ନାହିଁ। ୨୦୨୫ରେ ପୁଣି ଭାଗ୍ୟ ପରୀକ୍ଷା ହେବ ବୋଲି ସେ କହିଛନ୍ତି। ଚିରାଗଙ୍କ ଏଭଳି ମନ୍ତବ୍ୟ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି।



# ୬୮% ବିଜେତା ଦାଗୀ, ୮୧% କୋଟିପତି

**ନୂଆଦିଲ୍ଲୀ,୧୧।୧୧**

ବିହାର ବିଧାନସଭା ନିର୍ବାଚନରେ ବିଜୟୀ ହୋଇଥିବା ୨୪୩ ଜଣଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ପ୍ରାର୍ଥୀଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ସେହିପରି ୮୧% ବିଜେତା କୋଟିପତି ବୋଲି ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ପକ୍ଷରୁ ବୁଧବାର କୁହାଯାଇଛି। ନବନିର୍ବାଚିତ ୨୪୧ ବିଧାୟକଙ୍କ ସତ୍ୟପାଠକୁ ବିଶ୍ଲେଷଣ କରାଯିବା ପରେ ଜଣାପଡ଼ିଛି ଯେ, ୧୬୩ ଜଣ ଅର୍ଥାତ୍ ୬୮ ପ୍ରତିଶତଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ସେମାନଙ୍କ ମଧ୍ୟରୁ ୧୨୩ ଜଣ ବା ୫୧% ହେଉଛନ୍ତି ହତ୍ୟା, ହତ୍ୟା ଉଦ୍ୟମ, ଅପହରଣ ଓ ମହିଳା ବିରୋଧୀ ଅପରାଧ ଭଳି ସଙ୍ଗିନ ମାମଲାରେ ଅଭିଯୁକ୍ତ। ଆର୍‌ଜେଡିର ୪୪, ଭାଜପା ୩୫, ଜେଡିୟୁ ୧୧ ଓ କଂଗ୍ରେସର ୧୧ ବିଜୟୀ ପ୍ରାର୍ଥୀଙ୍କ ବିରୋଧରେ ଏପରି ମାମଲା ରହିଛି। ଅନ୍ୟପକ୍ଷରେ ୧୯୪ ଜଣ ସେମାନଙ୍କ ନିକଟରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଭାଜପାରେ ସବୁଠୁ ଅଧିକ ୭୩ ଜଣ କୋଟିପତି ଥିବାବେଳେ ଦ୍ୱିତୀୟରେ ରାଷ୍ଟ୍ରୀୟ ଜନତା ଦଳ(୬୪) ଓ ତୃତୀୟରେ ସଂଯୁକ୍ତ ଜନତା ଦଳ (୩୮) ପ୍ରାର୍ଥୀ ରହିଛନ୍ତି।

## ବିହାର ଜନାଦେଶ

# ସ୍ୱଳ୍ପ ଭୋଟ ବ୍ୟବଧାନରେ ୮ ବିଜୟୀ

**ପାଟନା,୧୧।୧୧**

**ହିଲ୍‌ସାରେ ୧୨ ଭୋଟରେ ହାରିଲେ ଆର୍‌ଜେଡି ପ୍ରାର୍ଥୀ**

ବିହାର ବିଧାନସଭା ନିର୍ବାଚନ ଶେଷ ହୋଇଥିବାବେଳେ ଅନେକ ଆସନରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ତେବେ ୮ ଆସନରେ ସବୁଠାରୁ ଅଧିକ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ରାଜ୍ୟର ହିଲ୍‌ସା ଆସନରେ ଆର୍‌ଜେଡି ପ୍ରାର୍ଥୀ ଶକ୍ତି ସିଂ ଯାଦବ ଜେଡିୟୁ ପ୍ରାର୍ଥୀ କ୍ରିଷ୍ଣା ମୁରାରି ଶରନ୍‌ଙ୍କଠାରୁ ମାତ୍ର ୧୨ ଖଣ୍ଡ ଭୋଟରେ ପରାସ୍ତ ହୋଇଛନ୍ତି। ଯାଦବଙ୍କୁ ୬୧,୮୩୬ ଭୋଟ ମିଳିଥିବାବେଳେ ଶରନ୍‌ଙ୍କୁ ୬୧,୮୪୮ ଭୋଟ ମିଳିଥିଲା। ସେହିଭଳି ବାଛୱାରାରେ ଭାଜପା ପ୍ରାର୍ଥୀ ସୁରେନ୍ଦ୍ର ମେହେଟା ମାତ୍ର ୪୮୪ ଭୋଟ ବ୍ୟବଧାନରେ ଅବଧେଶ ରାଇଙ୍କୁ ପରାସ୍ତ କରିଛନ୍ତି। ସିପିଆଇର ସୂର୍ଯ୍ୟକାନ୍ତ ପାଶ୍ୱାନ ଭାକ୍ରି ଆସନରେ ଭାଜପା ପ୍ରାର୍ଥୀ ରାମଶଙ୍କର ପ୍ରସାଦଙ୍କୁ ୭୭୭ ଭୋଟ ବ୍ୟବଧାନରେ ହରାଇଛନ୍ତି। ବର୍‌ବିଘା ଆସନରେ ଜେଡିୟୁର ସୁରେନ୍ଦ୍ର କୁମାର କଂଗ୍ରେସ ପ୍ରାର୍ଥୀ ଗଜାନନ୍ଦ ସାହାଣୀଙ୍କୁ ମାତ୍ର ୧୧୩ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ସେହିଭଳି ଭୋରେ ଆସନରେ ଜେଡିୟୁ ପ୍ରାର୍ଥୀ ସୁନୀଲ କୁମାର ପ୍ରତିପକ୍ଷ ସିପିଆଇ(ଏମ୍‌ଏଲ୍) ପ୍ରାର୍ଥୀ ଜିତେନ୍ଦ୍ର ପ୍ରସାଦଙ୍କୁ ମାତ୍ର ୪୬୨ ଭୋଟରେ ପରାଜିତ କରିଛନ୍ତି। ମାଟିହାଣି ଆସନରେ ଏଲ୍‌ଜେପି ପ୍ରାର୍ଥୀ ରାଜ୍‌କୁମାର ସିଂ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନରେନ୍ଦ୍ର ସିଂ ଓରଫ ବୋଗୋ ସିଂଙ୍କୁ ମାତ୍ର ୩୩୩ ଭୋଟରେ ପରାସ୍ତ କରିଛନ୍ତି। ଆର୍‌ଜେଡିର ସୁଧାକର ସିଂ ରାମଗଡ଼ ଆସନରେ ବିଏସ୍‌ପି ପ୍ରାର୍ଥୀ ଅମ୍ବିକା ସିଂଙ୍କୁ ୧୮୯ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ଆର୍‌ଜେଡିର ଅନିଲ ସାହାଣୀ କୁର୍‌ହାନି ଆସନରେ ଭାଜପା ପ୍ରାର୍ଥୀ କେଦାର ଗୁପ୍ତାଙ୍କୁ ୭୧୨ ଭୋଟରେ ପରାଜିତ କରି ବିଜୟୀ ହୋଇଛନ୍ତି। ପ୍ରକାଶଥାଉ କି, ରାତି ୪ଟାରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଚୂଡ଼ାନ୍ତ ନିର୍ବାଚନୀ ଫଳାଫଳ ଘୋଷଣା କରାଯାଇଥିଲା। ଏଥିରେ ଏନ୍‌ଡିଏକୁ ୧୨୫ ଓ ମହାମେଣ୍ଟକୁ ୧୧୦ ଆସନ ମିଳିଥିଲା।

# ପୁଣି ନୀତୀଶ ହେବେ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ,୧୧।୧୧**



ନୀତୀଶ କୁମାର

ବିହାରରେ ଏନ୍‌ଡିଏକୁ ଜନାଦେଶ ମିଳିଛି। ମେଣ୍ଟ ମୋଟ ୨୪୩ରୁ ୧୨୫ ଆସନ ଜିତିବାରେ ସକ୍ଷମ ହୋଇଛି। ଭାଜପା ୭୪ , ଜେଡିୟୁ ୪୩ ଆସନ ପାଇଥିଲାବେଳେ ମହାମେଣ୍ଟ ୧୧୦ରେ ସୀମିତ ରହିଛି। ତେବେ ପ୍ରତିଜ୍ଞା ମୁତାବକ ବିହାରରେ ଏନ୍‌ଡିଏ ପକ୍ଷରୁ ଜେଡିୟୁ ନେତା ନୀତୀଶ କୁମାର ଚତୁର୍ଥ ଥର ଲାଗି ରାଜ୍ୟର ମୁଖ୍ୟମନ୍ତ୍ରୀ ହେବେ, ଏଥିରେ କୌଣସି ଦ୍ୱନ୍ଦ୍ୱ ନାହିଁ ବୋଲି ଭାଜପା ନେତା ତଥା ବିହାର ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦି ବୁଧବାର କହିଛନ୍ତି। ଏନ୍‌ଡିଏ ସପକ୍ଷରେ ମତଦାନ କରିଥିବାରୁ ସେ ବିହାରବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଦୀପାବଳି ପରେ ଶପଥ ଗ୍ରହଣ

**ପାଟନା,୧୧।୧୧**

ବିହାରରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ପୁଣିଥରେ ଶାସନ କରିବାର ସୁଯୋଗ ମିଳିଛି। ନୀତିଶ ଦୀପାବଳି ପରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ଜେଡ଼ିୟୁର ବରିଷ୍ଠ ନେତା କେ.ସି. ତ୍ୟାଗୀ ବୁଧବାର ସୂଚନା ଦେଇଛନ୍ତି। ରାଜ୍ୟରେ ନୂଆ ସରକାର ଗଠନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ଭାଜପା ପକ୍ଷରୁ ମଧ ନୀତିଶଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ ପଦରେ ବସାଇବା ଲାଗି ସବୁଜ ସଙ୍କେତ ଦିଆ ସରିଛି। ତେବେ ନୀତିଶଙ୍କ ଦଳ ଭଲ ପ୍ରଦର୍ଶନ କରି ନ ଥିବାରୁ ତାଙ୍କ ମନ ଖୁସି ନ ଥିବା ନେଇ ଚର୍ଚ୍ଚା ହେଉଛି। ଏନଡ଼ିଏର ବିଜୟ ହୋଇଥିଲେ ବି ନୀତିଶଙ୍କ ପରାଜୟ ହୋଇଥିବା ସମ୍ପର୍କରେ ରାଜ୍ୟ ରାଜନୀତିରେ ଆଲୋଚନା ହେଉଛି।

# ନୋଟାରେ ୭ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ

**ନୂଆଦିଲ୍ଲୀ,୧୧।୧୧**




ବିହାର ବିଧାନସଭା ନିର୍ବାଚନରେ ନନ୍ ଅଫ୍ ଦ ଆବଭ୍ (ନୋଟା)ରେ ୭ ଲକ୍ଷରୁ ଅଧିକ ଭୋଟ ପଡ଼ିଛି। ଏନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। ମୋଟ ୭,୦୬,୨୫୨ ଭୋଟର (୧.୭%) ନୋଟାରେ ଭୋଟ ଦେଇଥିବା ଜଣାପଡ଼ିଛି। ତିନି ପର୍ଯ୍ୟାୟ ମତଦାନରେ ୪ କୋଟିରୁ ଅଧିକ ଭୋଟର ସେମାନଙ୍କର ରାଜନୈତିକ ଅଧିକାର ସାବ୍ୟସ୍ତ କରିଥିଲେ। ମୋଟ ୭.୩ କୋଟି ଭୋଟରଙ୍କ ମଧ୍ୟରୁ ମାତ୍ର ୫୭.୦୯% ମତଦାନ କରିଥିଲେ। ୨୦୧୩ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଇଭିଏମ୍‌ରେ ନୋଟା ବଟନ ରହିବା ପରଠାରୁ ଦିନକୁ ଦିନ ଏଥିରେ ଅଧିକ ଭୋଟ ପଡ଼ିବାରେ ଲାଗିଛି। ବିହାର ନିର୍ବାଚନରେ ଅଧିକାଂଶ ଆସନରେ ଭୋଟରମାନେ ନୋଟାରେ ଭୋଟ ଦେଇଥିବା ଜଣାପଡ଼ିଛି।

# ଜେଲରୁ ମୁକୁଳିଲେ ଅର୍ଣ୍ଣବ

**ନୂଆଦିଲ୍ଲୀ,୧୧।୧୧**




ଅର୍ଣ୍ଣବ ଗୋସ୍ୱାମୀଙ୍କୁ ଜାମିନ ମିଳିବା ପରେ ନୂଆଦିଲ୍ଲୀର ଯନ୍ତରମନ୍ତରରେ ଉତ୍ସବ ମନାଉଛନ୍ତି ସମର୍ଥକ।

ରିପବ୍ଲିକ ଟିଭି ମୁଖ୍ୟ ସମ୍ପାଦକ ଅର୍ଣ୍ଣବ ଗୋସ୍ୱାମୀଙ୍କୁ ବୁଧବାର ସୁପ୍ରିମକୋର୍ଟରୁ ଅନ୍ତରୀଣ ଜାମିନ ମିଳିଛି। ୮ ଦିନ ପରେ ସେ ମୁମ୍ବାଇର ତଲୋଜା ଜେଲରୁ ବାହାରିଥିବାବେଳେ ତାଙ୍କୁ ସ୍ୱାଗତ କରାଯାଇଥିଲା। ୨୦୧୮ରେ ବାସ୍ତୁକାର ଅନ୍ୱୟ ନାଏକ ଓ ତାଙ୍କ ମା'ଙ୍କୁ ଆତ୍ମହତ୍ୟା ଲାଗି ଉସୁକାଇବା ଘଟଣାରେ ମହାରାଷ୍ଟ୍ର ପୋଲିସ ଅର୍ଣ୍ଣବ ଓ ଅନ୍ୟ ୨ ଜଣଙ୍କୁ ଗିରଫ କରିଥିଲା। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଓ ଇନ୍ଦିରା ବାନାର୍ଜୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଭିଡିଓ କନ୍‌ଫରେନ୍ସ ଜରିଆରେ ମାମଲାର ବିଚାର କରି ମହାରାଷ୍ଟ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ତଦନ୍ତ କାର୍ଯ୍ୟରେ ସହଯୋଗ କରିବା ଲାଗି ସୁପ୍ରିମକୋର୍ଟ ଅର୍ଣ୍ଣବଙ୍କୁ କହିଛନ୍ତି। ୩ ଜଣଙ୍କୁ ୫୦ ହଜାର ଟଙ୍କାର ବଣ୍ଡ ଦାଖଲ କରି ଯିବା ଲାଗି କୋର୍ଟ କହିଛନ୍ତି। ଶୁଣାଣି ବେଳେ ବିଚାରପତି ଚନ୍ଦ୍ରଚୂଡ଼ ନିଜେ ରିପବ୍ଲିକ ଟିଭି ଦେଖି ନାହିଁ ବୋଲି କହିଥିଲେ। ଦୁଇଦିନ ତଳେ ମୁମ୍ବାଇ ହାଇକୋର୍ଟ ଅର୍ଣ୍ଣବଙ୍କ ଜାମିନ ଖାରଜ କରିଦେବା ପରେ ସେ ସୁପ୍ରିମକୋର୍ଟରେ ଏନେଇ ଆବେଦନ କରିଥିଲେ। ଅର୍ଣ୍ଣବଙ୍କ ଓକିଲ ହରିଶ୍ ସାଲ୍‌ଭେ ଯୁକ୍ତି ଦର୍ଶାଇଥିଲେ ଯେ, ଆତଙ୍କବାଦୀ ଭଳି ଅର୍ଣ୍ଣବଙ୍କୁ ବ୍ୟବହାର କରାଯାଉଛି। ତାଙ୍କ ବିରୋଧରେ କୌଣସି ହତ୍ୟା ମାମଲା ନ ଥିବାବେଳେ ତାଙ୍କୁ ଜାମିନ ପ୍ରଦାନ କରାଯାଉ ନାହିଁ। ସେପଟେ ସଶସ୍ତ୍ର ମୁମ୍ବାଇ ପୋଲିସ ଅର୍ଣ୍ଣବଙ୍କୁ ତାଙ୍କ ବାସଭବନରୁ ଗିରଫ କରି ଅଭଦ୍ରାମି କରିବା ଠିକ୍ ନ ଥିଲା ବୋଲି ସାଲ୍‌ଭେ କହିଛନ୍ତି।

# ତିନି ପର୍ଯ୍ୟାୟରେ ହେବ ସେନା ପ୍ରତ୍ୟାହାର

**ନୂଆଦିଲ୍ଲୀ,୧୧।୧୧**



**ଭାରତ- ଚାଇନା ସୀମା ବୁଝାମଣା**

ସୀମା ବିବାଦକୁ ନେଇ ଭାରତ- ଚାଇନା ମଧ୍ୟରେ ଗତ ୭ ମାସ ହେବ ସ୍ଥିତି ଜଟିଳ ରହିଥିବାବେଳେ ଉଭୟ ଦେଶର ସୈନ୍ୟ ଏଲ୍‌ଏସି ନିକଟରେ ସଶସ୍ତ୍ର ପଇଁତରା ମାରୁଛନ୍ତି। ତେବେ ଆଲୋଚନା ମାଧ୍ୟମରେ କିଛିଟା ସମାଧାନର ବାଟ ଫିଟିଛି। ଦୁଇଦେଶ ପାଙ୍ଗୋଙ୍ଗ ହ୍ରଦ ନିକଟରୁ ତିନି ପର୍ଯ୍ୟାୟରେ ସୈନ୍ୟ ଅପସାରଣ କରିବାକୁ ରାଜି ହୋଇଛନ୍ତି। ଦୁଇପକ୍ଷ ନିଜର ୩୦ ପ୍ରତିଶତ ସୈନ୍ୟବଳ ବିବାଦୀୟ ଅଞ୍ଚଳରୁ ହଟାଇବେ। ୩ ଦିନ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ। ଚାଇନା ଫିଙ୍ଗର-୮ ଅଞ୍ଚଳରୁ ପଛକୁ ଫେରିବ। ସେହିପରି ଭାରତୀୟ ସେନା ଧାନ ସିଂ ଥାପା ପୋଷ୍ଟକୁ ଫେରି ଆସିବେ। ଉତ୍ତେଜନା ସମୟରେ ଚୁଶୁଲ ଏବଂ ରେଜାଙ୍ଗ୍ ଲା ପାହାଡ଼ରେ ଅଧିକୃତ ହୋଇଥିବା ଅଞ୍ଚଳକୁ ଉଭୟ ପକ୍ଷ ଖାଲି କରିବେ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ପୂର୍ବ ଲଦାଖ ଅଞ୍ଚଳରୁ ୨୦୨୧ ଏପ୍ରିଲ-ମେ' ବେଳକୁ ସମସ୍ତ ସୈନ୍ୟ ହଟାଯିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି। କ୍ରମଶଃ ଦୁଇଦେଶ ପୂର୍ବସ୍ଥିତିକୁ ଫେରିଯିବେ। ସୀମାରେ ଶାନ୍ତିର ବାତାବରଣ ସୃଷ୍ଟିକରିବା ଲାଗି ଦୁଇଦେଶ ଆହ୍ୱାନ ଦେଇଛନ୍ତି। ଅଷ୍ଟମ କର୍ପସ କମାଣ୍ଡରସ୍ତରୀୟ ଆଲୋଚନାରେ ଏନେଇ ଆଲୋଚନା କରାଯାଇଥିଲା। ଆସନ୍ତା ସପ୍ତାହରୁ ସୈନ୍ୟ ଅପସାରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ସୀମାରେ ଠୁଳ କରାଯାଇଥିବା ଟ୍ୟାଙ୍କ ଏବଂ ଅନ୍ୟାନ୍ୟ ଯୁଦ୍ଧାସ୍ତ୍ର ମଧ ଉଭୟ ଦେଶ ଅପସାରଣ କରିବେ। ନଭେମ୍ବର ୬ରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ନବୀନ ଶ୍ରୀବାସ୍ତବ ଏହି ଦ୍ୱିପାକ୍ଷିକ ଆଲୋଚନାରେ ଭାଗ ନେଇଥିଲେ। ଆଲୋଚନା ପରେ ଉଭୟ ଦେଶ ସୀମାରୁ ସୈନ୍ୟ ଓ ଯୁଦ୍ଧାସ୍ତ୍ର ଅପସାରଣ କରିବା ଲାଗି ସହମତି ପ୍ରକାଶ ପାଇଥିଲା। ସମାଧାନର ବାଟ ବାହାରିଥିବାବେଳେ ଚାଇନାର ଆଭିମୁଖ୍ୟକୁ ଦେଖି ଭାରତ ବିଭିନ୍ନ ପଦକ୍ଷେପକୁ ତନଖି କରୁଛି। ଗଲ୍‌ୱାନ୍ ଉପତ୍ୟକାରେ ଦୁଇଦେଶର ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସଂଘର୍ଷ ଘଟିବା ଓ ଭାରତୀୟ ସେନାର ୨୦ ଯବାନ ଶହୀଦ ହେବା ଘଟଣା ଭୁଲିବା ମୁସ୍କିଲ। ଏଥିସହ ଚାଇନାର ସାମ୍ରାଜ୍ୟବାଦୀ ଆଭିମୁଖ୍ୟ ଓ ପଛରୁ ଛୁରିକାଘାତ ଭାରତକୁ ଆଉ ଅଛପା ନାହିଁ। ଭାରତ ଶାନ୍ତିର ସହ ସୀମା ବିବାଦର ସମାଧାନ ଚାହୁଁଥିବାବେଳେ ଚାଇନାର ଦୋମୁହାଁ ନୀତି ପ୍ରତି ମଧ ଯତ୍ନବାନ ରହିବାକୁ ପ୍ରତିରକ୍ଷା ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ନଭେମ୍ବର ୧୨, ୨୦୨୦



## ପିକ୍‌ଅପ୍ ଭ୍ୟାନ୍ ଓଲଟି ୨୨ ଶ୍ରମିକ ଆହତ

ସରଣ୍ଡା: ବରଗଡ଼-ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥର ଗୋଡ଼ଭଗାଠାରେ ବୁଧବାର ଛତିଶଗଡ଼ରୁ ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ବା ନିକଟ କର୍ଣ୍ଣଟିକ୍ରାକୁ ଶ୍ରମିକଙ୍କୁ ନେଇ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡ଼ି୧୭/୭୫୭୭) ଦୁର୍ଘଟଣାଗ୍ରସ୍ତ ହୋଇଛି । ସେହି ପିକ୍‌ଅପ୍ ଭ୍ୟାନରେ ଥିବା ୨୨ଶ୍ରମିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ନିର୍ମଳ ସିଧାର, ରାମଲାଲ ଚୌହାନ ଏବଂ ପଞ୍ଚୁ ନିସାଦଙ୍କ ଅବସ୍ଥା ଗୁରୁତର ରହିଛି । କଣ୍ଟିକ୍ରାର ଜଣେ ଚାଷୀ ତାଙ୍କ ଧାନ ଅମଳ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ସମ୍ପୃକ୍ତ ଶ୍ରମିକଙ୍କୁ ନିଜ ଗ୍ରାମକୁ ଆଣୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

## ସଂକ୍ଷେପରେ

### ୧୫ରୁ ଚାଲିବ ସମ୍ବଲପୁର-ରାୟଗଡ଼ା ସ୍ୱତନ୍ତ୍ର ଏକ୍ସପ୍ରେସ୍

ସମ୍ବଲପୁର, ୧୧।୧୧ (ବ୍ୟୁରୋ)

ଆସନ୍ତା ୧୫ ତାରିଖରୁ ସମ୍ବଲପୁର-ରାୟଗଡା- ସମ୍ବଲପୁର ସ୍ୱତନ୍ତ୍ର ଏକ୍ସପ୍ରେସ ପ୍ରତିଦିନ ଚଳାଚଳ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଟ୍ରେନ ନଂ. ୦୮୩୦୧ ସମ୍ବଲପୁର- ରାୟଗଡା ସ୍ୱତନ୍ତ୍ର ଟ୍ରେନ ସମ୍ବଲପୁରରୁ ସକାଳ ୬ଟା ୫ ମିନିଟରେ ଛାଡି ମଧ୍ୟାହ୍ନ ୧୨ଟା ୪୦ ମିନିଟରେ ରାୟଗଡାଠାରେ ପହଞ୍ଚିବ। ଟ୍ରେନ ନଂ. ୦୮୩୦୨ ରାୟଗଡା- ସମ୍ବଲପୁର ଏକ୍ସପ୍ରେସ ରାୟଗଡାରୁ ଅପରାହ୍ନ ୨ଟା ୫ ମିନିଟରେ ଛାଡି ରାତ୍ରି ୮ଟା ୨୦ ମିନିଟରେ ସମ୍ବଲପୁର ଷ୍ଟେଶନରେ ପହଞ୍ଚିବ । ଏହି ଟ୍ରେନରେ ୬ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ ବଗି, ଗୋଟିଏ ଦ୍ୱିତୀୟ ଶ୍ରେଣୀ ସ୍ଲିପର୍ କୋଚ, ୨ଟି ଗାର୍ଡ ସହ ଲଗେଜ୍ ଭ୍ୟାନ ରହିଛି। ସମ୍ବଲପୁର ରାୟଗଡା ମଧ୍ୟରେ ହୀରାକୁଦ, ଅତାବିରା, ବରଗଡ ରୋଡ, ବରପାଲି, ଲୋଇସିଂହା, ବଲାଙ୍ଗୀର, ସଇଁତଲା, ବଡମାଳ, ଟିଟିଲାଗଡ, କେସିଙ୍ଗା, ରୁପ୍ରା ରୋଡ, ନର୍ଲା ରୋଡ, ଲାଞ୍ଜିଗଡ ରୋଡ, ଆମ୍ଭୋଦଳା, ମୁନିଗୁଡା, ଥେରୁବାଲି ଓ ସିଙ୍ଗାପୁର ରୋଡ ଷ୍ଟେଶନରେ ରହିବ । ବୁଧବାର ସମ୍ବଲପୁର ରେଳ ମଣ୍ଡଳ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚିତ କରାଯାଇଛି ।

### ବାଇକ୍‌ରୁ ଛିଟିକି ଚାଳକ ମୃତ

କେଗାଁ, ୧୧।୧୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେଗାଁ ଥାନା ତୁରେଛଡା ଗ୍ରାମ ନିକଟରେ ବାଇକ୍‌ରୁ ଛିଟିକି ପଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ନୂଆପଡା ଜିଲା ବୋଡେନ ଥାନା କାମପୁର ଗ୍ରାମର ଦଶରଥ ମାଝି (୨୫)। ସେ ନିଜ ଗାଁରୁ ଗୋଲାମୁଣ୍ଡା ବ୍ଲକ ଲେଡେର ଗ୍ରାମକୁ ଜଣେ ସଂପର୍କୀୟଙ୍କ ଦଶାହ କାର୍ଯ୍ୟକୁ ଆସିଥିଲେ। ମଙ୍ଗଳବାର ରାତିରେ ଲେଡେର ଗ୍ରାମରୁ ଚପ୍ରିଆ ଗ୍ରାମକୁ ନିଜ ମାମୁଁ ଘରକୁ (ନଂ.ଓଡି୦୮ଏଲ-୧୨୮୦)ରେ ଆସୁଥିଲେ। ତୁରେଛଡା ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ବାଇକରୁ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କେଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

### ଶିକାରୀ ସନ୍ଦେହରେ ୨ଜଣଙ୍କୁ ଥାନାରେ ପଚରାଉଚୁରା

ବିନିକା,୧୦।୧୧(ଡି.ଏନ.ଏ.)-

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶିଲାଟି ଗ୍ରାମର ଚୌକିଜୋର ନିକଟରେ ବାର୍ହା ଧରିବା ପାଇଁ ବିଛା ଯାଇଥିବା ଫାଶରେ ପଡି ମଙ୍ଗଳବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ । ମୃତକ ହେଲେ ବରଗଡ ଜିଲା ଭେଡେନ ବ୍ଲକ ସାଲେପାଲି ଗ୍ରାମର ତ୍ରିଲୋଚନ ସାଥୁଆ (୧୭) । ଆହତ ବ୍ୟକ୍ତି ହେଲେ ବିନିକା ବ୍ଲକ ସିଲାଟି ଗ୍ରାମର ମନୋଜ ବଣିଆ(୩୨) । ଉଭୟ ସମ୍ପର୍କରେ ମାମୁଁ ଭଣଜା ଓ ଦଶହରାରେ ମାମୁଁ ଘରକୁ ତ୍ରିଲୋଚନ ବୁଲି ଆସିଥିବା ବେଳେ ଏହି ଅଘଟଣ ଘଟିଥିବା ଜଣାଯାଇଛି । ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ମୃତ ନାବାଳକଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ମୃତ ନାବାଳକଙ୍କ ପିତା ଲମ୍ବୋଦର ସାଥୁଆଙ୍କ ଏତଲା କ୍ରମେ ବିନିକା ଥାନାରେ ନଂ-୨୪୨/୨୦ରେ ଏକ ମାମଲା ରୁଜୁ ହୋଇଛି । ଆଜି ବିନିକା ପୋଲିସ ବାର୍ହା ଶିକାର ପାଇଁ ଫାଶ ବିଛାଇବା ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରି ୨ ଜଣ ବ୍ୟକ୍ତିଙ୍କୁ ଥାନାକୁ ଆଣି ପଚରା କରିଛି । ସୂଚନା ଯୋଗ୍ୟ ଯେ, ନାବାଳକ ଫାଶରେ ପଡି ମୃତ୍ୟୁବରଣ କରିବା ଘଟଣା ପ୍ରଚାର ହେବା ପରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ବିନିକା ଅଞ୍ଚଳବାସୀଙ୍କ ପକ୍ଷରୁ ସହରର କଲେଜ ଛକରେ ରାସ୍ତାରୋକୋ ଆନ୍ଦୋଳନ ହୋଇଥିଲା । ବିନିକା ବନ ବିଭାଗର ଦାୟିତ୍ୱହୀନ କାର୍ଯ୍ୟ, ଏଭଳି ଅମାନବୀୟ କାର୍ଯ୍ୟ କରୁଥିବା ଶିକାରୀମାନଙ୍କୁ ଗିରଫ ତଥା ମୃତକଙ୍କ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନ ଦାବି ନେଇ ରାସ୍ତାରୋକୋ ହୋଇଥିଲା। ବିନିକା ତହସିଲଦାର ଅଲେଖ ଘୁଟା ଓ ବିନିକା ଆଇଆଇସି ନିରଞ୍ଜନ ଦାଶ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା ।

# ବନ୍ଦ ହେବ ୧୩୭ ସ୍କୁଲ

ସୋନପୁର,୧୧।୧୧(ନି.ପ୍ର.)



**ସୁବର୍ଣ୍ଣପୁର ଜିଲା**

- ଜୀବିକା ହରାଇବେ ୨୭୪ ପାଚିକା, ସହାୟିକା
- ପ୍ରଭାବିତ ହେବେ ୨୪୮୮ ଛାତ୍ରୀଛାତ୍ର

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ଜିଲାରେ ୧୩୭ଟି ସ୍କୁଲକୁ ବନ୍ଦ କରି ନିକଟସ୍ଥ ବିଦ୍ୟାଳୟ ସହ ମିଶ୍ରଣ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ୍ ଥିବା ଦର୍ଶାଯାଇ ଏଭଳି ପଦକ୍ଷେପ ନିଆଯାଇଛି। ଏହି ମିଶ୍ରଣ ପ୍ରକ୍ରିୟାରେ ଛାତ୍ରୀଛାତ୍ରଙ୍କୁ ନିକଟରେ ଥିବା ସ୍କୁଲରେ ନାମ ଲେଖାଇବା ସହ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିବାକୁ ବ୍ୟବସ୍ଥା ହୋଇଛି। ତେବେ ସ୍କୁଲର ରୋଷେୟା(ପାଚିକା) ଓ ହେଲପର(ସହାୟିକା)ଙ୍କୁ ଥଇଥାନ କରିବାକୁ କୌଣସି ବ୍ୟବସ୍ଥା ନାହିଁ । ଏଣୁ ଜିଲାର ୨୭୪ଜଣ ପାଚିକା ଓ ସହାୟିକା ନିଜ ଜୀବିକା ହରାଇବାକୁ ବସିଛନ୍ତି । ସରକାର ଗ୍ରାମାଞ୍ଚଳ ଓ ଅପହଞ୍ଚ ଇଲାକାର ପିଲାଙ୍କୁ ଶିକ୍ଷାର ଆଲୋକ ଦେବା ପାଇଁ ଶିକ୍ଷା ବ୍ୟବସ୍ଥାକୁ ବ୍ୟାପକ କରିଥିଲେ । ଛୋଟ ଛୋଟ ଗାଁ ଓ ପଡାରେ ସ୍କୁଲ ଖୋଲି ୬ରୁ ୧୪ ବର୍ଷର ପିଲାଙ୍କୁ ପାଠୁଆ କରିବାକୁ ଉଦ୍ୟମ କରିଥିଲେ । ଏହି ଶିକ୍ଷା ବ୍ୟବସ୍ଥାରେ ଗ୍ରାମାଞ୍ଚଳର ବହୁ ପିଲା ଉପକୃତ ହୋଇଥିଲେ । ଏଥିପାଇଁ ସର୍ବଶିକ୍ଷା ଅଭିଯାନରେ କୋଟି କୋଟି ଟଙ୍କା ବ୍ୟୟବରାଦ ହୋଇ ସ୍କୁଲ ଭିତ୍ତିଭୂମିର ବିକାଶ ହୋଇଥିଲା । ତେବେ ୨୦୨୦-୨୧ ଶିକ୍ଷାବର୍ଷ ଠାରୁ ଜିଲାର ୬ଟି ବ୍ଲକ, ଗୋଟିଏ ମ୍ୟୁନିସିପାଲିଟି ଓ ୨ଟି ଏନଏସିର ମୋଟ ୧୩୭ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରାଯିବ। ଫଳରେ କୋଠାଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବା ଆଶଙ୍କା ରହିଛି । ଅନ୍ୟପକ୍ଷେ ଏହି ସବୁ ସ୍କୁଲରେ ପାଠ ପଢୁଥିବା ୨୪୮୮ଜଣ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେବେ। ବନ୍ଦ ହେବାକୁ ଥିବା ସ୍କୁଲର ଛାତ୍ରୀଛାତ୍ରଙ୍କୁ ନିକଟ ସ୍କୁଲରେ ନାମ ଲେଖାଇବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଏହି ନିଷ୍ପତ୍ତିକୁ ଅଭିଭାବକ ଓ ଗ୍ରାମବାସୀ ବିରୋଧ କରୁଛନ୍ତି । ଶିକ୍ଷକ ନିଯୁକ୍ତ ନ କରିବା ପାଇଁ ବିଦ୍ୟାଳୟ ବନ୍ଦ ସରକାରଙ୍କ ଏକ ଚାଲ୍ ବୋଲି ବିରୋଧୀ ଅଭିଯୋଗ କରୁଛନ୍ତି। ସୋନପୁର ସହରର କୋହ୍ଲପଡା ଓ ବିନିକା ବ୍ଲକ ମନୋରଞ୍ଜନପୁରର ଗ୍ରାମବାସୀ ସ୍କୁଲ ବନ୍ଦ ନ କରିବା ପାଇଁ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅନୁସୂଚିତ ଜାତି, ଜନଜାତି ବର୍ଗର ଲୋକେ ବସବାସ କରୁଥିବା ଓ ଦୁର୍ଗମ ଅଞ୍ଚଳରେ ଥିବା ପୁରାତନ ସ୍କୁଲଗୁଡିକୁ ବନ୍ଦ କରାଯାଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଅନ୍ୟ ସ୍କୁଲକୁ ପିଲାଙ୍କୁ ପାଠ ପଢିବାକୁ ଛାଡିବେ ନାହିଁ ବୋଲି କହୁଛନ୍ତି। ଏହାଦ୍ୱାରା ଜିଲାର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାର ସମ୍ଭାବନା ରହିଛି । ଅନ୍ୟପକ୍ଷେ ସ୍କୁଲରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ଜଣେ ପାଚିକା ଓ ଜଣେ ସହାୟିକା ନିଯୁକ୍ତି ହୋଇଥିଲେ। ବନ୍ଦ ସ୍କୁଲଗୁଡିକୁ ନୂତନ ସ୍କୁଲ ସହ ମିଶ୍ରଣ କରି ଛାତ୍ରୀଛାତ୍ରଙ୍କୁ ଉକ୍ତ ସ୍କୁଲରେ ନାମ ଲେଖିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ମିଶ୍ରଣ ହେବାକୁ ଥିବା ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅନ୍ୟ ସ୍କୁଲକୁ ବଦଳି କରିବାକୁ ଯୋଜନା ହୋଇଛି। କିନ୍ତୁ ସ୍କୁଲର ପାଚିକା ଓ ସହାୟିକାଙ୍କୁ ଥଇଥାନ କରିବାକୁ ରାଜ୍ୟ ସରକାର, ଜିଲା ପ୍ରଶାସନ କୌଣସି ପଦକ୍ଷେପ ନେଇନାହାନ୍ତି। ଅନେକ ବିଧବା, ସ୍ୱାମୀ ପରିତ୍ୟକ୍ତା ଓ ଅସହାୟ ମହିଳା ବିଦ୍ୟାଳୟର ପାଚିକା, ସହାୟିକା ଭାବେ ସ୍ୱଳ୍ପ ପାରିଶ୍ରମିକରେ ନିୟୋଜିତ ଥିଲେ। ସେମାନେ ଏବେ ଜୀବିକା ହରାଇବାକୁ ବସିଛନ୍ତି। ଅନ୍ୟପକ୍ଷେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ଦାୟିତ୍ୱ ପ୍ରଦାନ ପାଇଁ ଯୋଜନା ଚାଲିଛି । ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ୍‌ଙ୍କୁ ପଚାରିବାରୁ ୨୦ରୁ କମ୍ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟ ବନ୍ଦ ହେବ । ସେହିପରି ୪୦ରୁ କମ୍ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟ ଠାରୁ ୧ କି.ମି.ରୁ କମ୍ ଦୂରରେ ଅନ୍ୟ ସରକାରୀ ବିଦ୍ୟାଳୟ ଥିଲେ ସେଗୁଡିକୁ ବନ୍ଦ କରିବା ପାଇଁ ସରକାରୀ ନିର୍ଦ୍ଦେଶ ଅଛି । ଆମେ କେବଳ ନିର୍ଦ୍ଦେଶ ପାଳନ କରୁଛି । ତେବେ ପାଚିକା ଓ ସହାୟିକାଙ୍କୁ ଥଇଥାନ ପାଇଁ କୌଣସି ନିର୍ଦ୍ଦେଶ ନାହିଁ ବୋଲି ମିଞ୍ଜ୍ କହିଥିଲେ ।

# ଚିକିତ୍ସା ପାଇଁ ଅର୍ଥ ବାଧକ

ଜୁନାଗଡ, ୧୧।୧୧ (ଡି.ଏନ.ଏ.)



ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ଝସକେତନଙ୍କ ସହ ତାଙ୍କ ମା’,ବାପା ।

- ୩ ବର୍ଷର ଶିଶୁ ରକ୍ତ କର୍କଟ ରୋଗାକ୍ରାନ୍ତ
- ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ନିବେଦନ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ ଗ୍ରାମର ଦୁର୍ଗା ନିମୁଲିଆଙ୍କ ୩ ବର୍ଷର ପୁଅ ଝସକେତନ ଗତ କିଛିଦିନ ହେଲା ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଏବେ ସେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଅର୍ଥାଭାବରୁ ପୁଅର ଚିକିତ୍ସା କରି ନ ପାରି ବାପା ଦୁର୍ଗା ଓ ମା’ ଗଙ୍ଗାବାଲି ଚିନ୍ତାରେ ପଡିଛନ୍ତି। ଗତ ୪ ମାସ ତଳେ ଝସକେତନଙ୍କୁ ହଠାତ୍ ଜ୍ୱର ହୋଇ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଡାକ୍ତରଙ୍କୁ ପରିବାରବର୍ଗ ଦେଖାଇବା ପରେ ରକ୍ତ ହୀନତାରୁ ଏପରି ହୋଇଥିବା ଡାକ୍ତର କହିଥିଲେ। ପରେ ତାଙ୍କୁ ରକ୍ତ ଦିଆଯାଇଥିଲା। ଏହାର କିଛିଦିନ ପରେ ପୁଣି ଥରେ ଝସକେତନଙ୍କ ଅବସ୍ଥା ଏପରି ହୋଇଥିଲା। ପରିବାରବର୍ଗ ଝସକେତନଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ପରେ ମଧ ଝସକେତନଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ନ ଆସିବାରୁ ବୁର୍ଲାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ବିଭିନ୍ନ ପରୀକ୍ଷା କରିବା ପରେ ଝସକେତନଙ୍କୁ ରକ୍ତ କର୍କଟ (ବ୍ଲଡ କ୍ୟାନ୍ସର) ହୋଇଥିବା ଜଣାପଡିଥିଲା। ଏହାପରେ ପରିବାରବର୍ଗ ଦୁଃଖରେ ଭାଙ୍ଗି ଚିନ୍ତାରେ ପଡ଼ିଥିଲେ । ଅର୍ଥାଭାବରୁ ଚିକିତ୍ସା କରି ନ ପାରି ସେଠାରୁ ଝସକେତନଙ୍କୁ ଘରକୁ ନେଇ ଆସିଥିଲେ। ବାପା ପ୍ରତିଦିନ କୁଲି ମଜୁରି କାମ କରିବାକୁ ଗଲେ ପରିବାର ଚଳିଥାଏ, ନଚେତ ଭୋକ ଉପାସରେ ମଧ ରହିବାକୁ ପଡିଥାଏ। ଅର୍ଥାଭାବରୁ ଝସକେତନଙ୍କ ଚିକିତ୍ସା ନ ହେବାରୁ ବର୍ତ୍ତମାନ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି। ଏପରିସ୍ଥଳେ ପରିବାରବର୍ଗ ତଥା ଗ୍ରାମବାସୀ ଝସକେତନଙ୍କ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟବିଭାଗକୁ ନିବେଦନ କରିଛନ୍ତି। ଏ ନେଇ ଜୁନାଗଡ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡାଙ୍କୁ ପଚାରିବାରୁ ସରକାରୀ ସ୍ତରରେ ଯାହା କିଛି ଝସକେତନଙ୍କ ପାଇଁ ଚିକିତ୍ସା କରାଯାଇ ପାରିବ ତାହା ଶୀଘ୍ର କରାଯିବ ବୋଲି କହିଥିଲେ।

# ଛଟେଇ ଏଏନ୍‌ଏମ୍ ଜିଲାପାଳଙ୍କ ଦ୍ୱାରସ୍ଥ

ବୌଦ୍ଧ,୧୧।୧୧(ସ୍ୱ.ପ୍ର.)



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏଏନ୍‌ଏମ୍ ।

ଆଗକୁ କରୋନା ମହାମାରୀ ଗମ୍ଭୀର ହେବା ନେଇ ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଏପରିସ୍ଥଳେ ବୌଦ୍ଧରେ ଅସ୍ଥାୟୀ କୋଭିଡ କେୟାର ସେଣ୍ଟରରେ ନିଯୁକ୍ତି ପାଇଥିବା ୧୯ ଜଣ ଏଏନଏମଙ୍କ ସମେତ ଝାଡୁଦାର ଓ ସୁରକ୍ଷା କର୍ମୀଙ୍କୁ ହଟାଇ ଦିଆଯାଇଛି। ପୁନଃ ନିଯୁକ୍ତି ଦାବିରେ ଏଏନଏମମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସରକାର ଆର୍ଥିକ ବୋଝ କମାଇବାକୁ ଜିଲାସ୍ତରରେ କାର୍ଯ୍ୟ କରୁଥିବା କୋଭିଡ କେୟାର ସେଣ୍ଟରଗୁଡିକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଜାରି କରିବା ପରେ ବୌଦ୍ଧ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଏମାନଙ୍କ ନିଯୁକ୍ତି ପାଇଁ ଚୁକ୍ତି ହୋଇଥିଲେ ମଧ୍ୟ ସେମାନଙ୍କୁ ନିଯୁକ୍ତିରୁ ହଟାଇ ଦିଆଯିବା ଦ୍ୱାରା ଏଏନଏମମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଜିଲାରେ କରୋନା ସଂକ୍ରମଣ କମିଥିବାରୁ କୋଭିଡ କେୟାର ସେଣ୍ଟର ବନ୍ଦ କରାଯାଇଛି । ତେଣୁ ସେଠାରେ ଆଉ ନିଯୁକ୍ତି ଦେବା ସମ୍ଭବପର ନୁହେଁ ବୋଲି ଜିଲାପାଳ ଲଲାଟେନ୍ଦୁ ମିଶ୍ର ଏଏନଏମମାନଙ୍କୁ ବୁଝାଇଥିଲେ । ଅପରପକ୍ଷରେ ଡିସେମ୍ବର ପର୍ଯ୍ୟନ୍ତ ନିଯୁକ୍ତି ପାଇଁ ସେମାନଙ୍କ ସହ ଚୁକ୍ତି ହୋଇଥିବା ବେଳେ ନିଜ ଜୀବନକୁ ବାଜି ଲଗାଇ କରୋନା ସମୟରେ ଲୋକଙ୍କ ସେବା କରିଥିବାରୁ ଜିଲାର ପିଏଚସି ଓ ସିଏଚସିରେ ସେମାନଙ୍କୁ ନିଯୁକ୍ତି ଦେବାକୁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲାପାଳ ଏନେଇ ବିଚାର କରିବାକୁ ପ୍ରତିଶ୍ରୁତି ଦେଇଥିବା ଏଏନଏମମାନେ କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ତ୍ରିଲୋଚନ ପ୍ରଧାନ କହିଛନ୍ତି ଯେ, ସରକାରଙ୍କ ନିର୍ଦ୍ଦେଶ ମୁତାବକ କୋଭିଡ କେୟାର ସେଣ୍ଟରକୁ ବନ୍ଦ କରାଯାଇଛି। ବର୍ତ୍ତମାନ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ୨୨ ଜଣ ଷ୍ଟାଫ ନର୍ସ, ୧୨ ଜଣ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ନିଯୁକ୍ତି ପାଇଥିବାବେଳେ ମାତ୍ର ୪ ଜଣ ସଂକ୍ରମିତ ଚିକିତ୍ସାଧୀନ ରହିଛନ୍ତି। ତେଣୁ ଅତିରିକ୍ତ ଷ୍ଟାଫଙ୍କୁ ନିଯୁକ୍ତି ଦେବା ସମ୍ଭବପର ନୁହେଁ।

# ୭ ଶାଗୁଆନ ଗଣ୍ଡି, ୨ ବାଇକ୍ ଜବତ: ଜଣେ ଗିରଫ

ଅମରପାଲି, ୧୧।୧୧ (ଡି.ଏନ.ଏ.)

ସଂରକ୍ଷିତ ଜଙ୍ଗଲରୁ ମଙ୍ଗଳବାର ରାତିରେ ଶାଗୁଆନ ଗଛ କାଟି କଣ୍ଡି ଚୋରି କରି ନେଉଥିବା ବେଳେ ବନବିଭାଗ ଅତର୍କିତ ଚଢ଼ାଉ କରିଛି। ସେଠାରୁ ୭ ଶାଗୁଆନ ଗଣ୍ଡି ଓ ୨ ବାଇକ ଜବତ କରିବା ସହିତ ଜଣେ ଯୁବକଙ୍କୁ କାବୁ କରିଛି ବନ ବିଭାଗ । ଗିରଫ ଯୁବକ ଜଣକ ହେଲେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀ ଗ୍ରାମର ଅଜିତ ସାହୁ (୨୦)। ସୁବର୍ଣ୍ଣପୁର ବନଖଣ୍ଡ ଅଧୀନ ବୀରମହାରାଜପୁର ରେଞ୍ଜର ଦୁର୍ଜନତୈଳା ପଞ୍ଚାୟତ ଦାଦରପାଲି ନିକଟରୁ ମଙ୍ଗଳବାର ରାତି ପ୍ରାୟ ୪ଟା ବେଳେ ଚଢ଼ାଉ କରିଥିଲା । ୨ଟି ବାଇକ୍‌ରେ ପ୍ରାୟ ୪ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପାଖାପାଖି ୭ଟି ଶାଗୁଆନ ଗଣ୍ଡି ଚୋରି କରି ନେଉଥିଲେ। ବନବିଭାଗ ଚଢ଼ାଉ କରିବାରୁ ସମସ୍ତେ ଖସି ପଳାଇ ଯାଇଥିବା ବେଳେ ଜଣେ ଯୁବକଙ୍କୁ କାବୁ କରିବା ସହିତ ୨ଟି ବାଇକ୍ (ନଂ. ଓଡି୧୭ଡି- ୧୮୨୦ ଏବଂ ଓଆର୍ ୧୫ଇ-୬୧୩୫) ଜବତ କରିଛି ବନବିଭାଗ । ସୂଚନାମତେ ଅଞ୍ଚଳରେ କେତେକ କାଠ ମାଫିଆ ସଂରକ୍ଷିତ ଜଙ୍ଗଲ ସହିତ ରୟତି ଜମିରୁ ମଧ ରାତାରାତି ଗଛ କାଟି ଚୋରି କରି ନେଉଥିବା ଅଭିଯୋଗ ହେଉଥିଲା । ବନବିଭାଗ ପକ୍ଷରୁ ଚଢ଼ାଉ ବେଳେ ରେଞ୍ଜ ଅଧିକାରୀ ଅବିନାଶ ବରିହାଙ୍କ ନେତୃତ୍ୱରେ ଅନ୍ୟ ବନ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଜୀବନବିନ୍ଦୁ କାର୍ଯ୍ୟକ୍ରମ, ୭୫ ୟୁନିଟ୍ ରକ୍ତ ସଂଗ୍ରହ



ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

ଲୋଇସିଂହା,୧୧।୧୧(ଡି.ଏନ.ଏ.)

ଅନଙ୍ଗ ଉଦୟ ସିଂଦେଓଙ୍କ ୭୫ତମ ଜନ୍ମ ବାର୍ଷିକକୁ ସ୍ମରଣୀୟ କରିବା ଓ ବଲାଙ୍ଗୀର ରକ୍ତ ଭଣ୍ଡାରର ରକ୍ତ ଅଭାବ ଦୂର କରିବା ଲାଗି ଓଡିଶା ମୋ ପରିବାର ଓ ଲୋଇସିଂହା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା ଅଗ୍ରସେନ ଭବନଠାରେ ଆୟୋଜିତ ଶିବିରରେ ୭୫ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ନୀତେଶ କୁମାର ଅଗ୍ରୱାଲଙ୍କ ଆବାହକତ୍ୱରେ ହୋଇଥିବା ଶିବିରରେ ଲୋଇସିଂହା, ଆଗଲପୁର ଓ ପୁଇଁତଲା ବ୍ଲକର ୭୫ଜଣ ରକ୍ତଦାନ କରିଥିଲେ। ବଲାଙ୍ଗୀର ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ । ଯୁବନେତା ଅର୍କେଶ ନାରାୟଣ ସିଂଦେଓ ଶିବିରରେ ଯୋଗଦେଇ ରକ୍ତଦାତାଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ । ପୂର୍ବତନ ବ୍ଲକ ଅଧ୍ୟକ୍ଷ ଟିଙ୍କିକୁମାର ଅଗ୍ରୱାଲ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅଶୋକ କୁମାର ବରିହା, ସହଦେବ ସା, ଦିଲୀପ ବାରିକ, କୁନା ଭୋଇ, ପ୍ରକାଶ ମହାରଣା, ସରୋଜ ମହାକୁର ଶିବିର ପରିଚାଳନା କରିଥିଲେ।

# କୃଷିବୀମା ପାଇଁ ଦାବିପତ୍ର ପ୍ରଦାନ

ଗୁଡଭେଲା,୧୧।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷୁରା ବିଜ୍ଞାପିତ ଅଞ୍ଚଳର ଚାଷୀମାନେ ୨୦୧୯-୨୦ର ଫସଲ ବୀମା ରାଶି ପାଇନାହାନ୍ତି। ବୁଧବାର ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତୁଷୁରା ତହସିଲଦାର ଚନ୍ଦ୍ରମଣି ନାଗଙ୍କ ଜରିଆରେ ପ୍ରଦାନ କରିଛନ୍ତି। ତୁଷୁରା ଏନଏସି, କପସିଲା, ଧାନଘରା, ନଅଗାଁ, ଖର୍ଡା, ମହିପୁର ଓ ବୁରୋମାଲର ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ରୟାଲ ସୁନ୍ଦରମ କମ୍ପାନୀରେ ବୀମା କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା । ହେଲେ କମ୍ପାନୀ ପକ୍ଷରୁ ଚାଷୀଙ୍କୁ କ୍ଷତିପୂରଣ ବାବଦ ବୀମା ରାଶି ପ୍ରଦାନ କରାଯାଇନାହିଁ । ଆଗାମୀ ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କୃଷକ ନେତା ଅଚ୍ୟୁତାନନ୍ଦ ପାଣ୍ଡିଆ, ତେଜରାଜ ସାହୁ, ଦୁର୍ଯ୍ୟୋଧନ ବେହେରା, ପ୍ରଦୀପ ସାହୁ, ମନୋଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ରୋଗୀଙ୍କୁ ମିଳୁଛି ଏକ୍ସପାଏରି ମେଡିସିନ

ବରଗଡ଼ ଅଫିସ,୧୧।୧୧



ଅବଧି ସରିଥିବା ଔଷଧକୁ ଦେଖାଉଛନ୍ତି ।

ବରଗଡ଼ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ଅର୍ଥାତ୍ ବର୍ତ୍ତମାନର ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଏକ୍ସପାଏରି ଔଷଧ ଦିଆଯାଉଛି। ଏହାକୁ ନେଇ ଅସନ୍ତୋଷ ବଢିବାରେ ଲାଗିଛି। ବୁଧବାର ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଘଟଣା ପଦାକୁ ଆସିଛି। ବରଗଡ଼ ବ୍ଲକ ଖଲିଆପାଲିର ସୁକାନ୍ତ ସୁନାଙ୍କ ଗୋଡ଼ରେ ଏକ ଘା’ ହୋଇଥିବାରୁ ସେ ଚିକିତ୍ସା ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ବହିର୍ବିଭାଗକୁ ଆସିଥିଲେ। ସେଠାରେ ଡାକ୍ତର ଚିକିତ୍ସା କରିବା ସହିତ ପ୍ରେସକ୍ରିପ୍‌ଶନ ଲେଖି ଡାକ୍ତରଖାନା ଔଷଧ ବିତରଣ କେନ୍ଦ୍ରରୁ ତାହା ନେବାକୁ କହିଥିଲେ। ଏହାପରେ ସୁକାନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଔଷଧ ବିତରଣ କେନ୍ଦ୍ରକୁ ଯାଇ ସେହି ପ୍ରେସକ୍ରିପଶନ ଦେଖାଇବାରୁ ସେଠାରେ ନିୟୋଜିତ ସ୍ୱାସ୍ଥ୍ୟ କର୍ମଚାରୀ ସିଲଭର ସଲ୍‌ଫାଡାଇଜିନ୍ କ୍ରିମ୍ ନାମକ ଏକ ଔଷଧ (ମଲମ) ଦେଇଥିଲେ। ମାତ୍ର ସେହି ଔଷଧର ବ୍ୟବହାର ଅବଧି ଗତ ଜୁନ୍ ମାସରୁ ସରିଯାଇଥିବା ସୁକାନ୍ତ ଦେଖି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପାତ୍ରଙ୍କୁ ପଚାରିବାରୁ ଏହି ଘଟଣା ଦୃଷ୍ଟିକୁ ଆସିଛି । ଏକ୍ସପାଏରି ଔଷଧ ସବୁ ଗୋଟିଏ ପ୍ୟାକେଟ୍‌ରେ ରହିଥିଲା। ସେହି ପ୍ୟାକେଟ୍‌ରେ ଭୁଲ୍‌ରେ ଅବଧି ସରିଥିବା ମଲମଟି ରହି ଯାଇଥିଲା। ଏହାର ପୁନରାବୃତ୍ତି ଯେପରି ନ ହେବ, ସେଥିପାଇଁ କର୍ମଚାରୀଙ୍କୁ ପରାମର୍ଶ ଦିଆଯାଇଛି ବୋଲି ଚିକିତ୍ସାଧିକାରୀ ପାତ୍ର କହିଥିଲେ ।

# ବିକାଶଧାରାକୁ ଗୁରୁତ୍ୱ

ବରଗଡ଼ ଅଫିସ,୧୧।୧୧



ଜିଲା ପରିଷଦ ବୈଠକରେ ମଞ୍ଚାସୀନ ମନ୍ତ୍ରୀ, ବିଧାୟକ, ଜିଲାପାଳ ଓ ଅନ୍ୟମାନେ ।

**ଜିଲା ପରିଷଦ ବୈଠକ**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ବୁଧବାର ୫ମ ଜିଲା ପରିଷଦର ଅଷ୍ଟମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଉପସ୍ଥିତ ସଭ୍ୟାସଭ୍ୟଙ୍କୁ ସ୍ୱାଗତ କରିଥିଲେ । ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଜେପୁର ବିଧାୟିକା ରୀତା ସାହୁ, ବରଗଡ଼ ବିଧାୟକ ପ୍ରତିନିଧି ପ୍ରଫୁଲ୍ଲ କୁମାର ନାଏକ, ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ, ଡିଆରଡିଏର ପିଡି କୃତିବାସ ରାଉତ ଉପସ୍ଥିତ ଥିଲେ ।

ବୈଠକରେ ଏମ୍‌ପି ପୂଜାରୀ ଉଭୟ ରାଜ୍ୟ, କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଉଥିବା ଯୋଜନା ଗୁଡ଼ିକର ସଠିକ୍ କାର୍ଯ୍ୟକାରୀ କରାଗଲେ ଗରିବ ଲୋକେ ଏହାର ସୁଫଳ ପାଇପାରିବେ ଏବଂ ଜିଲାର ବିକାଶଧାରା ସମସ୍ତଙ୍କ ଉତ୍ତର ଦାୟିତ୍ୱ ବୋଲି କହିଥିଲେ । ବିଧାୟିକା ଛୁରିଆ ମଣ୍ଡିରେ ଚାଲିଥିବା ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ଥାନୀୟ ଜନ ପ୍ରତିନିଧିମାନେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ । ମନ୍ତ୍ରୀ ସିଂ ଜିଲା ପରିଷଦ ଏଜେଣ୍ଡାରେ ସ୍ଥାନୀତ ବିଷୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ଦୀପ୍ ଜିଲାର ଚାଷୀମାନଙ୍କର ଉନ୍ନତି ଉପରେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ ।

ଅନ୍ୟପକ୍ଷେ ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନାରେ ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିଥିବା ନେଇ ସଦସ୍ୟମାନେ ଅଭିଯୋଗ କରିଥିଲେ । ଏହାର ଉଚିତ୍ ତଦନ୍ତ କରିବା ପାଇଁ ମନ୍ତ୍ରୀ ସିଂ ନିର୍ଦ୍ଦେଶ ଦେଇଥିଲେ । ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପ୍ରବାସୀ ଶ୍ରମିକ ପ୍ରବଣ ବ୍ଲକରେ ୨୦୦ଦିନ ଏବଂ ଅନ୍ୟ ବ୍ଲକ ଗୁଡ଼ିକରେ ୧୦୦ ଦିନର କାର୍ଯ୍ୟ ଦିବସ ସୃଷ୍ଟି କରାଯାଇଛି ବୋଲି ସୂଚନା ଦିଆଯାଇଥିଲା । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରାଉତ ଜିଲାରେ ସୃଷ୍ଟି ହୋଇଥିବା କାର୍ଯ୍ୟ ଦିବସ, ଶ୍ରମିକଙ୍କୁ ଦେୟ ତଥା ଜିଲାକୁ ବିଭିନ୍ନ ଯୋଜନାରେ ଆସିଥିବା ଅନୁଦାନ ସମ୍ପର୍କରେ ସୂଚନା ଦେଇଥିଲେ। ୟୁନାଇଟେଡ୍ ଫଣ୍ଡରେ ଯୁକ୍ତ ଦୁଇ କଲେଜ ଗୁଡ଼ିକର ରକ୍ଷଣାବେକ୍ଷଣ, ପାନୀୟଜଳ, ଶୌଚାଳୟ ଆଦି ସୁବିଧା କରାଯିବ ବୋଲି ସେ କହିଥିଲେ। ବିଦ୍ୟୁତ, ପାନୀୟଜଳ ଏବଂ ଅନ୍ୟ ସେବା, ବିକାଶମୂଳକ କାର୍ଯ୍ୟ ଉପରେ ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। ପରିବେଶ ସନ୍ତୁଳନ, ଜୈବ ବିବିଧତା ସୁରକ୍ଷା ପାଇଁ ଜିଲାସ୍ତରୀୟ କମିଟି ଗଠନ କରାଯାଇଥିଲା । ଏଥିରେ ୭ଜଣ ଜିଲା ପରିଷଦ ସଭ୍ୟାସଭ୍ୟଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ନଭେମ୍ବର ୧୨, ୨୦୨୦



**ବାଇକ୍‌କୁ ଧକ୍କା ଦେଲା ଟ୍ରକ୍, ଜଣେ ମୃତ**

ଦେବଗଡ଼: ଗୋବିନ୍ଦପୁର ଥାନା ଅନ୍ତର୍ଗତ କନ୍ଦଳ ନଦୀ ବାମପାର୍ଶ୍ୱ କେନାଲରେ ମଙ୍ଗଳବାର ସନ୍ଧ୍ୟାରେ ବୁଡିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଇଲୋ ବଡବିଲି ଗ୍ରାମର ସୁବାସ ଆଚାର୍ଯ୍ୟ(୩୫)। ସ୍ଥାନୀୟ ବଡବିଲ ହାଟରୁ ସୁବାସ କାମସାରି ସାଇକେଲରେ ଘରକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ କେନାଲ ଭିତରକୁ ଖସିପଡିଥିଲେ। ସେଠାରେ ଉପସ୍ଥିତ ଥିବା ଯୁବକମାନେ ତାଙ୍କୁ ଉଦ୍ଧାର କରି ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ସଂକ୍ଷେପରେ**

## ୧୫ରୁ ଚାଲିବ ସମ୍ବଲପୁର-ରାୟଗଡ଼ା ସ୍ୱତନ୍ତ୍ର ଏକ୍ସପ୍ରେସ୍

ସମ୍ବଲପୁର, ୧୧।୧୧ (ବ୍ୟୁରୋ)
ଆସନ୍ତା ୧୫ ତାରିଖରୁ ସମ୍ବଲପୁର-ରାୟଗଡା- ସମ୍ବଲପୁର ସ୍ୱତନ୍ତ୍ର ଏକ୍ସପ୍ରେସ ପ୍ରତିଦିନ ଚଳାଚଳ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଟ୍ରେନ ନଂ. ୦୮୩୦୧ ସମ୍ବଲପୁର- ରାୟଗଡା ସ୍ୱତନ୍ତ୍ର ଟ୍ରେନ ସମ୍ବଲପୁରରୁ ସକାଳ ୬ଟା ୫ ମିନିଟରେ ଛାଡି ମଧ୍ୟାହ୍ନ ୧୨ଟା ୪୦ ମିନିଟରେ ରାୟଗଡାଠାରେ ପହଞ୍ଚିବ। ଟ୍ରେନ ନଂ. ୦୮୩୦୨ ରାୟଗଡା- ସମ୍ବଲପୁର ଏକ୍ସପ୍ରେସ ରାୟଗଡାରୁ ଅପରାହ୍ନ ୨ଟା ୫ ମିନିଟରେ ଛାଡି ରାତ୍ରି ୮ଟା ୨୦ ମିନିଟରେ ସମ୍ବଲପୁର ଷ୍ଟେଶନରେ ପହଞ୍ଚିବ । ଏହି ଟ୍ରେନରେ ୬ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ ବଗି, ଗୋଟିଏ ଦ୍ୱିତୀୟ ଶ୍ରେଣୀ ସ୍ଲିପର୍ କୋଚ, ୨ଟି ଗାର୍ଡ ସହ ଲଗେଜ୍ ଭ୍ୟାନ ରହିଛି। ସମ୍ବଲପୁର ରାୟଗଡା ମଧ୍ୟରେ ହୀରାକୁଦ, ଅତାବିରା, ବରଗଡ ରୋଡ, ବରପାଲି, ଲୋଇସିଂହା, ବଲାଙ୍ଗୀର, ସଇଁତଲା, ବଡମାଳ, ଟିଟିଲାଗଡ, କେସିଙ୍ଗା, ରୁପ୍ରା ରୋଡ, ନର୍ଲା ରୋଡ, ଲାଞ୍ଜିଗଡ ରୋଡ, ଆମ୍ଭୋଦଳା, ମୁନିଗୁଡା, ଥେରୁବାଲି ଓ ସିଙ୍ଗାପୁର ରୋଡ ଷ୍ଟେଶନରେ ରହିବ । ବୁଧବାର ସମ୍ବଲପୁର ରେଳ ମଣ୍ଡଳ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚିତ କରାଯାଇଛି ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ଗୁରୁତର

ଲହୁଣୀପଡା, ୧୧।୧୧ (ଡି.ଏନ.ଏ)
ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ବରସୁଆଁ ରାସ୍ତାର ଦଲମକୁଚାଠାରେ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ ଦେବଗଡ ଜିଲା ବାରକୋଟ ଅଞ୍ଚଳର ଅସନନାଲି ଗ୍ରାମର ଦୀପକ ସାମଲ (୩୫)। ଦୀପକ ଏକ ବାଇକ୍ (ନଂ.ଓଡି୦୮ଏ/୩୭୮୨) ଯୋଗେ ବରସୁଆଁ ଠାରୁ ଲହୁଣୀପଡା ପଟକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଗାଡି ଧକ୍କା ତାଙ୍କୁ ଦେଇ ଫେରାର ହୋଇଯାଇଥିଲା। ଖବର ପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଆହତଙ୍କୁ ଲହୁଣୀପଡା ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି।

## ବେଆଇନ କରତକଳ ଉପରେ ଚଢ଼ାଉ

ସମ୍ବଲପୁର, ୧୧।୧୧ (ବ୍ୟୁରୋ)-
ସମ୍ବଲପୁର ଟାଉନ ରେଞ୍ଜ ଅନ୍ତର୍ଗତ ବଙ୍ଗାଳିପଡାରେ ଚାଲିଥିବା ବେଆଇନ କରତକଳ ଉପରେ ବନ ବିଭାଗ ଓ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ୩୫ ସିଫ୍ଟ କାଠ ଜବତ କରିଛି। ଏହାର ଅନୁମାନିକ ମୂଲ୍ୟ ୧ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ବନ ବିଭାଗ ସୂଚନା ଦେଇଛି । କରତକଳରେ ବ୍ୟବହାର ହେଉଥିବା ଯନ୍ତ୍ରାଂଶ, ବିଦ୍ୟୁତ୍ ତାର, ମୋଟର ଭଳି ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି । ଏ ନେଇ ୯/୨୦ରେ ଏକ ମାମଲା ରୁଜୁ କରାଯାଇଛି ।

# ନୀଳଡୁଙ୍ଗୁରିରୁ ବେଆଇନ ପଥର ଉତ୍ତୋଳନ

ସମ୍ବଲପୁର, ୧୧।୧୧ (ବ୍ୟୁରୋ)


ସମ୍ବଲପୁର ଜିଲା ଝୁଝୁମୁରା ତହସିଲ ନୀଳଡୁଙ୍ଗୁରି ନିକଟରେ ଥିବା ପଥର ଖାଦାନ।

ସମ୍ବଲପୁର ଜିଲାରେ ବେଆଇନ ଭାବେ ପଥର ଖାଦାନ ଗୁଡିକରେ ଉତ୍ତୋଳନ ଚାଲିଛି। ଏହି ଖାଦାନରେ ବଡଧରଣର ବ୍ଲାଷ୍ଟିଂ କରିବା ଯୋଗୁ ଘର କାନ୍ଥ ଫାଟି ଯାଉଛି। ଏହାକୁ ନେଇ ଅଭିଯୋଗ କଲେ ମଧ୍ୟ ରାଜସ୍ୱ ଓ ପୋଲିସ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ଝୁଝୁମୁରା ତହସିଲ ନିଲଡୁଙ୍ଗୁରୀ ଗ୍ରାମ କ୍ରଶର ନିକଟସ୍ଥ ପଡାବାସୀ ଅଭିଯୋଗ କରିଛନ୍ତି ।

ଅଭିଯୋଗ ଅନୁସାରେ, ନୀଳଡୁଙ୍ଗୁରୀ ଗ୍ରାମ ନିକଟରେ ଏକ କ୍ରଶର ୟୁନିଟ ସ୍ଥାପନ ସହିତ ପଥର ଖାଦାନ କରାଯାଇଥିଲା। ଆରମ୍ଭରୁ ସ୍ଥାନୀୟ ଲୋକମାନେ ଏହାକୁ ବିରୋଧ କରିଥିଲେ। ହେଲେ ସେ ସମୟରେ ବେଆଇନ ପଥର ଉତ୍ତୋଳନ ଉପରେ ରୋକ୍ ଲଗାଯାଇ ପାରିଲା ନାହିଁ । କ୍ରଶର ୟୁନିଟ ଆରମ୍ଭ ହେବା ବେଳେ ଗ୍ରାମବାସୀଙ୍କଠାରୁ ମତ ନିଆଯାଇ ନ ଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ତେବେ ପଥର ଖାଦାନରେ ବଡ ଧରଣର ବ୍ଲାଷ୍ଟିଙ୍ଗ କରାଯାଉଥିବାରୁ ଘର କାନ୍ଥ ଫାଟି ଯାଉଛି । ସ୍ଥାନୀୟ ଲୋକମାନେ ଏହାକୁ ବିରୋଧ କରି କିଛିଦିନ କ୍ରଶର କାମ ବନ୍ଦ କରି ଦେଇଥିଲେ। ସେତେବେଳେ ପ୍ରଶାସନିକ ଅଧିକାରୀ, କ୍ରଶର କର୍ମଚାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଭାଙ୍ଗିଥିବା ଘର ଗୁଡିକ ମରାମତି କରିବା ପାଇଁ କ୍ରଶର ମାଲିକ ବୈଠକରେ ପ୍ରତିଶ୍ରୁତି ଦେଇଥିଲେ। କମ୍ ପରିମାଣ ବ୍ଲାଷ୍ଟିଂ କରିବା ପାଇ ତାଗିଦ କରାଯାଇଥିଲା। ହେଲେ ବର୍ଷେରୁ ଅଧିକ ହେବ ଘର ମରାମତି କରାଯାଇନାହିଁ । ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ଅନ୍ୟପଟେ ଖାଦାନରେ ପଥର ଉତ୍ତୋଳନରେ ସରକାରୀ ନିୟମ ପାଳନ କରାଯାଉନାହିଁ । ଖାଦାନରେ ୬ ମିଟରରୁ ଅଧିକ ଗାତ ଖୋଳିବାକୁ ବାରଣ କରାଯାଇଥିଲେ ମଧ୍ୟ ୧୨ରୁ ୧୫ ମିଟର ଗାତ ଖୋଳା ଯାଇଛି । ଗଛ ମଧ୍ୟ କଟାଯାଇଛି । ନିକଟରେ ଗ୍ରାମ୍ୟ ଜଙ୍ଗଲ ରହିଛି । ପ୍ରାୟ ସମୟରେ ହାତୀ ଓ ଅନ୍ୟ ବନ୍ୟ ପ୍ରାଣୀ ରହିବା ଓ ଖାଦ୍ୟ ଅନ୍ୱେଷଣରେ ଆସନ୍ତି । ପଥର ଖାଦାନରେ ବ୍ଲାଷ୍ଟିଙ୍ଗ ହେବାରୁ ସେମାନେ ଆଉ ଗ୍ରାମ୍ୟ ଜଙ୍ଗଲକୁ ନ ଯାଇ ଗ୍ରାମ ମୁହାଁ ହୋଇ ଘର ଦ୍ୱାର ନଷ୍ଟ କରୁଛନ୍ତି । ଏ ସମ୍ପର୍କରେ ଝୁଝୁମୁରା ତହସିଲଦାର ସୁମନ ମିଞ୍ଜ କହିଛନ୍ତି ଯେ, କ୍ରଶର ମାଲିକ ଓ ଗ୍ରାମବାସୀଙ୍କ ସହ ଆଲୋଚନା ହୋଇଥିଲା । ସେ ସମୟରେ ଏକ ଚୁକ୍ତିନାମା କରାଯାଇଥିଲା। ସେଥିରେ ଘର ମରାମତି କରିବା ପାଇଁ କ୍ରଶର ମାଲିକଙ୍କୁ କୁହାଯାଇଥିଲା। ଯଦି ସେଥିରେ ଖିଲାପ ହୋଇଛି ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହା ସହ ବ୍ଲାଷ୍ଟିଙ୍ଗ ମାତ୍ରା କମ୍ ନ କଲେ ଖାଦାନକୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯିବ । ବେଆଇନ ପଥର ଉତ୍ତୋଳନ କରିବା ଯୋଗୁ ୧୮ ଲକ୍ଷ ଟଙ୍କା ଜରିମାନା କରାଯାଇଛି ବୋଲି ତହସିଲଦାର ମିଞ୍ଜ କହିଥିଲେ ।

- ଅଧିକ ଖୋଳିବାରୁ ୧୮ ଲକ୍ଷ ଜରିମାନା
- ପ୍ରତିଶ୍ରୁତି ପାଳନ କଲାନି କମ୍ପାନୀ
- ବ୍ଲାଷ୍ଟିଂରେ ଘର କାନ୍ଥ ଫାଟିଥିବା ଅଭିଯୋଗ

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ 'ମୋ ସ୍କୁଲ ଅଭିଯାନ' ପ୍ରସ୍ତୁତି

ଦେବଗଡ଼, ୧୧।୧୧ (ଡ଼ି.ଏନ୍.ଏ.)

ଦେବଗଡ ଜିଲାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀ, ଶିକ୍ଷାବିତ ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ 'ମୋ ସ୍କୁଲ ଅଭିଯାନ' ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପ୍ରଧାନ ଶିକ୍ଷକ କୁମୁଦ ବନ୍ଧୁ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ସ୍କୁଲ ପରିଚଳନା କମିଟିର ସଭାପତି ରମଣୀରଞ୍ଜନ ଆଚାର୍ଯ୍ୟ ମଞ୍ଚାସୀନ ରହି 'ମୋ ସ୍କୁଲ ଅଭିଯାନ'ର ଉଦ୍ଦେଶ୍ୟ, କାର୍ଯ୍ୟକାରିତା ଓ ସଫଳତା ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସେହିପରି ଉପସ୍ଥିତ ପୁରାତନ ଛାତ୍ରୀମାନେ ମଧ୍ୟ ବିଦ୍ୟାଳୟର ଉନ୍ନୟନ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଉପସ୍ଥିତ ପୁରାତନ ଛାତ୍ରୀମାନଙ୍କୁ ନେଇ ଏକ ପୁରାତନ ଛାତ୍ରୀ ସଂସଦ ଗଠନ କରାଯିବା ସହ ଏହାର ସଭାପତି ଭାବେ ୨୦୦୪ ମସିହାରେ ଅଧ୍ୟନ କରିଥିବା ପୁରାତନ ଛାତ୍ରୀ ବର୍ଷା ବୈଶାଳୀ ସ୍ମିତା ଶାଳିନୀ ନାଏକଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ରୀ ସାୟଦା ବାନୋ, ଘନେଶ୍ୱରୀ ସାହୁ, ମୋନାଲିସା ମହାକୁଳ, ପ୍ରିୟଦର୍ଶିନୀ ସୌମ୍ୟା ମହାପାତ୍ର, ଦୀପିକା ମିଶ୍ର, ସଂଯୁକ୍ତା ନାଏକ, ଅର୍ଚ୍ଚନା ନାଏକଙ୍କ ସମେତ ଶିକ୍ଷୟିତ୍ରୀ କଳ୍ପନା ରାଣୀ ଗୁରୁ, ସଲିଳା କର, ଅର୍ଚ୍ଚନା ପାତ୍ର, ରଞ୍ଜିତା ମିଶ୍ର, ଲିନା ମିଶ୍ର, ପୁଷ୍ପାଞ୍ଜଳୀ ନାଏକ, ରାଜେନ୍ଦ୍ର ସାହୁ, ଆରତୀ ପ୍ରଧାନ, ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଶିକ୍ଷୟିତ୍ରୀ ଅର୍ଚ୍ଚନା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।


ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀ, ଶିକ୍ଷାବିତ ଓ ଶିକ୍ଷୟିତ୍ରୀ ଶିକ୍ଷକ।

# ସରୁନି ହୀରାକୁଦ ବିସ୍ଥାପିତଙ୍କ ଦୁଃଖ

ଲଖନପୁର, ୧୧।୧୧ (ଡି.ଏନ୍.ଏ.)


ଖବରଦାତା ସମ୍ମିଳନୀରେ ଉପସ୍ଥିତଥିବା ସଂଗ୍ରାମ ସମିତିର କର୍ମକର୍ତାବୃନ୍ଦ।

**ଜାତୀୟ ମାନବାଧିକାର କମିଶନ ନିକଟରେ ଠିକ୍ ତଥ୍ୟ ଦେବାକୁ ଦାବି**

ହୀରାକୁଦ ବିସ୍ଥାପିତଙ୍କ ବହୁବିଧ ସମସ୍ୟାକୁ ନେଇ ବୁଡି ଅଞ୍ଚଳ ସଂଗ୍ରାମ ସମିତି ଦୀର୍ଘ ୬୫ବର୍ଷ ହେଲା ଲଢେଇ ଜାରିରଖିଛି । ତଥାପି ବିସ୍ଥାପିତଙ୍କ ସମସ୍ୟା ସମାଧାନ ହୋଇପାରିନାହିଁ । ଏନେଇ ଜାତୀୟ ମାନବାଧିକାର କମିଶନଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି । ଏଥିରେ ଜାତୀୟ ମାନବାଧିକାର କମିଶନ ହସ୍ତକ୍ଷେପ କରି ବିସ୍ଥାପିତଙ୍କ ବହୁବିଧ ସମସ୍ୟା ସମ୍ପର୍କରେ ଜାଣିବାପାଇଁ ଇଚ୍ଛାପ୍ରକାଶ କରଛନ୍ତି। ଏ ସମ୍ପର୍କରେ ରାଜ୍ୟ ସରକାର ମାନବାଧିକାର କମିଶନଙ୍କ ନିକଟରେ ଆସନ୍ତା ଡିସେମ୍ବର ୭ତାରିଖରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ ପାଇଁ ମୁଖ୍ୟଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ସଂଗ୍ରାମ ସମିତିର ଦୃଷ୍ଟିକୁ ଆସିଛି । ଏହା ଜାଣିବା ପରେ ସଂଗ୍ରାମ ସମିତି ତତ୍ପରତା ପ୍ରକାଶ କରି ରାଜ୍ୟ ସରକାର ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ବିସ୍ଥାପିତଙ୍କ ସମ୍ପର୍କିତ ତଥ୍ୟ ପ୍ରଦାନ କରିବା ପାଇଁ ନିବେଦନ କରିଛନ୍ତି । ଏ ନେଇ ପୂର୍ବରୁ ସରକାର ହୀରାକୁଦ ବିସ୍ଥାପିତଙ୍କ କୌଣସି ସମସ୍ୟା ନାହିଁ ବୋଲି ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ତଥ୍ୟ ପ୍ରଦାନ କରିବା ପରେ ଏହାକୁ ସେତେବେଳେ ସଂଗ୍ରାମ ସମିତି ବିରୋଧ କରିଥିଲା । ଏନେଇ ୨ବର୍ଷ ପୂର୍ବେ ଜାତୀୟ ମାନବାଧିକାର କମିଶନର ଜଣେ ସଦସ୍ୟ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ବି.ବି. ମିଶ୍ର ବିସ୍ଥାପିତ ଅଞ୍ଚଳ ପରିଦର୍ଶନରେ ଆସି ବିସ୍ଥାପିତଙ୍କୁ ଭେଟି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଏହାର ଏକ ରିପୋର୍ଟ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ପ୍ରଦାନ କରିଥିଲେ । ଏହି ରିପୋର୍ଟକୁ ନେଇ ତର୍ଜମା କଲା ପରେ ଏବେ ମାନବାଧିକାର କମିଶନର ଏହା ଉପରେ ସରକାରଙ୍କୁ ଏକ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିସ୍ଥାପିତଙ୍କ ସମସ୍ୟା ମଧ୍ୟରେ ରହିଛି ୧୩,୭୪୦ପରିବାରଙ୍କୁ ସେମାନଙ୍କର ବକେୟା କ୍ଷତିପୂରଣ ରାଶି ପ୍ରଦାନ କରାଯାଇନାହିଁ । ୫ହଜାର ୪ ପରିବାରଙ୍କ ମଧ୍ୟରୁ ୪୮୬ ପରିବାରଙ୍କୁ ଅଦ୍ୟାବଧି ଡିସି ପରିମିଶନ ଜମିର ସ୍ଥାୟୀ ପଟ୍ଟା ମିଳିନାହିଁ। ଡିସି ପରିମିଶନ ଜମିର ସ୍ଥାୟୀ ପଟ୍ଟା ପାଇଥିବା ୪ହଜାର ୬୧୮ ପରିବାରଙ୍କ ଜମି ଚିହ୍ନଟ ହୋଇପାରିନାହିଁ। ୩୪ ଅଣରାଜସ୍ୱ ଗ୍ରାମର ସର୍ଭେ ଓ ସେଟଲ୍‌ମେଣ୍ଟ ହୋଇପାରିନାହିଁ। ପ୍ରତି ବିସ୍ଥାପିତ ପରିବାରକୁ ୧୦ଡିସିମିଲ୍ ଘରଡିହ ଜମିପଟ୍ଟା ପ୍ରଦାନ କରିବାପାଇଁ ନିର୍ଦ୍ଦେଶ ରହିଥିବାବେଳେ ଅଦ୍ୟାବଧି ଏହା କରାଯାଇନାହିଁ । ଏସବୁକୁ ବିଚାରକୁ ନେଇ ସରକାର ତୁରନ୍ତ ଏହାର ସମାଧାନ କରିବା ପାଇଁ ସଂଗ୍ରାମ ସମିତି ଦାବି କରିଛି । ଏନେଇ ସଂଗ୍ରାମ ସମିତି ତରଫରୁ ଝାରସୁଗୁଡା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସମିତିର ସଭାପତି ବାସୁଦେବ ଭୋଇଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସମ୍ପାଦକ ଗୋପୀନାଥ ମାଝି, ବିରଞ୍ଚି ସାହୁ, ଦ୍ୱାରିକା ପ୍ରସାଦ ସା, ବୈକୁଣ୍ଠ ସିଂ ଓ କେଦାରନାଥ ଧୁରୁଆ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ବାଇକ୍ ଦୁର୍ଘଟଣାରେ ଶ୍ରମିକ ମୃତ

କୁଚିଣ୍ଡା, ୧୧।୧୧ (ଡି.ଏନ.ଏ.)
କୁଚିଣ୍ଡା ଥାନା କୁଇଲେର ଯୋର ନିକଟସ୍ଥ ଚିରିଗୁଣିଖୋଲ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁଇଲେରଯୋର ଗ୍ରାମର ଚୈତନ୍ୟ କିଷାନ (୪୫)। ଜାତୀୟ ରାଜପଥରେ ରାସ୍ତା ମରାମତି କାର୍ଯ୍ୟ କରୁଥିବା ଚୈତନ୍ୟଙ୍କୁ ଗଧାଧରପୁର ଗ୍ରାମର ଜୟତୁନ ଲୁଗୁନ (୩୫) ବାଇକ୍ (ନଂ. ଓଆର୍୧୪ ଡବ୍ଲୁ-୫୭୮୪) ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ଚୈତନ୍ୟଙ୍କୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। କୁଚିଣ୍ଡା ପୋଲିସ ପହଞ୍ଚି ଗ୍ରାମବାସୀ ଅଟକ ରଖିଥିବା ଦୁର୍ଘଟଣାକାରୀଙ୍କୁ ପୋଲିସରେ ଜିମା ଦେଇଥିଲେ। ଏ ନେଇ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯିବା ସହ ବାଇକୁ ଜବତ କରିଥିଲା। ଗୁରୁବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

## ଗଞ୍ଜେଇ ଜବତ, ଜଣେ ଗିରଫ

ସମ୍ବଲପୁର, ୧୧।୧୧ (ବ୍ୟୁରୋ)
ସମ୍ବଲପୁର ଅବକାରୀ ବିଭାଗ ପକ୍ଷରୁ ରେଢ଼ାଖୋଲ ଥାନା ଅଧୀନ ଖଣ୍ଡାଡ଼ିପ ଗ୍ରାମରେ ଚଢ଼ାଉ କରାଯାଇ ଗଞ୍ଜେଇ ବିକ୍ରି ଅଭିଯୋଗରେ ସଞ୍ଜିତ ଧଳଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୫କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ବାସୁପାଲି-ଲୁହାଖଣ୍ଡି ରାସ୍ତାକାମକୁ ନେଇ ଅସନ୍ତୋଷ

ସମ୍ବଲପୁର, ୧୧।୧୧ (ବ୍ୟୁରୋ)

- ୬ମାସ ହେବ ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ
- ମେଟାଲ,ପଥରଗୁଣ୍ଡ ପକାଇ ବସିଛନ୍ତି ଠିକାଦାର

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ୍ ଲୁହାଖଣ୍ଡି ଗ୍ରାମବାସୀଙ୍କ ମଧ୍ୟରେ ନିର୍ମାଣାଧୀନ ରାସ୍ତା କାମକୁ ନେଇ ଅସନ୍ତୋଷ ଦେଖାଦେଇଛି । ସେମାନଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ରାସ୍ତା ଖରାପ ଥିଲା। ରାସ୍ତା ନିର୍ମାଣ ଆରମ୍ଭ ହେଲା ପରେ ଗ୍ରାମବାସୀ ଖୁସି ହୋଇଥିଲେ। ହେଲେ ଠିକାଦାରଙ୍କୁ ବାରମ୍ବାର କହିବା ପରେ ୬ ମାସ ପୂର୍ବରୁ ମେଟାଲ,ପଥର ଗୁଣ୍ଡ ପକାଇ ଦେଇଥିଲେ ; ଯାହା ଆଜି ପର୍ଯ୍ୟନ୍ତ ସେଭଳି ଅବସ୍ଥାରେ ରହିଛି । ଠିକାଦାର କ୍ୟାମ୍ପରେ କେତେଜଣ ଶ୍ରମିକ ରହୁଛନ୍ତି ହେଲେ ସେମାନେ କାମ କରିବାକୁ ଆସୁନାହାନ୍ତି । ପଥର ଗୁଣ୍ଡରେ ପାଣି ପକାଯାଉ ନ ଥିବାରୁ ତାହା ଉଡି ଘର ଭିତରକୁ ପଶୁଛି। ଏଥିପାଇଁ ସ୍ଥାନୀୟ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କାମ ଶେଷ ହେବାର ଅବଧି ସରିଛି । ତଥାପି ନୂଆ ରାସ୍ତା ଦେଖିବା ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ହୋଇଛି । ଅନ୍ୟପଟେ ପୂର୍ତ୍ତ ବିଭାଗ ସଫେଇ ଦେଇଛି ଯେ, ଲକ୍‌ଡାଉନ ଯୋଗୁ ଶ୍ରମିକ ଅଭାବ ଓ ନିର୍ମାଣ ସାମଗ୍ରୀ ମିଳୁ ନ ଥିବାରୁ କାମରେ ବିଳମ୍ବ ହେଉଛି । ଏବେ ପରିସ୍ଥିତି ବଦଳିଛି । ଠିକାଦାରଙ୍କୁ କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦିଆଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ରେଙ୍ଗାଲି ବ୍ଲକ୍ ବାସୁପାଲିଠାରୁ ଲୁହାଖଣ୍ଡି ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଥିଲା ; ଯାହାର ଏଗ୍ରିମେଣ୍ଟ ମୂଲ୍ୟ ୧ କୋଟି ୭୫ ଲକ୍ଷ ୩୨୨ ଟଙ୍କା ରହିଛି । ୩୦ ଜୁନ ୨୦୨୦ ସୁଦ୍ଧା କାମ ସରିବା ପାଇଁ ସ୍ଥିର ହୋଇଥିଲା । ହେଲେ ଏପର୍ଯ୍ୟନ୍ତ କାମ ଶେଷ ହୋଇନାହିଁ ।

## ମହାନଗର ନିଗମ କମିଶନରଙ୍କ ସହ ଆପ୍‌ର ଆଲୋଚନା

ସମ୍ବଲପୁର, ୧୧।୧୧ (ବ୍ୟୁରୋ)
ସମ୍ପ୍ରତି ରାଜ୍ୟରେ ବିଦ୍ୟୁତ ଦର ୟୁନିଟ ପିଛା ୨୦ ପଇସା ବୃଦ୍ଧି କରାଯାଇଛି । କରୋନା ମହାମାରୀ ପରିସ୍ଥିତିରେ ଜନସାଧାରଣଙ୍କ ଆର୍ଥିକ ମାନଦଣ୍ଡ ଦୋହଲି ଯାଇଥିବା ବେଳେ ରାଜ୍ୟ ସରକାର ବିଦ୍ୟୁତ୍ ଦର ବୃଦ୍ଧି କରି ଆହୁରି ଆର୍ଥିକ ଚାପ ପକାଉଛନ୍ତି। ଶୀଘ୍ର ବିଦ୍ୟୁତ ଦାର କମାଇବା ସହ ୨୦୦ ୟୁନିଟ ପର୍ଯ୍ୟନ୍ତ ବିଜୁଳି ମାଗଣାରେ ଉପଭୋକ୍ତାମାନଙ୍କୁ ଯୋଗାଇ ଦେବା ଉଚିତ, ନଚେତ ଆଗାମୀ ଦିନରେ ଆମ୍ ଆଦମି ପାର୍ଟି (ଆପ୍) ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦେଇଛନ୍ତି । ସମ୍ବଲପୁର ମହାନଗର ନିଗମ କମିଶନ ଅନିରୁଦ୍ଧ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରତିନିଧି ଦଳରେ ଲାଲମଣୀ ଲୁଗୁନ, ଭୂପେନ ସାହୁ, ବୀରେନ୍ଦ୍ର ପାଣିଗ୍ରାହୀ, ରମଣୀରଞ୍ଜନ ପଟ୍ଟନାୟକ,ଏସ ଶିବ କୁମାର, ପଙ୍କଜ ଆଇନ, ପ୍ରଶାନ୍ତ ମହାରଣା ପ୍ରମୁଖ ସାମିଲ ଥିଲେ ।

## ରେଢ଼ାଖୋଲ ଏନ୍ଏସିରେ ବଡ଼ାଖାନା କାର୍ଯ୍ୟକ୍ରମ

ରେଢାଖୋଲ ୧୧।୧୧ (ଡି.ଏନ.ଏ.)

ସମ୍ବଲପୁର ଜିଲାର ରେଢାଖୋଲ ଏନଏସି କାର୍ଯ୍ୟାଳୟ ପରିସରରେ ଏକ ବଡାଖାନା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୋଭିଡ-୧୯ ମହାମାରୀ ସମୟରେ ନିଜର ସୁରକ୍ଷା ସହ ଜନସାଧାରଣଙ୍କୁ ସେବା ପ୍ରଦାନ କରିଥିବା ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏନଏସି ନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଉପଜିଲାପାଳ ପଦ୍ମନାଭ ବେହେରା,ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ,ଏସ୍‌ଡିଏମଓ ଡା. ବିପିନ ବିହାରୀ ସାହୁ, ତହସିଲଦାର ରୁବି ବେହେରା, ଅତିରିକ୍ତ ତହସିଲଦାର ଏଜଲିନ ବାରା, ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ୨୩୩ ସ୍କୁଲ ବନ୍ଦ ନିର୍ଦ୍ଦେଶ

ସମ୍ବଲପୁର, ୧୧।୧୧ (ବ୍ୟୁରୋ)

**ସମ୍ବଲପୁର ଜିଲା**
- ଅଭିଭାବକଙ୍କ ଅସନ୍ତୋଷ
- ବିଇଓଙ୍କ ରିପୋର୍ଟ ଆଧାରରେ ପଦକ୍ଷେପ


ସମ୍ବଲପୁର ଜିଲା ପ୍ରଶାସନକୁ ଅଭିଯୋଗ କରିବା ପାଇଁ ଆସିଥିବା ଅଭିଭାବକ ଓ ଗ୍ରାମବାସୀ।

ସମ୍ବଲପୁର ଜିଲାରେ ମୋଟ ୨୩୩ ପ୍ରାଥମିକ, ଉଚ୍ଚପ୍ରାଥମିକ ସ୍କୁଲ ବନ୍ଦ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଜିଲାଶିକ୍ଷା ଅଧିକାରୀ ମୀନାରାଣୀ ମଣ୍ଡଳ କହିଛନ୍ତି, ଯେଉଁ ଗ୍ରାମରୁ ଅଭିଯୋଗ ଆସୁଛି ପୁନଃ ତଦନ୍ତ କରାଯିବ। ବ୍ଲକ ଶିକ୍ଷା ଅଧିକାରୀମାନଙ୍କ ରିପୋର୍ଟକୁ ଆଧାର କରି ମୋଟ ୨୩୩ ସ୍କୁଲ ବନ୍ଦ କରିବା ପାଇଁ ସରକାରଙ୍କ ପାଖକୁ ତାଲିକା ପଠାଯାଇଥିଲା। ସେଥିମଧ୍ୟରୁ ୨୧୪ ସ୍କୁଲକୁ ସରକାର ସ୍ୱୀକୃତି ଦେଇଥିବା ବେଳେ ଅବଶିଷ୍ଟ ୧୯ ସ୍କୁଲର ପୁନଃ ଯାଞ୍ଚ କରି ରିପୋର୍ଟ ଦେବାକୁ କହିଥିଲେ। ଜିଲାର ନାକଟିଦେଉଳ, ରେଢାଖୋଲ, ଝୁଝୁମୁରା, ମାନେଶ୍ୱର ବ୍ଲକରୁ ବିଶେଷ ଭାବେ ଅଭିଯୋଗ ଆସୁଛି। ଅନେକ ସ୍ଥାନରେ ସ୍କୁଲରେ ଆବଶ୍ୟକ ଛାତ୍ରୀଛାତ୍ର ହେଉ ନ ଥିବା ବେଳେ ମଧ୍ୟ ଅଭିଭାବକମାନେ ଅଭିଯୋଗ କରି ଆସୁଛନ୍ତି। ଯେଉଁଠାରେ ଅଭିଯୋଗ ହେଉଛି ବ୍ଲକ ଶିକ୍ଷାଧିକାରୀ ମାନଙ୍କୁ ଆଉଥରେ ଯାଞ୍ଚ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ଭିତ୍ତିଭୂମି, ଛାତ୍ରୀଛାତ୍ରଙ୍କ ସଂଖ୍ୟା, ଦୂରତା ଆଦି ସୁବିଧା ଅସୁବିଧାର ତର୍ଜମା କରି ରିପୋର୍ଟ ପ୍ରଦାନ କରିବେ। ତାଙ୍କ ରିପୋର୍ଟକୁ ଆଧାର କରି ଜିଲାସ୍ତରୀୟ ବୋର୍ଡ ବୈଠକରେ ବିଚାର କରାଯିବ। ଆବଶ୍ୟକ ଥିଲେ ସ୍କୁଲ ବନ୍ଦ ନିର୍ଦ୍ଦେଶକୁ ବାତିଲ କରିବାକୁ ରାଜ୍ୟ ସରକାରଙ୍କୁ ସୁପାରିଶ କରାଯିବ ବୋଲି ମଣ୍ଡଳ କହିଥିଲେ । ଅଭିଯୋଗ ଅନୁସାରେ, ନାକଟିଦେଉଳ ବ୍ଲକ ବିନ୍ଦୁପୁର ଉଚ୍ଚ ପ୍ରାଥମିକ ସ୍କୁଲର ଅଭିଭାବକ ଓ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୬୯ ଜଣ ଛାତ୍ରୀଛାତ୍ର ଅଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଏସ୍‌ଟି ଓ ଏସ୍‌ସି ଶ୍ରେଣୀର। ଏହି ଅଞ୍ଚଳ ମାଓପ୍ରବଣ ଅଟେ। ଏହି ସ୍କୁଲରୁ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀରେ ପାଠ ପଢା ବନ୍ଦ ପାଇଁ ନିର୍ଦ୍ଦେଶ ଆସିଛି। ତେଣୁ ଏ ଦିଗରେ ପୁନଃ ବିଚାର କରାଯାଉ ବୋଲି ସେମାନେ ଦାବି କରିଥିଲେ। ସେହିପରି ମାନେଶ୍ୱର ବ୍ଲକର ବଟେମୁରା ପଞ୍ଚାୟତ ବେହେରାପାଲି ଗ୍ରାମବାସୀ ମଧ୍ୟ ଅନୁରୂପ ଅଭିଯୋଗ କରିଥିଲେ । ୧୯୯୦ ମସିହାରୁ ଗ୍ରାମରେ ସ୍କୁଲ ରହିଛି । ସ୍କୁଲରେ ୧୫ ଜଣ ପିଲା ପାଠ ପଢୁଛନ୍ତି । ୨୦ରୁ କମ୍ ଥିଲେ ସ୍କୁଲ ବନ୍ଦ କରିବାର ନିର୍ଦ୍ଦେଶ ରହିଛି। ହେଲେ ପାଖ ଗ୍ରାମର ସ୍କୁଲ ବହୁ ଦୂରରେ ରହିଛି । ତେଣୁ ଏ ଦିଗରେ ବିଚାର ପାଇଁ ସେମାନେ ଦାବି କରିଥିଲେ । ଝୁଝୁମୁରା ବ୍ଲକ ବାହାମ ଗ୍ରାମରେ ପ୍ରାଥମିକ ସ୍କୁଲ ଚାଲିଆସୁଛି। ଏବେ ଏଠାରେ ୨୭ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସ୍ଥାନାନ୍ତର ହୋଇଥିବା ସ୍କୁଲ ପ୍ରାୟ ୨ କିମି ହେବ। ତେଣୁ ଏହାର ବିଚାର କରି ନିର୍ଦ୍ଦେଶକୁ ବାତିଲ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି ।

**୨୦୨୪-୨୫ ପର୍ଯ୍ୟନ୍ତ ଭିଜିଏଫ୍ ସ୍କିମ୍ ଅବ୍ୟାହତ ରହିବ**

ପିପିପିରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକ ଲାଗି ଭିତ୍ତିଭୂମି ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ବା ଭିଜିଏଫ୍ ସ୍କିମ୍ ୨୦୨୪-୨୫ ଯାଏ ଅବ୍ୟାହତ ରହିବ। ଏହି ଆର୍ଥିକ ସହାୟତା ଯୋଗାଣ ବ୍ୟବସ୍ଥାକୁ ବୃଦ୍ଧି କରିବାକୁ କେନ୍ଦ୍ର କ୍ୟାବିନେଟ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ଏଥିରେ ୮,୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ଏହାକୁ ଅନୁମୋଦନ ପ୍ରଦାନ କରିଥିବା ଜଣାପଡିଛି।

# ନୂଆ ପ୍ୟାକେଜ ଆଣିବେ ସରକାର



**ନୂଆଦିଲ୍ଲୀ,୧୧।୧୧**

କରୋନା ଭୂତାଣୁ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ସଙ୍କଟ ଦେଇ ଗତି କରୁଛି। ଘରୋଇ ବଜାରର ମୋଟ ଘରୋଇ ଉତ୍ପାଦ (ଜିଡିପି) ଐତିହାସିକ ନିମ୍ନ ସ୍ତରରେ ରହିଛି। ଅର୍ଥ ବ୍ୟବସ୍ଥାକୁ ଗତି ପ୍ରଦାନ କରିବା ଲାଗି ସରକାର ପ୍ରାୟ ଦେଢ଼ ଲକ୍ଷ କୋଟିର ନୂଆ ପ୍ୟାକେଜ ଆଣିବାକୁ ଯୋଜନା କରୁଛନ୍ତି ବୋଲି ଜଣେ ସରକାରୀ ଅଧିକାରୀ ବୁଧବାର ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ନୂଆ ଯୋଜନା ଉପରେ ଗୁରୁବାର ଚୂଡାନ୍ତ ନିଷ୍ପତ୍ତି ନେବେ ବୋଲି ଅଧିକାରୀ କହିଛନ୍ତି।

ପ୍ୟାକେଜ ସମ୍ପର୍କରେ ଅଧିକାରୀ କିଛି ବିସ୍ତୃତ ଭାବେ କହିନାହାନ୍ତି। ମାତ୍ର ଚାପରେ ରହିଥିବା କ୍ଷେତ୍ରଗୁଡିକୁ ଏହା ଦ୍ୱାରା ଫୋକସ୍ କରାଯିବା ବୋଲି ସେ ସ୍ପଷ୍ଟ କରିଛନ୍ତି। ନୂଆ ନିଯୁକ୍ତି ସୃଷ୍ଟି ଉପରେ ମଧ୍ୟ ଏଥିରେ ଗୁରୁତ୍ୱ ଦିଆଯିବ। କରୋନା ମହାମାରୀ ବଜାରକୁ ଶକ୍ତ ଧକ୍କା ଦେଇଛି। ମେ ମାସରେ ସରକାର ଘୋଷଣା କରିଥିବା ପ୍ୟାକେଜ ବଜାର ଉପରେ ରହିଥିବା ପ୍ରଭାବକୁ କମ୍ କରିବାରେ ସକ୍ଷମ ହୋଇପାରିନାହିଁ। ଏହି ପ୍ୟାକେଜରେ ସରକାରଙ୍କ ପ୍ରକୃତ ଖର୍ଚ୍ଚ କହିଲେ ବହୁ ନଗନ୍ୟ। ପ୍ୟାକେଜର ସିଂହଭାଗ କେବଳ ଋଣ ଆକାରରେ ରହିଥିବାରୁ ଏହା ବଜାରର ସମସ୍ୟାକୁ ସମାଧାନ କରିବାରେ ସକ୍ଷମ ହୋଇ ପାରିଲା ନାହିଁ ବୋଲି ବଜାର ବିଶେଷଜ୍ଞ କହିଛନ୍ତି।

କ୍ଷତିଗ୍ରସ୍ତ ହୋଇଥିବା ପର୍ଯ୍ୟଟନ, ହସ୍ପିଟାଲିଟି ଏବଂ ବିମାନ ଚଳାଚଳ କ୍ଷେତ୍ର ଲାଗି ସରକାର ବର୍ତ୍ତମାନ ଯାଏ କୌଣସି ପ୍ୟାକେଜ ଘୋଷଣା କରିନାହାନ୍ତି। ଚଳିତ ଆର୍ଥିକ ବର୍ଷ ଏପ୍ରିଲ ଜୁନ ସମୟରେ ଦେଶର ଅର୍ଥ ବ୍ୟବସ୍ଥା ୨୩.୯% ଖସିଛି। ଚଳିତ ଆର୍ଥିକ ବର୍ଷରେ ଜିଡିପି ୧୦%ରୁ ଊର୍ଦ୍ଧ୍ୱ ଖସିବ ବୋଲି ଅନ୍ତର୍ଜାତୀୟ ଏଜେନ୍ସିଗୁଡିକ ଆକଳନରେ କହିଛନ୍ତି। ଦେଶର ପ୍ରମୁଖ ସହରଗୁଡିକରେ ବର୍ତ୍ତମାନ ମଧ୍ୟ କରୋନା ସଂକ୍ରମଣ ବଢିଚାଲିଛି। ସୂଚନା ଯୋଗ୍ୟ, ବୁଧବାର ସରକାର ଉତ୍ପାଦନ ସଂଯୋଗୀ ନିବେଶ (ପିଏଲ୍ଆଇ) ଯୋଜନା ଘୋଷଣା କରିଛନ୍ତି। ଏହା ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ହେବ।

# ରିଲାଏନ୍ସ ଡିଜିଟାଲରେ ଦିୱାଲି ରିହାତି

Reliance digital

**ଭୁବନେଶ୍ୱର,୧୧।୧୧**

ରିଲାଏନ୍ସ ଡିଜିଟାଲ ପକ୍ଷରୁ ଦିୱାଲି ଉପଲକ୍ଷେ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହାଦ୍ୱାରା ଇଲେକଟ୍ରୋନିକ୍ସ ଉତ୍ସବ ଆହୁରି ବଡ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଗ୍ରାହକ ଏହି ଅବସରରେ ବ୍ୟାପକ ବର୍ଗର ଇଲେକଟ୍ରୋନିକ୍ସ ପ୍ରଡକ୍ଟ ଲାଭ କରିପାରିବେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଡେବିଟ୍ ଏବଂ କ୍ରେଡିଟ୍ କାର୍ଡରେ ୧୦% କ୍ୟାଶ୍‌ବ୍ୟାକ ସୁବିଧା ରହିଛି। ରିଲାଏନ୍ସ ଡିଜିଟାଲ ଷ୍ଟୋର ଏବଂ କମ୍ପାନୀର ଡିଜିଟାଲ ଷ୍ଟୋର ରିଲାଏନ୍ସ ଡିଜିଟାଲ ଡଟ୍ ଇନ୍‌ରେ ସହଜ ଇଏମ୍ଆଇ ସୁବିଧା ରହିଛି। ଗ୍ରାହକ ନିର୍ଦ୍ଦିଷ୍ଟ ବ୍ୟାଙ୍କର ଡେବିଟ୍ ଏବଂ କ୍ରେଡିଟ୍ କାର୍ଡରେ ଇଏମ୍ଆଇ ଦ୍ୱାରା ପ୍ରଡକ୍ଟ ନେଲେ ୪,୫୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। ଆମେରିକାନ ଏକ୍ସପ୍ରେସ କାର୍ଡରେ ୨୦୦୦ ଟଙ୍କାର ରିହାତି ଏବଂ ୧୦୦୦ ଟଙ୍କା ପର୍ଯ୍ୟନ୍ତ ରିଲାଏନ୍ସ ଡିଜିଟାଲ ଭାଉଚର ମିଳୁଛି। ଏହି ଅଫର ଚଳିତ ମାସ ୧୬ ତାରିଖ ଯାଏ ଉପଲବ୍ଧ। ସମସ୍ତ ବର୍ଗରେ ଅନେକ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ୧୦% ଅଧିକ ଘରୋଇ ଉଡ଼ାଣକୁ ଅନୁମତି



**ନୂଆଦିଲ୍ଲୀ,୧୧।୧୧**

ବିମାନ ଯାତ୍ରୀଙ୍କ ଲାଗି ଖୁସି ଖବର। କେନ୍ଦ୍ର ସରକାର ଦେଶ ମଧ୍ୟରେ ୧୦% ଅଧିକ ବିମାନ ଚଳାଚଳ ଲାଗି ବୁଧବାର ଅନୁମତି ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ବିମାନ କମ୍ପାନୀଗୁଡିକ ୬୦% କ୍ଷମତାରେ ପରିଚାଳିତ ହେଉଥିଲେ। ନୂଆ ନିୟମ ଦ୍ୱାରା ଏହି କ୍ଷମତା ୭୦%କୁ ବଢାଯାଇଛି। ନୂଆ ନିଷ୍ପତ୍ତି ଦ୍ୱାରା ବିମାନ କମ୍ପାନୀଗୁଡିକ ଅଧିକ ବିମାନ ଚଳାଇ ପାରିବେ। ଫଳରେ ଦିୱାଲି ପୂର୍ବରୁ ଅତିରିକ୍ତ ୨୧୦୦ ବିମାନ ଦେଶ ମଧ୍ୟରେ ସେବା ଯୋଗାଣ କରିପାରିବେ। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି ଯେ, ବର୍ତ୍ତମାନ ଦେଶ ମଧ୍ୟରେ ଦୈନିକ ଭିତ୍ତିରେ ୨.୦୬ ଲକ୍ଷ ଯାତ୍ରୀ ବିମାନ ସେବା ଲାଭ କରିପାରୁଛନ୍ତି। ଏହା ମେ ୨୫ରେ ୩୦ ହଜାର ରହିଥିଲା। କରୋନା ମହାମାରୀ ବ୍ୟାପିବା ଯୋଗୁ ମାର୍ଚ୍ଚ ୨୫ରୁ ବିମାନ ସେବା ବାତିଲ କରାଯାଇଥିଲା। ମେ ୨୫ ଠାରୁ ଦେଶ ମଧ୍ୟରେ ବିମାନ ସେବାକୁ ଅନୁମତି ମିଳିଲା। ବର୍ତ୍ତମାନ ସୁଦ୍ଧା ଅନ୍ତର୍ଜାତୀୟ ବିମାନ ସେବାକୁ ଅନୁମତି ମିଳିନାହିଁ। କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏହି ସେବା ଉପଲବ୍ଧ ହେଉଛି।

# ମାରୁତି ସୁଜୁକିର ସ୍କ୍ରାଚ୍ କାର୍ଡ ଅଫର

**ଭୁବନେଶ୍ୱର,୧୧।୧୧**



ପ୍ରମୁଖ ଯାନ ନିର୍ମାତା କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ପକ୍ଷରୁ ସ୍କ୍ରାଚ୍ କାର୍ଡ ଅଫର ବର୍ତ୍ତମାନ ଉପଲବ୍ଧ ହେଉଛି। ମାରୁତି ସୁଜୁକି ଏରିନାରେ ପ୍ରତ୍ୟେକ କ୍ରୟ ଉପରେ ଗ୍ରାହକଙ୍କ ପାଇଁ ସ୍କ୍ରାଚ ଅଫର ବ୍ୟବସ୍ଥା କରାଯାଇଛି। ଏଥିରେ ଗ୍ରାହକ ନିଶ୍ଚିତ ଉପହାର ଲାଭ କରିପାରିବେ। ପାର୍ବଣ ଉପଲକ୍ଷେ ଏଭଳି ଅଫର ଗ୍ରାହକଙ୍କ ଲାଗି ଡିଜାଇନ କରାଯାଇଛି। ୨ ଚକିଆ ଗାଡି, ୱାଶିଂମେଶନ, ଏୟାର କଣ୍ଡିସନର,ସ୍ମାର୍ଟ ଏଲଇଡି ଟିଭି, ରେଫ୍ରିଜରେଟର, ଇଣ୍ଡକସନ କୁକର ଭଳି ଉପହାର ଗ୍ରାହକଙ୍କୁ ମିଳିପାରିବ। ମାରୁତି ସୁଜୁକି ଯାନ ଉପରେ ଗ୍ରାହକଙ୍କୁ ସ୍ୱତନ୍ତ୍ର ରିହାତି ପ୍ରଦାନ କରାଯାଉଛି। କମ୍ପାନୀର ଏହି ସୁବିଧା ଓଡିଶା ଗ୍ରାହକଙ୍କ ଲାଗି ମଧ୍ୟ ଉପଲବ୍ଧ। ଏହି ଯୋଜନା ଅନ୍ତର୍ଗତ କମ୍ପାନୀର ସମ୍ବଲପୁରସ୍ଥିତ ଓଡିଶୀ ଶୋ'ରୁମ୍‌ରେ ଗ୍ରାହକ ରାଜକୁମାର ବିଶ୍ୱାଳ ଏକ ସ୍କୁଟି ଜିତିଥିବା ସୂଚନା ରହିଛି।

# ନାଲ୍‌କୋର ନିଟ୍ ଲାଭ ୧୦୭ କୋଟି

ନାଲ୍କୋ NALCO

**ଭୁବନେଶ୍ୱର,୧୧।୧୧:** ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲ୍‌କୋ) ପକ୍ଷରୁ ଏହାର ଦ୍ୱିତୀୟ ତ୍ରୈମାସ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ଏହି ସମୟରେ ୧୦୭.୪୫ କୋଟି ଟଙ୍କାର ନିଟ୍ ଲାଭ କରିଛି। କମ୍ପାନୀ ଏହି ତ୍ରୈମାସରେ ୨୩୭୫ କୋଟି ଟଙ୍କା କାରବାର କରିଛି। ପ୍ରଥମ ତ୍ରୈମାସ ତୁଳନାରେ ଏଥିରେ ୭୨% ଅଭିବୃଦ୍ଧି ହୋଇଛି। ପ୍ରଥମ ତ୍ରୈମାସରେ କମ୍ପାନୀ ୧୩୮୧ କୋଟି ଟଙ୍କା କାରବାର କରିଥିଲା। ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ନାଲ୍‌କୋ ୧୨୪ କୋଟି ଟଙ୍କା ନିଟ୍ ଲାଭ କରିଛି। ଗତ ବର୍ଷ ଏହି ପରିମାଣ ୭୦ କୋଟି ଟଙ୍କା ରହିଥିଲା। ଦ୍ୱିତୀୟ ତ୍ରୈମାସରେ ଏହା ୧୭.୦୪ ଲକ୍ଷ ଟନ୍ ବକ୍ସାଇଟ ଉତ୍ପାଦନ କରିଥିବା ବେଳେ ଆଲୁମିନା ହାଇଡ୍ରେଟ ଉତ୍ପାଦନ ୪.୮୭ ଲକ୍ଷ ଟନ୍ ରହିଛି। ଏହି ସମୟ ଅବଧିରେ କମ୍ପାନୀ ୧.୦୬ ଲକ୍ଷ ଟନ୍ ଆଲୁମିନିୟମ ଉତ୍ପାଦନ କରିଥିଲା। କମ୍ପାନୀ ୫୮,୫୭୪ ମେଟ୍ରିକ ଟନ ଆଲୁମିନିୟମ ବିକ୍ରି କରିବାକୁ ଏହା ସକ୍ଷମ ହୋଇଛି। ଏହି ଅବଧିରେ ଆଲୁମିନା ବିକ୍ରୟ ୨୮୫,୭୧୮ ମେଟ୍ରିକ ଟନ୍ ରହିଥିଲା। ରପ୍ତାନି କ୍ଷେତ୍ରରେ କମ୍ପାନୀ ୩ ଗୁଣ ଅଭିବୃଦ୍ଧି ହାସଲ କରିଛି। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନାଲ୍‌କୋ ବ୍ୟବସାୟକୁ ସଫଳ ଭାବେ ପରିଚାଳିତ କରିବାକୁ ସକ୍ଷମ ହୋଇଥିବା କମ୍ପାନୀର ଅଧକ୍ଷ ଶ୍ରୀଧର ପାତ୍ର ସୂଚନା ଦେଇଛନ୍ତି।

# ବ୍ୟାଙ୍କ କର୍ମଚାରୀଙ୍କ ବେତନ ସଂଶୋଧନ ରାଜିନାମା ସ୍ୱାକ୍ଷରିତ

**ଭୁବନେଶ୍ୱର,୧୧।୧୧**

ବ୍ୟାଙ୍କ କର୍ମଚାରୀଙ୍କ ବେତନ ସଂଶୋଧନ ରାଜିନାମା ଚୂଡାନ୍ତ ହୋଇଯାଇଛି। ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନ (ଆଇବିଏ), ବ୍ୟାଙ୍କ ସଂଘ ଏବଂ ଅଧିକାରୀ ସଂଘଗୁଡିକ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ପ୍ରକ୍ରିୟା ୩ ବର୍ଷ ଧରି ଜାରି ରହିଥିଲା। ୧୫% ବାର୍ଷିକ ବେତନ ବୃଦ୍ଧି ନେଇ ଜୁଲାଇ ୨୨ରେ ଆଇବିଏ ଏବଂ ସଂଘଗୁଡିକ ମଧ୍ୟରେ ଏମ୍‌ଓୟୁ ହୋଇଥିଲା। ପିଛାଲା ଭାବେ ୨୦୧୭ ନଭେମ୍ବର ପହିଲାରୁ ନୂଆ ନିୟମ ଲାଗୁ ହେବ ବୋଲି ବ୍ୟାଙ୍କ ସଂଘଗୁଡିକ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ଏହି ପ୍ରକ୍ରିୟାକୁ ଚୂଡାନ୍ତ ରୂପ ଦିଆଯାଇଛି। କର୍ମଚାରୀମାନେ ସେମାନଙ୍କ ପେ ସ୍ଲିପରେ ୧୫% ବେତନ ବୃଦ୍ଧି ସହ ପାଇବେ ବୋଲି ଆଇବିଏର ଚିଫ୍ ଏକଜିକ୍ୟୁଟିଭ ସୁନୀଲ ମେହେଟା ସୂଚନା ଦେଇଛନ୍ତି। ସଂଘଗୁଡିକ ମଧ୍ୟରେ ୟୁନାଇଟେଡ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ(ୟୁଏଫ୍‌ବିୟୁ) ରହିଛି। ଏହା ମଧ୍ୟରେ ୪ ଅଧିକାରୀ ଏବଂ ୪ କର୍ମଚାରୀ ସଂଘ ରହିଛି। ସେହିଭଳି ବ୍ୟାଙ୍କ କର୍ମଚାରୀ ସେନା ମହାସଂଘ ଚୁକ୍ତିର ପକ୍ଷଭୁକ୍ତ ହୋଇଛି। ନୂଆ ବେତନ ସଂଶୋଧନ ଦ୍ୱାରା ବ୍ୟାଙ୍କଗୁଡିକୁ ୭୮୯୮ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ସେହିଭଳି ଚଳିତ ବର୍ଷରୁ ପରଫରମାନ୍ସ ସଂଯୋଗୀ ପ୍ରୋତ୍ସାହନ ବ୍ୟବସ୍ଥା (ପିଏଲ୍ଆଇ) ଲାଗୁ କରିବା ଲାଗି ଆଇବିଏ ଲକ୍ଷ୍ୟ ରଖିଛି। ଏହା ବ୍ୟାଙ୍କଗୁଡିକର ପରିଚାଳନା ଲାଭ ଏବଂ ନେଟ ଲାଭ ଉପରେ ପର୍ଯ୍ୟବେସିତ ହେବ। ପିଏଲ୍ଆଇକୁ ଘରୋଇ ବ୍ୟାଙ୍କଗୁଡିକ ଲାଗି ଇଚ୍ଛାଧୀନ କରାଯାଇଛି। ଏଭଳି ପଦକ୍ଷେପକୁ ଏଆଇବିଓସିର ରାଜ୍ୟ ସଭାପତି ଦାମୋଦର ନନ୍ଦ ସ୍ୱାଗତ ଜଣାଇଛନ୍ତି।

# ଗ୍ରାମାଞ୍ଚଳ-ସହରାଞ୍ଚଳ ବ୍ୟବଧାନ କମାଇଛି କୋଭିଡ୍

**ଭୁବନେଶ୍ୱର,୧୧।୧୧:** କୋଭିଡ-୧୯ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମଧ୍ୟରେ ରହିଥିବା ଦୂରତାକୁ ଦୂରକରିଛି। ସୁଯୋଗର ଅଭାବ ଯୋଗୁ ଲୋକମାନେ ସହରମୁହାଁ ହୋଇଥାନ୍ତି। ବର୍ତ୍ତମାନ ସହରୀ ସମସ୍ୟା ସହ ପ୍ରବାସୀମାନେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେମାନଙ୍କ ସାମର୍ଥ୍ୟକୁ ବିକାଶ କରିବାର ଆବଶ୍ୟକତା ରହିଛି ବୋଲି ବିଶ୍ୱ ବ୍ୟାଙ୍କ କନସଲଣ୍ଟାଣ୍ଟ ସୌଭିକ ମିତ୍ର କହିଛନ୍ତି। ଫିକି-ଆଦିତ୍ୟବିର୍ଲା ସିଏସ୍ଆର୍ ସେଣ୍ଟରଫର ଏକ୍ସିଲେନ୍ସ ସହଭାଗିତାରେ ବଂଶୀଧର-ଇଲା ଫାଉଣ୍ଡେଶନ (ବିଆଇପିଏଫ୍)ଦ୍ୱାରା 'ଆଇଡିଏଟି'ର ନବମ ସଂସ୍କରଣ ଭର୍ଚୁଆଲ ଭାବେ ଅନୁଷ୍ଠିତ ହୋଇଯାଇଛି। ଏଠାରେ ବିଶେଷଜ୍ଞମାନେ ମହାମାରୀ ପରବର୍ତ୍ତୀ ଆହ୍ୱାନକୁ ଗ୍ରହଣ କରିବା ଏବଂ ସ୍ଥିର ସମୁଦାୟ ଗଠନ ପ୍ରସଙ୍ଗ ଉପରେ ମତ ରଖିଛନ୍ତି। କାର୍ଯ୍ୟକ୍ରମରେ ବିଆଇପିଏଫ୍ ସିଇଓ ସୈଫାଳିକା ପଣ୍ଡା କହିଛନ୍ତି, ସମଚିନ୍ତକଙ୍କ ଭାଗିଦାରୀରେ ସମନ୍ୱିତ ରଣନୀତି ସହ ଆଗକୁ ବଢିବାକୁ ହେବ। ନବସୃଜନ, କୃଷକଙ୍କ ନିକଟରେ ପହଞ୍ଚିବା ଏବଂ ସହଭାଗିତା ଉପରେ ବେୟରକ୍ରପ ସାଇନ୍ସ ଲିମିଟେଡର ବାଣିଜ୍ୟିକ ୟୁନିଟ ମୁଖ୍ୟ ଅଜିତ ସିଂ ଚହଲ ଗୁରୁତ୍ୱାରୋପ କରିଛନ୍ତି। କାର୍ଯ୍ୟକ୍ରମରେ ଅକ୍ଷୟ ପାତ୍ର ଫାଉଣ୍ଡେଶନ ସଭାପତି ସତ୍ୟ ଗୌର ଚନ୍ଦ୍ର ଦାସଙ୍କ ସମେତ ଅନ୍ୟ କ୍ଷେତ୍ରର ପ୍ରତିନିଧି ଯୋଗ ଦେଇଥିଲେ।


## National Dairy Development Board

PB No. 40, Anand, Gujarat-388 001, Tel: (02692) 260 148/ 149/ 160, Fax: (02692) 260 159
Website: http://www.nddb.coop, Email: purchase@nddb.coop,
INVITATION FOR BIDS (IFB)/LOCAL COMPETITIVE BIDDING (LCB) ON LINE BIDDING

Bids are invited on behalf of NDDB/Service Recipients from eligible bidders for the works listed below:

| Sr. No. | Description of works / Bid Reference | Estd. Cost (₹) / Duration | Event Start / Close Date | Bid Submission / opening date & time |
|---|---|---|---|---|
| I | Civil, Structural, Water Supply, Internal Electrification & Other Misc works for I (A, B & C):- | | | |
| A) | Fermented Product Plant at Jalandhar, Punjab. NDDB:HO:PUR:LCB:59/2020 (ET/59) | 2600 Lakh/ 15 Months | 19.11.2020/ 10.12.2020 | 10.12.2020 15:00 hrs. 10.12.2020 15:30 hrs. |
| B) | Renovation Works at ERDTC, Siliguri, West Bengal. NDDB:HO:PUR:LCB:53/2020 (ET/53) | 133 Lakh/ 08 Months | 16.11.2020/ 07.12.2020 | 07.12.2020 15:00 hrs. 07.12.2020 15:30 hrs. |
| C) | 2.07 LLPD Milk Product plant at Barauni, Begusarai, Bihar. NDDB:HO:PUR:LCB:56/2020 (ET/56) | 3500 Lakh/ 18 Months | 18.11.2020/ 09.12.2020 | 09.12.2020 15:00 hrs. 09.12.2020 15:30 hrs. |
| II | Civil, Structural & Miscellaneous Rectification Works at ICFMD Bhubaneswar, Odisha. NDDB:HO:PUR:LCB:49/2020 (ET/49) | 49.5 Lakh/ 04 Months | 12.11.2020/ 02.12.2020 | 02.12.2020 15:00 hrs. 02.12.2020 15:30 hrs. |
| III | Design, Supply, Installation, Testing & Commissioning of the following: | | | |
| A) | Additional Production capacity of 150 MTPD at existing CFP Erode, Tamil Nadu. NDDB:HO:PUR:LCB:57/2020 (ET/57) | 249 Lakh/ 08 Months | 12.11.2020/ 02.12.2020 | 02.12.2020 15:00 hrs. 02.12.2020 15:30 hrs. |
| B) | Mechanical Equipment, Piping, Electrical & instrumentation works for ETP of cap. 2000 cum/day at Sabar Dairy, Himmatnagar, Gujarat. NDDB:HO:PUR:LCB:60/2020 (ET/60) | 980 Lakh/ 12 Months | 21.11.2020/ 11.12.2020 | 11.12.2020 15:00 hrs. 11.12.2020 15:30 hrs. |
| C) | Fire Hydrant System for 5 LLPD Dairy at Arilo-Govindpur, Odisha. NDDB:HO:PUR:LCB:52/2020 (ET/52) | 82.3 Lakh/ 05 Months | 12.11.2020/ 02.12.2020 | 02.12.2020 15:00 hrs. 02.12.2020 15:30 hrs. |
| D) | HVAC, Modular partitions, Deep freeze, Cold Store & allied MEP Works for GMP Warehouse at IVPM, Ranipet, Tamil Nadu. NDDB:HO:PUR:LCB:51/2020 (ET/51) | 406.4 Lakh/ 10 Months | 19.11.2020/ 10.12.2020 | 10.12.2020 15:00 hrs. 10.12.2020 15:30 hrs. |
| E) | UHT milk plant, Arilo Govindpur, Odhisa. NDDB:HO:PUR:LCB:58/2020 (ET/58) | 1197 Lakh/ 12 Months | 19.11.2020/ 10.12.2020 | 10.12.2020 15:00 hrs. 10.12.2020 15:30 hrs. |
| IV | Supply of Chemicals, Standards and Standard Reference Materials (SRM) at NDDB Anand under Annual Rate Contract NDDB:HO:PUR:LCB:54/2020 (ET/54) | 68 Lakh/ 12 Months | 19.11.2020/ 10.12.2020 | 10.12.2020 15:00 hrs. 10.12.2020 15:30 hrs. |
| V | Supply Installation, Testing and Commissioning of New Data Centre Infrastructure and Network Revamping NDDB:HO:PUR:LCB:55/2020 (ET/55) | 54 Lakh/ 02 Months | 20.11.2020/ 11.12.2020 | 11.12.2020 15:00 hrs. 11.12.2020 15:30 hrs. |

For further details pertaining to IFB and for downloading the bid document, please visit these website: www.nddb.coop and www.mstcecommerce.com/eprochome/nddb For any clarification please contact G.M. (Purchase), NDDB, Anand-388001.
NB: Any corrigendum/modification etc. will be posted only on these websites



## STATE POLLUTION CONTROL BOARD, ODISHA

ODISHA
[DEPARTMENT OF FOREST & ENVIRONMENT, GOVERNMENT OF ODISHA]
Paribesh Bhawan, A/118, Nilakantha Nagar, Unit-VIII
Bhubaneswar- 751 012, INDIA
EPABX: 2561909/2562847, Tel: 2562822/2560955
E-mail:paribesh1@ospcboard.org, Website: www.ospcboard.org
No.11083/ IND-IV-PCP-PWM-53 Dt.10.11.2020

**NOTICE**

**Kind Attention: All Manufacturers/Sellers of Compostable plastic carry bags.**

This is brought to the notice of all Manufacturers/Sellers of compostable plastic carry bags in the State that the Govt. of Odisha in Forest & Environment Department has prohibited the sell, trade, manufacturer, store, carry, transport use or distribute single use plastic with effect from 2nd October, 2019 vide order dtd.30.09.2019 in all the Urban Local Bodies. The Government is encouraging the use of compostable plastic carry bags as a substitute.

As per the provision under Rule 4(h) of Plastic Waste Management Rule, 2018 all manufacturers or seller of compostable plastic carry bags shall obtain a certificate from the Central Pollution Control Board before marketing or selling and the thickness shall not be applicable to compostable carry bags/products. These products shall conform to the Indian Standard IS17088:2008 titled as specification of compostable plastic as amended from time to time. Manufacturer of compostable carry bags required to provide QR code on compostable bags to further minimize circulation of fake products on the market.

The Central Pollution Control Board has updated the Standard Operating Procedure (SOP) for issue of certificate to the manufacturers/ sellers of compostable plastic carry bags in compliance with the Rule 4(h) of Plastic Waste Management Rules, 2018. The details of SOP is available in https://cpcb.nic.in/uploads/plasticwaste/SOP-IssueCert-CompostablePlasticManufacturers.pdf.

Sd./- MEMBER SECRETARY



## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୧୪ — ତା: ୦୫।୧୧।୨୦୨୦

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଯୁଗ୍ମ ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ୮ସବିତା ରାଉତ, ସ୍ୱା.: ସାମସନ ରାଉତ, ସା/ପୋ.: ଛଅଗାଁ, ଥାନା: ଗୁରୁଡ଼ିଝାଟିଆ, ଜିଲ୍ଲା: କଟକ | ଏଲ୍.ଆଇ.ଜି.–୪୭୮, ପ୍ରଶାନ୍ତି ବିହାର, ପଟିଆ, ଭୁବନେଶ୍ୱର | ୧. ଶ୍ରୀ ସାମସନ ରାଉତ (ସ୍ୱା) ୨. ଆରାଧନା ପାଲ୍ (ବି. କନ୍ୟା) ୩. ଉପାସନା ରାଉତ (ବି. କନ୍ୟା) |

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



## ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, କଟକ

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ରତିପାଳକ ଯତ୍ନ (Foster Care) ବ୍ୟବସ୍ଥା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ପ୍ରଚଳନ କରାଯାଇଅଛି । ଏହି ପ୍ରଚଳିତ ବ୍ୟବସ୍ଥାର ଲକ୍ଷ୍ୟ ହେଲା ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ଅସ୍ଥାୟୀ ଭାବରେ ଅଣସମ୍ପର୍କୀୟ ପରିବାର ସହିତ ସ୍ୱଳ୍ପ କିମ୍ବା ଦୀର୍ଘ ସମୟ ପାଇ ରଖିବା ଏବଂ ଆବଶ୍ୟକ ସ୍ଥଳେ ପାରିବାରିକ ପରିସ୍ଥିତି ପରିବର୍ତ୍ତନ ହେଲେ ପୁନଶ୍ଚ ସେମାନଙ୍କୁ ପରିବାର ସହିତ ମିଳିତ ହେବାର ବ୍ୟବସ୍ଥା କରିବା। କିଶୋର ନ୍ୟାୟ ଆଇନ ୨୦୧୫ ଅନ୍ତର୍ଗତ ଧାରା ୪୪ ଓ କିଶୋର ନ୍ୟାୟ ନିୟମ ୨୦୧୬ ଅନ୍ତର୍ଗତ ଅଧିନିୟମ ୨୩ ଏବଂ ମଡେଲ ଗାଇଡଲାଇନ, ପ୍ରତିପାଳକ ଯତ୍ନ (Foster Care) ୨୦୧୬ ଅନୁଯାୟୀ ଶିଶୁମାନଙ୍କୁ ଥଇଥାନ କରାଯିବା ପାଇଁ ଏହି ବ୍ୟବସ୍ଥା ରହିଅଛି। ପ୍ରତିପାଳନ ନିମନ୍ତେ ଇଚ୍ଛୁକ ସଂଗଠନ/ପିତାମାତାମାନେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲାପାଳ କାର୍ଯ୍ୟାଳୟ, କଟକ, ଫୋନ୍ ନମ୍ବର–୯୮୫୩୨୪୬୫୨୮ଙ୍କୁ ଆବେଦନ କରନ୍ତୁ। ପ୍ରତିପାଳକ ଯତ୍ନ ଚୟନର ମାନଦଣ୍ଡ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକରେ ଉପଲବ୍ଧ ।

ସ୍ୱା./- ଜିଲ୍ଲାପାଳ, କଟକ



## ADMISSION NOTICE - 2020

DIRECTORATE OF DISTANCE & CONTINUING EDUCATION

D.D.C.E., UTKAL UNIVERSITY
BHUBANESWAR-751007
COURSES OFFERED
NAAC Accredited A+
Admn Advt-3

**DISTANCE MODE**
(Walk in Online)

Management Courses
- Master of Business Administration (MBA)
- BBA / IMBA
- Post Graduate Diploma in Mgt. :
  - Human Resource
  - Marketing
  - Production & Operation
  - Finance
  - Tour & Travel
  - Agri Business
  - Ditetics & Nutrition
  - Public Policy

Graduate Courses
- BA (HONS.)
- B.COM. (HONS.)

Post Graduate Courses)
- MSW
- M.Com.
- MA in Public Admn.
- MA in History
- MA in Pol.Science
- MA in Sanskrit
- MA in Education
- MA in English
- MA in Odia
- MA in Sociology
- MA in Economics
- MA in Hindi

**FACE TO FACE MODE**
(Walk in Online Test and Rolling Admission)

Management Courses
- Master of Business Administration (MBA) (Evening)
- P.G.Dip. in Banking & Insurance Mgt. (PGDBIM) (Morning)

Computer Science Courses
- MCA (3 Yrs.)
- MCA (2 Yrs) LE
- M.Sc. Comp. Sc.
- M.Sc. IT
- M.Sc. I T&M

Last Date of Admission Extended to : 01.12.2020
APPLY ONLINE (for all courses) :
visit www.ddceutkal.ac.in
(FOR ELIGIBILITY, FEE STRUCTURE, SELECTION PROCESS AND IMPORTANT DATE LINES VISIT OUR WEBSITE.

DIRECTOR



## Expression of Interest

"Expression of Interest" in sealed cover is hereby invited for the following activities of up-coming 15th Toshali National Crafts Mela from 15th to 27th December 2020 at Janata Maidan, Bhubaneswar.

1. Opening of Food Counter in Food Court.
2. Operating Canteen Service.
3. Providing Security Service.

For details of EOI, TOR etc please visit the website: www.sidacodisha.org.in .The last date for submission of EOI in the office of SIDAC, Handicrafts Complex,Gandamunda,Khandagiri,Bhubaneswar. Ph: 0674-2350318 is upto 5:00 pm. on 25-11-2020 . The details of EOI will be available in the website w.e.f. 13.11.2020.

Member Secretary

State Institute for Development of Arts & Crafts
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-750030
SIDAC Tel. No.+91 (0) 674 2350318,E-mail: sidacorissa@gmail.com, www.sidacodisha.org.in



## WORKS DEPARTMENT
OFFICE OF THE EXECUTIVE ENGINEER, ROURKELA (R&B) DIVISION, UDITNAGAR, ROURKELA

No.B-393:- email id – eepwdrkl@gmail.com

Government of Orissa "e" Procurement Notice
Bid Identification No.: 31 / 2020-21 Dated: 05.11.2020

1. Number of works: Total 3(Three) number of Works
2. Estimated cost: Rs.8.76 lakhs to Rs.34.66 lakhs
3. Period of completion: Three to four calendar months each
4. Date & Time of availability of bid document in the portal: 17.11.2020 at 11.00 A.M.
5. Last date/ Time for receipt of bids in the portal: 27.11.2020 up to 5.00 P.M.
6. Date of opening of Bid: 04.12.2020 at 11.30 A.M.
7. Name and Address of the Officer Inviting Bid: Executive Engineer (R & B), Division, Rourkela, Uditnagar.

Further details can be seen from the e-procurement portal "http//tendersodisha.gov.in"

Sd./- Executive Engineer, R & B Division, Rourkela
OIPR-34068/11/0014/2021



## ନିୟନ୍ତ୍ରୀତ ବଜାର କମିଟି ଜୁନାଗଡ,ଜିଲ୍ଲା–କଳାହାଣ୍ଡି

ଏତତ୍ ଦ୍ୱାରା କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଧର୍ମଗଡ ଉପଖଣ୍ଡର ଜୁନାଗଡ ନିୟନ୍ତ୍ରୀତ ବଜାର କମିଟି ଅଞ୍ଚଳାଧୀନ ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ,ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଖରିଫ୍ ଋତୁ (୨୦୨୦–୨୦୨୧) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ତେଣୁ ଚାଷୀ ଭାଇ ଓ ଭଉଣୀମାନେ ନିଜର ଉତ୍ପାଦିତ ବଳକା ଧାନକୁ ପ୍ରାଥମିକ କୃଷି ସମବାୟ ସମିତି(PACS) ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (WSHG)ମାନଙ୍କରେ ନିର୍ଦ୍ଧାରିତ କ୍ରୟ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ ।

ଚାଷୀ ଭାଇ ମାନଙ୍କୁ ଅନୁରୋଧ ଧାନକୁ ଠିକ୍ ଭାବରେ ଖରାରେ ଶୁଖାଇ,ବାଲି,ମାଟି,କୁଟା,ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରିଯୋଗ୍ୟ ଧାନକୁ ନିର୍ଦ୍ଧାରିତ ଧାନ କ୍ରୟ କେନ୍ଦ୍ରକୁ ଆଣିବାକୁ ହେବେ

**ଧାନର ଗୁଣାତ୍ମକ ମାନ** — ମଣ୍ଡିକୁ ଧାନ ଆଣିବାର ସମୟ ହେଉଛି ସକାଳ ୮ଟାରୁ ଅପରାହ୍ନ ୧ଘଟିକା ପର୍ଯ୍ୟନ୍ତ।

| କ୍ର.ନଂ | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା(%) |
|---|---|---|
| ୧. | ଅଜୈବିକ ବାହ୍ୟ ପଦାର୍ଥ (ବାଲି,ମାଟି,ଗୋଡି,ପଥର ବା ଧୂଳି ଇତ୍ୟାଦି) | ୧.୦% |
| ୨. | ଜୈବିକ ବାହ୍ୟ ପଦାର୍ଥ (କାଠି,କୁଟା,ଧୂଷ,ଅଗାଡି ବା ପୋଲ ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକରା (ଖରାପ, ପାଣିଫୁଲା, ପୋକରା ମିଶି ୪ % ଅଧିକ ହୋଇନଥିବ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା-ସବୁଜ)ବଙ୍କା ଓ ସଂକୁଚିତ ଇତ୍ୟାଦି | ୩.୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ ଏ ଧାନ ନିମନ୍ତେ) | ୬.୦% |
| ୬. | ଆଦ୍ରତା ବା ଜଳୀୟ ଅଂଶ | ୧୭.୦% |

–: ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟଦର ନିମ୍ନରେ ଦିଆଗଲା :–

| କ୍ର.ନଂ | ଧାନର ମାନ | ସରକାରୀ ଧାର୍ଯ୍ୟଦର (କ୍ୱିଣ୍ଟାଲ ପିଛା) |
|---|---|---|
| ୧. | ଗ୍ରେଡ –ଏ ଧାନ | ଟ.୧୮୮୮.୦୦ |
| ୨. | ସାଧାରଣ ଧାନ (ଏଫ୍.ଏ.କ୍ୟୁ) | ଟ.୧୮୬୮.୦୦ |

ଧର୍ମଗଡ ଉପଖଣ୍ଡ ଜୁନାଗଡ ନିୟନ୍ତ୍ରୀତ ବଜାର କମିଟି ଅନ୍ତର୍ଗତ ୨୫ଗୋଟି ପ୍ୟାକ୍ସ ଓ ୧୯ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (WSHG)ଜରିଆରେ ଆସନ୍ତା ୧୫.୧୧.୨୦୨୦ତାରିଖରୁ ଧାନ କ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ଧାନ କ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କର ମୋବାଇଲ ନମ୍ବରକୁ (SMS) ଜରିଆରେ ଅନ୍ୟୁନ ୭ଦିନ ପୂର୍ବରୁ ଚାଷୀମାନଙ୍କୁ ସେମାନଙ୍କ ବିକ୍ରି ଯୋଗ୍ୟ ଧାନ ସହ ମଣ୍ଡିରେ ଉପସ୍ଥିତ ହେବା ପାଇଁ ବାର୍ତ୍ତା(ଅଗ୍ରୀମ ଟୋକନ୍)ପ୍ରେରଣ କରାଯିବ ଯାହାକି ୩୦ଦିନ ବୈଧ ରହିବ। ଅଗ୍ରୀମ ଟୋକନ,କ୍ରୟକାରୀ ସମବାୟ ସମିତି,ବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଉପଲବ୍ଧ ହେବ ।

ଚାଷୀ ଭାଇ ଓ ଭଉଣୀମାନେ ସେମାନେ ନିଜର ନାମ ପଞ୍ଜିକରଣ କରିବା ସମୟରେ ଦେଇଥିବା ଆଧାରକାର୍ଡ,ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ,ଭୋଟର ପରିଚୟ ପତ୍ର ସାଙ୍ଗରେ ନେଇଁ ମଣ୍ଡିକୁ ଧାନ ଆଣିବା ପାଇଁ ଅନୁରୋଧ ଓ ବିନା ଟୋକନରେ ମଣ୍ଡିକୁ ଧାନ ନ ଆଣିବା ପାଇଁ ଅନୁରୋଧ ।

କୋଭିଡ୍–୧୯ରୁ ସୁରକ୍ଷା ପାଇଁ ସର୍ବଦା ମାସ୍କ ପିନ୍ଧନ୍ତୁ,ସାମାଜିକ ଦୂରତା ରକ୍ଷା କରନ୍ତୁ ।

ସଫାଧାନ, ସୁଖାଧାନ, ଉଚିତ୍ ଦାମ

ସ୍ୱା–ସଂପାଦକ, ନିୟନ୍ତ୍ରୀତ ବଜାର କମିଟି, ଜୁନାଗଡ
ସ୍ୱା–ଉପଜିଲ୍ଲାପାଳ ଧର୍ମଗଡ ତଥା ଅଧକ୍ଷ, ନିୟନ୍ତ୍ରୀତ ବଜାର କମିଟି, ଜୁନାଗଡ


ଦିଶା-ଟାଇଗର

## ବ ଲି ଉ ଡ୍ ହା ଲ୍ ଚା ଲ୍

❖ ଟାଇଗର ଶ୍ରଫ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏହାର ଟାଇଟଲ ରହିଛି 'ଗଣପଥ :ପାର୍ଟ-୧'। ଏହାର ନାୟିକା ଭୂମିକାରେ ଦିଶା ପଟାନି ଅଭିନୟ କରିବାର ଯୋଜନା ରହିଛି।

❖ ନିକଟରେ ଓଟିଟି ଫର୍ମାଟରେ ରିଲିଜ ହୋଇଥିବା 'ଲକ୍ଷ୍ମୀ'ର ଓପନିଂ ରେସପନ୍ସକୁ ନେଇ ବେଶ୍ ଖୁସି ଅଛନ୍ତି ଏହାର ନାୟକ ଅକ୍ଷୟ କୁମାର।

❖ ନୋରା ଫତେଇ ଏବଂ ଗୁରୁ ରାନ୍ଧୱାଙ୍କ ନୂଆ ମ୍ୟୁଜିକ ଆଲବମ୍ 'ନାଚ୍ ମେରି ରାନୀ' ୟୁଟ୍ୟୁବରେ ଭାଇରାଲ ହେବାରେ ଲାଗିଛି। ମାତ୍ର ଦିନ କେଇଟାର ଏହାର ଭ୍ୟୁୟର ସଂଖ୍ୟା ୧୦୦ ମିଲିୟନ ଟପିଯାଇଛି।

❖ ନିର୍ଦ୍ଦେଶକ ଶଙ୍କରଙ୍କର ଆଗାମୀ ଫିଲ୍ମରେ 'କେଜିଏଫ-ଚାପ୍ଟର ୱାନ' ଷ୍ଟାର୍ ୟଶ୍ ଅଭିନୟ କରିବାକୁ ଯାଉଛନ୍ତି।

❖ ରିଚା ଚଢ଼ା ଏବଂ ଅଲ୍ଲୀ ଫଜଲ ଆସନ୍ତା ବର୍ଷ ଏପ୍ରିଲରେ ବିବାହ ବନ୍ଧନରେ ଆବଦ୍ଧ ହେବାର ଯୋଜନା ରହିଛି ବୋଲି ଦୁହିଁଙ୍କ ପରିବାର ସୂତ୍ରରୁ ପ୍ରକାଶ।

❖ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିରେ 'ବାହୁବଳୀ' ଫେମ୍ ପ୍ରଭାସ ୧୮ ବର୍ଷ ପୂରଣ କରିଛନ୍ତି।

# ଆକ୍ସନ ନିଶା


ଦୀପିକା

ବର୍ତ୍ତମାନ ଦୀପିକା ପାଦୁକୋନ୍‌ଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଛି। କଥା କ'ଣ କି ଆକ୍ସନ ଭୂମିକାରେ ଅଭିନୟ କରିବାକୁ ସେ ମନ ବଳାଇଛନ୍ତି। କିଛି ଷ୍ଟଣ୍ଟ ଶଟ୍ ଦେବାକୁ ଇଚ୍ଛା ମଧ୍ୟ ରହିଛି। ଏ ବିଷୟରେ କେବଳ ଭାବିଲେ କି କହିଦେଲେ ତ ଚଳିବ ନାହିଁ, ତାକୁ ପୁଣି କାମରେ ଲଗାଇବାକୁ ପଡ଼ିବ। ତେଣୁ ନିଜ ଆଶାକୁ ପୂରଣ କରିବାକୁ ସେ ଅଣ୍ଟା ଭିଡିଛନ୍ତି। ଏବେ ତ କୋଭିଡ୍ ଗାଇଡଲାଇନ୍ ଅନୁସାରେ ଶୁଟିଂ ଆଗେଇ ଚାଲିଛି। ତେଣୁ ସେ ଫାଇଟିଂ ଶିଖିବାକୁ ଜଣେ ଗୁରୁ ସନ୍ଧାନରେ ଅଛନ୍ତି। ଏହି ସମୟରେ ତାଙ୍କର ଏହି ଆଶା ପୂରଣ କରିବାକୁ ପତିଦେବ ରଣବୀର ସିଂ ମଧ୍ୟ ଆଗେଇ ଆସିଛନ୍ତି। ଏଥିପାଇଁ କେତେଜଣ ଫାଇଟ୍ ମାଷ୍ଟରଙ୍କ ସହ ରଣବୀର ଯୋଗାଯୋଗରେ ଅଛନ୍ତି। ତା' ସହ ୟୁ ଟ୍ୟୁବ୍‌ରେ ଫାଇଟ୍ ଭିଡିଓ ଦେଖି କିଛି ଜ୍ଞାନ ଆହରଣ କରିବାକୁ ଦୀପିକା ଚେଷ୍ଟା କରୁଛନ୍ତି। ହେଲେ ତାଙ୍କୁ ଏପରି ଭୂମିକାରେ କିଏ ସୁଯୋଗ ଦେବ ତାହା ଆଗାମୀ ସମୟ ହିଁ କହିବ।

## ଅତୀତରୁ..

❍ ଓଡ଼ିଆ ଚଳଚ୍ଚିତ୍ର ହେଉଛି 'ସମୟ'ରେ ସଂଯୋଜିତ 'ସଜନୀରେ କାହିଁ ଗଲେ ଶ୍ୟାମ' ଗୀତଟିର ସ୍ୱର ସଂଯୋଜକ ଥିଲେ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଯୋଡି ଭୁବନ-ହରି। ଚଳଚ୍ଚିତ୍ରଟିର ବିଭିନ୍ନ ଭୂମିକାରେ ଶ୍ରୀରାମ ପଣ୍ଡା, ତ୍ରିପୁରା ମିଶ୍ର, ପ୍ରଶାନ୍ତ ନନ୍ଦ, ଧୀର ବିଶ୍ୱାଳ, ଭାନୁମତୀ ଅଭିନୟ କରିଥିଲେ।

❍ ଓଡିଆ ସିନେମା 'ମମତା'ର ଗୀତଗୁଡିକ କେବଳ ସେତେବେଳେ ନୁହେଁ ଏବେ ମଧ୍ୟ ଅନେକ ସିନେପ୍ରେମୀଙ୍କ ମନରେ ସତେଜ ହୋଇ ରହିଛି। ଏଥିରେ ସଂଯୋଜିତ 'ରେ ଆମ୍ଭ ନିଦ୍ରା ପରିହରି, ଆରେ ମିତ ଆ ସଙ୍ଗାତ ବେଳ ଗଲାଣି, ଶ୍ୟାମକୁ ଜୁହାର ତା'ର ପ୍ରେମକୁ ଜୁହାର, ଦେଖି ବଣ ମଲ୍ଲୀ ରାଧା ହେଲେ ବାଉଳି, ହେ ଫଗୁଣ କାନ୍ଦନାରେ'କୁ ଆଜି ବି ବାରମ୍ବାର ଶୁଣିବାକୁ ମନ ହୋଇଥାଏ। ଏସବୁ ଗୀତଗୁଡିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ କର। ପ୍ରଶାନ୍ତ ନନ୍ଦ, ସୁରେଶ, ବ୍ୟୋମକେଶ ତ୍ରିପାଠୀ, ଟିମା, ସୁଜାତା ଆଦି କଳାକାରଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା।

❍ ଥରେ ମନେପକାନ୍ତୁ ନା 'ସୀମାହୀନ ଦରିଆ ସାଥୀ ବିନା ଦୁନିଆ'କୁ। ଏହି ଗୀତଟି ସେ ସମୟରେ ଶ୍ରୋତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଓଡ଼ିଆ ଚଳଚ୍ଚିତ୍ର 'ବତୀଘର'ରେ ସଂଯୋଜିତ ଏହି ଗୀତଟି ପାଇଁ କଣ୍ଠଦାନ କରିଥିଲେ ପ୍ରଣବ ପଟ୍ଟନାୟକ।


ଲୁଟୁ-ରଜନୀ

# ନେତା ହେଲେ ରଜନୀ

ଡ. ରଜନୀ ରଞ୍ଜନ, ଓଲିଉଡ୍‌ର ଜଣେ ଆଗଧାଡିର ସଂଳାପକାର। ତା'ସହ ବେଶ୍ କେତୋଟି ଚର୍ଚ୍ଚିତ ଗୀତ ମଧ୍ୟ ରଚନା କରିଛନ୍ତି। ଏବେ ସେ ନେତା ସାଜିଛନ୍ତି। ପାଠିକା-ପାଠକ ତ ଜାଣନ୍ତି ଯେ ଅଧ୍ୟାପନା ପେସାରୁ ଜଣେ ପ୍ରିନ୍ସିପାଲ ଭାବରେ ସେ ଅବସର ନେବା ପରେ ଏବେ ଚଳଚ୍ଚିତ୍ର ସହ ଅଧିକ ସମୟ ଜଡିତ ରହୁଛନ୍ତି। ହେଲେ ନେତା ହେବା ପଛରେ ତାଙ୍କର କି ଅଭିଳାଷ ରହିଛି? ଏପରି ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ଅସଲ କଥା ସୂଚାଇ ଦେବା ଠିକ୍ ହେବ। କଥା କ'ଣ କି ସଂଳାପ ରଚନା କରିବା ସହ ଚଳଚ୍ଚିତ୍ରରେ ବିଶେଷ ଭୂମିକାରେ ରଜନୀ ଅଭିନୟ କରିଥାଆନ୍ତି। ବାସ୍, ଏବେ ସେପରି ଏକ ଅଫରକୁ ଗ୍ରହଣ କରିବା ପରେ ତାଙ୍କୁ ମିଳିଛି ଏହି ନେତା ଭୂମିକା। ଏ ନେଇ ରଜନୀ କହନ୍ତି, ''ରାଜୀବ ମହାନ୍ତିଙ୍କ ପ୍ରଯୋଜନା ଏବଂ ନିର୍ଦ୍ଦେଶନାରେ ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ଲକ୍ଷ୍ୟ'। ଏଥିରେ ମୋତେ ଏକ ନେତା ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। କେବଳ ସେତିକି ନୁହେଁ ପ୍ରଯୋଜକ ଲୁଟୁ ମହାନ୍ତି ଏଥିରେ ପୋଲିସ (ଏସପି) ଭୂମିକାରେ ଅଭିନୟ କରୁଛନ୍ତି।'' ଏହାପୂର୍ବରୁ ରାଜୀବଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ତୁ ମୋ ସୁନା ତୁ ମୋ ହୀରା'ରେ ମଧ୍ୟ ରଜନୀ-ଲୁଟୁ ଯୋଡିକୁ ଦେଖିବାକୁ ମିଳିଥିଲା। 'ଲକ୍ଷ୍ୟ' ସିନେମାର କାଷ୍ଟିଂରେ ଅଛନ୍ତି ରୁଦ୍ର, ଜିନା, କୁନା ତ୍ରିପାଠୀ, ପ୍ରତିଭା ପଣ୍ଡା, ଇଲୁ ବାନାର୍ଜୀ, ପିଣ୍ଟୁ ନନ୍ଦ ଏବଂ ବାବୁ ପ୍ରଧାନ ପ୍ରମୁଖ କଳାକାର। ପ୍ରଶାସକ ରଞ୍ଜନ ଦାସଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ମାନସ ପଢ଼ିହାରୀ ଏବଂ ସଙ୍ଗୀତ ଦାୟିତ୍ୱରେ ଅଛନ୍ତି ବିକାଶ ଶୁକ୍ଲା। ଫିଲ୍ମର ଶୁଟିଂ ଏବେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚାଲୁ ରହିଛି।

# ଚ୍ୟାଲେଞ୍ଜ ଦେବେ ସୂର୍ଯ୍ୟକାନ୍ତ


ସୂର୍ଯ୍ୟକାନ୍ତ

'ଗୁଞ୍ଜୁ ଆଉ ଗୁଞ୍ଜି'ରୁ ସେ ଆରମ୍ଭ କରିଥିଲେ ନିଜର ବଡ ପରଦା କ୍ୟାରିୟର। ଆଉ ଏବେ ଏକ ଭିନ୍ନ ଭୂମିକାରେ ସେ ଦର୍ଶକଙ୍କ ସାମନାକୁ ଆସିବେ। ସେପରି ରୋଲ୍‌ର ସଫଳତାକୁ ନେଇ ଆଶା ବାନ୍ଧି ବସିଛନ୍ତି ଏହି ଅଭିନେତା। ସେ ହେଲେ ସୂର୍ଯ୍ୟକାନ୍ତ ଓରଫ ହାପି। ସୂର୍ଯ୍ୟ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ହେଉଥିବା ନୂଆ ଓଡିଆ ସିନେମା 'ବାଳୀ-ଦ ସେଭିୟର' ତାଙ୍କୁ ମିଳିଛି ଏପରି ଏକ ଚ୍ୟାଲେଞ୍ଜିଂ ଭୂମିକା। ଏକ ସାଂପ୍ରତିକ ଘଟଣା ଉପରେ ଆଧାରିତ କାହାଣୀକୁ ନେଇ ଏହି ସିନେମାର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖାସ୍ କଥା ହେଲା ଏଥିରେ ସୂର୍ଯ୍ୟକାନ୍ତ ଏକ ଭିନ୍ନ ଧରଣର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଏ ସମ୍ପର୍କରେ ସେ କହନ୍ତି, ''ମୁଁ ଜଣେ ବସ୍ତିର ଯୁବକ ରୋଲ୍‌ରେ ଅଭିନୟ କରୁଛି। ଆଜିକାଲି ବସ୍ତି ଉଚ୍ଛେଦ କରି ସେଠାରେ ବିଭିନ୍ନ ପ୍ରକାର ଆପାର୍ଟମେଣ୍ଟ, ମଲ୍ ଆଦି ନିର୍ମାଣ କରାଯାଉଛି। ଏହାକୁ ବିରୋଧ କରିବାକୁ ଆଗଭର ହୋଇଛି ଜଣେ ଯୁବକ। ତେବେ ତାକୁ ଏହି କାମରେ ଅନ୍ୟମାନେ କିପରି ସାହାଯ୍ୟ କରୁଛନ୍ତି ଏବଂ ସେ ନିଜ ଲକ୍ଷ୍ୟରେ ସଫଳ ହେଉଛି କି ନାହିଁ ତାହା ସିନେମାଟିରେ ଦେଖିବାକୁ ମିଳିବ।'' ଏହି ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରୁଛନ୍ତି ଥିଏଟର ଅଭିନେତ୍ରୀ ମାମା ସାମଲ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି କେ. ମୁରଲୀକ୍ରିଷ୍ଣା।

# ଦୁର୍ଗତିନାଶିନୀ


ଅର୍ଚ୍ଚିତା

ଯେତେବେଳେ ଧରାପୃଷ୍ଠରେ ପାପର ଭାର ବଢ଼ିଯାଏ ସେତେବେଳେ ଧରାବତରଣ କରନ୍ତି ମା' ଦୁର୍ଗତିନାଶିନୀ। ଆଉ ତା'ପରେ ପୃଥିବୀ ପୃଷ୍ଠରେ ଅଧର୍ମର ନାଶ ହୁଏ ଆଉ ଧର୍ମର ଜୟ ହୁଏ। ଏପରି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ଏବଂ କରୋନା ନିୟମ ପାଳନ କରି ଆଗଧାଡିର ପ୍ରଯୋଜକ ଅକ୍ଷୟ କୁମାର ପରିଜା ନିର୍ମାଣ କରିଛନ୍ତି ଓଡ଼ିଆ ଚଳଚ୍ଚିତ୍ର 'ଦୁର୍ଗତିନାଶିନୀ'। ଏହାର ଟାଇଟଲ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ନାୟିକା ଅର୍ଚ୍ଚିତା। ଏଥିରେ ଅର୍ଚ୍ଚିତାଙ୍କ ଆକ୍ସନ ଭୂମିକା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବାରେ ସହାୟକ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। 'ଦୁର୍ଗତିନାଶିନୀ'ରେ ଅର୍ଚ୍ଚିତା ଆଇପିଏସ ନିତ୍ୟା ଦାଶ ଭୂମିକାରେ ଦେଖାଦେବେ। ଡି. ରାଜାଙ୍କ ନିର୍ଦ୍ଦେଶନାରେ ଏଥିରେ ସୋମା ଭୌମିକ, ପାର୍ଥ, ଜୀବନ ପଣ୍ଡା, ରାଜୀବ ମହାନ୍ତି ମଧ୍ୟ ଅଭିନୟ କରିଛନ୍ତି। 'ଏକ ଚର୍ଚ୍ଚିତ ଘଟଣାକୁ ଆଧାର କରି କାହାଣୀ ରଚନା କରାଯାଇଛି। ଏହାର ଶୁଟିଂ ସମୟରେ ସବୁ ଦିଗ ପ୍ରତି ଦୃଷ୍ଟି ଦିଆଯାଇଛି। ଲକ୍ ଡାଉନ ସମୟରେ ଓଡ଼ିଆ ସିନେମା ସହ ଜଡିତ କଳାକାର, ଟେକ୍ନିସିଆନ ଘରେ ବସି ରହିଥିଲେ। କରୋନା ସମୟରେ ସମସ୍ତ ନିୟମ ମାନି ସେମାନଙ୍କୁ ପୁଣି ଥରେ କର୍ମକ୍ଷେତ୍ରକୁ ଫେରାଇ ଆଣିବା ପାଇଁ ଏହା ମୋର ଏକ ଛୋଟ ପ୍ରୟାସ। ଫିଲ୍ମଟି ଚଳିତବର୍ଷ ଦୀପାବଳି ଅବସରରେ (୧୫ ତାରିଖ ସନ୍ଧ୍ୟା ୬ଟା) ଛୋଟ ପରଦାରେ ରିଲିଜ ହେବ ବୋଲି କହନ୍ତି ଏହାର ପ୍ରଯୋଜକ ଅକ୍ଷୟ। ସୂଚନାଯୋଗ୍ୟ ଏହାପୂର୍ବରୁ ବାବୁସାନ୍-ଅର୍ଚ୍ଚିତା ଯୋଡିକୁ ନେଇ ଅକ୍ଷୟ ନିର୍ମାଣ କରିଥିଲେ 'ଥୁକୁଲ୍'।

# ଦୋଛକିରେ ଶ୍ରୀଧର



ପ୍ରଯୋଜକ ଶ୍ରୀଧର ମାର୍ଥା ଦୋଛକିରେ ପଡ଼ିଯାଇଛନ୍ତି। ଗୋଟିଏ ପଟେ ତାଙ୍କ ପ୍ରଯୋଜିତ 'ପାଟଣାଗଡ଼' ରିଲିଜ ଅପେକ୍ଷାରେ ଅଛି। ଅନ୍ୟପକ୍ଷରେ ସେ ୨-୩ଟି ନୂଆ ସିନେମା ନିର୍ମାଣ କରିବା ପାଇଁ ପ୍ରାରମ୍ଭିକ କାମରେ ଲାଗିଛନ୍ତି। ଏ ସମ୍ପର୍କରେ ଶ୍ରୀଧର କହନ୍ତି, ''ଗତ ୪-୫ ମାସ ହେବ ସିନେମା ଇଣ୍ଡଷ୍ଟ୍ରି ପୂରା ଠପ୍ ହୋଇଯାଇଥିଲା। ଏବେ କୋଭିଡ୍ ଗାଇଡଲାଇନ୍ ଅନୁସାରେ ଶୁଟିଂ ଆରମ୍ଭ ହୋଇଛି। ତେବେ ମୋର ନୂଆ ସିନେମାଗୁଡ଼ିକର ଶୁଟିଂ କେବେଠାରୁ ଆରମ୍ଭ ହୋଇସାରନ୍ତାଣି। ହେଲେ କରୋନା ସେହି ପଥରେ ବାଧକ ସାଜିଥିଲା। ଏବେ ଏଗୁଡ଼ିକର ପ୍ରାରମ୍ଭିକ କାମ ଚାଲୁରହିବ। ମୁଁ ସବୁବେଳେ ଭିନ୍ନ ଭିନ୍ନ କାହାଣୀକୁ ନେଇ ସିନେମାଟିଏ ନିର୍ମାଣ କରିବାକୁ ଆଗେଇଥାଏ। ତେଣୁ ସେଥିପ୍ରତି ନିଶ୍ଚୟ ଗୁରୁତ୍ୱ ଦେବି।''ତେବେ ଶ୍ରୀଧରଙ୍କର ଏହି ନୂଆ ସିନେମାଗୁଡ଼ିକରେ କି ମସଲା ରହିଛି ତାହା ରିଲଜ ହେଲେ ହିଁ ଜଣାପଡିବ।

## ଅନୁତାପ କରୁଛନ୍ତି ଶାହରୁଖ

ସୁପରହିଟ୍ ଫିଲ୍ମ 'ସ୍ଲମ୍‌ଡଗ୍ ମିଲିୟେନେୟାର'ରେ ଅନିଲ କପୁରଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। କିନ୍ତୁ ଏହାର କଳାକାର ଚୟନ ସମୟରେ ଅନିଲ ପୂର୍ବରୁ ଏହି ଭୂମିକା ପାଇଁ ଆଉ ଜଣଙ୍କ ବିଷୟରେ ପ୍ରଯୋଜକ ଚିନ୍ତା କରିଥିଲେ। ସେ ଅଭିନେତା ଜଣକ କିଏ ଥିଲେ ଜାଣନ୍ତି ? ଶାହରୁଖ ଖାଁ। ଏପରି କି ତାଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଏଥିରେ ଅଭିନୟ କରିବାକୁ ରାଜି ହୋଇ ନ ଥିଲେ। ସେ ମନା କରିବା ପରେ ଅନିଲଙ୍କୁ ଅଫର ଦିଆଯାଇଥିଲା ଏବଂ ସେ ଏଥିରେ ଅଭିନୟ କରିବାକୁ ରାଜି ହୋଇଯାଇଥିଲେ। ତେବେ ଏବେ ନିଜ କ୍ୟାରିୟର ସମ୍ପର୍କରେ କହିବା ସମୟରେ ଶାହରୁଖ ଏହି ଫିଲ୍ମ ବିଷୟରେ ସୂଚନା ଦେବାକୁ ଭୁଲି ନ ଥାନ୍ତି। ଯଦି ଶାହରୁଖ ଏଥିରେ ଅଭିନୟ କରିବାକୁ ରାଜି ହୋଇଥାଆନ୍ତେ ତେବେ ତାଙ୍କ କ୍ୟାରିୟରରେ ଏହି ଫିଲ୍ମଟି ଆଉ ଏକ ହିଟ୍ ସିନେମା ଭାବରେ ଅନ୍ତର୍ଭୁକ୍ତ ହୋଇଥାଆନ୍ତା। ଡ୍ୟାନି ବୋଲେଙ୍କ ନିର୍ଦ୍ଦେଶିତ 'ସ୍ଲମ୍‌ଡଗ୍ ମିଲିୟେନେୟାର' ୨୦୦୮ରେ ରିଲିଜ ହୋଇଥିଲା। ଅନିଲଙ୍କ ବ୍ୟତୀତ ଏହି ଫିଲ୍ମରେ ଦେବ୍ ପଟେଲ, ଫ୍ରିଡା ପିଣ୍ଟୋ ଏବଂ ଇରଫାନ୍ ଖାଁ ଅଭିନୟ କରିଥିଲେ।



**୧୧ଚୋରା ବାଇକ ଜବତ**
ଦେଓଗାଁ, (ଡି.ଏନ.ଏ.)-ବଲାଙ୍ଗୀର ଜିଲା ଦେଓଗାଁ ଥାନା ପୋଲିସ ବିଭିନ୍ନ ସ୍ଥାନରୁ ଚୋରି ଓ ଲୁଟ୍ ଅଭିଯୋଗରେ ୭ଜଣଙ୍କୁ ଧରିଛି। ସେମାନଙ୍କଠାରୁ ୧୧ଟି ଚୋରା ବାଇକ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଅଟକ ରଖି ପଚରାଉଚୁରା କରୁଛି ପୋଲିସ।

# ୪ କୋଟି ୫୯ ଲକ୍ଷର ସମ୍ପତ୍ତି ବାଜ୍ୟାପ୍ତ

- ଗଞ୍ଜେଇ ମାଫିଆଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ
- ୩ଭାଇଙ୍କ ୧୪ ବ୍ୟାଙ୍କ ଆକାଉଣ୍ଟ ଜବତ

**ନବରଙ୍ଗପୁର,୧୧।୧୧(ବି.ପ୍ର.)**

ଗଞ୍ଜେଇ ମାଫିଆଙ୍କ ବିରୋଧରେ ନବରଙ୍ଗପୁର ପୋଲିସ ବୁଧବାର ଏକ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ଗଞ୍ଜେଇ କାରବାର କରୁଥିବା ୩ଭାଇ ଓ ତାଙ୍କ ସମ୍ପର୍କୀୟଙ୍କ ୪କୋଟି ୫୯ଲକ୍ଷ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି ସହ ୧୪ ବ୍ୟାଙ୍କ ଆକାଉଣ୍ଟ ଜବତ କରାଯାଇଛି। କେନ୍ଦ୍ର ସରକାରଙ୍କ ବିତ୍ତ ମନ୍ତ୍ରଣାଳୟ ଅର୍ଥ ବିଭାଗର କ୍ଷମତାସମ୍ପନ୍ନ ପ୍ରଶାସକ(କୋଲ୍କାତା)ଙ୍କ ନିର୍ଦ୍ଦେଶ ଅନୁଯାୟୀ ୮ଜଣଙ୍କ ସମ୍ପତ୍ତି ବାଜ୍ୟାପ୍ତି କରାଯାଇଥିବା ଜଣାପଡ଼ିଛି। ଏନଡିପିଏସ୍ ଧାରାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଥାନା ଅଧୀନ ପନାରଗୁଡ଼ା ଗାଁର ପ୍ରଭାକର ମାଳୀ, ଅନିରୁଦ୍ଧ ମାଳୀ ଓ ରମେଶ ମାଳୀଙ୍କ ନାମରେ କୋଷାଗୁମୁଡ଼ା ଥାନାରେ ୧୫୪/୧୫ରେ ଏବଂ ପାପଡ଼ାହାଣ୍ଡି ଥାନାରେ ୧୨୨/୨୦ ଅନୁଯାୟୀ ଗଞ୍ଜେଇ ଚୋରାଚାଲାଣ ମାମଲା ରୁଜୁ ହୋଇଥିଲା। ଏହା ବ୍ୟତୀତ ଏମାନଙ୍କ ନାମରେ କୋରାପୁଟ ଜିଲା ବୋରିଗୁମ୍ମା ଥାନାରେ ମଧ୍ୟ ମାମଲା ରହିଛି । ଛତିଶଗଡ଼, ବିହାର, ଉତ୍ତର ପ୍ରଦେଶ, ରାଜସ୍ଥାନ ଓ ମଧ୍ୟ ପ୍ରଦେଶକୁ ଗଞ୍ଜେଇ ଚାଲାଣ କରାଯାଉଥିବା ନେଇ ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ମାଫିଆମାନେ ମାଲକାନଗିରି ଓ କୋରାପୁଟ ଜିଲାରୁ ଗଞ୍ଜେଇ ଆଣି ବେଆଇନ କାରବାର ଚଳାଇଥିଲେ। ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତିନି ଭାଇ ପ୍ରଭାକର, ଅନିରୁଦ୍ଧ ଏବଂ ରମେଶଙ୍କ ୪ଘର ସମେତ ସମ୍ପର୍କୀୟ ବଂଶୀଧର ମାଳୀ, ମୁରଲିଧର ମାଳୀ, ମଧୁସୂଦନ ମାଳୀ, କୁମାରି ମାଳୀ ଓ ନିଳେନ୍ଦ୍ରୀ ମାଳୀଙ୍କ ନାମରେ ଥିବା ସମ୍ପତ୍ତି ବାଜ୍ୟାପ୍ତି କରାଯାଇଛି। ୪ଏକର ୮୨ ଡିସିମିଲ ଜମି, ବାଇକ୍, ସ୍କୁଟି, କାର୍ ଏବଂ ୨ଟ୍ରାକ୍ଟର ମଧ୍ୟ ଜବତ କରାଯାଇଛି। ବାଜ୍ୟାପ୍ତ ହୋଇଥିବା ସମ୍ପତ୍ତିର ମୂଲ୍ୟ ୪କୋଟି ୫୯ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଜବତ ହୋଇଥିବା ୧୪ ବ୍ୟାଙ୍କ ଆକାଉଣ୍ଟରେ ୪କୋଟି ୫୯ଲକ୍ଷ ୬୮ହଜାର ୨୮୯ଟଙ୍କାର ବେନାମୀ କାରବାର ହୋଇଥିବାବେଳେ ଆକାଉଣ୍ଟରେ ଥିବା ୯ଲକ୍ଷ ୭୬ହଜାର ୩୦୯ଟଙ୍କା ଜବତ କରାଯାଇଛି। ଗଞ୍ଜେଇ କାରବାରରେ ପ୍ରଭାକରଙ୍କୁ ଗିରଫ କରାଯାଇଛି। ତେବେ ଅନ୍ୟ ୨ଭାଇ ରମେଶ ଓ ଅନିରୁଦ୍ଧ ଫେରାର ଅଛନ୍ତି। ଏହି ଘଟଣାକୁ ନେଇ ନବରଙ୍ଗପୁର ଏସ୍‌ପି ନୀତିନ୍ କୁଶଲକରଙ୍କ ନେତୃତ୍ୱରେ ଅତିରିକ୍ତ ଏସ୍‌ପି ଜୟକୃଷ୍ଣ ବେହେରା, ଡିଏସ୍‌ପି ଚନ୍ଦ୍ରଶେଖର ହୋତା, ଏସ୍‌ଡିପିଓ ଆଦିତ୍ୟ ସେନ, ଏସ୍‌ଆଇ ନଟବର ନନ୍ଦଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଦୀର୍ଘ ୧ମାସ ଧରି ବିଭିନ୍ନ ସ୍ତରରେ ତଦନ୍ତ ପରେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ନିମନ୍ତେ ବିତ୍ତ ମନ୍ତ୍ରଣାଳୟ ଅର୍ଥ ବିଭାଗର କ୍ଷମତାସମ୍ପର୍ଣ୍ଣ ପ୍ରଶାସକ(କୋଲ୍‌କାତା)ଙ୍କ ନିକଟକୁ ପଠାଯାଇଥିଲା। ସେଠାରୁ ନିର୍ଦ୍ଦେଶ ମିଳିବା ପରେ ନବରଙ୍ଗପୁର ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି। ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ୍, କୋଷାଗୁମୁଡ଼ା ଓ କୋଡ଼ିଙ୍ଗା ଥାନା ଅଧିକାରୀ ବୁଧବାର ଗଞ୍ଜେଇ ମାଫିଆଙ୍କ ଘରେ ବାଜ୍ୟାପ୍ତି ନୋଟିସ ଲଗାଇଥିଲେ। ଏହି ସମୟରେ କୋଡ଼ିଙ୍ଗା ଥାନାଧିକାରୀ ସରିତା ମହାପାତ୍ର, ଏସ୍‌ଆଇ ଦେବଦତ୍ତ ମଲିକ, ଆଲୋକ ପ୍ରସାଦ ଭୋଇ, ଏଏସ୍‌ଆଇ ବିଜୟ କୁମାର ମାଝି, ଶୁଭେନ୍ଦୁ କୁମାର ବେହେରା, ଗୌରୀ ଚନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ଅତିରିକ୍ତ ଏସ୍‌ପି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୦ ଜାନୁୟାରୀରୁ ଅକ୍ଟୋବର ମଧ୍ୟରେ ନବରଙ୍ଗପୁର ଜିଲାରୁ ୧୮ମାମଲାରେ ୩୮ଜଣ ଗିରଫ ହୋଇଛନ୍ତି।


ଗଞ୍ଜେଇ ମାଫିଆଙ୍କ ଘରେ ପୋଲିସ ଅଧିକାରୀମାନେ।

## ସଂକ୍ଷେପରେ

### ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ମାତୃ ବିୟୋଗ

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ):** ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସଙ୍କ ମାତା ସୁକାନ୍ତି ଦାସଙ୍କର ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ତାଙ୍କର ଜ୍ୟେଷ୍ଠ ପୁତ୍ର ବରଦାଙ୍କ ଘରେ ରହୁଥିଲେ। ତାଙ୍କର ଡାହାଣ ଗୋଡ ଭାଙ୍ଗିଯିବା ଦ୍ୱାରା ସେ ଚିକିତ୍ସାଧୀନ ଥିଲେ । ସୋମବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ କଟକ କେଶରପୁର ମହାନ୍ତି ଲେନ ନିବାସୀ ଥିଲେ। ତାଙ୍କର ଦୁଇ ପୁଅ ବରଦା ପ୍ରସନ୍ନ ଦାସ, ଶାରଦା ପ୍ରସନ୍ନ ଦାସ, ଝିଅ ସୁଜାତା ମହାନ୍ତି, ଜ୍ୱାଇଁ ରଞ୍ଜନ ମହାନ୍ତି, ନାତି ଦେବୀ ପ୍ରସନ୍ନ ଦାସ, ନାତୁଣି ନନ୍ଦିତା ଦାସ, ବନ୍ଦନା ଦାସ ଓ ଅନ୍ୟ ବନ୍ଧୁ ବାନ୍ଧବ, ପୋଲିସ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏସ.ଏନ ମହାପାତ୍ର ଶେଷ ଦର୍ଶନ କରିବା ପରେ ମର ଶରୀରକୁ ସତ୍କାର କରାଯାଇଛି।

### ୧୨୨୦ ଆକ୍ରାନ୍ତ, ୧୩୪୦ ସୁସ୍ଥ, ୧୫ ମୃତ

**ଭୁବନେଶ୍ୱର, ୧୧।୧୧(ବ୍ୟୁରୋ):** ବର୍ତ୍ତମାନ ବିଭିନ୍ନ ଦେଶରେ କରୋନାର ଦ୍ୱିତୀୟ ଲହରି ମାଡ଼ି ଚାଲିଥିବାବେଳେ ଦେଶ ତଥା ରାଜ୍ୟରେ ଏହାର ମୁକାବିଲା ନେଇ ତତ୍ପରତା ପ୍ରକାଶ ପାଇଛି। ଆସନ୍ତା ଦୁଇ ମାସ ମଧ୍ୟରେ ସଂକ୍ରମଣର ଦ୍ୱିତୀୟ ପର୍ଯ୍ୟାୟ ଆସିବା ନେଇ ଆଶଙ୍କା କରାଯାଉଛି। ତେଣୁ ଅଧିକ ସତର୍କ ଓ ସଚେତନ ରହିବାରୁ ବିଶେଷଜ୍ଞମାନେ ବାରମ୍ବାର ପରାମର୍ଶ ଦେଇ ଆସୁଛନ୍ତି। ବର୍ତ୍ତମାନ ରାଜ୍ୟରେ ସଂକ୍ରମଣ କମୁଥିଲେ ମଧ୍ୟ ମୃତ୍ୟୁ ସଂଖ୍ୟା ଅଧିକ ରହୁଥିବାରୁ କରୋନାର ଭୟାବହତା ଜାରି ରହିଛି। ଶେଷ ୨୪ ଘଣ୍ଟାରେ ଆଉ ୧୫ଜଣ ପ୍ରାଣ ହରାଇଛନ୍ତି। ବାଲେଶ୍ୱରରୁ ସର୍ବାଧିକ ୪ଜଣଙ୍କ ମୃତ୍ୟୁ ଘଟିଥିବାବେଳେ କଟକ ୩, ଜଗତସିଂହପୁର ଓ କେନ୍ଦ୍ରାପଡ଼ାରୁ ୨ଜଣ ଲେଖାଏ, ମୟୂରଭଞ୍ଜ, ସମ୍ବଲପୁର, ଭୁବନେଶ୍ୱର ଓ ଅନୁଗୋଳରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୪୬୯କୁ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ରାଜ୍ୟରୁ ୧୨୨୦ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୫୧୭ ସ୍ଥାନୀୟ ସଂକ୍ରମିତ ଓ ୭୦୩ ସଙ୍ଗରୋଧ ଆକ୍ରାନ୍ତ ରହିଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୧୩୪ ଥିବାବେଳେ ସୁନ୍ଦରଗଡ଼ରୁ ଦ୍ୱିତୀୟ ସର୍ବାଧିକ ୧୧୯ ଓ କଟକରୁ ୧୬ଜଣ ଚିହ୍ନଟ ହୋଇଛନ୍ତି।

# ଉପନିର୍ବାଚନ ଫଳାଫଳ ମତ ରଖିଲେ ୩ ଦଳ

- ଆମ ନେତା ଠିକ୍‌ରେ କାମ ନ କରି ଶୋଇଲେ: କଂଗ୍ରେସ
- ଆଗକୁ ରାଜ୍ୟରେ ଦୁଇ ଦଳ ଭିତରେ ଲଢେଇ ହେବ: ଭାଜପା
- ଭାଜପା ଯେତିକିରେ ଜିତିଥିଲା ଆମେ ସେତିକିରେ ଜିତିଲୁ:ବିଜେଡି

**ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)**

ବାଲେଶ୍ୱର ଏବଂ ତିର୍ତ୍ତୋଲ ବିଧାନସଭା ଆସନରେ ହୋଇଥିବା ଉପନିର୍ବାଚନର ଫଳ ବିଜେଡି ସପକ୍ଷରେ ଯାଇଛି। ଦୁଇଟି ଯାକ ଆସନରେ ଶାସକ ଦଳର ବିଜୟ ପରେ ବିରୋଧୀ କଂଗ୍ରେସ ଏବଂ ଭାଜପା ପରାଜୟତାକୁ ସ୍ୱୀକାର କରିଛନ୍ତି। କଂଗ୍ରେସ ବିଶ୍ୱାସଘାତକ କଥା କହିଥିବା ବେଳେ ଭାଜପା ଜନମତକୁ ସ୍ୱୀକାର କରିଛି। ଅନ୍ୟପଟେ ବିଜେଡି କିନ୍ତୁ ଉପନିର୍ବାଚନ ଫଳ ପରେ ନିଜର ଖୁସି ଜାହିର କରିଛି।

କଂଗ୍ରେସ ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ଡାକରାରେ ଅନୁପ୍ରାଣିତ ହୋଇ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ବାଲେଶ୍ୱରବାସୀ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ। ସେମାନେ ଭାରି ସ୍ୱାଭିମାନୀ। କିନ୍ତୁ ସେମାନେ ପଇସା ନେଲେ ଭୋଟ ଦେଲେ। ଟଙ୍କା ନେବାପରେ ଆଉ କି ପ୍ରକାର ସ୍ୱାଭିମାନ ରହିଲା। ଉପନିର୍ବାଚନରେ ଭାଜପା ଭୋଟ ପିଛା ୩ ଏବଂ ବିଜେଡି ୫ ହଜାର ଟଙ୍କା ବାଣ୍ଟିଲା। ସେଠାରେ କଂଗ୍ରେସର ୧୦୦, ୨୦୦ ଟଙ୍କା କେମିତି କାମ ଦେବ ବୋଲି ସେ କହିଛନ୍ତି। ସୁର ଆହୁରି କହିଛନ୍ତି, କେତେଜଣ ନେତାଙ୍କ ଅନ୍ତର୍ଘାତି କାର୍ଯ୍ୟ ଯୋଗୁ ଉଭୟ ଆସନରେ କଂଗ୍ରେସ ପରାଜିତ ହୋଇଛି। ବାଲେଶ୍ୱରରେ ଠିକ୍‌ରେ ପ୍ରଚାର ନ କରି ହୋଟେଲରେ ଶୋଇଲେ। ସେହିପରି ତିର୍ତ୍ତୋଲରେ ଦଳ ଆହୁରି ଭଲ କରି ଥାଆନ୍ତା। ସେଠାରେ ମଧ୍ୟ କିଛି କର୍ମୀ ଠିକରେ କାମ କଲେନାହିଁ। ନିରଞ୍ଜନ ପଟ୍ଟନାୟକଙ୍କୁ ପଦରୁ ହଟାଇବାକୁ ଲାଗିଲେ ଯେଉଁଥି ପାଇଁ ହାରିଲୁ ବୋଲି ସୁର କହିଛନ୍ତି।

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ବୁଧବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଉପନର୍ବାଚନକୁ ଭାଜପା ପ୍ରସଙ୍ଗ ଭିତ୍ତିକ ଭାବେ ଲଢେଇ କରିଥିଲା । କଂଗ୍ରେସର କେବଳ ମିଥ୍ୟା ପ୍ରଚାର ଛଡା ଆଉ କିଛି କରିନାହିଁ। ରାଜ୍ୟରେ କଂଗ୍ରେସ ଶକ୍ତିହୀନ ହୋଇପଡିଥିବା ବାଲେଶ୍ୱର ଏବଂ ତିର୍ତ୍ତୋଲବାସୀ ସଙ୍କେତ ଦେଇଛନ୍ତି। ରାଜ୍ୟରେ କେବଳ ଦ୍ୱିପାକ୍ଷିକ ନିର୍ବାଚନ ଚାଲିବ। ଏଭଳି ଏକ ସଙ୍କଟ ସମୟରେ ଘରୁ ବାହାରି ନିଜ ମତ ସାବ୍ୟସ୍ତ କରିଥିବାରୁ ମତଦାତାଙ୍କୁ ଧନ୍ୟବାଦ ଦେବା ସହ ଜମମତକୁ ନମ୍ରତାର ସହ ସ୍ୱୀକାର କରୁଛୁ। ସେହିପରି ଏହି ୨ ଆସନରେ କଠିନ ପରିଶ୍ରମ କରିଥିବା ଦଳୀୟ ନେତା ଏବଂ କାର୍ଯ୍ୟକର୍ତ୍ତାଙ୍କୁ ସାଧୁବାଦ ଜଣାଉଛୁ ବୋଲି ସମୀର କହିଛନ୍ତି ।

ବିଜେଡି ନେତା ପ୍ରତାପ ଜେନା କହିଛନ୍ତି, ଏହି ଉପନିର୍ବାଚନ ଦଳ ପାଇଁ ଚ୍ୟାଲେଞ୍ଜ ଥିଲା। ସେଥିଲାଗି ଆମେ ସନ୍ତୁଷ୍ଟ ଅଛୁ। ବିଜେଡି ବାଲେଶ୍ୱର ଉପନିର୍ବାଚନରେ ଦେଇଥିବା ପ୍ରାର୍ଥୀ ପ୍ରତିଷ୍ଠିତ ନେତା ନ ଥିଲେ, ଜଣେ ସାଧାରଣ କର୍ମୀଙ୍କୁ ପ୍ରାର୍ଥୀ କରି ଜିତାଇଛୁ। ଗତ ନିର୍ବାଚନରେ ଭାଜପା ହାତରେ ବାଲେଶ୍ୱର ଆସନ ଥିଲା। ଭାଜପା ଗତଥର ଯେତିକି ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲା ଉପନିର୍ବାଚନରେ ସେତିକି ଭୋଟରେ ଜିତିଲୁ। ଭାଜପାର କେନ୍ଦ୍ରମନ୍ତ୍ରୀ ଓ ଅନ୍ୟ ନେତା ପ୍ରଚାର କଲେ ବିଜେଡି ସଭାପତି କେବଳ ଭର୍ଚୁଆଲ ପ୍ରଚାର କଲେ। ଅର୍ଥବଳ ଓ ବାହୁବଳ କହୁଥିବା ଦଳ ମଧ୍ୟ ଖର୍ଚ୍ଚ କରିଛନ୍ତି ବୋଲି ସେ କହିଛନ୍ତି।

# ଦେଶର ଶ୍ରେଷ୍ଠ ୧୦ ସରକାରୀ ସ୍କୁଲ ତାଲିକାରେ ‘ଓଡ଼ିଶା ଆଦର୍ଶ ବିଦ୍ୟାଳୟ’

**ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)**

ଦେଶର ଶ୍ରେଷ୍ଠ ୧୦ ସରକାରୀ ସ୍କୁଲ ତାଲିକାରେ ଓଡ଼ିଶାର ଦୁଇଟି ‘ଓଡ଼ିଶା ଆଦର୍ଶ ବିଦ୍ୟାଳୟ’ ସ୍ଥାନ ପାଇଛି। ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ହାତିଓଟାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୫ମ ସ୍ଥାନରେ ରହିଥିବାବେଳେ ଆବାସିକ ବର୍ଗରେ ବଲାଙ୍ଗୀର ଜିଲା ସଦର ବ୍ଲକ ଅନ୍ତର୍ଗତ ପଥରଚେପା ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ୫ମ ସ୍ଥାନ ମିଳିଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯିବା ସହ କୁହାଯାଇଛି ଯେ, ରାଜ୍ୟର ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା କ୍ଷେତ୍ରରେ ଅଗ୍ରଣୀ ଥିବା ‘ଓଡ଼ିଶା ଆଦର୍ଶ ବିଦ୍ୟାଳୟ’ ସର୍ବଭାରତୀୟ ସ୍କୁଲ ର୍‍ୟାଙ୍କିଙ୍ଗ୍ ୨୦୨୦ର ଶ୍ରେଷ୍ଠ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ସ୍ଥାନ ପାଇଛି। ଅତ୍ୟାଧୁନିକ ଶିକ୍ଷା ଭିତ୍ତିଭୂମି ବିକାଶ ସହ ଶିକ୍ଷାର ମାନ ବୃଦ୍ଧି କରି ଓଡ଼ିଶା ସମଗ୍ର ଦେଶରେ ନୂଆ ଆଦର୍ଶ ସୃଷ୍ଟି କରିଛି ବୋଲି ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଏହି ସଫଳତା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଖୁସିର କଥା ଯେ, ଶିକ୍ଷାର ଶକ୍ତି ସହିତ ପ୍ରତ୍ୟେକ ପିଲାଙ୍କୁ ସଶକ୍ତ କରିବା ଆମର ମିଶନ ଜାତୀୟ ସ୍ତରରେ ପୁରସ୍କାର ଆଣିଛି। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଆଦର୍ଶ ବିଦ୍ୟାଳୟର ଉପଦେଷ୍ଟା ତଥା କାର୍ଯ୍ୟକାରୀ ସଭାପତି ଡ. ବିଜୟ କୁମାର ସାହୁ ଏହି ସଫଳତା ପାଇଁ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବିପଦ ସୃଷ୍ଟି ନ କରୁ ଶିଳ୍ପ ବର୍ଜ୍ୟ: ଶିଳ୍ପମନ୍ତ୍ରୀ

**ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)**

ଶିଳ୍ପ ସଂସ୍ଥାଗୁଡ଼ିକରୁ ନିର୍ଗତ କଠିନ ବର୍ଜ୍ୟ ବସ୍ତୁ ଯେପରି ପୃଥିବୀକୁ ପ୍ରଦୂଷିତ ନ କରିବ ଏହା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ସେଥିପାଇଁ ସମସ୍ତ ଶିଳ୍ପସଂସ୍ଥା ବର୍ଜ୍ୟ ପରିଚାଳନାକୁ କଡ଼ାକଡ଼ି ଭାବେ ପାଳନ କରିବା ଦରକାର। ଏଥିପ୍ରତି ରହିଥିବା ନୀତିର ଅନୁସରଣ କରିବାକୁ ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ମତ ରଖିଛନ୍ତି ।

ରାଜ୍ୟ ପ୍ରଦୂଷଣ ବୋର୍ଡ ଏବଂ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ଭର୍ଚୁଆଲ୍ ଇ-ସମ୍ମିଳନୀରେ ମଙ୍ଗଳବାର ଯୋଗଦେଇ ମନ୍ତ୍ରୀ ମିଶ୍ର କହିଛନ୍ତି, ପ୍ରଦୂଷଣ ଯେପରି ଆମ ଜୀବନ ପ୍ରତି ବିପଦ ସୃଷ୍ଟି ନ କରେ ବିଶେଷଭାବେ ଶିଳ୍ପ ସଂସ୍ଥାରୁ ବାହାରୁଥିବା ବର୍ଜ୍ୟ ଏହାର କାରଣ ନ ହେଉ। ସେଥିଲାଗି ସମସ୍ତ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ନୂତନ ଜ୍ଞାନକୌଶଳର ଅବଲମ୍ବନ କରି ଏହାର ସୁସ୍ଥ ପରିଚାଳନା କରିବାକୁ ଦାୟିତ୍ୱ ନେବା ଜରୁରୀ। ବିଶେଷକରି ଡାକ୍ତରଖାନାର କଠିନ ବର୍ଜ୍ୟ ବାୟୋ-ଟ୍ରିଟ୍‌ମେଣ୍ଟ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ । ଶିଳ୍ପସଂସ୍ଥାଗୁଡ଼ିକର ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ଦକ୍ଷତା ବିକାଶ ଏବଂ ଭିତ୍ତିଭୂମିର ବିକାଶ ବର୍ତ୍ତମାନର ଆବଶ୍ୟକତା ବୋଲି ସେ ଦର୍ଶାଇଛନ୍ତି। ଏ ଦିଗରେ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରାଯିବାର ଆବଶ୍ୟକତା ରହିଥିବାବେଳେ ଉଦ୍ୟୋଗୀମାନେ ମଧ୍ୟ ଆଗ୍ରହ ପ୍ରକାଶ କଲେ ସ୍ଥିତିରେ ଉନ୍ନତି ଆସିପାରିବ।

ସମ୍ମିଳନୀରେ ବିଶେଷଜ୍ଞମାନେ ଏ ଦିଗରେ ଆଗକୁ ରହିଥିବା ସମ୍ଭାବନାଗୁଡ଼ିକ ଉପରେ ଆଲୋଚନା କରିଛନ୍ତି । ଏହି ଇ-ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ କେ. ମୁରୁଗେସନ୍, ଗ୍ରୀନ୍ ଭୋରଟେକ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶକ ଶଙ୍କର ଶର୍ମା, ରାଜ୍ୟ ପ୍ରଦୂଷଣ ବୋର୍ଡର ମୁଖ୍ୟ ପରିବେଶ ଯନ୍ତ୍ରୀ ଏନ୍. ଆର୍. ସାହୁ ଯୋଗ ଦେଇଛନ୍ତି।

### ଅଫିସ ବାଲ୍‌କୋନିରୁ ଝୁଲନ୍ତା ମୃତଦେହ ଉଦ୍ଧାର

**ଭୁବନେଶ୍ୱର,୧୧।୧୧ (ବ୍ୟୁରୋ):** ଶହୀଦନଗର ଥାନାଞ୍ଚଳର ଏକ ରିୟଲଇଷ୍ଟେଟ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ବୁଧବାର ସକାଳେ କାର୍ଯ୍ୟାଳୟ ବାଲକୋନିରୁ ଉଦ୍ଧାର ଉଦ୍ଧାର କରାଯଇଛି। ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ତଦନ୍ତ ଆରମ୍ଭ କରିବା ସହ ବ୍ୟବଚ୍ଛେଦ ପାଇଁ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ମୃତକ ହେଲେ ପିପିଲିର ଯାଜ୍ଞଲ୍ୟମାନ ନାଥ(୫୭)। ସେ ଉକ୍ତ ସଂସ୍ଥାରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାମ କରିବା ସହ ସେଠାରେ ରୁହନ୍ତି। ବୁଧବାର ସକାଳେ ବାଲକୋନିରେ ମୃତଦେହ ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି।


**GOVERNMENT OF ODISHA ‘e’-PROCUREMENT NOTICE** No. b-20
**OFFICE OF THE EXECUTIVE ENGINEER, CUTTACK NATIONAL HIGHWAY DIVISION**
Phone (0671) 2304101, E-mail ID: nhcuttack@gmail.com
Identification No. NH(C)-05-2020-21

1. The Executive Engineer, N.H. Division, Cuttack on behalf of Governor of Odisha invites percentage rate bids in single cover system in online mode for construction of work detailed in the table, from the class of eligible contractors as mentioned in Column-7 (Seven) registered with the State Government and Contractors of equivalent grade/class registered with other Central Govt./MES/Railways/CPWD for exectuion of Civil Works. The proof of registration from the appropriate authority shall be enclosed along with the bid. If successful, the bidder who has not registered under State Govt. has to register under the appropriate registering authority of the State Govt. of Odisha in appropriate class of eligibility before award of the work.
2. The bidders may submit bids for the following work.

| Sl. No. | Name of Work | Value of Work | Concerned Tender inviting authority | Security Amount (Online) | Cost of Bid Documents (Online) | Class of Bidders | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | FDR to NH-20 from Km 222/000 to 223/000 and from Km 223/800 to 224/000 for the year 2020-21. | Rs.31,74,554/- | Executive Engineer, Cuttack N.H. Division, Cuttack | Rs.32,000/- | Rs.6,000/- | “C” & “B” | 3 (Three) Calendar Months |

3. Further details can be seen from the “e” procurement website **www.eprocure.gov.in** with effect from 16.11.2020.
4. Corrigendum if required shall be available only in aforesaid website.

**Sd./- Executive Engineer, Cuttack N.H. Division**
**OIPR-34047/11/0003/2021**



idco ODISHA NEW OPPORTUNITIES **OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWERS, JANPATH, BHUBANESWAR - 751022**
**Tender Call Notice No. HO/P&C/EST/E-1323/03/2017/14910** **Dated: 06.11.2020**
No. CAD-720
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. Name of the Work : Operation, Maintenance & Management of Cold Storage, Block Ice Unit and 3 Nos. of Primary Pre-Processing Centres (PPCs) of Sea Food Park, Deras, Khurdha, Odisha
2. Estimated Cost : Rs.0.00
3. Other details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid Id No. PC/ EST/E-39/2020-21 | 12.11.2020 at 17.00 hrs. | 01.12.2020 upto 17.00 hrs. |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will not be published in Newspapers and can only be seen in the e-Procurement portal **www.tendersodisha.gov.in** and **www.idco.in**.

**Sd./- Chief General Manager (P&C)**
**OIPR-14003/11/0076/2021**



**ଭୁବନେଶ୍ୱର ମହାନଗର ନିଗମ**
ସଂଖ୍ୟା: 57964 ତାରିଖ: 09.11.2020
**ସର୍ବସାଧାରଣ ନୋଟିସ**

No. C-197:- ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଥିବା **ଓୟୁଏଟି ଫାର୍ମଗେଟ୍ ବସ୍ତି ୱାର୍ଡ ନଂ.-୫୧**ର ବାସିନ୍ଦାମାନଙ୍କୁ ଜଣାଇଦିଆଯାଉଅଛି କି, ପ୍ରଧାନମନ୍ତ୍ରୀ ଆୱାସ୍ ଯୋଜନା ଅନ୍ତର୍ଗତ ଗାଡ଼କଣ AHP ପ୍ରକଳ୍ପ ନିମନ୍ତେ ହିତାଧିକାରୀ ଚୂଡ଼ାନ୍ତ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଅଛି। ଏଥିରେ ରାଜୀବ ଆୱାସ୍ ଯୋଜନା (RAY) ସର୍ଭେ ଅନ୍ତର୍ଗତ ଓୟୁଏଟି ଫାର୍ମଗେଟ୍ ବସ୍ତି (ବିମାନ ବନ୍ଦର ସମ୍ପ୍ରସାରଣ ନିମନ୍ତେ କ୍ଷତିଗ୍ରସ୍ତ ହୋଇଥିବା ପରିବାର)ଙ୍କର ଯୋଗ୍ୟତା ଓ ଆବଶ୍ୟକୀୟ କାଗଜପତ୍ରକୁ ପର୍ଯ୍ୟାଲୋଚନା କରି ସେମାନଙ୍କର ଯୋଗ୍ୟତା ଫଳାଫଳର ପ୍ରଥମ ଚୂଡ଼ାନ୍ତ ତାଲିକା (First final household list) ପ୍ରସ୍ତୁତ କରାଯିବା BMC website- www.bmc.gov.inରେ ପରିବାର ବିବରଣୀ ଉପଲବ୍ଧ କରାଯାଇଅଛି। ନିମ୍ନଲିଖିତ ପରିବାର ବିବରଣୀ ପ୍ରଦାନ କରାଗଲା ।

| କ୍ର. ସଂ. | ୱାର୍ଡ ନଂ. | ବସ୍ତିର ନାମ | ପରିବାର ସଂଖ୍ୟା | ଯୋଜନାର ନାମ |
|---|---|---|---|---|
| ୧. | ୫୧ | ଓୟୁଏଟି ଫାର୍ମଗେଟ୍ ବସ୍ତି | ୧୧୦ | ଗାଡ଼କଣ AHP ପ୍ରକଳ୍ପ |

ପ୍ରକାଶଥାଉକି, ଏହି ତାଲିକାକୁ ନେଇ ଯଦି କାହାର କୌଣସି ଆପତ୍ତି ଅଭିଯୋଗ ରହିଥାଏ, ତେବେ ସେମାନେ ଆସନ୍ତା **୧୫** ଦିନ ମଧ୍ୟରେ ଯଥା - **ତା୨୮.୧୧.୨୦୨୦ରିଖ ସନ୍ଧ୍ୟା ୪ ଘଟିକା** ସମୟ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମଣ୍ଡଳ କାର୍ଯ୍ୟାଳୟ (S.W. Zone Office) BMC ରେ ଦାଖଲ କରିପାରିବେ।

**ସ୍ୱା./- ଉପ ଆୟୁକ୍ତ, ଭୁବନେଶ୍ୱର ମହାନଗର ନିଗମ**



**ଭୁବନେଶ୍ୱର ମହାନଗର ନିଗମ**
ସଂଖ୍ୟା: 57963 ତାରିଖ: 09.11.2020
**ସର୍ବସାଧାରଣ ନୋଟିସ**

ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଥିବା **ଗଣ୍ଡମୁଣ୍ଡା ବସ୍ତି ଓ ତାରିଣୀ ବସ୍ତି (ଗଣ୍ଡମୁଣ୍ଡା), ୱାର୍ଡ ନଂ. ୫୦ ଓ ୬୨**ର ବାସିନ୍ଦାମାନଙ୍କୁ ଜଣାଇଦିଆଯାଉଅଛି କି, ପ୍ରଧାନମନ୍ତ୍ରୀ ଆୱାସ୍ ଯୋଜନା ଅନ୍ତର୍ଗତ ସୁବୁଦ୍ଧିପୁର AHP ପ୍ରକଳ୍ପ ନିମନ୍ତେ ହିତାଧିକାରୀ ଚୂଡ଼ାନ୍ତ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଅଛି। ଏଥିରେ ରାଜୀବ ଆୱାସ୍ ଯୋଜନା (RAY) ସର୍ଭେ ଅନ୍ତର୍ଗତ ଗଣ୍ଡମୁଣ୍ଡା ବସ୍ତି (ବିମାନ ବନ୍ଦର ସମ୍ପ୍ରସାରଣ ନିମନ୍ତେ କ୍ଷତିଗ୍ରସ୍ତ ହୋଇଥିବା ପରିବାର) ଓ ତାରିଣୀ ବସ୍ତି (ଗଣ୍ଡମୁଣ୍ଡା ଐତିହ୍ୟ ବଳୟ ନିମନ୍ତେ କ୍ଷତିଗ୍ରସ୍ତ ପରିବାର)ଙ୍କର ଯୋଗ୍ୟତା ଓ ଆବଶ୍ୟକୀୟ କାଗଜପତ୍ରକୁ ପର୍ଯ୍ୟାଲୋଚନା କରି ସେମାନଙ୍କର ଯୋଗ୍ୟତା ଫଳାଫଳର ପ୍ରଥମ ଚୂଡ଼ାନ୍ତ ତାଲିକା (First final household list) ପ୍ରସ୍ତୁତ କରାଯିବା BMC website- www.bmc.gov.inରେ ପରିବାର ବିବରଣୀ ଉପଲବ୍ଧ କରାଯାଇଅଛି। ନିମ୍ନଲିଖିତ ପରିବାର ବିବରଣୀ ପ୍ରଦାନ କରାଗଲା ।

| କ୍ର. ସଂ. | ୱାର୍ଡ ନଂ. | ବସ୍ତିର ନାମ | ପରିବାର ସଂଖ୍ୟା | ଯୋଜନାର ନାମ |
|---|---|---|---|---|
| ୧. | ୫୦ | ଗଣ୍ଡମୁଣ୍ଡା ବସ୍ତି | ୨୭ | ସୁବୁଦ୍ଧିପୁର AHP ପ୍ରକଳ୍ପ |
| ୨. | ୬୨ | ତାରିଣୀ ବସ୍ତି (ଗଣ୍ଡମୁଣ୍ଡା) | ୧୦୩ | ସୁବୁଦ୍ଧିପୁର AHP ପ୍ରକଳ୍ପ |

ପ୍ରକାଶଥାଉକି, ଏହି ତାଲିକାକୁ ନେଇ ଯଦି କାହାର କୌଣସି ଆପତ୍ତି ଅଭିଯୋଗ ରହିଥାଏ, ତେବେ ସେମାନେ ଆସନ୍ତା **୧୫** ଦିନ ମଧ୍ୟରେ ଯଥା - **ତା୨୮.୧୧.୨୦୨୦ରିଖ ସନ୍ଧ୍ୟା ୪ ଘଟିକା** ସମୟ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମଣ୍ଡଳ କାର୍ଯ୍ୟାଳୟ (S.W. Zone Office) BMC ରେ ଦାଖଲ କରିପାରିବେ।

**ସ୍ୱା./- ଉପ ଆୟୁକ୍ତ, ଭୁବନେଶ୍ୱର ମହାନଗର ନିଗମ**
OIPR-13002/11/0045/2021



**ODISHA HYDRO POWER CORPORATION LTD.**
(A Government of Odisha Undertaking)
Regd. Office: ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANPATH, BHOI NAGAR, BHUBANESWAR - 751022
Tel.: 91-0674-2542983, 2542802, 2545526, Fax: 2542102, E-mail: ohpc.co@gmail.com
CIN: U40101OR1995SGC003963
**No. OHPC:TECH:C&P:16/2020-21/8544** **Dated: 09.11.2020**
**TENDER CALL NOTICE**
No. CAD-726: Sealed tenders are invited in two parts i.e. (i) Techno Commercial Bid & (ii) Price bid in separate sealed envelopes from the intending firms/manpower service providers/agencies fulfilling the eligibility criteria for the work mentioned below:

| TCN No. | Description of Work | Cost of Tender Papers (Non-refundable) in Rs. | EMD in shape of DD only (Refundable) in Rs. |
|---|---|---|---|
| 17/2020-21 | Engagement of 09 (Nine) Nos. of ITI qualified personnel of different trade and 01 (One) No. of Helper (Semiskilled) for Dam Maintenance work at UIHEP, Khatiguda | 7080.00 (6000 + 18% GST) | 19,000.00 |

For details of the tender documents, terms and conditions please visit/ refer our website **www.ohpcltd.com from 16.11.2020.**
**General Manager (C&P)**
OIPR-04012/11/0012/2021



**DISTRICT MINERAL FOUNDATION**
**Angul, Odisha, PIN-759122**
**Tele: 06764-230745/E-mail: dmfangul@gmail.com**
**Notice No. 595** **Date: 10.11.2020**
**CORRIGENDUM NOTICE**
***Ref: RFP No. - 546/DMF dated 20.10.2020***
**No. F-69:-** The last date for submission of RFP documents by intended bidders for "**Selection of Agency for - Management of Social Media Platforms and to Provide Allied Services to DMF, Angul**" has been extended from 10.11.2020 (5.00 P.M.) to 17.11.2020 (5.00 P.M.) and the bid documents will be opened on 18.11.2020 at 11.00 A.M. Interested agency are requested to download the RFP documents from the website : **www.angul.nic.in**. Documents are to be submitted through Speed Post / Registered Post (India Post) only. Other terms and conditions are remain unchanged.
**Sd./- P.D., DRDA - cum - Chief Executive, DMF, Angul**
OIPR-24012/11/0005/2021



**ODISHA LIFT IRRIGATION CORPORATION LIMITED**
(A GOVERNMENT OF ODISHA UNDERTAKING)
**OFFICE OF THE EXECUTIVE ENGINEER LIFT IRRIGATION DIVISION, BALASORE**
**E-mail – eelidvnbls@yahoo.com**
No. CAD-728:- **e - Procurement Notice**
**Bid Identification No: 03 /2020-21 /DT.11.11.2020**

1. Name of the Tender inviting Officer- **Executive Engineer, L.I.Division, Balasore representing Odisha Lift Irrigation Corporation Ltd., Bhubaneswar.**
2. Name of the Work- **Installation and Energisation of CLIP in different Block of Balasore District.**
3. No.of Package:- **62 Nos.**
4. Cost of Tender Amount :- **Varies from Rs.20,07,420/- to Rs.31,40,948/-**
5. Date and time of availability of bid document in portal for on-line bidding **from 11.00 hrs dated 20.11.2020 to 17hrs dated 02.12.2020.**
6. Last date and time of receipt of bid in the portal **upto 17 hrs dated 02.12.2020.**
7. Last date & time to seek clarification **upto 17 hrs dated 01.12.2020.**
8. Date of opening of Technical bid (Cover-1) **at 11.00 hrs dated 03.12.2020.**
9. Date of opening of Financial bid will be informed after evaluation of Technical bid.
10. Further details can be seen from the e-procurement portal of Govt.of Odisha i.e.**www.tenderodisha.gov.in**.
11. Subsequent Corrigendum/addendum if required shall be available in above portal.

**Sd./- Er. S.K. CHOUDHARY,**
**Executive Engineer, L.I.Division, Balasore**
OIPR-32150/11/0003/2021

## ୫ ଲକ୍ଷ ଟଙ୍କାର ବାଣ ଜବତ, ୨ ଗିରଫ

**ଗୋପ,୧୧।୧୧(ଡି.ଏନ୍.ଏ.):** ଗୋପ ନୟାହାଟ ବଜାରରେ ବେଆଇନ ବାଣ ଗୋଦାମରେ ବୁଧବାର ପୋଲିସ ଚଢ଼ାଉ କରି ୫ ଲକ୍ଷ ଟଙ୍କାର ବାଣ ଜବତ କରିଛି। ଏହାସହ ବାଣ ଗୋଦାମ ମାଲିକ ସଞ୍ଜୟ ପ୍ରଧାନ ଓ କର୍ମଚାରୀ ଶୁଭାଶିଷ ମହାନ୍ତିଙ୍କୁ ଗିରଫ କରିଛି। ଏ ନେଇ ନଂ. ୩୧୪/୨୦ରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ନୟାହାଟ ଫାଣ୍ଡି ଅଧିକାରୀ ବାବୁଲି ପ୍ରଧାନ କହିଛନ୍ତି। ବେଆଇନ ବାଣ ସଂକ୍ରାନ୍ତରେ ଖବରପାଇ ଫାଣ୍ଡି ଅଧିକାରୀ ପ୍ରଧାନ ଘଟଣା ବିଷୟରେ ଗୋପ ଥାନାଧିକାରୀ ସୁଧୀର କୁମାର ସାହୁଙ୍କୁ ଜଣାଇଥିଲେ। ପରେ ପୋଲିସ ଏକ ଟିମ ଉକ୍ତ ବାଣ ଗୋଦାମରେ ଚଢ଼ାଉ କରି ପ୍ରଥମେ ଶୁଭାଶିଷଙ୍କୁ ଧରିଥିଲା। ଚଢ଼ାଉରେ ବିଭିନ୍ନ କିସମର ବାଣକୁ ଜବତ କରିଥିବା ବେଳେ ମାଲିକଙ୍କୁ ଗିରଫ କରିଛି। ପରେ ପୋଲିସ ଗୋପ ଅଗ୍ନିଶମ ବିଭାଗକୁ ଡାକି ଜବତ ବାଣକୁ ନଷ୍ଟ କରିଥିଲା।

# ଆଇଟିଏଟି ନୂଆ କାର୍ଯ୍ୟାଳୟ ଉଦ୍‌ଘାଟିତ

### ଟିକସ ସ୍ୱଚ୍ଛତା ଆଡ଼କୁ ବଢୁଛି ଭାରତ:ମୋଦି

**କଟକ ଅଫିସ୍/ନୂଆଦିଲ୍ଲୀ,୧୧।୧୧**


ଉଦ୍‌ଘାଟିତ ହୋଇଥିବା ନୂଆ ଆଇଟିଏଟି କାର୍ଯ୍ୟାଳୟ।

ଭାରତ ଟିକସ ଆତଙ୍କବାଦରୁ ଟିକସ ସ୍ୱଚ୍ଛତା ଆଡକୁ ବଢୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର କହିଛନ୍ତି। କେନ୍ଦ୍ର ସରକାର ଟିକସ ବ୍ୟବସ୍ଥାରେ ନୂଆ ଫେସ୍‌ଲେସ ଅପିଲ, ବିବାଦ ସମାଧାନ ବ୍ୟବସ୍ଥା ଭଳି ନୂଆ ସଂସ୍କାର ଆରମ୍ଭ କରିଛନ୍ତି। ଏହାର ଲାଭ ଅର୍ଥ ବ୍ୟବସ୍ଥାକୁ ମିଳୁଛି ବୋଲି କଟକ ବେଞ୍ଚ ଆୟକର ଆପିଲେଟ ଟ୍ରିବ୍ୟୁନାଲ (ଆଇଟିଏଟି) ନୂଆ କାର୍ଯ୍ୟାଳୟ ଏବଂ ରେସିଡେନସିଆଲ କମ୍ପ୍ଲେକ୍ସ ଶୁଭାରମ୍ଭ କରି ମୋଦି ଏହା କହିଛନ୍ତି। ସେ ପୁଣି କହିଛନ୍ତି ଯେ, ସରକାର ବର୍ତ୍ତମାନ ସଂସ୍କାର, କାର୍ଯ୍ୟଧାରା ଏବଂ ପରିବର୍ତ୍ତନ ଉପରେ ଫୋକସ କରିଛନ୍ତି। ଦେଶର ଟିକସ ବ୍ୟବସ୍ଥାରେ ସ୍ୱଚ୍ଛତା ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି। ଟିକସଦାତାଙ୍କ ଦାୟିତ୍ୱ ଏବଂ ଅଧିକାରକୁ ସଂକଳିତ କରି ଏହାକୁ ଆଇନର ରୂପ ଦେବାରେ ଭାରତ ବିଶ୍ୱର ପ୍ରମୁଖ ଦେଶ ମଧ୍ୟରେ ସାମିଲ ହୋଇଛି। ଏହି ପଦକ୍ଷେପ ଦ୍ୱାରା ଟିକସଦାତା ଏବଂ ଟିକସ ସଂଗ୍ରହକାରୀଙ୍କ ମଧ୍ୟରେ ସ୍ୱଚ୍ଛତା ଏବଂ ବିଶ୍ୱାସ ଆଣିବା ଦିଗରେ ସହାୟକ ହେଉଛି। ସରକାରଙ୍କ ଟିକସ ହ୍ରାସ ପଦକ୍ଷେପ ଉପରେ ମଧ୍ୟ ମୋଦି ଗୁରୁତ୍ୱାରୋପ କରିଛନ୍ତି। ସେହିଭଳି ବ୍ୟକ୍ତିଗତ ଟିକସଦାତାଙ୍କ ଲାଗି ଟିକସ ଢାଞ୍ଚାକୁ ସରଳ କରିବା, ଫେସ୍‌ଲେସ ଅପିଲ ଏବଂ ତ୍ୱରିତ ରିଫଣ୍ଡ ଉପରେ ସେ ମତ ରଖିଛନ୍ତି। ଅର୍ଥ ବ୍ୟବସ୍ଥାରେ ସମ୍ପତ୍ତି ସୃଷ୍ଟିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାକୁ ଦେଖିଲେ ଟିକସଦାତାଙ୍କୁ ସମ୍ମାନିତ କରିବାର ଆବଶ୍ୟକତା ରହିଛି। ଟିକସଦାତାଙ୍କ ସମସ୍ୟା ସମାଧାନ ହେଲେ ଅଧିକ ଲୋକ ବ୍ୟବସ୍ଥା ସହ ଯୋଡି ହେବେ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକ ତାଲିକାରେ କରୁଣାକର ନନ୍ଦ

**ମନମୁଣ୍ଡା,୧୧।୧୧(ଡି.ଏନ.ଏ.)**


ପ୍ରଫେସର କରୁଣାକର ନନ୍ଦ

ଆମେରିକାର ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଖଟଖଟିଆ ଗ୍ରାମର ପ୍ରଫେସର କରୁଣାକର ନନ୍ଦ ସ୍ଥାନ ପାଇଛନ୍ତି। ସେ ବର୍ତ୍ତମାନ ମ୍ୟାଟେରିଆଲ ରିସର୍ଚ୍ଚ ସେଣ୍ଟର, ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ, ବେଙ୍ଗାଲୁରୁର ଅଧ୍ୟକ୍ଷ ଅଛନ୍ତି। ସେ ସେଠାରେ ୨୦୦୫ ମସିହାରୁ କାର୍ଯ୍ୟ କରିଆସୁଛନ୍ତି। ଆପ୍ଲାଏଡ୍ ଫିଜିକ୍ସ କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ସେ ସାମିଲ ହୋଇଛନ୍ତି।

ଏହି କ୍ଷେତ୍ରରେ ତାଙ୍କ ବିଶ୍ୱବ୍ୟାପୀ ମାନ୍ୟତା ୧୩୭୨, ସି. ସ୍କୋର ୩.୭୧୯ ଏବଂ ସେ ୦.୬୧୦ ପ୍ରତିଶତ ଶୀର୍ଷରେ ରହିଛନ୍ତି। ସେ ସର୍ବମୋଟ ୨୧୨ ରିସର୍ଚ୍ଚ ପେପର ଦେଇଥିଲା ବେଳେ ତାଙ୍କର ପ୍ରଥମ ପ୍ରକାଶନ ୧୯୯୪ ଓ ଶେଷ ପ୍ରକାଶନ ୨୦୨୦ରେ ରହିଥିବା ଜାଣିବାକୁ ମିଳିଛି। ସେ ନାନୋ ଟେକ୍ନୋଲୋଜି ଓ ମ୍ୟାଟେରିଆଲ ରିସର୍ଚ୍ଚ କ୍ଷେତ୍ରରେ ଭାରତର ଜଣେ ଅଗ୍ରଣୀ ବୈଜ୍ଞାନିକ। ଅଧିକ ଜ୍ଞାନ ଆହରଣ ସହ ରିସର୍ଚ୍ଚ ପାଇଁ ସେ ଜର୍ମାନୀ ଓ ଆୟର୍ଲାଣ୍ଡରେ ଅଧ୍ୟୟନ ମଧ୍ୟ କରିଛନ୍ତି। ଏତଦ୍‌ବ୍ୟତୀତ ନନ୍ଦ ସାମନ୍ତ ଚନ୍ଦ୍ରଶେଖର ଆୱାର୍ଡ, ଏମଆଇଏସଆଇ ଲେକ୍ଚର ମେଡାଲ, ଜାପାନର ଜେଏସପିଏସ ଇନଭାଇଟେଶନ୍ ଫେଲୋଶିପ୍, ଜାପାନର ଜେଏସପିଏସ ବ୍ରିଜ ଫେଲୋଶିପ୍ ସହ ଆହୁରି ଅନେକ ଆୱାର୍ଡ ପାଇଛନ୍ତି। ପ୍ରଫେସର ନନ୍ଦ ବୌଦ୍ଧ ଜିଲା ଖଟଖଟିଆ ଗ୍ରାମର ଦାମୋଦର ନନ୍ଦଙ୍କ ଏକମାତ୍ର ପୁତ୍ର। ତାଙ୍କ ମା' ସିନ୍ଧୁ ନନ୍ଦଙ୍କ ଦେହାନ୍ତ ପରେ ତାଙ୍କ ବାପା ଚାଷ କାମ କରି ତାଙ୍କୁ ପାଠ ପଢ଼ାଇଥିଲେ। ଭଲ ପାଠ ପଢୁଥିବା ଓ ମେଧାବୀ ଥିବାରୁ ତାଙ୍କ ବାପା ଅକ୍ଳାନ୍ତ ପରିଶ୍ରମ କରି ତାଙ୍କୁ ପାଠପଢାରେ ଉତ୍ସାହିତ କରିଥିଲେ। ପ୍ରଫେସର ନନ୍ଦ ତାଙ୍କ ପ୍ରାଥମିକ ଶିକ୍ଷା ଖଟଖଟିଆ ପ୍ରାଥମିକ ବିଦ୍ୟାଳୟ, ମାଟ୍ରିକ ପଲସାଗୋରା ଉଚ୍ଚ ବିଦ୍ୟାଳୟ, ଯୁକ୍ତ ୩ ସୋନପୁର ମହାବିଦ୍ୟାଳୟ ଓ ସ୍ନାତକୋତ୍ତର ସମ୍ବଲପୁର ବିଶ୍ୱବିଦ୍ୟାଳୟ (ବୁର୍ଲା)ରେ ଶେଷ କରିବା ପରେ ଇନଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ, ଭୁବନେଶ୍ୱରରେ ପିଏଚଡି କରିଥିଲେ। ବିଶ୍ୱ ବୈଜ୍ଞାନିକ ତାଲିକାରେ ୭୨ ନମ୍ବରରେ ସ୍ଥାନ ପାଇ ସେ ବୌଦ୍ଧ ଜିଲାର ଗୌରବ ବୃଦ୍ଧି କରିଛନ୍ତି। ଏଥିପାଇଁ ଜିଲା ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ନେତା ଏବଂ ସାଧାରଣ ଜନତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୬.୫ କିଲୋ ଚୋରି ଅଳଙ୍କାର ଉଦ୍ଧାର

### ୪.୪୪ ଲକ୍ଷ ଜବତ

**ଛତ୍ରପୁର/ପୁରୁଷୋତ୍ତମପୁର, ୧୧।୧୧(ଡି.ଏନ୍.ଏ.)**


ଜବତ ସୁନା ଅଳଙ୍କାର ଓ ଅଭିଯୁକ୍ତମାନଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

- ଗହଣା ବ୍ୟବସାୟୀଙ୍କ ଘରୁ ଚୋରି ଘଟଣା
- ଗୁମାସ୍ତା ଦେଇଥିଲେ ଅଭିଯୁକ୍ତଙ୍କୁ ସୂଚନା

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅଞ୍ଚଳର ସୁନା ବ୍ୟବସାୟୀ ସୁରେନ୍ଦ୍ର କୁମାର ନାୟକଙ୍କ ଘରୁ ଗତ ମାସ ୧୨ ତାରିଖ ରାତିରେ ହୋଇଥିବା ଅଳଙ୍କାର ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି। ଚୋରିରେ ସମ୍ପୃକ୍ତ ୧୦ଜଣ ଓ ଚୋରି ସୁନା କିଣିଥିବା ଅଭିଯୋଗରେ ୪ଜଣ ଏପରି ମୋଟ ୧୪ଜଣଙ୍କୁ ପୋଲିସ ବୁଧବାର କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ୬ କି.ଗ୍ରା. ୫୦୧ ଗ୍ରାମର ସୁନା ଅଳଙ୍କାର, ୪ ଲକ୍ଷ ୪୪ ହଜାର ୫୦୦ ଟଙ୍କା, ଏସି ଷ୍ଟାବିଲାଇଜର, ସିସି ଟିଭି ଡିଭିଆର, ଏକ ମୋବାଇଲ ଫୋନ୍ ଏବଂ ଚୋରିରେ ବ୍ୟବହୃତ ସରଞ୍ଜାମ ଜବତ କରାଯାଇଛି। ଜବତ ସୁନା ଅଳଙ୍କାର ମୂଲ୍ୟ ସାଢ଼େ ୩ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଗଞ୍ଜାମ ଏସ୍‌ପିଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ଏହି ସୂଚନା ଦେଇଛନ୍ତି। ଚୋରିରେ ସମ୍ପୃକ୍ତ ୧୦ ଅଭିଯୁକ୍ତ ହେଲେ ପୁରୁଷୋତ୍ତମପୁର ନଇତଟା ସାହିର ଘନଶ୍ୟାମ ବେହେରା ଓରଫ କାଳିଆ, ବଡ଼ବାଉରି ସାହିର କାଳିଆ ଦାସ, ନନ୍ଦିକ ସାହିର ତ୍ରିନାଥ ବେହେରା ଓରଫ ବାଘା, ଗଡ଼ସାହିର କାହ୍ନୁ ଚରଣ ପଟ୍ଟନାୟକ, ଶଙ୍କର ବେହେରା, କୋଳାସିଙ୍ଗି ଗାଁର ସ୍ୱରାଜ୍ୟ ଦାସ, କବିସୂର୍ଯ୍ୟନଗର ଥାନା ରଘୁନାଥପଲ୍ଲୀର ପିଣ୍ଟୁ ନାହାକ, ସନ୍ୟାସୀ ନାହାକ, ବୁଢାଆମ୍ବ ବାଉରି ସାହିର ବୁଲୁ ନାହାକ ଏବଂ ସୁନା ବ୍ୟବସାୟୀଙ୍କ ଗୁମାସ୍ତା ତଥା ପୁରୁଣା ଜଗନ୍ନାଥ ମନ୍ଦିର ସାହିର ଅମିତ ବେହେରା। ସେହିପରି ଚୋରି ସୁନା ଅଳଙ୍କାର କିଣିବା ଅଭିଯୋଗରେ ପୁରୁଷୋତ୍ତମପୁର ବଜାର ସାହିର ଡି. ଦୀପୁ ଆଚାରୀ, ନନ୍ଦିକ ସାହିର ସନ୍ତୋଷ ଆଚାରୀ, ବ୍ରହ୍ମପୁର ଆସିକା ରୋଡସ୍ଥିତ ଶ୍ରୀରାମ ନଗରର ପି. ବୀରଭଦ୍ର ରାଓ ଓ ପଞ୍ଚଦେଉଳ ସାହିର ନନ୍ଦ କିଶୋର ଭଗତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଏସ୍‌ପି ବ୍ରିଜେଶ କୁମାର ରଏ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଚୋରି ଘଟଣାର ମାଷ୍ଟରମାଇଣ୍ଡ ହେଉଛନ୍ତି କାଳିଆ। ମାଷ୍ଟରପ୍ଲାନ୍‌ର ତଥା ଗୁମାସ୍ତା ଅମିତ ତାଙ୍କୁ ବ୍ୟବସାୟୀ ସୁରେନ୍ଦ୍ରଙ୍କ ଘରେ ବିପୁଳ ପରିମାଣର ସୁନା ଅଳଙ୍କାର ଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଏହାପରେ ଚୋରି ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ଅଭିଯୁକ୍ତମାନେ ୪ ଥର ଚୋରି ଉଦ୍ୟମ କରିଥିଲେ ମଧ୍ୟ ସେଥିରେ ସଫଳ ହୋଇ ନ ଥିଲେ। ଗତ ୧୨ତାରିଖ ମଧ୍ୟରାତ୍ରରେ ପ୍ରବଳ ବର୍ଷା ବେଳେ ସେମାନେ ପୁରୁଷୋତ୍ତମପୁର ଚାଙ୍ଗୁଡିଆପଦର ସାହିରେ ବ୍ୟବସାୟୀ ସୁରେନ୍ଦ୍ରଙ୍କ ଛାତ କବାଟ ଭାଙ୍ଗି ଘରେ ହୋଇଥିବା ସାଇ ଅର୍ନାମେଣ୍ଟ ଦୋକାନରେ ପଶି ସୁନା ଅଳଙ୍କାର ଚୋରି କରିଥିଲେ। ଏ ନେଇ ସୁରେନ୍ଦ୍ର ୧୩ ତାରିଖରେ ଥାନାରେ ଏତଲା ଦେଇଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁରୁଷୋତ୍ତମପୁର ଏସ୍‌ଡିପିଓ ସୀମା ସ୍ୱାଇଁ, ଥାନା ଆଇଆଇସି ଜଗନ୍ନାଥ ମଲ୍ଲିକ ପ୍ରମୁଖଙ୍କୁ ନେଇ ଏକ ଟିମ୍ ଗଠନ ହୋଇଥିଲା। ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର ଏହାର ମନିଟରିଂ କରୁଥିଲେ। ଉକ୍ତ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ସନ୍ଦେହରେ କେତେଜଣଙ୍କୁ ଥାନାକୁ ଆଣି ଜେରା କରିବା ପରେ ଜଣକ ପରେ ଜଣେ ଅଭିଯୁକ୍ତ ଧରାପଡ଼ିଥିଲେ।

## ଆଜି ମନ୍ତ୍ରୀ ପରିଷଦ, କ୍ୟାବିନେଟ୍ ବୈଠକ

**ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)**

ରାଜ୍ୟ କ୍ୟାବିନେଟ୍ ବୈଠକ ଗୁରୁବାର ୫ଟା ୧୫ମିନିଟ୍ ସମୟରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ପ୍ରଥମେ ୫ଟାରେ ମନ୍ତ୍ରୀ ପରିଷଦ ବୈଠକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିବ। ଏହାର ୧୫ ମିନିଟ୍ ପରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ଚାଲିବ। ପୂର୍ବଥର ଗୁଡିକ ଭଳି କରୋନା ମହାମାରୀକୁ ଦୃଷ୍ଟିରେ ରଖି ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ହେବ। ମନ୍ତ୍ରୀମାନେ ଜିଲା ମୁଖ୍ୟାଳୟରୁ ଭିଡିଓ କନଫରେନ୍ସ ଯୋଗେ ସାମିଲ ହୋଇପାରିବେ। ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍‌କୁ କ୍ୟାବିନେଟ୍‌ରେ ଅନୁମୋଦନ ମିଳିପାରେ। ଏହାସହ ଜଙ୍ଗଲ ଓ ପରିବେଶ ବିଭାଗ, ପଞ୍ଚାୟତିରାଜ, ପୂର୍ତ୍ତ, ଅର୍ଥ ବିଭାଗର କିଛି ଏଜେଣ୍ଡାକୁ କ୍ୟାବିନେଟ ଅନୁମୋଦନ ମିଳିପାରେ ବୋଲି ମଧ୍ୟ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ, ବିଧାନସଭାର ଶୀତ ଅଧିବେଶନ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ। ଅଧିବେଶନର ଆରମ୍ଭ ଦିନ ୨୦୨୦-୨୧ ବର୍ଷର ପ୍ରଥମ ଅତିରିକ୍ତ ବଜେଟ ଆଗତ ହେବ। ନଭେମ୍ବର ୨୯ରେ ଅତିରିକ୍ତ ବଜେଟ ଉପରେ ବ୍ୟୟ ମଞ୍ଜୁରୀ ବିଲ୍ ଗୃହର ଅନୁମୋଦନ ଲାଭ କରିବ।

# ଇକୋ-ରିଟ୍ରିଟ୍ ବୁକିଂ ଆରମ୍ଭ

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ)**



ଇକୋ-ରିଟ୍ରିଟ୍ ବୁକିଂର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ।

- ୩ ମାସ ଧରି ୫ ସ୍ଥାନରେ ଆୟୋଜିତ ହେବ
- ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଓଡ଼ିଶା ପର୍ଯ୍ୟଟନର ବହୁ ପ୍ରତୀକ୍ଷିତ ଗ୍ଲାମ୍ପିଂ ଇଭେଣ୍ଟ 'ଇକୋ-ରିଟ୍ରିଟ୍' ପୁଣିଥରେ ଫେରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ୩ମାସ ପାଇଁ ଆୟୋଜିତ ହେବାକୁ ଥିବା ଇକୋ ରିଟ୍ରିଟ୍ ନିମନ୍ତେ ବୁକିଂର ଶୁଭାରମ୍ଭ କରିବା ସହ ଏହାର ଲୋଗୋ ଉନ୍ମୋଚନ କରିଛନ୍ତି। ଇକୋ-ରିଟ୍ରିଟ୍ ରାଜ୍ୟ ଓ ରାଜ୍ୟ ବାହାର ପର୍ଯ୍ୟଟକଙ୍କୁ ଓଡ଼ିଶାର ପରିବେଶ ପର୍ଯ୍ୟଟନକୁ ଆବିଷ୍କାର କରିବାର ସୁଯୋଗ ଆଣିଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତବର୍ଷ କୋଣାର୍କ ମେରାଇନ୍ ଡ୍ରାଇଭ୍‌ରେ ଅନୁଷ୍ଠିତ ଇକୋ-ରିଟ୍ରିଟ୍‌ର ଅଭୂତପୂର୍ବ ସଫଳତା ପରେ ଚଳିତବର୍ଷ ଏହାକୁ କୋଣାର୍କ, ହୀରାକୁଦ, ଭିତରକନିକା, ଦାରିଙ୍ଗବାଡ଼ି ଓ ସାତକୋଶିଆ ଭଳି ୫ଟି ସ୍ଥାନକୁ ବୃଦ୍ଧି କରାଯାଇଛି। ଡିସେମ୍ବର ୮ ତାରିଖରୁ ୨୦୨୧ ଫେବୃଆରୀ ୨୮ ପର୍ଯ୍ୟନ୍ତ ଏହି ୫ଟି ଇକୋ ରିଟ୍ରିଟ୍ ଆୟୋଜନ କରାଯିବ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କୋଭିଡ୍ ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ଅଂଶଗ୍ରହଣକାରୀଙ୍କୁ ତାଲିମ ପ୍ରଦାନ କରାଯିବ। 'ଇକୋ-ରିଟ୍ରିଟ୍' ସମୟରେ ସମ୍ପୂର୍ଣ୍ଣ ମାର୍ଗଦର୍ଶିକା ଅନୁପାଳନ ସହିତ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ନିର୍ଦ୍ଧାରିତ ଏସ୍‌ଓପିକୁ ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଇକୋ-ରିଟ୍ରିଟ୍ ଅନୁଷ୍ଠିତ ହେଉଥିବା ଜିଲାର ଜିଲା ପ୍ରଶାସନଗୁଡ଼ିକୁ ଆୟୋଜନର ସମ୍ପୂର୍ଣ୍ଣ ଦାୟିତ୍ୱ ନେବା ପାଇଁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ପରାମର୍ଶ ଦେଇଥିଲେ। ଏହି ମେଗା ଇଭେଣ୍ଟ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ପୁନରୁଦ୍ଧାର କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ସମେତ ଉନ୍ନୟନ କମିଶନର, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ, ସମ୍ପୃକ୍ତ ଜିଲାର ଜିଲାପାଳ ଏବଂ ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ୪୨ ଗ୍ରାମ ବ୍ରାଉନସୁଗାର ଜବତ

**ଜଟଣୀ,୧୧।୧୧(ଡି.ଏନ.ଏ)**

ବ୍ରାଉନସୁଗାର କାରବାର ଅଭିଯୋଗରେ ଜଟଣୀ ପୋଲିସ ବୁଧବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କୁଦିଆରୀ ବଜାର ଅଞ୍ଚଳର ଅବଦୁଲ ମହମ୍ମଦ। ତାଙ୍କଠାରୁ ୪୨ଗ୍ରାମ ବ୍ରାଉନସୁଗାର ଓ ୪୧,୬୦୦ଶହ ଟଙ୍କା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୪୪୫/୨୦)ରୁଜୁ ହୋଇଛି। ସୂଚନା ଅନୁଯାୟୀ, କୁଦିଆରୀ ବଜାର ମାଲଗୋଦାମ ଛକରେ ଚୋରାରେ ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ବେଳେ ପୋଲିସ ଅବଦୁଲଙ୍କୁ ଗିରଫ କରିବା ସହ ବ୍ରାଉନସୁଗାର ଜବତ କରିଥିଲା।

## ହାଇକୋର୍ଟରେ ହାଜର ହେଲା କ୍ରାଇମବ୍ରାଞ୍ଚ

### ମାନବପ୍ରେମୀ ଆଦିତ୍ୟ ଦାସ ମୃତ୍ୟୁ ମାମଲା

**ଭୁବନେଶ୍ୱର, ୧୧।୧୧(ବ୍ୟୁରୋ):** ମାନବପ୍ରେମୀ ଆଦିତ୍ୟ ଦାସ ମୃତ୍ୟୁ ମାମଲାରେ କ୍ରାଇମବ୍ରାଞ୍ଚ ବୁଧବାର ହାଇକୋର୍ଟରେ ହାଜର ହୋଇଥିଲେ ମଧ୍ୟ ଷ୍ଟାଟସ୍ ରିପୋର୍ଟ ଦାଖଲ କରିପାରିନି। ତେବେ ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଟିମ୍ ଏକ ସତ୍ୟପାଠ ଦାଖଲ କରିଛି। ଉକ୍ତ ସତ୍ୟପାଠରେ ଦର୍ଶାଯାଇଛି ଯେ, ଅନୁସନ୍ଧାନବେଳେ ଆଦିତ୍ୟଙ୍କୁ ହତ୍ୟା କରାଯାଇଥିବା ନେଇ କୌଣସି ପ୍ରମାଣ ମିଳିନାହିଁ। ଏଥିସହ ତଦନ୍ତକାରୀ ଅଧିକାରୀ କୋଭିଡ୍ ପଜିଟିଭ ଥିବାରୁ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ସମ୍ଭବ ହୋଇପାରିନାହିଁ। ତେଣୁ ହାଇକୋର୍ଟ ପରବର୍ତ୍ତୀ ଶୁଣାଣି ଆସନ୍ତା ୨୬ ତାରିଖକୁ ଧାର୍ଯ୍ୟ କରିବା ସହ ଆବେଦନକାରୀଙ୍କ ଓକିଲଙ୍କୁ ଷ୍ଟାଟସ୍ ରିପୋର୍ଟର ନକଲ କପି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଜୁଲାଇ ୭ରେ ଆଦିତ୍ୟଙ୍କ ମୃତଦେହ ଲିଙ୍ଗରାଜ ଷ୍ଟେଶନ ନିକଟ ରେଳଧାରଣାରୁ ମିଳିଥିଲା। ତାଙ୍କୁ ହତ୍ୟା କାରାଯାଇଥିବା ନେଇ ପରିବାର ସଦସ୍ୟ ସିବିଆଇ ତଦନ୍ତ ଦାବି କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**RIDHI FINANCE**
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

**BALAJI FINANCE LIMITED**
DIWALI DHAMAKA
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9319932148

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**JANODAYA Finance**
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole,Sambalpur
9438082179
8480403308

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**


ସ୍ୱର୍ଗତା ଯାମିନୀ ଭୂୟାଁ
ନୂଆଗାଁ, ଢେଙ୍କାନାଳ
ଆବିର୍ଭାବ: ୦୩।୦୮।୧୯୭୯
ତିରୋଧାନ: ୦୨।୧୧।୨୦୨୦
ତୁମେ ଯେଉଁଠି ଥା', ଭଲରେ ଥା'। ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ସ୍ୱାମୀ: ନାରାୟଣ ଭୂୟାଁ
ପୁତ୍ର: ସତ୍ୟସ୍ୱରୂପ ଭୂୟାଁ
ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୬୬୮୯୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**


୰କିଶୋର ଚନ୍ଦ୍ର ମିଶ୍ର
91, ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୦।୦୫।୧୯୨୫
ତିରୋଧାନ: ୨୫।୧୦।୨୦୧୯
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
ମିଶ୍ର ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୧୮୯୩୩

**ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି (ଦ୍ୱିତୀୟ ବର୍ଷ)**


ସ୍ୱର୍ଗତା ସ୍ନେହଲତା ମହାନ୍ତି
ସ୍ୱାମୀ: ସ୍ୱର୍ଗତ ଗିରିଧାରୀ ମହାନ୍ତି
ବାପୁଜୀ ନଗର, ଭୁବନେଶ୍ୱର
ଗ୍ରାମ- ବଡ଼ଗାଁ, ଜିଲ୍ଲା- କେନ୍ଦ୍ରାପଡ଼ା
ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା । ଏହି ପୁଣ୍ୟ ତିଥିରେ ଆମେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ ।
ଧ-୬୮୩୯୩

**ଦଶାହ ଉପଲକ୍ଷେ**


ସ୍ୱର୍ଗତା ମଣିମାଳା ମିଶ୍ର
ଆନନ୍ଦ ନଗର, ଢେଙ୍କାନାଳ ଟାଉନ
ଆବିର୍ଭାବ: ୧୯୩୫
ତିରୋଧାନ: ୦୩।୧୧।୨୦୨୦
ଆମମାନଙ୍କୁ ଶୋକସାଗରରେ ଭସାଇ ଦେଇ ଇହଲୀଳା ସମ୍ବରଣ କଲ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ସବୁବେଳେ ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏତିକି ଭଗବାନ୍‌ଙ୍କ ନିକଟରେ ପ୍ରାର୍ଥନା ।
ହତଭାଗ୍ୟ: ନିରଞ୍ଜନ ମିଶ୍ର, ତ୍ରିଲୋଚନ ମିଶ୍ର
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୬୮୯୨




# ୧୮ରେ ବର୍ଷା-ଅନୁଭବଙ୍କ ମଧ୍ୟରେ ମେଡିଏଶନ

ନୂଆଦିଲ୍ଲୀ, ୧୧।୧୧(ବ୍ୟୁରୋ) କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଏବଂ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ଛାଡ଼ପତ୍ର ମାମଲାର ଆପୋସ ବୁଝାମଣା ନିମନ୍ତେ ଆସନ୍ତା ୧୮ତାରିଖରେ ମେଡିଏଶନ(ମଧ୍ୟସ୍ଥତା) କରାଯିବ। ସୁପ୍ରିମକୋର୍ଟଙ୍କ ମେଡିଏଶନ ସେଣ୍ଟର ଏହି ନିଷ୍ପତ୍ତି ନେଇଛି। ଏହି ମଧ୍ୟସ୍ଥତା ଅପରାହ୍ନ ୩ଟାରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କରାଯିବ। ଏନେଇ ଉଭୟ ପକ୍ଷଙ୍କୁ ଜଣାଇଦେବାକୁ ସେମାନଙ୍କ ଓକିଲଙ୍କୁ ସୂଚନା ଦିଆଯାଇଛି। ମଧ୍ୟସ୍ଥତା ସମୟରେ ଅନୁଭବ-ବର୍ଷା ଦମ୍ପତି ଯେପରି ଆପୋସ ବୁଝାମଣାରେ ସେମାନଙ୍କ ସୁଖଦାମ୍ପତ୍ୟ ଜୀବନ ବିତାଇ ପାରିବେ, ସେନେଇ ଚେଷ୍ଟା କରାଯିବ ବୋଲି ମଧ୍ୟସ୍ଥତା କେନ୍ଦ୍ର ପକ୍ଷରୁ କୁହାଯାଇଛି। ପୂର୍ବରୁ ଅନୁଭବଙ୍କ ଓକିଲ ଅଶ୍ୱିନୀ କୁମାର ଦୁବେ ବର୍ଷାଙ୍କ ଓକିଲଙ୍କ ସହ ଆଲୋଚନା କରି ନଭେମ୍ବର ୧୫ରେ ମଧ୍ୟସ୍ଥତା କରିବାକୁ ଠିକ୍ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଏହାକୁ ୧୮ ତାରିଖକୁ ଘୁଞ୍ଚାଯାଇଛି। ସୁପ୍ରିମକୋର୍ଟରେ ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୮ରେ ହେବ। ଦିଲ୍ଲୀ ପଟିଆଲା ହାଉସ କୋର୍ଟରେ ଅନୁଭବ ପତ୍ନୀ ବର୍ଷାଙ୍କ ବିରୋଧରେ ଛାଡ଼ପତ୍ର ମାମଲା ରୁଜୁ କରିଥିଲେ। ହେଲେ ବର୍ଷା ଉକ୍ତ ମାମଲାକୁ ଦିଲ୍ଲୀରୁ କଟକ ଫାମିଲି କୋର୍ଟକୁ ସ୍ଥାନାନ୍ତର କରିବାକୁ ସୁପ୍ରିମକୋର୍ଟରେ ଏକ ଆବେଦନ କରିଥିଲେ। ଗତ ଅକ୍ଟୋବର ୧୬ରେ ବିଚାରପତି ହୃଷୀକେଶ ରାୟଙ୍କ ଖଣ୍ଡପୀଠ ଉକ୍ତ ଆବେଦନର ଶୁଣାଣି କରି ଉଭୟ ଅନୁଭବ ଓ ବର୍ଷାଙ୍କ ମଧ୍ୟରେ ମଧ୍ୟସ୍ଥତା କେନ୍ଦ୍ର ଜରିଆରେ ଆପୋସ ବୁଝାମଣା କିପରି କରାଯାଇପାରିବ ସେନେଇ ପ୍ରସ୍ତାବ ଦେଇଥିଲେ।

# ଜାଗା ଖାଲି କରିବାକୁ ପଶ୍ଚିମବଙ୍ଗର ଫତୁଆ

**ତେଜୁଛି ସୀମା ବିବାଦ**

ଭୋଗରାଇ,୧୧।୧୧(ଡି.ଏନ.ଏ.) ସୀମା ସମସ୍ୟାର ସ୍ଥାୟୀ ସମାଧାନ ହେଉ ନ ଥିବାରୁ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ବିବାଦ ତେଜିବାରେ ଲାଗିଛି। ପଶ୍ଚିମବଙ୍ଗ ପ୍ରଶାସନ ଓଡ଼ିଶାର ୨୦ ଏକରରୁ ଊର୍ଦ୍ଧ୍ୱ ଜାଗା ଅକ୍ତିଆର କରିବାକୁ କୌଶଳରେ ଧସେଇ ପଶିବା ସହିତ ଖୁଣ୍ଟି ପୋତି ସମସ୍ୟାକୁ ଦ୍ୱିଗୁଣିତ କରିଛି। ଏଥିସହିତ ଓଡ଼ିଶାର ସାହାବାଜିପୁର ଗ୍ରାମବାସୀଙ୍କୁ ୧୫ଦିନ ମଧ୍ୟରେ ଜାଗା ଖାଲି କରିଦେବାକୁ ପଶ୍ଚିମବଙ୍ଗ ପ୍ରଶାସନ ଓ ଦୀଘା-ଶଙ୍କରପୁର ଉନ୍ନୟନ ପରିଷଦ ଫତୁଆ ଜାରି କରିଛି। ଏହାକୁ ନେଇ ସୀମାନ୍ତ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।

ସାହାବାଜିପୁର ଗ୍ରାମବାସୀ କହିଛନ୍ତି, ଓଡ଼ିଶାରେ ଜନ୍ମ ହୋଇଛୁ, ଓଡ଼ିଆ ମାଟିରେ ମରିବୁ। ବଞ୍ଚିଥିବା ଯାଏ ଆମ ଭିଟାମାଟିକୁ କାହାକୁ ଅଧିକାର କରିବାକୁ ଦେବୁ ନାହିଁ। ଦରକାର ପଡ଼ିଲେ ଲଢ଼େଇ କରିବୁ। ଏଥିପାଇଁ ଓଡ଼ିଶା ସରକାର ଆମକୁ ସୁରକ୍ଷା ଦିଅନ୍ତୁ। ପଶ୍ଚିମବଙ୍ଗ ପ୍ରଶାସନର ବେଆଇନ କାର୍ଯ୍ୟକଳାପର ଦୃଢ଼ ଜବାବ ଦେବାକୁ ଯାଇ ବୁଧବାର ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ସୀମାନ୍ତରେ ମାପଚୁପ କରାଯାଇ ଅନୁରୂପ ଭାବେ ସୀମାଖୁଣ୍ଟ ପୋତାଯାଇଛି। ଓଡ଼ିଶା ମାଟିରେ ପଶ୍ଚିମବଙ୍ଗ ପ୍ରଶାସନର ଏଭଳି କାର୍ଯ୍ୟକୁ କଂଗ୍ରେସ ଓ ଉତ୍କଳ ସମ୍ମିଳନୀ କମିଟି ପକ୍ଷରୁ ବିରୋଧ କରାଯାଇଛି। ସୀମା ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ଆଗାମୀ ମାସରେ କଂଗ୍ରେସ ପକ୍ଷରୁ ଭୋଗରାଇ ତହସିଲ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ସରକାରଙ୍କୁ ଚେତାବନୀ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଗତ ୫ ତାରିଖରେ ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲ୍ଲା ଦୀଘା-ଶଙ୍କରପୁର ଉନ୍ନୟନ ପରିଷଦ ଓଡ଼ିଶାର ସୀମାନ୍ତ ସାହାବାଜିପୁର ଗ୍ରାମଜଙ୍ଗଲକୁ ବଳପୂର୍ବକ ଜେସିବି ମେସିନ୍ ଲଗାଇ ପାନବରଜ, ମୂଲ୍ୟବାନଗଛ ଭାଙ୍ଗି ଚୁରମାର୍ କରିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏହି ଘଟଣା ପରେ ଭୋଗରାଇ ବିଧାୟକ ଅନନ୍ତ ଦାସ, ଅତିରିକ୍ତ ଜିଲାପାଳ ସମ୍ମିତ ନାୟକ, ଭୋଗରାଇ ତହସିଲଦାର କମଳାକାନ୍ତ ପଣ୍ଡା, ତାଳସାରୀ ମେରାଇନ୍ ଥାନା ଅଧିକାରୀ ହେମନ୍ତ ମାଝି ଓ ସ୍ଥାନୀୟ ଜନପ୍ରତିନିଧି କ୍ଷେତ୍ର ଅନୁଧ୍ୟାନ କରିବା ସହିତ ଜିଲାପାଳ, ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଦୁଇଦିନ ମଧ୍ୟରେ ସୀମାନ୍ତ ମାପଚୁପ କରି ସୀମାଖୁଣ୍ଟ ପୋତାଯିବ ବୋଲି ସୀମାନ୍ତବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।



ସୀମାନ୍ତ ଗାଁ ସାହାବାଜିପୁର ଗ୍ରାମବାସୀଙ୍କ ମାପଚୁପ।

**ତହସିଲଦାର ମାନେଶ୍ୱରଙ୍କ କାର୍ଯ୍ୟାଳୟ**

**ଲଘୁ ଖଣିଜ ଦ୍ରବ୍ୟର ଲିଜ୍ ସକାଶେ ଇସ୍ତାହାର**

ତହସିଲ କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା-୨୯୮୦ ତା୦୯।୧୧।୨୦୨୦ରେ ମାନେଶ୍ୱର ତହସିଲ ଅନ୍ତର୍ଗତ ୦୮ (ଆଠ) ଗୋଟି ଲଘୁ ଖଣିଜ ଦ୍ରବ୍ୟ (ପଥର ଓ ବାଲି) ଉପର ନିଲାମ ମାଧ୍ୟମରେ ଲିଜ୍ ଦେବା ପାଇଁ ଇସ୍ତାହାର ପ୍ରକାଶିତ ହୋଇଅଛି। ଏହି ଇସ୍ତାହାର ସମ୍ବନ୍ଧୀୟ ସମସ୍ତ ତଥ୍ୟ ସମ୍ବଲପୁର ଜିଲ୍ଲା ୱେବ୍‌ସାଇଟ୍ (www.Sambalpur.NIC)ରେ ଉପଲବ୍ଧ କରାଯାଇଅଛି। ନିଲାମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ୱେବ୍‌ସାଇଟ୍‌ରେ ସମସ୍ତ ତଥ୍ୟ ହାସଲକରି ଆବେଦନ କରିପାରିବେ କିମ୍ବା ମାନେଶ୍ୱର ତହସିଲ କାର୍ଯ୍ୟାଳୟକୁ ଯୋଗାଯୋଗ କରି ନିଲାମ ସମ୍ବନ୍ଧୀୟ ତଥ୍ୟ ଜାଣିପାରିବେ। ମୁଦ ଦରଖାସ୍ତ ଦାଖଲର ଅନ୍ତିମ ତାରିଖ ୨୬।୧୧।୨୦୨୦ ସମୟ ଅପରାହ୍ନ ୩ ଘଟିକା।

ସ୍ୱା./- ରଶ୍ମିତା ନାଥ
ତହସିଲଦାର, ମାନେଶ୍ୱର







| SERIES | MODEL | MRP | OFFER PRICE | MONTHLY EMI STARTS FROM |
|---|---|---|---|---|
| DC Refrigerator | All Models | INR 13990/- onwards | INR 10990/- ONWARDS | 1195 |
| FF Refrigerator | NR-ABG27VGG3 | 31500 | 23500 | 1595 |
| | NR-FBG27VSS3 | 32990 | 23500 | 1595 |
| | NR-CY550QKXZ | 95000 | 77000 | 3195 |
| | NR-CY550GKXZ | 105000 | 84000 | 3195 |
| | NR-BS60MHX1 | 90000 | 49990 | 3195 |
| Front Load | NA-106MB2L01 | 36500 | 20990 | 1166 |
| TOP LOAD | NA-F65L9MRB | 17100 | 13500 | 750 |
| | NA-F70L9MRB | 19300 | 15990 | 888 |
| | NA-F80V9LRB | 33800 | 28000 WITH MICROWAVE AT INR 1999/- | 1195 |
| Semi Automatic | NA-W70L5ARB | 11600 | 9490 | 527 |
| | NA-W80B2ARB | 14700 | 10990 | 1095 |

Panasonic Brand Shop : Pritam Electronics-Keonjhar -9583049742, Videozone- Balasore - 8917660071, Santi Agency-Chandbali-7978879205, Panasonic Premium Partner : Omm Traders - Bhuban - 9776000559 , Choudhury Electronics - Burla - 9692103870

For Trade Enquiries Please contact - Rakesh Barick - 7381056408, Lalat Sahoo - 8448898631, Trupti Das-7381056405, Debasisi Nayak - 9114058330, Harsh Mital - 9599339170, Debasis Giri - 9937087986, Abhiram Ojha -9937442926, Amit Kar - 8917417014

REGISTERED OFFICE ADDRESS
Delhi/NCR: Panasonic India 12th Floor, Ambience Island, NH-8, Gurgaon-122002, Haryana, India, Ph.: +91-124-4751300, Fax. +91-124-4751333
BRANCH OFFICE ADDRESS
Panasonic India Pvt Ltd, 1st Floor, Plot No-371, Near Sahid Sporting Club, Sahid Nagar, Bhubaneswar-751007, Tel - +91-0674-6510851
@panasonicindia | @panasonic_india | @PanasonicIndia | PanasonicIn
Service Helpline: 1800 108 1333/1800 103 1333 | www.panasonic.com/in | helpline@in.panasonic.com | INSIST ON A PANASONIC INDIA WARRANTY CARD

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ


TVS
ଆପଣଙ୍କର ମନ ଯାହା ଚାହିଁଥାଏ
ଆମର ନୂତନତା ତାହାକୁ ପ୍ରଦାନ କରିଥାଏ।
ସୁପର୍ ସେଭର୍ ଅଫର୍
₹ 5 000 ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍** | ଅନ୍ ରୋଡ୍ ମୂଲ୍ୟ ଉପରେ 100% ଫାଇନାନ୍ସ ଉପଲବ୍ଧ*
₹ 10 500 ପର୍ଯ୍ୟନ୍ତ ସଞ୍ଚୟ^ | EMI ଆରମ୍ଭ ହୁଏ ₹ 1 555#
ସୁଧ ହାର 6.99% ରୁ ଆରମ୍ଭ*
ଭାରତର ପ୍ରଥମ ଏବଂ ଏକମାତ୍ର
ଡ୍ୟୁଆଲ ପ୍ଲାଟଫର୍ମ FI ଟେକ୍ନୋଲୋଜି
ET FI ECO THRUST ^^
15% ଅଧିକ ଭଲ ମାଇଲେଜ
RT FI RACE TUNED ^^
ଅଧିକ ଭଲ ରିଅଲ ଥ୍ରଟଲ୍ ଅନୁଭବ।
*T&C apply. #Applicable to XL100, T&C apply. ^Applicable to Jupiter, T&C apply.
**ICICI Bank Credit & Debit Cards & EMI & Bank of Baroda Credit Cards. ## T&C apply.
Easy 10-minute loan approval
www.tvsmotor.com
dentsuindia/dha/04/20
ଅଧିକ ଭଲ ଷ୍ଟାର୍ଟେବିଲିଟୀ | ଅଧିକ ଭଲ ରାଇଡେବିଲିଟୀ | ଉନ୍ନତତର ସ୍ଥାୟୀତ୍ୱ | ସହଜ ରକ୍ଷଣ
ET FI | Scooty Pep+ | Zest 110 | Jupiter | Radeon | StaR City+ | Sport | XL100 | RT FI | Apache RR 310 | Apache RTR Series | NTORQ 125
Finance Partners: TVS CREDIT, SHRIRAM City, L&T Financial Services, IDFC FIRST Bank, IndusInd Bank, ICICI Bank Credit & Debit Cards, Bank of Baroda Credit Card, Paytm Cashback up to ₹4500##
RTFI^^: As per internal standard testing conditions in comparison with the BSIV model of the same product variant. ETFI^^: As per internal testing conditions in comparison with the BSIV model of the same product variant. However actual mileage is subject to change and depends on various factors such as riding conditions, fuel quality, vehicle condition, and other circumstantial riding conditions.